
# ବେଦାନ୍ତା

Spreading Knowledge Amongst Mankind.....

ଅକ୍ଟୋବର - ୨୦୧୭ OCTOBER - 2017



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର


## ଯୋଗାଯୋଗ

Whatsapp: + 91 9594993733

ଭ୍ରାମ୍ୟଭାଷ - + 91 9594993733

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଯା ଦେବୀ ସର୍ବଭୂତେଷୁ

ଶକ୍ତି ରୂପେଣ ସଂସ୍ଥିତା

ନମଃତସ୍ୟୈ ନମଃତସ୍ୟୈ

ନମଃତସ୍ୟୈ ନମୋ ନମଃ

# ଏଣୁତେଣୁ......

"ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା
ନମଃତସୈ ନମଃତସୈ ନମଃତସୈ ନମୋ ନମଃ"

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବେଦାନ୍ତୀ ପରିବାର ତରଫରୁ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଦୁର୍ଗା ପୂଜା ହେଉଛି ଶକ୍ତି ଉପାସନାର ପର୍ବ ଏବଂ ପୂଜାର ଶେଷ ଦିନଟି ଦଶହରା ବା ବିଜୟା ଦଶମୀ ନାମରେ ପରିଚତ। ଦେବୀ ପୁରାଣ ଓ କାଳକା ପୁରାଣରେ ଦୁର୍ଗାପୂଜାକୁ ଶାରଦୀୟ ପାର୍ବଣ କୁହାଯାଉଥିବା ବେଳେ ମାର୍କଣ୍ଡେୟ ପୁରାଣରେ ବାର୍ଷିକୀ ଶାରଦ ପୂଜନ ବୋଲି କୁହାଯାଏ । ମାନ୍ୟତା ଅଛି ଯେ ନବରାତ୍ରୀରେ ଦୁର୍ଗାଙ୍କୁ ଶ୍ରଦ୍ଧାର ସହ ପୂଜା କଲେ ଉପାସକ ନବଶକ୍ତି ପ୍ରାପ୍ତ ହେଇଥାଏ ଏବଂ ସମସ୍ତ ଦୁଃଖର ନାଶ ମଧ୍ୟ ହୋଇଥାଏ ।

ମାର୍କଣ୍ଡେୟ ପୁରାଣ ଅନୁସାରେ ଚେଦି ସାମ୍ରାଜ୍ୟର ରାଜା ଖ୍ରୀ:ପୂ ୩୦୦ରେ ଦୁର୍ଗାପୂଜା ଆରମ୍ଭ କରିଥିଲେ। କନ୍ତୁ ଐତିହାସିକ ଉଦାହରଣରୁ ଜାଣିବାକୁ ମିଳେ ଚୈତନ୍ୟ ମହାପ୍ରଭୁ ପ୍ରାୟ ୪୦୦ ବର୍ଷ ପୂର୍ବେ କଟକରେ ଏହି ପୂଜା ଆରମ୍ଭ କରିଥିଲେ।

ଦଶହରାରେ ରାମଚନ୍ଦ୍ର ବନଦୁର୍ଗାଙ୍କୁ ସ୍ତୁତି କରି ରାବଣର ନଧନ ଉଦ୍ଦେଶ୍ୟରେ ଲଙ୍କା ଅଭିମୁଖେ ବିଜୟଯାତ୍ରା କରିଥିବାରୁ ଏହି ତିଥିକୁ 'ବିଜୟା ଦଶମୀ' କୁହାଯାଏ । ଏହି ଦିବସର ଅବ୍ୟବହିତ ପୂର୍ବରୁ ସିଂହବାହିନୀ ଆଦ୍ୟାଶକ୍ତି ଦୁର୍ଗା ମହିଷାସୁରକୁ ବଧ କରି ଜଗତର ମଙ୍ଗଳ କରିଥିଲେ । ଦେବୀଙ୍କ ସହ ଦାନବମାନଙ୍କର ଯୁଦ୍ଧ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ଧରି ଚାଲିଥିଲା ଏବଂ ଏହି ଯୁଦ୍ଧରେ ମହିଷାସୁର ସମେତ ସମସ୍ତ ଅସୁର ବଂଶ ନପାତ ହେଲେ । ଏହିଦିନ ଜଗତର ଦୁଃଖ ହରଣ ହୋଇଥିବାରୁ ଏହା 'ଦୁଃଖହା ଦଶମୀ' ନାମରେ ଖ୍ୟାତି ଲାଭ କରିଅଛି ବୋଲି ଆଦିକବି ଶୂଦ୍ରମୁନ ସାରଳା ଦାସ 'ଚଣ୍ଡୀପୁରାଣ'ରେ ଲେଖିଛନ୍ତି । 'ଦୁଃଖହା ଦଶମୀ' ଦିନ ମହାଦଶାରୁ ଉଦ୍ଧାର ପାଇ ଦେବତାମାନେ ମହାଶକ୍ତି ବ୍ରହ୍ମମୟୀ ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ସ୍ତୁତି କରିଥିବାରୁ ଏହି ତିଥିରେ ଦୁର୍ଗାଙ୍କର ଆରାଧନା କରାଯାଏ ।

ମା ଦୁର୍ଗତିନାଶିନୀ ଦୁର୍ଗା ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏତିକ ଆମର ପ୍ରାର୍ଥନା।

ଜୟ ଉତ୍କଳ, ଜୟ ଓଡିଆବାସୀ।

ଅରବିନ୍ଦ ମିଶ୍ର

# ଭିତର ପୃଷ୍ଠାରେ....


| | | |
|---|---|---|
| ବିଜୟା ଦଶମୀ | ଅନୁସୂୟା ମିଶ୍ର | ୦୮ |
| ଏ ମା | କାଳକଙ୍କର | ୧୨ |
| "ମା" ଆସୁଛନ୍ତି | ସତ୍ୟବ୍ରତ ସାହୁ | ୧୩ |
| ଅକ୍ଷମାଳା | ପ୍ରତିଭା ପ୍ରିୟଦର୍ଶିନୀ | ୧୪ |
| ପଞ୍ଚମୁଦ୍ରା | ପ୍ରଶାନ୍ତ କୁମାର ଭୂୟାଁ | ୧୯ |
| କହି ଅଳ ତୁମ ପାଶେ | ଶାନ୍ତିଲତା ମିଶ୍ର | ୨୧ |
| ସନାତନୀ ପାଇଁ ଗୁ' | କମଳା ଶତପଥୀ | ୨୩ |
| ପ୍ରଭୁ ଶ୍ରୀରାମ | ହିମାଂଶୁ ଶେଖର ବାରିକ୍ | ୪୦ |
| ପ୍ରିୟା ମୋର କାନ୍ଦୁଛିକି ? | ସୁଲୋଚନା ପଟ୍ଟନାୟକ | ୪୨ |
| ଯାତ୍ରା | ଅଶୋକ ବିଶ୍ୱାଳ | ୪୩ |
| ପାଖୁଡା କହେ | ଆଶୁତୋଷ ମେହେର | ୫୨ |
| ଜାତୀୟତାର ପ୍ରବାହରେ | ଭାସ୍କର ଚନ୍ଦ୍ର ଖଣ୍ଡା | ୫୩ |
| ଦାଦନ | ସୁବଳ ମହାପାତ୍ର | ୫୪ |
| ହୃଦୟର ଶୂନ୍ୟତା | ଡ. ମନୀଷା ମିଶ୍ର | ୬୪ |
| ବ୍ଲୁ ହ୍ୱେଲ୍ | ଆଶା ସାହୁ | ୬୬ |
| ସର୍ବେ ଭବନ୍ତୁ ସୁଖିନଃ | ଶମ୍ଭୁନାଥ ଦାସ | ୬୯ |
| ଭରସା ନାହିଁ ମା' ତୋଠାରେ | ସୁସ୍ମିତା ମହାପାତ୍ର | ୭୧ |
| ରାଧେୟ | କାଳକଙ୍କର | ୭୩ |
| ହେଇଯାଉ ଏ' ଦୁନଆ<br>ଗୋପ ନଗରୀ | ଶଶଧର ମହାପାତ୍ର | ୭୯ |
| ସନାତନ ଚୌଧୁରୀର ସ୍ତ୍ରୀ | ସୁଧାଂଶୁ ଦ୍ୱିବେଦୀ | ୮୦ |
| ଆଜିର କରଦାତା | ନୃସିଂହ ଚରଣ ବେହେରା | ୮୪ |

| | | |
|---|---|---|
| ପ୍ରଫେସର ଗୌରୀ କୁମାର ବ୍ରହ୍ମା | ବରଦା ପ୍ରସନ୍ନ ଦାସ | ୮୫ |
| ଏଇ ବର୍ଷାରେ | ବିନୟ ମହାପାତ୍ର | ୮୮ |
| ଅଭିଆଡା | ଡ. ବିଜ୍ଞାନୀ ଦାସ | ୮୯ |
| ଏବେ ଆସ ଫେରି | ସିପ୍ରା ନାମତା | ୧୦୦ |
| ଠୁରି ଆମ୍ବ | ପରମିତା ମିଶ୍ର | ୧୦୨ |
| ତୁମ ସାଥେ | ଲିନା ମହାନ୍ତି | ୧୦୫ |
| ଲୀଳାମୟ | ସଚ୍ଚିଦା ନନ୍ଦ ବାରିକ | ୧୦୬ |
| ବନ୍ଧୁତ୍ୱର ବନ୍ଧନ | ସଂଗ୍ରାମ କେଶରୀ ପୃଷ୍ଟି | ୧୦୭ |
| ଦୁନଆଁର ରୀତି | ପ୍ରଶାନ୍ତ କୁମାର ନାଥ | ୧୧୨ |
| ନୀଳତିମି ଗ୍ରାସ କରୁଥିବା ମଣିଷ ମାନଙ୍କୁ | ଡ. ସୌମ୍ୟ ରଞ୍ଜନ ମିଶ୍ର | ୧୧୩ |
| ଇମ୍ଫାଲ, ମଣିପୁର – ନାଗା ଶୌର୍ଯ୍ୟ ଓ ନରମୁଣ୍ଡ ଶିକାର ( ଧାରାବାହିକ ଭ୍ରମଣ କାହାଣୀ- ) | ପ୍ରିୟବ୍ରତ ପାତ୍ର | ୧୧୪ |
| ଶବ୍ଦ- ତମେ | ବରୁଣ କୁମାର ଦାସ | ୧୨୨ |
| ଯାପନ | ସନାତନ ମହାକୁଡ | ୧୨୩ |
| ବୋଉ | ସରସୀ ଆଚାର୍ଯ୍ୟ | ୧୨୪ |
| ତାଓ୍ୱାଙ୍ଗ ପର୍ବତର ଆତ୍ମା | ଅଶୋକ ବିଶ୍ୱାଳ | ୧୨୭ |
| ଅସ୍ତରାଗିଣୀ - ଧାରାବାହିକ | ପ୍ରଫେସର ଅନତା ପଣ୍ଡା | ୧୨୯ |
| ବ୍ୟାକୁଳତ ଜହ୍ନ | ମଧୁଛନ୍ଦା ବେହେରା | ୧୩୧ |
| କେଉଁ ସୁଖ ବଡ....? | ମଧୁସ୍ମିତା ପଟ୍ଟନାୟକ | ୧୩୨ |
| ଶେଷ କଥା | ଫିରୋଜ କୁମାର ପଟେଲ | ୧୩୭ |
| କର୍ମ | ବିଜୟ କୁମାର ପଣ୍ଡା | ୧୩୮ |

| | | |
|---|---|---|
| ଭଲ ମଣିଷ | ସୁବ୍ରତ କୁମାର ମୁଦୁଲି | ୧୩୯ |
| ଖବର ଠାକୁର | ପ୍ରକାଶ ସାହୁ | ୧୪୦ |
| ଏସନ ବର୍ଷାରେ | ଦିପୁନ୍ ପୁହାଣ | ୧୪୧ |
| ସଭିଙ୍କର ଅଛି ମୋର ବି | ସୁମିତ୍ରା ରାଉଳ | ୧୪୨ |
| ଆର.ଏ.ସି. | ରାଧାକାନ୍ତ ଦାଶ | ୧୪୩ |
| ସ୍ୱପ୍ନ | ଦୀପାଳୀ ଦାସ | ୧୪୮ |
| ନିସ୍ୱାର୍ଥ ପ୍ରେମ | ଅକ୍ଷୟ କୁମାର ସାହୁ | ୧୪୯ |
| ମୁଁ ସେଇ ନାରୀ କହୁଛି | ବିକେଶ ସାହୁ | ୧୫୨ |
| ଠେଙ୍ଗା | ଶୁଭମ ନାୟକ | ୧୫୪ |
| ପ୍ରେମ ଫଲଗୁ | ପ୍ରକାଶ ସାହୁ | ୧୫୫ |
| ଦ୍ୱିତୀୟ ହୃଦୟ | ପ୍ରସନ୍ନ ପ୍ରୟାସ ଭୁଏ | ୧୫୮ |
| ତୁମ ପାଇଁ...... | ପ୍ରଦେଶ କୁମାର ପ୍ରଧାନ | ୧୫୯ |
| ଅନୁକରଣ | ଅନନ୍ତ ବାଗ | ୧୬୧ |
| ଅଗ୍ନିକନ୍ୟା | ଏମ୍. ବିଜୟ କୁମାର | ୧୬୨ |
| ବାବେନା ଭୂତ | ଅରବିନ୍ଦ ମିଶ୍ର | ୧୬୪ |
| ଅଳ୍ପରେ ଆଳାପ | ବେଦାନ୍ତୀ ପରିବାର | ୧୬୬ |
| ବିଦେଶ ଖବର | ବେଦାନ୍ତୀ ପରିବାର | ୧୭୦ |
| ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୧୭୨ |
| ଟିକିଏ ହସନ୍ତୁ | ସଂଗୃହୀତ | ୧୭୩ |
| ଚନ୍ଦ କଥା କହେ | ବେଦାନ୍ତୀ ପରିବାର | ୧୭୪ |




# ବିଜୟା ଦଶମୀ



ଅନୁସୂୟା ମିଶ୍ର

ସ୍ୱରୂପ ଭଗବାନଙ୍କଠାରୁ ସୃଷ୍ଟ ଏଇ ଜଗତରେ ସଚରାଚର "ସତ୍"ର ବିଜୟ ଅନିବାର୍ଯ୍ୟ । ମାତ୍ର "ଅସତ୍"ର ଆପାତ ସୁଖପ୍ରବଣତାର ଆକର୍ଷଣ ଏତେ ଶକ୍ତିଶାଳୀ ଯେ ଏହା ବେବେକର ଦ୍ୱାର ରୁଦ୍ଧ କରି ଚିରନ୍ତନ ସୁଖର ଆକାଂକ୍ଷୀ ଜୀବକୁ ଆଲୋକୋନ୍ମୁଖୀ ଖଦ୍ୟୋତ ପରି ଅନନ୍ତ ଦୁଃଖର ଆବର୍ତ୍ତ ମଧ୍ୟକୁ ଅନାୟାସରେ ଟାଣି ନେଇଥାଏ ଏବଂ ସମ୍ମୋହିତ ହେବା ପରି ଜୀବ ସେହି ପଥରେ ଆଗେଇଯାଏ । ପ୍ରଥମ ଅବସ୍ଥାରେ ସାମୟିକ ସୁଖ ପ୍ରାପ୍ତିରେ ଜୀବ ମଧ୍ୟରେ ଅହଂକାରର ସୃଷ୍ଟି ହୋଇଥାଏ ଯାହାକି ସେହି ପଥରେ ଗତିକୁ ତ୍ୱରାନ୍ୱିତ କରିଥାଏ । ସେ ଯେତେ ଯେତେ ଆଗକୁ ଯାଏ, "ସତ୍"ର ଅସ୍ତିତ୍ୱକୁ ଆଗ୍ରାହ୍ୟ କରିବାକୁ ଲାଗେ । ଉତଥାନ୍ ପରି ପ୍ରତୀୟମାନ ହେଉଥିବା କିଛି ଦୂର ଅତିକ୍ରମ କରିସାରିବା ବେଳକୁ ଅନ୍ତର୍ନିହିତ ପ୍ରବୃତ୍ତି ଦ୍ୱାରା ଚାଳିତ ହୋଇ ନିଜ ଅଜ୍ଞାତସାରରେ ସେ ପତନ ଦିଗରେ ଆଗେଇଯାଏ ଏବଂ କ୍ରମେ କ୍ରମେ ଅହଂକାରରେ ଏପରି ଅନ୍ଧ ହୋଇଯାଏ ଯେ ସତ୍ ର ସଂସ୍ପର୍ଶରେ ଆସି ମଧ୍ୟ ତାକୁ ଦେଖି ପାରେନାହିଁ । ଏହି ଅନ୍ଧପୁଟୁଳି ହିଁ ଶେଷରେ ତାର ବିନାଶରେ କାରଣ  ହୋଇଯାଏ । ନିଜ ଅସ୍ତିତ୍ୱର ଅବଶେଷରେ ସେ ସତ୍ କୁ ବିଜୟୀ ଘୋଷଣା କରିଥାଏ । ଏହିପରି ଭାବରେ ଅସତ୍ ଉପରେ ସତ୍ ର, ମିଥ୍ୟା ଉପରେ ସତ୍ୟର, ପ୍ରବୃତ୍ତି ଉପରେ ନିବୃତ୍ତିର ବିଜୟର ଅନନ୍ୟ ଏକ ଅବସର ହେଉଛି ବିଜୟାଦଶମୀ । ଅଶ୍ୱୀନ ଶୁକ୍ଲପକ୍ଷ ଦଶମୀ ତିଥିକୁ ବିଜୟାଦଶମୀ ହିସାବରେ ପାଳନ କରାଯାଏ । ହିନ୍ଦୁ ପୁରାଣ ଅନୁଯାୟୀ ଏହି ଦିନ ଆସୁରୀ ଶକ୍ତି ଉପରେ ଦୈବୀଶକ୍ତି ବିଜୟ ଲାଭ କରିଥିଲା ।

ବିଶ୍ରବା ଋଷିଙ୍କ ପୁତ୍ର ହେଲେ ମଧ୍ୟ ଦୈତ୍ୟକନ୍ୟା, ମାତା କେକଷୀଙ୍କ ଦ୍ୱାରା ଅଧିକ ପ୍ରଭାବିତ ହୋଇଥିଲା ଦଶାନନ ରାବଣ । ତାର ଦଶ ମୁଣ୍ଡ । ଶରୀରର ଶକ୍ତିକେନ୍ଦ୍ର ହିସାବରେ ମସ୍ତକ ଆମର ବ୍ୟକ୍ତିତ୍ୱକୁ ପ୍ରଭାବିତ ତଥା ପରିଚାଳିତ କରିଥାଏ । କେତେକଙ୍କ ମତରେ ଛଅ ଶାସ୍ତ୍ର ଓ ଚାରି ବେଦର ପ୍ରତୀକ ଦଶଗୋଟି ମୁଣ୍ଡ ରାବଣର ଅସାଧାରଣ ଜ୍ଞାନ ଓ ବୁଦ୍ଧିମତ୍ତାର ପରିଚୟ ଦିଏ । ଅନ୍ୟ ଏକ ମତରେ ଏହା ଦଶଟି ବୃତ୍ତିର ପ୍ରତୀକ – ଯଥା – କାମ, କ୍ରୋଧ, ଲୋଭ,

ମୋହ, ମଦ, ମାତ୍ସର୍ଯ୍ୟ, ମାନସ, ବୁଦ୍ଧି, ଚିତ୍ତ ଓ ଅହଂକାର। ରାବଣ ମଧ୍ୟରେ ଆସୁରୀ ଶକ୍ତିର ପ୍ରଭାବକୁ ଏହା ପ୍ରମାଣିତ କରେ। ଏଥିରୁ ଅନୁମାନ କରାଯାଇପାରେ ଯେ ରାବଣର ବ୍ୟକ୍ତିତ୍ୱ ଉପରେ ସାଧାରଣ ଜୀବଟିଏଠାରୁ ଦଶଗୁଣ ଅଧିକ ପ୍ରଭାବ ରହିଥିଲା କୁ ଓ ସୁ, ଉଭୟ ପ୍ରବୃତ୍ତିର। ତେଣୁ ତାକୁ ଦମନ କରିବା ପାଇଁ ସ୍ୱୟଂ ଭଗବାନଙ୍କୁ ଅବତାର ନେଇ ଆସିବାକୁ ହେଇଥିଲା। ଦାନବ ସୈନ୍ୟଙ୍କ ସହାୟତାରେ ସେ ମୁନୀଋଷିମାନଙ୍କର ସମସ୍ତ ଧର୍ମକାର୍ଯ୍ୟରେ ବାଧା ସୃଷ୍ଟି କରିବା ସହିତ ଦେବତାଙ୍କ ଉପରେ ବିଜୟ ହାସଲ କରିବାକୁ ଚାହୁଁଥିଲା। ତାର ଦୁଷ୍କର୍ମ ଚରମସ୍ତରରେ ପହଞ୍ଚିଥିଲା ଯେତେବେଳେ ସେ ନାରୀର ମର୍ଯ୍ୟାଦାକୁ ଅସମ୍ମାନ କରି ଦେବୀ ସୀତାଙ୍କୁ ବଳପୂର୍ବକ ଅପହରଣ କରି ଲଙ୍କାକୁ ନେଇ ଯାଇଥିଲା। ସୀତାଙ୍କ ସନ୍ଧାନରେ ଶ୍ରୀରାମ ସୁଗ୍ରୀବ, ହନୁମାନ ଆଦିଙ୍କ ସାହାଯ୍ୟରେ ସେତୁବନ୍ଧ ବାନ୍ଧି ସମୁଦ୍ର ପାରି କରି ଯାଇ ଲଙ୍କାରେ ପହଞ୍ଚିଥିଲେ। ଦିନ ଦିନ ଧରି ଯୁଦ୍ଧ କରି ମଧ୍ୟ ରାବଣକୁ ପରାସ୍ତ କରିବାକୁ ଅକ୍ଷମ ହୋଇ ଶ୍ରୀରାମ ଶେଷରେ ଦେବୀଙ୍କୁ ଆରାଧନା କରିଥିଲେ। ଦେବୀଙ୍କ ଆଶିର୍ବାଦ ଯୋଗୁଁ ଦଶମ ଦିନ ଯୁଦ୍ଧରେ ଅସୀମ ବଳଶାଳୀ ଲଙ୍କାପତି ରାବଣ ମଧ୍ୟରେ ଥିବା ଦୈତ୍ୟ ପ୍ରବୃତ୍ତି ଉପରେ ଶ୍ରୀରାମଙ୍କ ଦୈବୀଶକ୍ତିର ବିଜୟ ହୋଇଥିବାରୁ ଏହି ଦିନଟିକୁ ବିଜୟା ଦଶମୀ ନାମରେ ଅଭିହିତ କରାଯାଏ।

ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଯେତେ ବିଦ୍ୱାନ ଅଥବା ଧୀଶକ୍ତି ସଂପନ୍ନ ହେଲେ ମଧ୍ୟ ଇନ୍ଦ୍ରିୟର କବଳତ ହେଲେ ହିତାହିତ ଜ୍ଞାନଶୂନ୍ୟ ହୋଇ ଜୀବ ଅସଦ୍ ମାର୍ଗରେ ଗତି କରେ ଏବଂ ନିଜ ବିନାଶର କାରଣ ହୋଇଥାଏ। ଆସୁରୀ ଶକ୍ତିର ବିନାଶ ପ୍ରତୀକ ହିସାବରେ ଏବେ ମଧ୍ୟ ଦଶମୀ ଦିନ ରାବଣ, କୁମ୍ଭକର୍ଣ୍ଣ, ମେଘନାଦ ଆଦିଙ୍କର କୁଶପୁତ୍ତଳିକାକୁ ଦହ କରାଯାଏ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ପୁତ୍ତଳିକାରେ ବ୍ୟବହୃତ ବାଣରେ ଥିବା **Phosphorus** ଶୀତର ପ୍ରାଥମିକ ପ୍ରଭାବଜନିତ **infection** ରୁ ବାୟୁମଣ୍ଡଳକୁ ବିଶୋଧନ କରିଥାଏ ସତ, ମାତ୍ର ନିଜ ମଧ୍ୟରେ ଥିବା ରାବଣକୁ ନ ମାରି ବ୍ୟୟବହୁଳତାରେ ନିର୍ମିତ କୁଶପୁତ୍ତଳିକାରୁ ମାରି ସନ୍ତୋଷ ଲାଭ କରିବା ଆମ ମନରେ ଥିବା ଚରମ ଅଜ୍ଞାନତାର ପରିଚୟ ଦିଏ।

ପୁରାଣ ବର୍ଣ୍ଣିତ ଅନ୍ୟ ଏକ ଉପାଖ୍ୟାନ ଅନୁଯାୟୀ ମହିଷାସୁର ନାମରେ ଅଧା ମହିଷି ଶରୀର ବିଷିଷ୍ଟ ଏକ ଶକ୍ତିଶାଳୀ ମାୟାବୀ ଅସୁର ଥିଲା। ସେ ଦେବତାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲା। ଏକଦା ସେ ତପସ୍ୟା କରି ବ୍ରହ୍ମାଙ୍କଠାରୁ ବରଲାଭ କରିଥିଲା ଯେ ଉଲଗ୍ନ

ଅବସ୍ଥାରେ ଥିବା ନାରୀ ଦ୍ୱାରା ହିଁ ତାର ବଧ ହେବ। ଏହି ବର ପାଇବା ପରେ ସେ ନିଜକୁ ଅମର ମଣିଲା । ଫଳରେ ତାର ଅହଂକାର ସହିତ ଅତ୍ୟାଚାର ଓ ଉତପିଡନ ବହୁଗୁଣରେ ବୃଦ୍ଧି ପାଇଲା । ଅତିଷ୍ଠ ଦେବଗଣ ତା ଅତ୍ୟାଚାରରୁ ରକ୍ଷା ପାଇବା ନିମନ୍ତେ ଯେତେବେଳେ ବ୍ରହ୍ମାଙ୍କର ଦ୍ୱାରସ୍ଥ ହେଲେ, ଏକାକୀ ଉପାୟଶୂନ୍ୟ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ସହାୟତା ପାଇଁ ଅନୁରୋଧ କଲେ। ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱର ମିଶି ନିଜ ନିଜ ଶକ୍ତିକୁ ଏକତ୍ରିତ କରିବାରୁ ସେଥିରୁ ଦଶଭୂଜା ଦେବୀ ମା' ଦୁର୍ଗାଙ୍କର ଉଦଭବ ହୋଇଥିଲା । ଏହାପରେ ଦେବତାମାନେ ନିଜ ନିଜର ଅସ୍ତ୍ରକୁ ଦେବୀଙ୍କୁ ପ୍ରଦାନ କରିଥିଲେ। ସମସ୍ତ ଦେବଗଣଙ୍କ ଶକ୍ତିରେ ଶକ୍ତିଶାଳୀ ହୋଇ ପଶୁରାଜ ସିଂହ ଉପରେ ଆରୋହଣ କରି ଦେବୀ ମହିଷାସୁର ସଙ୍ଗେ ଯୁଦ୍ଧ କରିଥିଲେ। ମାତ୍ର ଭିନ ଭିନ୍ନ ରୂପ ଧରି ଯୁଦ୍ଧ କରୁଥିବା ମାୟାବୀ ଅସୁର ଶକ୍ତିକୁ ଆୟତ କରିବା ଦେବୀଙ୍କ ପକ୍ଷେ କଷ୍ଟକର ହୋଇଥିଲା। ନଅ ଦିନ ଯୁଦ୍ଧ ପରେ ଦଶମ ଦିନରେ ବ୍ରହ୍ମା ଦେଇଥିବା ବରର ଅନୁସରଣରେ ଦେବୀ ଯେତେବେଳେ ନିଜର ବସ୍ତ୍ର ଅପସାରଣ କରି ଅସୁରର ବକ୍ଷରେ ପଦସ୍ଥାପନା କରିଥିଲେ, ସେ ଶକ୍ତିହୀନ ହୋଇପଡିଥିଲା। ସେତେବେଳେ ତା ବକ୍ଷରେ ତ୍ରୀଶୁଳ ବିଦ୍ଧ କରି ଦେବୀ ତାକୁ ପରାସ୍ତ କରିଥିଲେ। ସେହି ଦିନଟି ମଧ୍ୟ ଆଶ୍ୱୀନ ଶୁକ୍ଳପକ୍ଷର ଦଶମୀ ତିଥି ଥିଲା, ଯାହାକ ଆଜି ବି ବିଜୟାଦଶମୀ ନାମରେ ପରିଚତ।

ଉପରୋକ୍ତ ବସ୍ତ୍ର ଅପସାରଣ ଉପାଖ୍ୟାନଟିକୁ ଜୀବର ଚତ୍ତକ୍ଷେତ୍ରରେ ଜନ୍ମ ଜନ୍ମ ଧରି ପୁଞ୍ଜିଭୂତ ହୋଇ ରହିଥିବା ସଂସ୍କାରର ଅପସାରଣ ସଙ୍ଗେ ତୁଳନା କରାଯାଇପାରେ। ମହିଷାସୁର ପରି, ଯେ କୌଣସି ଅସଦ୍ ପ୍ରବୃତ୍ତି ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ଭୟ, ଭ୍ରାନ୍ତି, ଲଜ୍ଜ୍ୟା, ଆଶଙ୍କା ଆଦି ସଂସ୍କାରରୁ ମୁକ୍ତ ହୋଇ ନିଜର ସମସ୍ତ ଇଚ୍ଛାଶକ୍ତିକୁ କେନ୍ଦ୍ରିଭୂତ କରି ତାକୁ ଦମନ କରିବା ଦିଗରେ ଆଗେଇ ଗଲେ ଆମ ମଧ୍ୟରେ ଥିବା ପଶୁପ୍ରବୃତ୍ତି ( ସିଂହ) ମଧ୍ୟ ଅଧୀନତା ସ୍ୱୀକାର କରି ଆମ ସତ୍ ଇଚ୍ଛାର ଜୟଲାଭ ନିମନ୍ତେ ସହାୟତା କରିଥାଏ।

ଅନ୍ୟ ଏକ ତାତ୍ତ୍ୱିକ ବିଶ୍ଳେଷଣ ଅନୁଯାୟୀ ନବରାତ୍ରି ରୂପେ ପରିଚତ ବିଜୟାଦଶମୀର ପୂର୍ବ ନଅ ଦିନକୁ ତିନିଗୁଣ ଅନୁସାରେ ତିନି ଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମ ତିନି ଦିନରେ ତମୋଗୁଣର, ଚତୁର୍ଥରୁ ଷଷ୍ଠ ଦିନରେ ରଜୋଗୁଣର ଓ ଶେଷ ତିନି ଦିନରେ ସତ୍ତ୍ୱଗୁଣର ପ୍ରଭାବ ପରିଲକ୍ଷିତ ହୁଏ। ଗୁଣର ତାରତମ୍ୟ ଅନୁସାରେ ଦେବୀ ଭିନ୍ନ ଭିନ୍ନ ରୂପ ଧାରଣ କରିଥାଆନ୍ତି। ନବମଦିନର ଶେଷଭାଗରେ ଜୀବ ଏହି ତିନିଗୁଣକୁ ନିଜ ମଧ୍ୟରେ


ଅନୁଭବ କରିଥାଏ ସତ, ମାତ୍ର କୌଣସି ଗୁଣଦ୍ୱାରା ପ୍ରଭାବିତ ହୋଇ ନଥାଏ । ଦଶମୀଦିନ ଦେବୀଙ୍କର ବିଜୟା ରୂପ ଏହି ତିନିଗୁଣ ଉପରେ ବା ପ୍ରକୃତି ଉପରେ ବିଜୟପ୍ରାପ୍ତିର ସୂଚନା ଦେଇଥାଏ । ତେଣୁ ଏହି ଦିନଟିକୁ ବିଜୟାଦଶମୀ ହିସାବରେ ପାଳନ କରାଯାଏ ।

ବ୍ୟକ୍ତିଗତ ଜୀବନରେ ନିଜକୁ ସର୍ବତୋଭାବେ ସଂଯତ କରିବାକୁ ସକ୍ଷମ ହେବା ବା ନିଜ ଉପରେ ନିଜେ ବିଜୟ ଲାଭ କରିବା ହିଁ ବ୍ୟକ୍ତିତ୍ୱର ବିଜୟାଦଶମୀ । ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ଆମର ଚେତନା ସ୍ତରରେ ପ୍ରତି ମୁହୂର୍ତ୍ତରେ ଦେବାସୁର ସଂଗ୍ରାମ ଲାଗି ରହିଥାଏ । ଆମ ମଧ୍ୟରେ ଥିବା ଆସୁରୀକ ପ୍ରବୃତ୍ତି ସ୍ୱାଭାବିକ ଭାବରେ ଆମକୁ ଅସଦ୍ ଦିଗରେ ପ୍ରଲୁବ୍ଧ କରେ । ଦୁର୍ବଳତାର ବଶବର୍ତ୍ତୀ ହୋଇ ଆମେ ଯେତେବେଳେ ସେହି ଦିଗରେ ପାଦ ବଢାଉ, କାମ, କ୍ରୋଧ, ଲୋଭ, ମୋହ ଆଦି ବୃତ୍ତି ସମୂହ ଆମ ମାନସିକତାକୁ ଏପରି କାବୁ କରିଦିଅନ୍ତି ଯେ ଆମେ ଅଜାଣତରେ ବସ୍ତୁବାଦର ପ୍ରହେଳିକା ମଧ୍ୟରେ ନିଜକୁ ହଜାଇ ଦେଉ । ସମୟକ୍ରମେ ପାର୍ଥିବ ସୁଖର ଅସାରତାକୁ ଉପଲବ୍ଧି କରି ଯେତେବେଳେ ଆମେ ସେହି ଅଜ୍ଞାନର ଆବର୍ତ୍ତରୁ ମୁକ୍ତ ହେବାକୁ ଚାହୁଁ, ସେତେବେଳେ ନିଜ ମଧ୍ୟରେ ଥିବା ଦୈବୀଶକ୍ତି ବିବେକର ଦ୍ୱାରସ୍ଥ ହେଉ । ଏହି ବିବେକ ହିଁ ଉଚିତ୍-ଅନୁଚିତ୍ ର ଯୁଦ୍ଧକ୍ଷେତ୍ରରେ ଆମ ମନକୁ ବାନ୍ଧି ରଖିଥିବା ପ୍ରବୃତ୍ତିର ରଜ୍ଜୁକୁ ଛିନ୍ନ କରି ଆମକୁ ଧିରେ ଧିରେ ନିବୃତ୍ତି ପଥରେ ଆଗେଇ ନେଉ ନେଉ ଦିନେ ଆମ ମନ ଉପରେ ସଂପୂର୍ଣ୍ଣ ଭାବରେ ବିଜୟଲାଭ କରେ । ସେହିଦିନ ବ୍ୟକ୍ତିତ୍ୱର ପୃଷ୍ଠଭୂମି ପରେ ସମସ୍ତ ରାବଣ, ମହିଷାସୁର ଆଦିଙ୍କର ବିନାଶରେ ଆମ ମଧ୍ୟରେ ଥିବା ଭଗବତ୍ ଅଂଶ "ଆତ୍ମା"ର ବିଜୟ ହୁଏ । ଅନ୍ୟ ଅର୍ଥରେ କହିବାକୁ ଗଲେ, ଯେଉଁ ମୁହୂର୍ତ୍ତରେ ଆମେ ନିଜ ମଧ୍ୟରେ ଆତ୍ମାକୁ ଉପଲବ୍ଧି କରୁ ବା ଜାଗ୍ରତ କରୁ, ତାହା ହିଁ ବିଜୟାଦଶମୀର ଯଥାର୍ଥ ଅବସର ।

ଶତାବ୍ଦୀ ନଗର, ୟୁନିଟ୍- ୮, ଭୁବନେଶ୍ୱର



# ଏ ମା



କାଳକଙ୍କର

ଏ ମା, ମା, ମା,

ତୋ ପରି କେହି ନାହିଁ ଲୋ

ଜଗତ ଯାକର ଦୁଃଖ ଆସି ଥିଲେ

ଖେଳ ବୁଲି ଯେତେ କ୍ଳାନ୍ତ ହୋଇ ଥିଲେ

ଦୂର କରେ ତୋର ନାଆଁ ଲୋ

ଏ ମା....................................।।



ଦେଉଳେ ରହୁ କ ରହୁ ଘରେ ଘରେ

ଶରଧାର ତୁହି ନାଆ ଲୋ

ଦଶ ହାତ ତୋର କମ୍ବା ଦୁଇ ହାତ

ଜଗତକୁ ତୁହି ସାହା ଲୋ

ଯେତେ ଆସୁ ଝଡ, ଝଂଜା ଜୀବନରେ

ତୁ ହି ମା ଦେଖାଉ ରାହା ଲୋ

ଏ ମା.................................।।

ପୂଜାରେ ତୁ ଆସୁ ପାର୍ବଣରେ ଆସୁ ତୁ

ଡାକଲ୍ ମାନେ ତୁ ଆସୁ ଲୋ,

କୋଳକୁ ତୁ ନେଇ କେତେ ଶରଧାରେ

ଦୁଃଖ ସବୁ ତୁହି ପୋଛୁ ଲୋ

ଜଗତର ସବୁ ଭୟ ଆତଙ୍କ କୁ

ନାଶ ବଢାଇ ତୋ ବାହା ଲୋ

ଏ ମା............................।।


ସୌଭଗିନୀ, ରଚିଲୋ, ରେଂଚ, ପୁରୀ

# "ମା" ଆସୁଛନ୍ତି



ସତ୍ୟବ୍ରତ ସାହୁ

ଦଶ ଭୁଜେ ଦଶ ଅସ୍ତ୍ର ଧରି
ମହିଷାର ବକ୍ଷ ଦେଶେ ଶୂଳ ବିଦ୍ଧ କରି
ଦୁଷ୍ଟର ବିନାଶ ପାଇଁ, ସନ୍ତାନ ପାଳନ ପାଇଁ
ମା' ମୋର ଆସୁଛନ୍ତି ଧର୍‌ପରେ ସାଜି ସିଂହାରିଣୀ,
ଭୟଙ୍କରୀ ଦୁଷ୍କର୍ମୀଙ୍କ ପାଇଁ
ହେଲେ ଶିଷ୍ଟ ପାଇଁ ପାରିଦିଏ ମା' ତା'ର
ପଣତର କାନ ।
ମା' ତ ଆସୁଛି ଖାଲି ଦୁଷ୍ଟଙ୍କ ସଂହାର ଆଉ
ସାଧୁଙ୍କର ଉଦ୍ଧାରଣ ପାଇଁ ।
ମା'.....ତମେ ଆସ
ତବ ଆର୍‌ଧନା ପାଇଁ ପ୍ରସ୍ତୁତ ଧରଣୀ
ପ୍ରତି କଣ୍ଠୁ ଝରେ ତବ ଶକ୍ତିର କାହାଣୀ
ତମେ ପର୍‌ ସନ୍ତାନ ପାଳନୀ
ତେଣୁ ମା' ମୋର ତବ ପଦେ ଏତିକ ଦଇନ
ଦୁଷ୍ଟ ନାଶି ଶାନ୍ତ କର ସାର୍‌ ବିଶ୍ୱ
ପ୍ରତି କଣ୍ଠୁ ଶୁଭୁ ତବ ଜୟ
ଜୟ ମା' ଦୁର୍ଗେ, ଭବାନୀ, ଶିବାନୀ,
ଅମ୍ବେ, ଅଭୟ ଦାୟିନୀ ମା'
ଦୁର୍ଗତି ନାଶିନୀ ।



ପଲ୍ଲାସାହି, ଜମାଲପୁର, ଅହିୟାସ, ଯାଜପୁର


# ଅକ୍ଷମାଳା



ପ୍ରତିଭା ପ୍ରିୟଦର୍ଶିନୀ

ଋକବେଦ ରୁ ସୃଷ୍ଟି ହୋଇଥିବା ୧୦ଟି ଉପନିଷଦ ମଧ୍ୟରୁ 'ଅକ୍ଷମାଳିକା ଉପନିଷଦ' ଅନ୍ୟତମ। ଏହି ଉପନିଷଦରେ ପ୍ରାର୍ଥନା ପାଇଁ ବ୍ୟବହୃତ, ମାଳ ନିର୍ମିତ ଅକ୍ଷମାଳା ସମ୍ବନ୍ଧୀୟ ବର୍ଣ୍ଣନା ରହିଛି। ଅକ୍ଷମାଳା ବିଷୟରେ ବିଷଦ ଆଲୋଚନା ରହିଛି, ଯେପରିକି ବିଭିନ୍ନ ପ୍ରକାରର ଅକ୍ଷମାଳା ଏବଂ ତାହା କଭଳି ବିଭିନ୍ନ ଦେବାଦେବୀ ଓ ସମ୍ପୂର୍ଣ୍ଣ ଜଗତର ପ୍ରତିନିଧିତ୍ୱ କରେ। ଅକ୍ଷମାଳା ଏକ ଯୌଗିକ ଶବ୍ଦ। ଏହା ଦୁଇଟି ଶବ୍ଦର ମିଶ୍ରଣରୁ ସୃଷ୍ଟ । ଅକ୍ଷ ଅର୍ଥାତ ଶବ୍ଦ, ପଦାଂଶ, ଶବ୍ଦାଂଶ, ଅକ୍ଷର ଇତ୍ୟାଦି ଏବଂ ମାଳା ଅର୍ଥାତ ହାର। ଅକ୍ଷମାଳା ମଧ୍ୟ ବିଭିନ୍ନ ଦେବତାଙ୍କୁ ସମର୍ପିତ ବୀଜମନ୍ତ୍ରର ମୂଳଶବ୍ଦର ପ୍ରତୀକ ସ୍ୱରୂପ ଅଟେ। ଏହି ଉପନିଷଦ ଅନୁସାରେ ଅକ୍ଷମାଳାର ମାଳ ଗୁଡିକ ୧୦ ପ୍ରକାର ବସ୍ତୁରୁ ପ୍ରସ୍ତୁତ ହୋଇପାରିବ। ସେଗୁଡିକ ହେଉଛି,

୧- ପ୍ରବାଳ
୨- ମୋତି
୩- ସ୍ଫଟିକ
୪- ଶଙ୍ଖ
୫- ରୂପା
୬- ସୁନା
୭- ଚନ୍ଦନ
୮- ପଦ୍ମ
୯- ପୁତ୍ରଜୀବକ ବୃକ୍ଷର ଛାଲି ( ଯାହା ଔଷଧ ରୂପେ ବ୍ୟବହୃତ ହୁଏ)
୧୦- ରୁଦ୍ରାକ୍ଷ



ଏହାର ଅର୍ଥ ହେଉଛି ଅକ୍ଷମାଳା ପ୍ରସ୍ତୁତି ପାଇଁ ଏହି ଗୁଡିକ ଉତ୍ତମ ଉପାଦାନ ଅଟନ୍ତି। ଅକ୍ଷମାଳା ର ମାଳସଂଖ୍ୟା ୫୧ କମ୍ବା ୧୦୮ ହୋଇଥାଏ। ୫୧ ମାଳ ସଂସ୍କୃତ ବର୍ଣ୍ଣମାଳାର ୫୧ ଅକ୍ଷରର ପ୍ରତୀକାତ୍ମକ। ଅକ୍ଷମାଳାର ପ୍ରମୂଖ ମାଳଟି ସର୍ବଦା ବର୍ଣ୍ଣମାଳାର ଶେଷ ଅକ୍ଷର 'କ୍ଷ' ପାଇଁ ଉଦ୍ଦିଷ୍ଟ ଏବଂ ମାଳାର ସୂତ୍ର ବ୍ରହ୍ମାଙ୍କ ପ୍ରତିନଧିତ୍ୱ କରେ। ପ୍ରମୂଖ ମାଳର ଦକ୍ଷିଣ ପଟକୁ ଥିବା ମାଳଟି ଭଗବାନ ବିଷ୍ଣୁଙ୍କର ଓ ବାମ ପଟକୁ ଥିବା ମାଳଟି ଶିବଙ୍କ ପ୍ରତୀକ ଅଟନ୍ତି। ମାଳା ଗୁଡିକର ମୂଖ ( mouth) ଦେବୀ ସରସ୍ୱତୀଙ୍କୁ ଓ ପୃଷ୍ଠ ( tail) ଗାୟତ୍ରୀଙ୍କୁ ପ୍ରତିନଧିତ୍ୱ କରେ। ମାଳ ଗୁଡିକରେ ଥିବା ରନ୍ଧ୍ର ବାସ୍ତବ ଜ୍ଞାନ ବା ବିଦ୍ୟାର ଚହ୍ନ ଏବଂ ମାଳାର ଗଣ୍ଠି ପ୍ରକୃତି ର ପ୍ରତୀକ ଅଟେ।

ଅକ୍ଷମାଳାକୁ ଅଷ୍ଟଗନ୍ଧ ଯୁକ୍ତ ପାଣିରେ ଧୋଇ ପରିଷ୍କୃତ କରିବା ପରେ କପରି ଶୁଦ୍ଧିକରଣ କରାଯିବ ସେ ବିଧି ମଧ୍ୟ ଏହି ଉପନଷଦରେ ଉଲ୍ଲେଖ ଅଛି। ଅକ୍ଷମାଳାକୁ ଦୁଗ୍ଧ ଏବଂ ପଞ୍ଚଗବ୍ୟରେ ଶୁଦ୍ଧିକରଣ କରାଯାଏ। ତେବେ ଅଷ୍ଟଗନ୍ଧି ସୁବାସିତ ଜଳ ପାଇଁ ବ୍ୟବହୃତ ହେଉଥିବା ୮ ଟି ପଦାର୍ଥ ହେଉଛି:

୧- ଚନ୍ଦନ
୨- ହଳଦୀ
୩- ଅଗୁରୁ
୪- ସିନ୍ଦୁର
୫- କେଶର
୬- ସୁବାସିତ ଦୁର୍ବା
୭- ପୁଷ୍ପ ଅର୍କ
୮- ପାରଦ

ଉପନଷଦ ଅନୁସାରେ ସଂସ୍କୃତ ବର୍ଣ୍ଣମାଳାର ପ୍ରତ୍ୟେକ ଅକ୍ଷର ତାହାର ସ୍ୱତନ୍ତ୍ର ଅର୍ଥ ଅନୁଯାୟୀ ଅକ୍ଷମାଳାର ନର୍ଦ୍ଦିଷ୍ଟ ସ୍ଥାନାଙ୍କ ବିଶିଷ୍ଟ ମାଳରେ ସ୍ଥାପିତ କରାଯାଇଛି। ଯେମିତି ସ୍ୱରବର୍ଣ୍ଣ 'ଓ' ସମସ୍ତ କଥିତ ଶବ୍ଦର ପ୍ରତିନଧି ଏବଂ ଏହାର ଦିବ୍ୟ ଶୁଦ୍ଧତା ସଦୈବ ଅପରିବର୍ତ୍ତିତ, ତେଣୁ ତାହାକୁ ଅକ୍ଷମାଳାର ୧୩ ସ୍ଥାନାଙ୍କ ମାଳରେ ପ୍ରତିଷ୍ଠା କରାଯାଇଛି।

ହିନ୍ଦୁ ଧର୍ମୀୟ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ଓ ଚିତ୍ର ମାନଙ୍କରେ ତଥା ବିଭିନ୍ନ ଶାସ୍ତ୍ରରୁ ମିଳୁଥିବା ବହୁଳ ପ୍ରମାଣରୁ ଏକଥା ସହଜେ ବୁଝିହୁଏ ଯେ ହିନ୍ଦୁଧର୍ମରେ ଅକ୍ଷମାଳାର ବ୍ୟବହାର କେତେ ପୁରାତନ, ପ୍ରାସଙ୍ଗିକ ଓ ମହତ୍ତ୍ୱପୂର୍ଣ୍ଣ ଅଟେ। ଦେବ- ଦେବୀଙ୍କ ମୂର୍ତ୍ତି ହସ୍ତରେ ଅକ୍ଷମାଳା ଧାରଣ କରିବାର ବିଭିନ୍ନ ଅର୍ଥ ରହିଛି ଏବଂ ଏହାକୁ ଏକ ଆୟୁଧ ଭାବେ ମଧ୍ୟ ବିଗ୍ରହ କରାଯାଏ। ତେବେ ସମସ୍ତ କ୍ଷେତ୍ରରେ ଏହାର ଅର୍ଥ ସମାନ ନୁହେଁ। ଅଗ୍ନି, ଅଗସ୍ତ୍ୟ, ଅର୍ଦ୍ଧନାରୀଶ୍ୱର, ଭଦ୍ରକାଳୀ, ଭୃଙ୍ଗୀ, ବୃହସ୍ପତି, ଗୌରୀ, କମନ୍ତକ, ଲକୁଳୀଶ, ମନସା, ପାର୍ବତୀ, ରତି, ଋଷିଗଣ, ଶିବ, ସୁବ୍ରମଣ୍ୟ, ସୂର୍ଯ୍ୟ, ଉମା ଏବଂ ବାୟୁ ଇତ୍ୟାଦି ସମସ୍ତଙ୍କ ହସ୍ତରେ ଅକ୍ଷମାଳା ଶୋଭାପାଏ। କ୍ଷୁଦ୍ରତର ସତ୍ତା/ ଆତ୍ମା ମାନେ ଅକ୍ଷମାଳାର  ମାଳ ରନ୍ଧ୍ରରେ ଅବସ୍ଥାନ କରୁଥିବା ବିଶ୍ୱାସ ରହିଛି।

ଭାରତରେ ସନାତନ ହିନ୍ଦୁଧର୍ମର ପୂଜକ, ପଣ୍ଡିତ ଓ ଧର୍ମଯାଜକ ମାନଙ୍କ ବ୍ୟତିରେକ ଅନ୍ୟ ସାଧାରଣ ମାନବ ମଧ୍ୟ ଅକ୍ଷମାଳା ବ୍ୟବହାର କରନ୍ତି। ତେଣୁ ଛୋଟ, ବଡ, ସମସ୍ତ ବଜାରରେ ବିଭିନ୍ନ ପ୍ରକାରର ଅକ୍ଷମାଳ ଦୋକାନ ମାନଙ୍କରେ ଝୁଲୁଥିବା ଅଥବା ପସରା ମେଲି ବିକ୍ରି ହେଉଥିବା ସହଜ ଦୃଶ୍ୟ ହୁଏ। କୌଣସି ବ୍ୟକ୍ତି ଗଳାରେ ଅକ୍ଷମାଳ ଧାରଣ କରିଥିଲେ, ସେହି ମାଳରେ ବ୍ୟବହାର ହୋଇଥିବା ବସ୍ତୁ ଦେଖି ଜାଣିହୁଏ ବ୍ୟକ୍ତି ଜଣଙ୍କ କେଉଁ ଦେବତା ବା କେଉଁ ମତର ଅନୁଗାମୀ ଅଟନ୍ତି। ଏକଥା ଜଣାଇବାକୁ ଚାହୁଁନଥିବା ବ୍ୟକ୍ତିମାନେ ନିଜ ମାଳକୁ ପୋଷାକ ଭିତରେ ଲୁଚାଇ ରଖିବାକୁ ପସନ୍ଦ କରନ୍ତି।

ହିନ୍ଦୁଧର୍ମରେ ସବୁଠୁଁ ଆଦର୍ଶ ଓ ଉପଯୁକ୍ତ ଅକ୍ଷମାଳାରେ ସଂସ୍କୃତ ବର୍ଣ୍ଣମାଳାର ୫୧ ଅକ୍ଷର ର ପ୍ରତୀକାତ୍ମକ ୫୧ଟି ମାଳ ରହିଥାଏ। ତାହା 'ଅ' ରୁ ଆରମ୍ଭ ହୋଇ 'କ୍ଷ' ଯାଏଁ ରହିଥାଏ। ଏହି ଦୁଇ ଅକ୍ଷର ମାଳା ଶବ୍ଦ ସହ ମିଶି ଅକ୍ଷମାଳା ଶବ୍ଦଟି ସୃଷ୍ଟି କରନ୍ତି। ସଂସ୍କୃତରେ 'ଅକ୍ଷ' ଶବ୍ଦର ଅନ୍ୟ ଅର୍ଥ ମାନ ରହିଛି। ଯେପରିକି ଉପର ବର୍ଣ୍ଣିତ ବିଭିନ୍ନ ପଦାର୍ଥ ଗୁଡିକର ଶସ୍ୟ, ମଞ୍ଜି ଅଥବା କାଷ୍ଠଫଳ( nuts) , ଯେଉଁଥିରୁ ଅକ୍ଷମାଳା ତିଆରି କରାଯାଏ ଏବଂ ମାଳାର ଅର୍ଥ ହେଉଛି ସୂତ୍ରରେ ପଙ୍କ୍ତିବଦ୍ଧ ମାଳ ବା କଣ୍ଠହାର। ମାଳା ସାହାଯ୍ୟରେ କୌଣସି ମନ୍ତ୍ର ବା ପ୍ରାର୍ଥନା ଆବୃତ୍ତି କରିବାକୁ ମାଳଜପିବା କୁହାଯାଏ, ଯାହାକି ମୌଖିକ ଅଥବା ମାନସିକ

ହୋଇଥାଏ। ଏହା ଧ୍ୟାନସ୍ଥ ହେବାରେ ଓ ଜପ କରିବାରେ ସାହାଯ୍ୟ କରେ ବୋଲି ଏହାକୁ "ଜପମାଳା" ମଧ୍ୟ କୁହାଯାଏ।

ତେବେ ଜପମାଳା ର ମାଳ ସଂଖ୍ୟା ହିନ୍ଦୁଧର୍ମର ବିଭିନ୍ନ ମତ ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ। ଯେପରି ଶୈବ ମାନେ ୩୨ ମାଳ ଅଥବା ୬୪ ମାଳ ବିଶିଷ୍ଟ ମାଳା ବ୍ୟବହାର କରନ୍ତି। ବୈଷ୍ଣବ ମାନେ ସାଧାରଣତଃ ୧୦୮ ମାଳ ବିଶିଷ୍ଟ ମାଳା ବ୍ୟବହାର କରନ୍ତି। ସେହିପରି ଅନ୍ୟ ମତାବଲମ୍ବୀ ମାନେ ଭିନ୍ନ ଭିନ୍ନ ସଂଖ୍ୟାର ମାଳ ଆପଣାନ୍ତି। ଧ୍ୟାନ କରିବା ସମୟରେ ମନକୁ ଏଣେତେଣେ ଭ୍ରମିତ ହୋଇ ଅସ୍ଥିର ଚିତ୍ତ ନହୋଇ, ସ୍ଥିର ଓ ନିର୍ଦ୍ଧିଷ୍ଟ ହୋଇ ଏକାଗ୍ର ଭାବରେ ମନ୍ତ୍ରୋଚ୍ଚାରଣ କରିବା ପାଇଁ ଜପମାଳା ସହାୟକ ହୋଇଥାଏ। ଜପ ମୌଖିକ ହେଉ ବା ମାନସିକ, ଅର୍ଥାତ ଉଚ୍ଚାରିତ ବା ଅନୁଚ୍ଚାରିତ ମନ୍ତ୍ରଜପ, ଉଭୟ ପାଇଁ ଜପମାଳା ବ୍ୟବହାର କରାଯାଏ। ଜପମାଳା ଧରି ସାଧାରଣ ମାନବଟିଏ ନିଜ ଇଷ୍ଟଙ୍କ ନାମୋଚ୍ଚାରଣ କରେ, କିମ୍ବା ଉପବୀତ ଧାରଣ ସମୟରେ ଦିଆଯାଇଥିବା କର୍ଣ୍ଣମନ୍ତ୍ର ଅଥବା ଗୁରୁମନ୍ତ୍ର ଉଚ୍ଚାରଣ ମଧ୍ୟ ଜପମାଳା ସାହାଯ୍ୟରେ କରାଯାଏ। ଏହି ପ୍ରକାର ବୀଜମନ୍ତ୍ର ନିତ୍ୟ ୧୦୮ ଥର ଜପ କରାଯାଏ। ବାହ୍ୟଦୃଷ୍ଟି ଓ କୁଦୃଷ୍ଟି ରୁ ନିଜ ଜପକୁ ସୁରକ୍ଷିତ ରଖିବା ପାଇଁ ସାଧାରଣତଃ ଜପମାଳକୁ କୌଣସି କପଡା ଅଥବା ମୁଣି ଭିତରେ ଉହ୍ୟ ରଖି ଜପ କରାଯାଏ। ସେହି ମୁଣିକୁ ଗୌମୁଖୀ କୁହାଯାଏ।

ଗାୟତ୍ରୀମନ୍ତ୍ର ଜପ ହିନ୍ଦୁଧର୍ମରେ ସର୍ବାଧିକ ପ୍ରଚଳିତ। ସକାଳ ଓ ସନ୍ଧ୍ୟା ଆରାଧନା ସମୟରେ ଏହି ଜପ କରାଯାଏ। ସକଳ ଶକ୍ତିର ଆଧାର, ଗ୍ରହରାଜ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଏବଂ ପ୍ରତିକୂଳ ଓ ଦ୍ୱେଷୀ ଗ୍ରହ ବା ଦେବତାଙ୍କୁ ମନେଇବା ପାଇଁ ଗାୟତ୍ରୀମନ୍ତ୍ର ଜପ ଫଳଦାୟୀ ବୋଲି ବିଶ୍ୱାସ ରହିଛି। ନିରବଚ୍ଛିନ୍ନ ଭାବରେ ୨୭, ୫୪ ବା ୧୦୮ ଥର ଆବୃତ୍ତି କରିବାର ନିୟମ ରହିଛି। ଯେତେ ଅଧିକ ଥର ଜପ କରିପାରିବ ସେତେ ଭଲ। ଏହି ଜପଦ୍ୱାରା ସାଧକ ନିଜ ଭିତରେ ସୂର୍ଯ୍ୟଙ୍କ ଶକ୍ତି ଏକତ୍ରିତ କରେ ଯାହାକି ତା'ର ମନ ଓ ବୁଦ୍ଧିକୁ ଉଦ୍ଭାସିତ କରେ ଏବଂ ଶକ୍ତି ଓ ସୌଭାଗ୍ୟର ଶୁଭାଶୀର୍ବାଦ ପ୍ରାପ୍ତି।

ଜପ କରିବା ସମୟରେ ଜାପକ ଏକ ଶାନ୍ତ ସ୍ଥାନରେ ଆସନ ଉପରେ ବସି ଜପକରେ। ଧ୍ୟାନସ୍ଥ ହେବା ସମୟରେ ମାନସପଟଳରେ ଏକ ଅଷ୍ଟଦଳ ପଦ୍ମ ଦୃଶ୍ୟ ହୁଏ। ପ୍ରତ୍ୟେକ ଦଳ

ଏକ ଦିଗପାଳଙ୍କୁ ଦର୍ଶାଏ। ସେମାନେ ପ୍ରତ୍ୟେକ ଗୋଟିଏ ଲେଖାଏଁ ଅର୍ଦ୍ଧାର୍ଦ୍ଧ (quarter) ଓ ମଧ୍ୟବର୍ତ୍ତୀ ଅର୍ଦ୍ଧାର୍ଦ୍ଧର ମାର୍ଗଦର୍ଶକ ଅଟନ୍ତି, ଯାହାର କେନ୍ଦ୍ରରେ ସୂର୍ଯ୍ୟ ରହିଥାନ୍ତି। ଏହା ଲାଗୁ ହେଉଥିବା ଦେବତାମାନେ ହେଲେ ସୂର୍ଯ୍ୟ, ଇନ୍ଦ୍ର, ଅଗ୍ନି, ଯମ, ନୈରୁତ, ବରୁଣ, ବାୟୁ, କୁବେର ଏବଂ ଇଶାଣ (ଐଶାନ୍ୟ) ।


ହିନ୍ଦୁ ଜପମାଳା ପ୍ରସ୍ତୁତି ପାଇଁ ଅନୁମୋଦିତ ବସ୍ତୁର ପ୍ରକାର ଅନ୍ୟ ଧର୍ମ ମାନଙ୍କ ତୁଳନାରେ ଯଥେଷ୍ଟ ଅଧିକ। ବନସ୍ପତି ଜଗତରୁ ଅନେକ ବସ୍ତୁ ଆସିଥାଏ ଯେପରିକି ବିଭିନ୍ନ ମଞ୍ଜି, କୋଳ, ଫଳ, କାଷ୍ଠଫଳ (nuts), ଶୁଷ୍କମୂଳ ଏବଂ କାଷ୍ଠ ଇତ୍ୟାଦି। ସେହିଭଳି ପ୍ରାଣୀ ଜଗତରୁ ଅସ୍ଥି, ଶିଙ୍ଗ, ଗଜଦନ୍ତ, ପ୍ରବାଳ, ଶୁକ୍ତି ଏବଂ ଶୁକ୍ତିଜ (ମୋତି) ଇତ୍ୟାଦି ଏବଂ ଖଣିଜ ଜଗତରୁ କାଚ ଓ ଅନ୍ୟାନ୍ୟ ମୂଲ୍ୟବାନ ରତ୍ନପଥର ଇତ୍ୟାଦି ବ୍ୟବହାର କରି ଅକ୍ଷମାଳା ପ୍ରସ୍ତୁତ କରାଯାଏ।

ସ୍ୱର୍ଣ୍ଣ ଏବଂ ରତ୍ନପଥର ନିର୍ମିତ ଜପମାଳାକୁ ଅନ୍ୟାନ୍ୟ ମାଳା ତୁଳନାରେ ଅତ୍ୟନ୍ତ ପବିତ୍ର ବୋଲି ବିଗ୍ଣର କରାଯାଏ। ଏକ ମୂଲ୍ୟବାନ ଜପମାଳା କୁ ବୈଜୟନ୍ତୀମାଳା କୁହାଯାଏ। ମୂଖ୍ୟତଃ କଠିନ ଓ ସୁନ୍ଦର ରତ୍ନପଥର ଯେପରିକି ସ୍ଫଟିକ, ପଦ୍ମରାଗ ମଣି (ମାଣିକ/ Ruby), ମର୍କତମଣି ବା ପନ୍ନା (Emerald), ନୀଳକାନ୍ତ ମଣି (ନୀଳମଣି/ ନୀଲମ୍/ Sapphire), ରସୁଣିଆ (ମାର୍ଜାର ଚକ୍ଷୁ/ Cat's eye) ଏବଂ ହୀରା ଇତ୍ୟାଦିରୁ ଏକ ବା ଏକାଧିକର ମିଶ୍ରିତ ବ୍ୟବହାର କରି ବୈଜୟନ୍ତିମାଳା ପ୍ରସ୍ତୁତ କରାଯାଏ। କାଚ ମଧ୍ୟ ଶହ ଶହ ବର୍ଷ ଧରି ଅକ୍ଷମାଳା ଗଢିବା ପାଇଁ ବ୍ୟବହୃତ ହୋଇଆସୁଛି। ପୂର୍ବେ ରତ୍ନପଥର ରଙ୍ଗ ସହିତ ମିଶୁଥିବା କାଚମାଳ ବ୍ୟବହାର କରାଯାଉଥିଲା, ଅଧୁନା ଶସ୍ତାରେ ଉପଲବ୍ଧ ବିଭିନ୍ନ ରଙ୍ଗର ପ୍ଲାଷ୍ଟିକ ମାଳ ସର୍ବବ୍ୟାପୀ ଦୃଶ୍ୟ ହୁଏ।

କିଛି ନିର୍ଦ୍ଦିଷ୍ଟ ଗୁଣ ଓ ମୂଲ୍ୟକୁ ସାକାର କରି ବାସ୍ତବ ରୂପ ଦେବାରେ ବିଭିନ୍ନ ପଦାର୍ଥର ଉପଯୋଗୀତା ରହିଛି। ସୁନା ଓ ରୂପା ମନୋବାଞ୍ଛା ପୂରଣ କରନ୍ତି। ପ୍ରବାଳ ସମ୍ପଦର ଆବାହକ ହୁଏ, ସ୍ଫଟିକ ସୌଭାଗ୍ୟ, ମୋତି ଐଶ୍ୱର୍ଯ୍ୟ ଏବଂ ଶୁକ୍ତି ସମ୍ମାନ ଓ ଶ୍ରୀ ଆଣିଥାଏ। କେତେକ ନିର୍ଦ୍ଦିଷ୍ଟ ଦେବଦେବୀଙ୍କ ସହ ସଂପୃକ୍ତି କାରଣରୁ ବ୍ୟବହାରରେ ସର୍ବଦା ରହିଆସିଛି ଓ ଆଗକୁ ରହିବ ମଧ୍ୟ।

**ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ**

# ପଞ୍ଚମୁଦ୍ରା...!!!



ପ୍ରଶାନ୍ତ କୁମାର ଭୂୟାଁ

ସମ୍ବୋଧନୀ...!!!

ଯଦି ଛନ୍ଦ କପଟରେ ଏତେ ଥିଲ୍ ତୋ ମନରେ

ଥରକେ ମହିଷା ବଧ କଲୁନ କଆଁ;

ଥାଟ ଧରି ଆସିବାକୁ, ନରବଳୀ ଖାଇବାକୁ

ଦଶଭୂଜା ଦଶଦିଗେ ହୋଇଛୁ ଠିଆ;

ସନ୍ନିଧାପନୀ...!!!



ଏଇ ଭେଟି ପାଇବାକୁ ଦେଖୁନୁ ମୋ ସଂସାରକୁ,

ଧାଁ ଧପଡ଼ ହୋଇ ଆଜି ଛାନଆ;

ନଡ଼ିଆ ଚତା ଚନ୍ଦନ, ସିନ୍ଦୂର ଝୁଣା କଙ୍କଣ

ଚନ୍ତା ଚଇତନ ସବୁ ହେଲାଣି ସ୍ୱାହା;

ସଂସ୍ଥାପନୀ...!!!

ନଟରାଜକୁ ସୁହାଏ ଅପୂର୍ବ ତାଣ୍ଡବ ଲୀଳା ଇଏ

ଶିଖିଗଲୁ କଳା ଏଇ ମା ଠାକୁରାଣୀ;

ଆଶୀଷ ଆଗକୁ ଥୋଇଦେଲୁ ହେଲୁକ ବାଇ

ଝଡ଼ ବାଆ ବତାସ ବରଷା ପାଣି;

ଆବାହନୀ...!!!

ଆ ତୁ ଆ ଆଜି, ପ୍ରଳୟ ସହ ଗରଜି
ମନ୍ତ୍ର ତନ୍ତ୍ର ଯନ୍ତ୍ର ଯଜ୍ଞେ ସବୁ ଅର୍ପଣ;
ଆମ୍ଭର ସର୍ବ ବିନାଶ ହେଉ ଅବା ସବୁ ଧ୍ୱଂସ
ମହୋତ୍ସବେ ଆଜି ତୋର ସରବ ଶୂନ୍ୟ;

ସମ୍ମୁଖୀକରଣ..!!!

ଆବାହନୀ; ହେ ମାଆ, ସନ୍ନିଧାପନୀ; ହେ ମାଆ,
ସମ୍ବୋଧନୀ; ହେ ମାଆ, ସଂସ୍ଥାପନୀ; ହେ ମାଆ;
ତୃପ୍ତି ହୁଅ; ହେ ମାଆ, ଶାନ୍ତ ହୁଅ; ହେ ମାଆ
କ୍ଷାନ୍ତ ହୁଅ; ହେ ମାଆ, ଜଗଜ୍ଜନନୀ ହେ ମାଆ ...!!!

- ପ୍ରଭୁ

ଟରୋଣ୍ଟୋ, କାନାଡା

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହଯୋଗ ଦିଅନ୍ତୁ ।

# କଛି ଅଳ ତୁମ ପାଶେ



ଶାନ୍ତିଲତା ମିଶ୍ର

ମା' ଆସିଅଛ ଏଇ ପାର୍ବଣ ଋତୁରେ ଧରାଧାମ ବୁଲିବାକୁ ।
ପଶ୍ଚାଦପଦ ହେବେ ନାହିଁ ଧରା ବାସୀ ତବ ପଦ ପୂଜିବାକୁ ॥
ମୋ ପରି ବି ଥିବେ ଅନେକ ନଷ୍ଟୟ ଅସମର୍ଥ ସବୁ ପାଇଁ ।
ଢଳ ଢଳ ଆଖି ଲୁହରେ କେବଳ ରହିବେ ତୁମକୁ ଗୃହିଁ ॥ ୧ ॥

ଆସିବି କନ୍ତ ମା ଦୁଆରେ ତୁମର, କଛି ମାଗିବା ଆଶାରେ ।
ଦେଲେ ଖୁସି ହେବି, ନଦେଲେ ଫେରିଯିବି, ରଖି ଦୁଃଖ ମନରେ ॥
ଆଉ ଜାଣେ ନାହିଁ, ଆଉ ଚହ୍ନେନାହିଁ, କାହାକୁ ଏଇ ସଂସାରେ ।
ଯିଏ ଭରିପାରେ, ଭିକ୍ଷାଥାଳ ମୋର ଦୟା ଆଉ କରୁଣାରେ ॥ ୨ ॥

ବୁଲୁଛି ସଂସାର ସାରା, ମୁଣ୍ଡେ ମୋର, ଦୁଃଖର ପସରା ବୋହି ।
କଛି ଦୁଃଖ ମୋର, ନେଇଗଲେ ତୁମେ, ହାଲୁକା ହୁଅନ୍ତି ମୁହିଁ ॥
ତପ୍ତ ବାଲୁ ରାଶୀ ପାଦ ତଳେ ମୋର, ଗୃଲିବାରେ ହୁଏ କଷ୍ଟ ।
ମା ବିନା ଆଉ କଏ ସେ ବିଝିବ, ଯନ୍ତ୍ରଣା କୁ ଏତେ ସ୍ପଷ୍ଟ ॥ ୩ ॥

ଦୁଃଖ ଆଉ ସୁଖର ସମିଶ୍ରଣେ ସଂସାର ଗଢା ମୁଁ ଜାଣେ ।

କିନ୍ତୁ ଯେଉଁ ଦୁଃଖ ଭାର ଉଠାଇବା ସହଜ ମୋ ପକ୍ଷେ ନୁହେଁ ॥

ସେଇ ଦୁଃଖ ଦୂର ପାଇଁ ତୁମ ସହଯୋଗ, ମା ମୁଁ ଯେ ଖାଲି ଲୋଡେ ।

ସେହି କରୁଣା ମାଗେ ହାତ ପାତି ଯାହା ନ ମିଳେ କେବେ ସହଜେ ॥୪ ॥

ତୁମ ଦୟା ବିନିମୟେ ମାଗ ନାହିଁ କିଛି, ଜାଣ ତୁମେ ମୁଁହିଁ ନିଃସ୍ୱ ।

ଦେବାର ସାମର୍ଥ୍ୟ ଥିଲେ ମାତ ମୋର, ପତାଉ ଥାନ୍ତି କି ହସ୍ତ ॥

କିନ୍ତୁ ତୁମ ଜୟ ଗାନ ନିଶ୍ଚୟ କରିବି, ନିଶ୍ୱାସ ଥିବା ଯାଏ ଏ ପ୍ରାଣେ ।

ଦୟାରୁ ବଞ୍ଚିତ କର ନାହିଁ ମାତ, ଏତିକି ପ୍ରାର୍ଥନା ମାତ୍ର ତବ ଚରଣେ ॥୫ ॥

ବୁଝିପାର ବୋଲି ଦୁଖି ଦୁଃଖ ତୁମେ, ବୋଲାଅ ଜଗତଜନନୀ ।

କେହି କେବେ ଆସି ଦୁଆରୁ ତୁମର ଖାଲି ହାତେ ଫେରି ନାହିଁ ॥

ସେହି ଆଶା ଆଉ ବିଶ୍ୱାସର ଆଜି, ଆସି କରୁଅଛି ଅଳି ।

ଲେଉଟାଇ ଦିଅ ନାହିଁ ଦ୍ୱାରୁ ତୁମ, ନିସ୍ୱେ ମା ସର୍ବେଶ୍ୱରୀ ॥୬ ॥

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

***

**"ବେଦାନ୍ତୀ ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଅକ୍ଟୋବର ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com"**

# ସନାତନୀ ପାଇଁ ଚା'



କମଳା ଶତପଥୀ

ଦୋକାନର ସଟର୍ ଉଠାଉ ଉଠାଉ ସବୁଦିନ ପରି ଚାମଲାଲ୍ ଆସିଗଲା ମୋର ହାଲ୍ ଚାଲ୍ ପଚାରି ହାତରେ ଚା ଗ୍ଲାସ୍ ଧରେଇଦେବା ପାଇଁ। ସକାଳର ଚା କପ୍ ଟି ସବୁଦିନ ମୁଁ ତାରି ହାତରୁ ପିଏ। ଯେଉଦିନ କୌଣସି କାରଣରୁ ସେଥିରେ ବିଚ୍ୟୁତି ଘଟେ, ଭାରି ଅସଂପୂର୍ଣ୍ଣ ଲାଗେ ସକାଳଟା। ଅଜବ ଏକ ବ୍ୟସ୍ତତା ଭିତରେ ପୂରା ଦିନ କଟିଯାଏ। ତେବେ ସେପରି ଦିନ ବର୍ଷରେ କଦବା କ୍ୱଚିତ୍ ହିଁ ଆସିଥାଏ। ଝଡ, ବର୍ଷା, ଶୀତ କାକର, କିଛି ବି ଚାମଲାଲ୍ କୁ ନିଜ କାମରୁ ଦୂରେଇ ରଖିପାରେନି। ସୂର୍ଯ୍ୟ ଉଇଁ କି ନ ଉଇଁ, ଚାମଲାଲ୍ ର ଧୂଆଁ ଉଠା ଚା' କିନ୍ତୁ ନିଶ୍ଚୟ ଦୋକାନ ଖୋଲିବା ପୂର୍ବରୁ ମତେ ମିଳିଯାଏ।

ଏଇ ସହରକୁ ଆସି ବଜାର ଭିତରେ ଦୋକାନ ଖୋଲିବାର ଯୁଗ ବିତିଗଲାଣି। ନିଜକୁ ଏଇ ସହରର ମୂଳ ବାସିନ୍ଦାଙ୍କ ସାଙ୍ଗରେ ନିଜକୁ ସମ୍ମିଳିତ କରିନେଲିଣି। ସେଇ ଯେ ପହିଲି ଦିନରୁ ଚାମଲାଲ୍ ସହିତ ଦେଖା ସାକ୍ଷାତ, ତାହା ଆଜି ବି ଅତୁଟ ରହିଛି। ସେଇ କଳା ପଡି ଯାଇଥିବା କେଟଲ୍ ଆଉ ୪/ ୬ଟି କାଚ ଗ୍ଲାସ୍ ସହିତ ଚିନି ଆଉ ଗୁଜୁରାତି ଗୁଣ୍ଡ ଡବା ସହିତ ତା'ର ଆରମ୍ଭ ହୋଇଥିବା ବ୍ୟବସାୟ ଆଜି ଏତେ ବର୍ଷ ପରେ ବି ବଦଳିନାହିଁ, କି ବଦଳିନାହିଁ ତା' ଚା' ର ସ୍ୱାଦ। ବଦଳିଛି ତ କେବଳ ସମୟ, ତା' ବୟସ, ଆଉ ତା'ର ବେଶ ପୋଷାକ। ତା' ହାତର ଚା' ଯିଏ ଥରେ ପିଇଛି, ତାକୁ ଆଉ କାହାରି ଚା' ବି ଭଲ ଲାଗିବ ନାହିଁ। ଏପରିକି କୌଣସି ବଡ ହୋଟେଲର ବି ନୁହେଁ।

ଦିନେ ହସିକି ସେକଥା ତାକୁ ମୁଁ କହିଥିଲି ଆଉ ପଚାରିଥିଲି ଏହାର ରହସ୍ୟ। ଅଧା ଝଡି ଯାଇଥିବା ଦାନ୍ତକୁ ଅଳ୍ପ ମେଲେଇ ହସି ଦେଇଥିଲା ସେ। ଆଉ ଏକଦମ୍ ନଶୁଣି ପାରିଲା ସ୍ୱରରେ କହିଥିଲା – ଭଲପାଇବା..... ।

ଆଶ୍ଚର୍ଯ୍ୟ ହେଲି । ଯଦିଓ ଭଲ ଗୀ' କରିପାରିବାଟା ସେମିତି ଗୋଟିଏ ବଡ କଥା ନୁହେଁ, ତେବେ ଏହା ପଛରେ କାହାର ଭଲ ପାଇବା ବି ଗୋଟେ କାରଣ ହେଇପାରିବ, ବିଶ୍ବାସଯୋଗ୍ୟ ନଥିଲା । କାହାର ଥିଲା ଏ ଭଲ ପାଇବା? ଗୀ'କୁ, ନିଜ ଗ୍ରାହକଙ୍କୁ, ନା ଏ ବଜାର....ସହର, ଯୋଉଠି ଦୀର୍ଘ ବର୍ଷରୁ ସେ ଏ କାମ କରିଆସୁଛି!

ନା, ସେ ସବୁରୁ କୋଉ ଗୋଟାକ ବି ନୁହେଁ । ବରଂ ମୋ ପ୍ରେମିକା ସନାତନୀକୁ ।

ଗ୍ରମଲାଲ୍ ର ପୁଣି ପ୍ରେମିକା? ମତେ ଏତେ ଜୋରରେ ହସ ମାଡିଲା ଯେ ଯଦି ତାକୁ ପେଟ ଭିତରେ ଗୁପି ରଖିଥାନ୍ତି, ନିଶ୍ଚୟୟ ପେଟ ଫାଟି ଯାଇଥାନ୍ତା । କିନ୍ତୁ ଗ୍ରମଲାଲ୍ ର ଗମ୍ଭୀର ଆଉ ଉଦାସ ମୁହଁକୁ ଦେଖି ହସିବାଟା ଅଭଦ୍ରାମୀ ହୋଇଥାନ୍ତା । ତଥାପି ମୁଁ ନିଜକୁ ରୋକି ପାରିନଥିଲି ।

"ମୁଁ ଜାଣିଛି, ଆପଣଙ୍କୁ କଥାଟା ପସନ୍ଦ ଆସିଲା ନାହିଁ । ତେବେ ଏତିକି କହିବି, ପ୍ରେମିକା ପାଇବାଟା କ'ଣ କେବଳ ଥିଲାବାଲା ଲୋକଙ୍କ ଅଧିକାରଭୁକ୍ତ!"

ସେ ନିଶ୍ଚୟ ମୋ ମନର ଭାବକୁ ପଢି ପାରିଥିବ । ତେବେ ସେଥିକୁ ସେ ଖାତିର କରୁନଥିଲା । ଭାବ ଗମ୍ଭୀର ମୁହଁ ଆଉ ଘନ ଘନ ଦୀର୍ଘଶ୍ବାସରେ ବରଂ ମତେ ପୋତି ପକାଉଥିଲା । କାହା ଭାବପ୍ରବଣତାକୁ ନେଇ ଏମିତି ପରିହାସ କରିବା କଥା ନୁହେଁ । ବାସ୍ତବରେ ଏଇଟା ଗୋଟିଏ ଦୋଷାବହ କାର୍ଯ୍ୟ ।

ପ୍ରାୟଶ୍ଚିତ କରିବାକୁ ଯାଇ ତାକୁ ପଗ୍ଚରିଲି, ତୁମ କଥାରୁ ଲାଗୁଛି ଯ୍ୟା' ପଛରେ କିଛି ଗୋଟାଏ ଦୁଃଖଦ କାହାଣୀ ରହିଛି, ଯାହାକୁ ତୁମେ ଆଜି ଯାଏ ବି ଭୁଲିପାରିନ!"

"କେମିତି ଭୁଲିଯିବି ଆଜ୍ଞା? ସନାତନୀକୁ ଭଲ ପାଇବା କ'ଣ ଭୁଲିବା ପରିକା ଥିଲା ଯେ ମୁଁ ଭୁଲି ଯାଇଥାନ୍ତି!"

"ଏ ସନାତନୀ କିଏ? ଭୁଲିବା ପରିକା ଥିଲା ମାନେ! ଏବେ କ'ଣ ଆଉ ସେ ନାହିଁ! ତା' କଥା ମତେ କହିବାରେ ତମର କିଛି ଆପତ୍ତି ଅଛି କି?

ଦୀର୍ଘଶ୍ୱାସଟିଏ ଛାଡି ଆକାଶକୁ ଗ୍ୱହିଁ ଗ୍ୱହିଁ କହିଲା, "କହି ତ ପାରିବି, ହେଲେ ମୋର ଭୟ ହେଉଛି, ପ୍ରେମର ସେ ଗଭୀରତାକୁ ଆପଣଙ୍କ ଭଳଆ ବାବୁଲୋକ ହୁଏତ ହୃଦୟଙ୍ଗମ କରିନପାରେ । ତଥାପି ଆଗ୍ରହ କରୁଛନ୍ତି ଯଦି, ନିଶ୍ଚୟ କହିବି-

ଘଟଣାଟା ସେତେବେଳର, ଯେତେବେଳେ ଏ ସହରକୁ ଆପଣଙ୍କ ଭଳଆ ବାବୁମାନେ ଆସି ନଥିଲେ । ଏ ସହରଟା ସେତେବେଳେ ଏମିତି ବିଗ୍ରଟ ଆକାରର ବି ନଥିଲା । ଛୋଟ ପଡାଟିଏ କହିଲେ ଚଳେ । ଗ୍ରଜରସ୍ତାକୁ ଲାଗି ରହିଥିବାରୁ ଦିନ ସାରା ଗାଡି, ମଟର, ଟ୍ରକ୍, ବସ୍, ବେଶ୍ ଯା' ଆସ କରୁଥିଲା । ସେମାନଙ୍କ ଭୋକଶୋଷକୁ ଦୂର କରିବାକୁ ଏ ଆଖପାଖରେ କୋଉଠି କଛି ବି ସୁବିଧା ନଥିଲା । କେବେ କେବେ ଗାଡି ମଟର ଠିଆ କରି ବାବୁମାନେ ଆମ ପଡା ଭିତରକୁ ଆସନ୍ତି ଗ୍ୱ ପାଣି ପିଇବା ପାଇଁ । ଆମ ବାଡିରେ ଲାଗିଥିବା କାକୁଡି, ମୂଳା, ଆଖୁ ଆମ୍ବ ସବୁ କଣିନେଇ ନଜର ସାମୟିକ କ୍ଷୁଧା ନବାରଣ କରନ୍ତି ।

ଏଇଥିରୁ ଆରମ୍ଭ ହେଲା ମଣି ସାହୁର ଗ୍ୱ ଜଳଖିଆ ଦୋକାନ, ଯାହାର ଡିମାଣ୍ଡ ଦିନ କେଇଟା ଭିତରେ ଏତେ ବଢିଗଲା ଯେ, ମୋ ପରି ଦୁଇ ଗ୍ୱରିଟା ପିଲାଙ୍କୁ ଗାଁରୁ ଆଣି ସେ ଦୋକାନରେ ରଖିଲା ତାକୁ କାମରେ ସାହାଯ୍ୟ କରିବାକୁ । ମୁଁ ବାସନ କୁସନ ମଜାମଜି କଲାବେଳେ ରଘୁ ଗ୍ୱ ବନୋଉଥିଲା । ମେଞ୍ଚଡ ଟୋକାଟିଏ, କଳା ମଚମଚ ଦେହ, ଫୁଙ୍କିଦେଲେ ଉଡିଯିବ, ହେଲେ ତା' ହାତର ଗ୍ୱ..... ଏ ଖଣ୍ଡମଣ୍ଡଳରେ କେହି ଜଣେ ବି ନଥିଲେ ତା' ସରି! ଭାରି ଭଲ ଗ୍ୱ ବନେଇ ପାରୁଥିବାରୁ ମଣି ସାହୁ ତାକୁ ଭଲ ପାଉଥିଲା । ସବୁବେଳେ ସମସ୍ତଙ୍କ ଆଗରେ ରଘୁର ଭୁରି ଭୁରି ପ୍ରଶଂସା କରୁଥିଲା । ତାରି ଗ୍ୱ ପିଇବା ଲାଗି କୁଆଡେ ବାବୁଭାୟାମାନେ ତା' ଦୋକାନରେ ଭିଡ ଲଗୋଉଛନ୍ତି । ପଇସାକ ଜାଗାରେ ଦି' ପଇସା ଦେବାକୁ ବି ସେମାନେ କୁଣ୍ଠାବୋଧ କରୁନାହାନ୍ତି । ଦିନ କେଇଟା ଭିତରେ ତା'ର ହୋଇଥିବା ଏଇ ଉନ୍ନତି ପଛରେ ଏଇ ମେଞ୍ଚଡ ରଘୁର ବହୁତ ବଡ ହାତ ଅଛି ବୋଲି ସଗର୍ବରେ ସମସ୍ତଙ୍କୁ କୁହେ ସେ ।

ରଘୁ ମୋର ପଡିଶା ଘରର ପିଲା । ବାତେଲ୍ୱ ହେଇ ବୁଲୁଥିଲା । ତାକୁ ଆଣି ମଣି ସାହୁ ଦୋକାନରେ ମୁଁ ରଖେଇଥିଲି । ନହାତି ଗବାଟିଏ ବୋଲି ଗାଁ ସାରା ଲୋକ ତାକୁ ଟାହି ଟାପର କରୁଥିଲେ । ମାତ୍ର ହଠାତ୍ ସେ ଏମିତି ଉପରକୁ ଉଠିଯିବାଟା ମୁଁ ସହ୍ୟ କରିପାରିଲିନ । ମୁଁ ତା'ଠୁ ଆଗ କାମରେ ଯୋଗ ଦେଇ ଦିନରାତି ବାସନ ଧୋଉଥିଲା ବେଳେ ସେ ଷ୍ଟୁଲ୍ ଉପରେ ବାବୁଙ୍କ ପରିକା ବସି ଗ୍ୱ ବନେଇବ, ଆଉ ସେଇ ଗ୍ୱ ପୁଣି ସମସ୍ତେ ପିଇ ତାକୁ ବାହାବା

କରିବେ, ଏକଥା ମୁଁ ସହି ପାରିଥାନ୍ତି କେମିତି! କେମିତି ତାକୁ ମଣି ସାହୁର ନଜରରୁ ତଳକୁ ଖସେଇବି, ସେଇ କଥା ଦିନରାତି ମୋ ଚିନ୍ତାର ବିଷୟ ହୋଇପଡିଥିଲା । ଚେଷ୍ଟା ଚଳେଇଥିଲି ଏ ଦୋକାନରୁ ସେ କେମିତି ବିଦା ହେଇଯାଉ । କିନ୍ତୁ ମଣିସାହୁ ତାକୁ ଯେତେ ଆଦେରି ଥିଲା, ବିନା କାରଣରେ ଏଠୁ ବିଦା ହେବାର ସଂଭାବନା କହି ଦିଶୁନଥିଲା ।

ସେତେବେଳେ ଆମର ନୂଆ ନୂଆ ନିଶ ଉଠା ବୟସ । ଆଖିକୁ ସବୁ ରଙ୍ଗୀନ ଦେଖାଯିବାର ବୟସ । କିନ୍ତୁ ସେ ଅପନ୍ତରା ଭୂଇଁରେ ଏମିତି କିଛି ବି ନଥିଲା, ଯାହାକୁ ଦେଖି ମନରେ ଇନ୍ଦ୍ରଧନୁର ରଙ୍ଗ ବିଛେଇ ହୋଇଯିବ । ଦିନରାତି ଟ୍ରକ୍ ବସ୍ ବାଲାଙ୍କର ପାଟିତୁଣ୍ଡ, ଗାଳି ଭିତରେ ଆମ ମନର ସବୁ ସରାଗ ଲୋପ ପାଇ ଯାଉଥିଲା । ତଥାପି କେବେ କେବେ ରାତିରେ ଆମେ ଏକାଠି ହୋଇ ଅଗାଧୁ ପାଖରେ ଥିବା ଗୋଟେ ବହି ଖୋଲି ସେଥିରୁ ଏମିତି ଏମିତି ଚିତ୍ର ସେବୁ ଦେଖୁ, ଯାହା ପରେ ସାରା ରାତି ଆଖିରୁ ନିଦ ଉଭେଇ ଯାଏ । ଏ ବହିକୁ ଅଗାଧୁ କୁଆଡେ କାହା ଘରୁ ଲୁଚେଇ ଆଣି ପାଖରେ ରଖିଛି । ଜୀବନରେ ଆମ ଜାଣତରେ ବାହାରେ ବି ଆହୁରି କେତେ କଥା ଅଛି, ସେକଥାର ହେତୁ ଆମକୁ ଅଗାଧୁ ଦ୍ୱାରା ହିଁ ହୋଇଥିଲା । ପୁରୁଷ ଆଉ ନାରୀ ଭିତରେ ସମାଜ କାହିଁକି ଦୂରତା ରଖିବାକୁ ନିୟମ କରିଛି, ତାହା ବି ଆମେ ଅଗାଧୁ ବହିରୁ ଜାଣିଲୁ । ଆଉ ଏକଥା ବି ଜାଣିଲୁ, ସେ ନିୟମକୁ ମାନିଲେ ସାରା ଜୀବନଟା ମରୁଭୂମୀ ଠାରୁ ବି ଆହୁରି ଖାଁ ଖାଁ ହୋଇଯିବ । ନାରୀର ପରଶ ସ୍ୱର୍ଗସୁଖ ସହ ସମାନ । ସମସ୍ତେ ସେ ଅନୁଭବକୁ ନିଶ୍ଚୟ ଥରେ ପାଇବା କଥା!

ତେବେ ସେମିତି ଏକ ଅନୁଭବର ଅପେକ୍ଷାରେ ଆମେ ସମସ୍ତେ ବ୍ୟାକୁଳ ଥିଲାବେଳେ ଦିନେ ସକାଳୁ ସକାଳୁ ଦୋକାନ ଖୋଲୁ ଖୋଲୁ ବସରୁ ଓହ୍ଲେଇ ସିଧା ସେଠି ଆସି ପହଞ୍ଚିଗଲା ସନାତନୀ, ମଣି ସାହୁର ଝିଅ, ଯିଏ ବହୁତ ଦିନରୁ ନିଜ ମାମୁଁଘରେ ରହି ପାଠ ପଢୁଥିଲା । ମଣି ସାହୁ ନଥିଲା, ଆଉ ଆମେ ଏଇ ମାତ୍ର ଦୋକାନ ଖୋଲି ଦିନର ଶୁଭାରମ୍ଭ କରିବାକୁ ଯାଉଥିଲୁ ।

ହାତ ରହିଗଲା ହାତ ଜାଗାରେ, ନିଶ୍ୱାସ ରହିଗଲା ଛାତି ଭିତରେ, ଆଉ ଚମକ ଖେଳିଗଲା ସାରା ପରିବେଶରେ । କିଏ ଏ ଅପସରୀ? ଅଗାଧୁ ବହିର ଝିଅ କି? ନା, ନା, ସେପରିକା ଝିଅ ଏ ନୁହେଁ! ଏ ତ ମଣି ସାହୁ ଦୋକାନରେ ଟଙ୍ଗା ହେଇଥିବା କ୍ୟାଲେଣ୍ଡରର ସାକ୍ଷାତ ସୀତା! କିନ୍ତୁ ଏ ସୀତାର ରାମଚନ୍ଦ୍ର କିଏ?

ଆମ ସମସ୍ତଙ୍କ ମନରେ ଅଦିନ ବଉଳ ମହକବାକୁ ଲାଗିଲା । ଲାଗିଲା ସାରା ପରିସର ଯେପରି କେଉଁ ବଣୁଆ ଫୁଲର ସୁଗନ୍ଧରେ ଚହଟି ଉଠୁଛି । ସନାତନୀର ଦେହରେ ବସନ୍ତର ସମସ୍ତ ବିଭବ । ସକାଳର ଗଙ୍ଗଶିଉଳ ପରି ତା'ର ପବିତ୍ର ରୂପ, ଆଉ ଆଖିରେ ଅଫୁରନ୍ତ ସ୍ୱପ୍ନ । ଚାଲିରେ ପାହାଡି ନଦୀର ଉଦ୍ଦାମତା । ଆମେ କାମଦାମ ଭୁଲି ମଣିସାହୁ ଆସିବା ପୂର୍ବରୁ ତା' ଟେବୁଲ ଆଖପାଖରେ ଜମା ହେଇଗଲୁ ।

ସନାତନୀ କୁଆଡେ ବହୁତ ପାଠ ପଢି ଫେରିଛି । ସ୍କୁଲ୍ ସାରି କଲେଜରେ ପାଦ ଦେଇଚ । କିଛି ଦିନର ଛୁଟି ଅଛି ବୋଲି ଆସିଛି, ପୁଣି ଦିନ କେଇଟା ପରେ ଫେରିଯିବ । ସେ ଖବର ଶୁଣି ଆମ ମନରେ ଅଜବ ଏକ ବ୍ୟାକୁଳତା ସୃଷ୍ଟି ହେଲେ ବି ଆମେ ତାକୁ ଲୁଚେଇ ତାରି ସେବାରେ ଲାଗିପଡିଲୁ । କିଏ ଗରମ ଚା କପ୍ ଧରେଇ ଦେଲା ତ ଆଉ କିଏ ସେ ବସିବାକୁ ଥିବା ଚଉକି ଟେବୁଲ୍ ଝାଡି ସଫା କରିଦେଲା । ଗରମ ଗରମ ପକୁଡିର ପ୍ଲେଟ୍ ତା' ସାମନାରେ ରଖିଦେଲା ଅଗାଧୁ । ନାହିଁ ନାହିଁ କରି ସବୁକୁ ଉଦରସ୍ଥ କରି ସାରି ସମସ୍ତଙ୍କର ଭାରି ପ୍ରଶଂସା କଲା । ରଘୁର ଚା ପାଇଁ ଧନ୍ୟବାଦ ଦେଲାବେଳେ ଆମ ସମସ୍ତଙ୍କର ମୁହଁ ଶୁଖିଗଲା । ଈର୍ଷାରେ ଜଳପୋଡି ଗଲୁ ଆମେ ।

ମଣି ସାହୁ ଆସିଲା ପରେ ସମସ୍ତଙ୍କ ସହିତ ତା'ର ପରିଚୟ କରେଇଦେଲା । ବିଶେଷ କରି ରଘୁର ପରିଚୟ ଦେଲାବେଳେ ସବୁଥର ପରି ଅଧିକ ପ୍ରଶଂସା କରି ପକେଇଲା । ଆମ ଛାତି ଦୁଃଖରେ ଫାଟିଗଲା ପରି ଲାଗୁଥିଲା । ବାଇନ ଆଖିରୁ ତ ଲୁହ ଦୁଇ ବୁନ୍ଦା ବି ଖସିପଡିଲା । ମୋ କଥା କ'ଣ ଆଉ କହିବି? ତାକୁ ଦେଖିଲା ପରଠୁ ମତେ ଲାଗୁଥିଲା ହଠାତ୍ ମୋ ପଛରେ ଯେମିତି ଗଜୁରି ଆସୁଛି ଦୁଇଟି ଛୋଟ ଛୋଟ ଡେଣା, ଆଉ ସନାତନୀକୁ ସାଙ୍ଗରେ ନେଇ ଉଡି ଉଡି ମୁଁ ଘୂରି ବୁଲୁଛି କେଉଁ ଏକ ଫୁଲର ସହରର ସ୍ୱପ୍ନିଳ ଆକାଶରେ!

ମନ୍ଦମଧୁର ହସରୁ ମେଞ୍ଚାଏ ଆମ ଉପରକୁ ଛାଟିଦେଇ ଦୋକାନ ପଛପଟ ଘରକୁ ଚାଲିଗଲା ସନାତନୀ । ସେଇଠି ଏବେ କିଛି ଦିନ ପାଇଁ ରହିବ ସେ । ମାନେ, ଆମ ଆଖି ସାମନାରେ, ଆମ ଆଶାର ପରିଧି ଭିତରେ, ଆମ ସ୍ୱପ୍ନର ଚାରିଭୂଇଁ ଦେହରେ! ଆମେ ମୁଗ୍ଧ ହୋଇ ତାକୁ ଚାହିଁ ରହିଥିଲୁ । ଧିରେ ଧିରେ ସେ ଅଦୃଶ୍ୟ ହେଇଗଲା, ହେଲେ ତା'ର ସେ ହସରେ ଆମ ଛାତି ଭିତରେ ସାରା ଦିନ, ସାରା ରାତି ଅଣଚାଷ ପବନର ମଥା ପିଟିହେଲା ଖାଲି ।

ଆମ ସମସ୍ତଙ୍କ ଶୁଷ୍କ ଜୀବନରେ ସନାତନୀ ପାଇଁ ଅସମୟରେ ବସନ୍ତ ପ୍ରବେଶ କରି ଆସିଥିଲା । କୋଇଲିର କୁହୁ କୁହୁ ଡାକ ଦିନରାତି ଆମ କାନ ପାଖରେ ଗୁଞ୍ଜରଣ ସୃଷ୍ଟି କରିବାକୁ ଲାଗିଗଲା । ଆମେ ଯେ ତା' ବାପାର ଜଳଖିଆ ଦୋକାନର ସାମାନ୍ୟ ବେତନଭୋଗୀ କର୍ମଚାରୀ ମାତ୍ର, ସେକଥା ପାଶୋରି ବସିଲୁ । ବାମନ ହୋଇ ମଧ୍ୟ ଚନ୍ଦ୍ରକୁ ହାତ ବଢେଇ ଛୁଇଁ ପକେଇବାକୁ ଆତୁର ହେଲୁ । ମନରେ ଉତ୍ତାଳ ତରଙ୍ଗ, ଦେହରେ ବୈଶାଖର ଅଦିନଆ ବର୍ଷା, ହୃଦୟରେ ସନାତନୀ ଚିନ୍ତା...ଆମ ଦିନ କାଳ ଶଗଡ ଗୁଳାରୁ ବାହାରି ଅମୁହାଁ ବାଟରେ ଧାଇଁ ଚାଲିଥିଲା । କ'ଣ ହେବ ଏହାର ପରିଣତି, କାହାରି ମନକୁ ଥରେ ବି ଆସୁନଥିଲା ।

ମୋର ସବୁଠାରୁ ଭଲ ସାର୍ଟକୁ ମୁଁ ସାଇତି ରଖିଥିଲି ବାରିଣୀରେ ପିନ୍ଧିବାକୁ । କିନ୍ତୁ ସେତେବେଳକୁ ସନାତନୀ ତ ଚାଲି ଯାଇଥିବ, ଆଉ ଏ ସାର୍ଟ ପିନ୍ଧି କାହାକୁ ଦେଖେଇବି ବୋଲି ସେଦିନ ପିନ୍ଧି କାମକୁ ଚାଲି ଆସିଲି । ଦେଖିଲାବେଳକୁ ମୋ ପରି ସମସ୍ତେ ସେଇ ଏକା କଥା ଭାବିଛନ୍ତି, ଆଉ ନିଜ ନିଜର ଭଲ ସାର୍ଟ ପ୍ୟାଣ୍ଟ ସବୁ କାଢି ପିନ୍ଧି ପକେଇଛନ୍ତି । ତେଲ ମାଖି ଭାଙ୍ଗ ପକେଇ ମୁଣ୍ଡ କୁଣ୍ଡେଇଛନ୍ତି । ଯୋଉ ଅଗାଧୁର ହାତରେ ବୋଝାଏ ମଳ ପଶି ଅସନା ଦିଶୁଥାଏ ବୋଲି ଗ୍ରାହକମାନେ ବେଳ ଅବେଳରେ ତାକୁ ପାଟି କରିଥାନ୍ତି, ରାତାରାତି ନଖ କାଟି ସଫା କରିନେଇଛି । ଗୋଲିଆ ହାତଧୁଆ ଲାଇଫବୟ ସାବୁନକୁ ଲୁଚେଇ ନେଇ ଭଲରେ ଘଷିମାଜି ସଫା ହେଇ ଗାଧେଇ ପଡିଛି । ରଘୁ କଥା ତ ନକହିବା ଭଲ । ସନାତନୀ କାଲି ତା' ଚା'ର ପ୍ରଶଂସା ଟିକଏ କରିଦେଇଛି ବୋଲି ଏପର୍ଯ୍ୟନ୍ତ ଉଚ୍ଚ ଆକାଶରୁ ସେ ଓହ୍ଲେଇ ବି ନାହିଁ ।

କହିବାକୁ ଗଲେ ନିଜ ନିଜ ତରଫରୁ ସମସ୍ତେ ଯେଝା ମତେ ଯେଝା ପ୍ରସ୍ତୁତ ହେଇ ଆଜି ଆସିଛନ୍ତି । ଏସବୁ କାମର ଅଭ୍ୟାସ ନଥିବାରୁ ସମସ୍ତଙ୍କୁ ନିଶ୍ଚୟ କଷ୍ଟ ଅନୁଭବ ହେଇଥିବ, ହେଲେ ନକରିଥାଆନ୍ତେ କେମିତି! ସନାତନୀର ଆଖିରେ ନିଜର ଯୋଗ୍ୟତାକୁ ପରଖିବାକୁ ହେଲେ ଏତିକି କଷ୍ଟ ତ କରିବାକୁ ହିଁ ପଡିବ! ଯେତେବେଳେ ସେ ତା' ଅଣ୍ଟାକୁ ଦୋହଲେଇ ଦୋହଲେଇ ଆସି ଦୋକାନ ସାମନାରେ ଠିଆ ହେଇ ପଡୁଥିଲା, ହୃଦୟର ଗତି ସେଇ ମୁହୂର୍ତ୍ତରେ ନିଜ କାମ ଭୁଲି କେବଳ ତାକୁ ଦେଖି ଚାଲୁଥିଲା । କୋଇଲିର କୁହୁ କୁହୁ ଡାକ ବି କାନକୁ ଆଉ ଶୁଭୁନଥିଲା । ତା' ସ୍ଥାନରେ ଶୁଭୁଥିଲା ସନାତନୀର ବୀଣା କିଣା କଣ୍ଠରୁ ଆମ ନାଁ ଧରି ଡାକିବାର ଶବ୍ଦ । ସେତିକିରେ ଆମେ ବରଫ ପରି ତରଳ ଯାଉଥିଲୁ ।

ଏବେ ଆମ ଭିତରେ ସବୁଦିନ ପ୍ରତିଯୋଗୀତା ଚାଲିଥିଲା କିଏ କେତେ ସକାଳୁ ଉଠି ଦୋକାନ ଖୋଲି ପାରିବ। ଯିଏ ଦୋକାନ ଖୋଲିବ, ସେଦିନ ତା' ହାତରୁ ଚା ପିଇବ ସନାତନୀ। ସକାଳୁ ଉଠିବାର ନିଶାରେ ଆମକୁ ରାତିରେ ଆଜିକାଲି ନିଦ ଆସୁନଥିଲା। ଛଟପଟରେ ସମୟ ଗଡି ଯାଉଥିଲା। ଆମଠୁ ଭାରି ହୁସିଆର ଥିଲା ଏଇ ରଘୁ। ରାତିରେ ପରିସ୍ରା ଯିବା ନାଁରେ ଦୁଇ ଚାରିଥର ଶେଯରୁ ଉଠି ଯାଇ ମଣି ସାହୁର ଘରଆଡେ ଉଣ୍ଡିଦେଇ ଆସୁଥିଲା। ଧରା ପଡିଗଲେ କହୁଥିଲା, ଗରମରେ ନିଦ ହେଉନି ବୋଲି ବାହାରେ ବୁଲାବୁଲି କରୁ କରୁ ଇଆଡେ ପଳେଇ ଆସିଥିଲି। ମଣି ସାହୁ ସିନା ଜାଣି ପାରୁନଥିଲା, ହେଲେ ଆମେ ଜାଣିଥିଲୁ ତା'ର ନିଦ ନହେବାର କାରଣ।

ଏଇ ଭିତରେ ସେ ଆଉ ପୂର୍ବର ସେ ମେଞ୍ଚଡ ଟୋକା ନଥିଲା। ବରଂ ଶକ୍ତ ଯୁଆନ୍ ଭେଣ୍ଡା ପାଲଟି ଯାଇଥିଲା। ବଳିଲା ବଳିଲା ହାତଗୋଡ ସାଙ୍ଗକୁ ଚଉଡା ଛାତି – ଯାହାର ନାହିଁ ତାହାର ମନ ଚହଲି ଯିବ। ହେଲେ କେବେ ବି ସନାତନୀକୁ ତା' ସହିତ କଥା ହେବା ବି ଆମେ ଦେଖି ନଥିଲୁ। ଏକଥା ସତ ଯେ ମଣି ସାହୁର ଗାଡ ଆଖି ଦିନରାତି ଆମରି ଚାରିପାଖରେ ଘୂରି ବୁଲୁଥାଏ। ହେଲେ ରଘୁ ତ ରଘୁ ହି ନା, କେମିତି କୋଉ ଖଞ୍ଜରେ ସନାତନୀକୁ ଦେଖିବା ପାଇଁ ତା' ଘର ପର୍ଯ୍ୟନ୍ତ ପଳେଇଯାଏ, ଯାହା କରିବାକୁ ଆମେ କେବେ ବି ସାହାସ କରିପାରୁ ନଥିଲୁ।

ଦୁଇ ଚାରି ଦିନ ଏ ଖେଳ ଚାଲିବା ପରେ ହଠାତ୍ ଦିନେ ସାମାନ୍ୟ ପରିବର୍ତ୍ତନ ଆସିଗଲା ସେଥିରେ। ସକାଳୁ ସେଦିନ ମୁଁ ଉଠି ଦୋକାନ ଖୋଲି ଧୁଆପୋଛା କରି ଚୁଲିରେ ନିଆଁ ଧରେଇବାକୁ ଗଲାପରେ ବି ମଣି ସାହୁ ଦୋକାନକୁ ଆସିନଥିଲା। ଆଶ୍ଚର୍ଯ୍ୟ ଲାଗିଲା। କାରଣ ଆଜି ପର୍ଯ୍ୟନ୍ତ ମଣି ସାହୁକୁ କେବେ ଏତେ ଡେରି ଯାଏ ଶୋଇଥିବା କଥା କେହି ଦେଖି ନଥିଲୁ। ବାଇନ କହୁଥିଲା ଯାଇ ଦେଖି ଆସିବ, ହେଲେ ଗୋଲିଆ ମନା କରିଦେଲା। ରଘୁ ତା'ର ଚୁପ୍ ଚାପ୍ ବସି ଚା ପାଣି ସଜ କରୁଥିଲା। ଆମର ଧ୍ୟାନ ତା' ଆଡିକି ନଥିଲା, ବରଂ ଥିଲା ମଣି ସାହୁ ଘର ଦରଜା ଉପରେ, ଯାହା ସନାତନୀର ଚା ପିଇବା ସମୟ ହେଲା ପରେ ବି ଆଜି ଖୋଲୁ ନଥିଲା।

କିଛି ସମୟ ପରେ ରଘୁ ବି ଅସ୍ତବ୍ୟସ୍ତ ଲାଗିଲା। ଆମେ ବ୍ୟସ୍ତ ହେଉଥିଲୁ ମଣି ସାହୁ ପାଇଁ ଆଉ ସେ ହେଉଥିଲା ସନାତନୀ ପାଇଁ। ବାରମ୍ବାର କହୁଥିଲା ଚା ଟା ଥଣ୍ଡା ହେଇଯିବ, ଆସି

ଟିକେ ପିଇଦେଇ ଗଲେ ହୁଅନ୍ତାନ! ଆମେ ତା' ଆଡକୁ ଚାହିଁଲା ମାତ୍ରେ ରହସ୍ୟମୟ ହସଟିଏ ତା' ଓଠରେ ଖେଳେଇ ହୋଇ ମିଳେଇ ଯାଉଥିଲା । ଯଦିଓ ତା' ଭିତରର ବ୍ୟାକୁଳତାକୁ ଆମେ ପଢି ପାରୁଥିଲୁ, ତଥାପି ଏମିତି ଦେଖେଇ ହଉଥିଲା ସତେ ଯେମିତି ତା'ର କିଛି ଯାଏ ଆସେ ନାହିଁ । ହଠାତ୍ ମୋର ମନେପଡିଲା କାଲି ରାତିରେ ସନାତନୀର ପାଟି ବହୁତ ସମୟ ଯାଏ ଶୁଭୁଥିଲା, ସତେ ଯେମିତି କାହାକୁ ଜୋରରେ ଗାଳି ଦଉଛି । ତେବେ ବାହାରକୁ ଆସି ମୁଁ ଦେଖିନଥିଲି, କିଏ କାହାକୁ କ'ଣ କହୁଛି ସେ ବିଷୟରେ ଚିନ୍ତା କରିନଥିଲି । ଏସବୁ ଆମ ପଡାରେ ଖୁବ୍ ସାଧାରଣ କଥା!

ମୋର ବାସନ ମାଜିବାରେ ଆଜି ଜମା ମନ ନଥିଲା ବେଳେ ରଘୁର ଚା' ପାଣି ଫୁଟି ଫୁଟି ମରିବାକୁ ବସିଲା । ବାଇନ, ଅଗାଧୁ ଭଙ୍ଗା ଦର୍ପଣରେ ଶହେଥର ମୁହଁ ଦେଖି କଲି ସଜାଡି ନେଇ ଉଦାସ ଆଖିରେ ଚାହିଁ ରହିଥିଲେ । ହେଲେ ସେଦିନ ସନାତନୀର ଦେଖା ନଥିଲା । ଦିନ ଯେତେ ଯେତେ ବଢିବାକୁ ଲାଗିଲା ଆମ ବ୍ୟାକୁଳତା ସେତେ ସେତେ ଚରମ ସୀମାରେ ଯାଇ ପହଞ୍ଚିଗଲା । ମଣି ସାହୁର ବି ଦେଖା ଦର୍ଶନ ନାହିଁ । ଏମିତି କେବେ ହୋଇନ ଆଜି ଯାଏଁ । ଦୋକାନ ଆମ ଜିମାରେ ଛାଡି ସେ କାଲି ରାତିରୁ କୁଆଡେ ଦୂର ଗାଁକୁ ଯାଇଥିବାର ଖବର ବହୁତ ସମୟ ପରେ ରଘୁ ଆମକୁ ଦେଲା । କିନ୍ତୁ ତା' ସାଙ୍ଗରେ ସନାତନୀ ଯାଇଛି କି ଏକା ଏକୁଟିଆ ଘରେ ଅଛି, ସେକଥା କିଛି କହିଲାନି । ଭାରି ରାଗ ମାଡିଲା ଆମକୁ, ହେଲେ ରଘୁକୁ କହିବ କିଏ! ସେ ତ ମଣି ସାହୁର ଆଖିର ତାରା!

ଦିନ ବଢିବା ସଙ୍ଗେ ସଙ୍ଗେ ଗ୍ରାହକଙ୍କ ସଂଖ୍ୟା ବଢିବାକୁ ଲାଗିଲା । ଆଉ କେତେ ସମୟ ପର୍ଯ୍ୟନ୍ତ ସଜବାଜ ହେଇ ବୁଲିପାରିବୁ! ନିଜ ନିଜ କାମକୁ ଫେରିବାକୁ ହେବ । ରଘୁ ଚା' କରୁ କରୁ ସେଆଡକୁ ଅନେଇ ଦଉଥିଲା ବେଳେ ମୁଁ ସାବଧାନ ସହକାରେ ବାସନ ମଜାମଜି କରୁଥିଲି । କାଳେ ସନାତନୀ ଧଡ୍ କରି ଆସି ସାମନାରେ ଠିଆ ହେଇଯିବ! ଆମକୁ ଝାଳନାଳ ଅବସ୍ଥାରେ ଦେଖିଲେ ତା' ମନରେ ବିତୃଷ୍ଣା ଆସିଯିବନି! ଗୋଲିଆ ପକୁଡିରେ ଦୁଇଥର ଲୁଣ ପକେଇ ଦେଇଥିଲା ବେଳେ ବାଇନ ହାତରୁ ପୋଛାକନା ବାରମ୍ବାର ଖସି ପଡୁଥିଲା । ସମସ୍ତେ ସମସ୍ତଙ୍କୁ ଖାଲି ଉଦାସ ଆଖିରେ ଚାହିଁ ନିଜକୁ ସାନ୍ତ୍ୱନା ଦେଉଥିଲି ଯେ ଆଉ କିଛି ସମୟ ପରେ ସନାତନୀ ନିଶ୍ଚୟ ଆସିବ ।

ତୁମେ ବୁଝି ପାରିବନି ବାବୁ ଆମର ବ୍ୟାକୁଳତାକୁ । ଜୀବନରେ ପ୍ରଥମ ଥର ପାଇଁ କୋଉ ଝିଅକୁ ଏତେ ନିକଟରୁ ଦେଖିବାର ସୁଯୋଗ ପାଇଥିଲୁ । ସନାତନୀ ଆମ ମନରେ ବସନ୍ତ ଖେଳେଇ ଦେଇଥିଲା ।

କାମ ବଢିବାକୁ ଲାଗିଲା, ଆଉ ଆମେ ଗ୍ରାହକଙ୍କ ଫରମାଇସୀ ପୂରା କରୁ କରୁ ନିଜକୁ ଭୁଲିବାକୁ ବସିଲୁ । ରଘୁ କିନ୍ତୁ ସେହିପରି ଅନ୍ୟମନସ୍କ ହିଁ ଥିଲା । କାମ କଲା ଭିତରେ ଦଶ ଥର ଉଠିଯାଇ ପଛ ବାରଣ୍ଡାରେ ଠିଆ ହେଉଥିଲା । ସେଇଠୁ ମଣିସାହୁର ଘରଟା ସଫା ଦେଖାଯାଏ । ମଣି ସାହୁ ନଥିଲେ ବି ଦରଜାରେ କୋଲପ ପଡିନଥିଲା । ତା' ମାନେ ସନାତନୀ ନିଶ୍ଚୟ ଘରେ ଅଛି । ତେବେ ଆଜି ଦୋକାନ ଆଡେ ଆସୁନାହିଁ କାହିଁକି! କିନ୍ତୁ ଏ ବିଷୟରେ ଖବର କେମିତି ନିଆ ଯାଇ ହେବ!

ବାଇନ କହିଲା, "ସନାତନୀ ପାଇଁ ଗୁ ଜଳଖିଆ ନେଇ ଦେଇ ଆସିବି କି? ଏଇ ବାହାନାରେ କେତେବେଳେ ଇଆଡେ ଆସିବା କଥା ତା'ର ପଗୁରି ଦେଇ ବି ପାରିବି!"

ସମସ୍ତଙ୍କ ମନକୁ କଥାଟା ପାଇଲା, ତେବେ ବାଇନ କାହିଁକି ଯିବ, ଆମେ କାହିଁ ନଯିବୁ ବୋଲି ଆମ ଭିତରେ ପ୍ରତିଯୋଗୀତା ଗ୍ଲିଲା । ରଘୁ କହିଲା, ମୋ ଗୁ ଅନ୍ୟ ହାତରେ କାହିଁ ପଠେଇବାକୁ ଯିବି ମୁଁ ! ସେଇ ଏକା ପ୍ରଶ୍ନ ଗୋଲିଆ ବି କଲା । ଅଗାଧୁ ଆଉ ମୋ ଭିତରେ ତ ହାତାହାତି ହୋଇ ଯାଇ ଥାଆନ୍ତା । କିନ୍ତୁ ଠିକ୍ ସେତିକିବେଳେ ହଠାତ୍ ରଘୁ ହାତରେ ଗରମ ପାଣିର ଡେକଚଟା ଓଲଟି ପଡିଲା । କେହି କିଛି ବୁଝିଲା ପୂର୍ବରୁ ରଘୁର ଆର୍ତ୍ତ ଚିତ୍କାର ବାୟୁ ମଣ୍ଡଳକୁ ଥରେଇ ଦେଲା । ସନାତନୀ କଥା ଭୁଲି ଆମେ ସମସ୍ତେ ରଘୁ ଆଡକୁ ଧାଇଁଗଲୁ । ତା' ଉପରେ ଥଣ୍ଡା ପାଣି ଢାଳି ତାକୁ ସାନ୍ତ୍ୱନା କଲା ବେଳକୁ ସେପଟୁ ସନାତନୀ ଧିରେ ଧିରେ ଆସୁଥିବାର ଦେଖାଗଲା । ବୋଧହୁଏ ରଘୁର ଚିତ୍କାର ଶୁଣି ପାରିଥିଲା, ତେବେ ଆଜି ତା' ଗ୍ଲିରେ ବିଜୁଳିର ଗତି ନଥିଲା କି ମନରେ ସରାଗ ନଥିଲା । ବରଂ ଭାରି ଗୋଟେ ଅନ୍ୟମନସ୍କ ଥିଲାପରି ଲାଗିଲା ।

ଆମେ କିନ୍ତୁ ସେକଥାକୁ ଧ୍ୟାନ ନଦେଇ ଯିଏ ଯୋଉ ଜାଗାରେ ଥିଲୁ, ସେଇଠି ସ୍ଥିର ହେଇଗଲୁ । ରଘୁ ନିଜ ହାତରେ ପୋଡା ଯନ୍ତ୍ରଣା ଭୁଲି ଗୁ ବାସନ ବସେଇବାକୁ ଆଗେଇ ଯାଉଥିଲା, ହେଲେ ପାରିଲାନି । ହାତଟା ବାସ୍ତବରେ ବହୁତ ପୋଡି ଯାଇଥିଲା । ପାଣିରୁ ବାହାର କଲା ମାତ୍ରେ

ଯନ୍ତ୍ରଣା ଅସହ୍ୟ ହେଉଥିଲା । ତା'ର ଏ ଅବସ୍ଥାର ସୁଯୋଗ ନେଇ ମୁଁ ଦଉଡି ଗଲି ଚା ବାସନ ବସେଇବାକୁ । ଗୋଲିଆ ପକୁଡି ଛାଣିବା ଆରମ୍ଭ କରିଦେଇଥିଲା ।

ମୋ ଜୀବନରେ ମୁଁ କେବେ ଚା ବନେଇ ନଥିଲି । କିନ୍ତୁ କେଉଁ ଏକ ଅଦୃଶ୍ୟ ଶକ୍ତିର ପ୍ରଭାବରେ କେଜାଣି କେମିତି ଏକଦମ୍ ଠିକ୍ ଠିକ୍ ବନିଗଲା ଚା । ସନାତନୀ ହାତକୁ ବଢେଇ ଦେଲି ଚା ଗ୍ଲାସ୍ ଟା ।

ଅଳ୍ପ ହସି ମୋ ହାତରୁ ନେଇ ସାଙ୍ଗେ ସାଙ୍ଗେ ପିଇବାକୁ ଲାଗିଲା । ଖୁବ୍ ପସନ୍ଦ ଆସିଲା ତାକୁ। ବାରମ୍ବାର ପ୍ରଶଂସା କରି କହିଲା, ଆରେ, ଆଜିର ଚା ତ ଆହୁରି ଭଲ ହେଇଛି! ରାମଲାଲ୍ ହାତରେ ଗୋଟିଏ ଯାଦୁ ଅଛି । ରଘୁ, ଆଜିଠୁ ତୁ ବାସନ ମାଜେ ଆଉ ରାମଲାଲ୍ ଚା ବନେଇବ ।"

ତା' କଥାରେ ମୁଁ ଯେମିତି ସରଗକୁ ଉଠିଗଲି ସିଧା! ଆଉ ରଘୁ ଅପମାନରେ ବତୁରିବାକୁ ଲାଗିଲା । ସେ ପୁଣି ବାସନ ମାଜିବ! ରାଗରେ ଦାନ୍ତ କଡମଡ କଲା । ରାମଲାଲ୍ ତା'ଠୁ କେବେ ବି ଭଲ ଚା ବନେଇ ପାରିବ ନାହିଁ । ଚା ବାସନ ଧୋଇବାରେ ଯା'ର ଜୀବନ ବିତୁଛି, ତାକୁ କ ଜଣା, କେତେ ପାଣିରେ କେତେ ଖିର ଢାଳି ଚା ପତି ପକେଇବାକୁ ହୁଏ! ଅଦା ଗୁଜୁରାତି ପକେଇ ଚା'କୁ କେମିତି କଡା ଆଉ ସ୍ୱାଦଯୁକ୍ତ କରିବାକୁ ହୁଏ ରାମଲାଲ୍ କେବେ ଦେଖିଛି ଭ ନିଜ ଆଖିରେ! ତା' ଚା ପିଇବାକୁ ଲୋକମାନେ ଏଠି ଲାଇନ୍ ଲଗେଇଲା ବେଳେ ସେ ଯିବ ବାସନ ମାଜିବାକୁ! ହୁଁ...

ଜଣା ନାହିଁ ସନାତନୀ କ'ଣ ଭାବି ସେକଥା କହି ଦେଇଥିଲା । ସତରେ ମୋର ଚା ଭଲ ହେଇ ଯାଇଥିଲା ବୋଲି ମୋର ପ୍ରଶଂସା କରୁଥିଲା କି ଗଡବଡ ହେଇଥିଲା ବୋଲି ଥଟ୍ଟା କରୁଥିଲା, ସେକଥା ସେଇ ଜାଣିଥିବ । କିନ୍ତୁ ରଘୁ ମନରେ ବିଷମଞ୍ଜି ପୋତି ଦେଲା ସେଇ ଗୋଟିଏ ବାକ୍ୟ । ରାଗରେ ଉଠିଗଲା ଚା ବନେଇବା ସ୍ଥାନରୁ । ପୋଡା ହାତକୁ ଧରି ବାହାର ଖଟିଆରେ ଯାଇ ବସିରହିଲା । ଗ୍ରାହକଙ୍କ ଭିଡ ବାହାରେ । ଏତିକିବେଳେ ଏମିତି ନକରିବାକୁ ଆମେ ତାକୁ କହିଲୁ, ହେଲେ ସେ ଶୁଣିଲା ନାହିଁ । ମୁଁ ବାଧ୍ୟ ହେଇ ଚା ବାସନ ବସେଇଲି । ପାଣି ଢାଳି ଦୁଧ ପକେଇଲି । ଚା କରି ଗରାଖଙ୍କୁ ଦେଲି । କେହି କିଛି ଅଭିଯୋଗ କଲେନାହିଁ । ସେତିକି ଆଗ୍ରହରେ ଚା ପିଇ ଚାଲିଗଲେ ।

ରାଗରେ ଦାନ୍ତ କଡମଡ କଲା ରଘୁ। ଗୋଇଠା ମାରି ଖଟିଆର ଗୋଡ ଭାଙ୍ଗିଦେଲା। କେହି କିଛି ପାଟି ଖୋଲିଲେନି। ପୁଣି ଯାଇ ନଳକୂପର ହ୍ୟାଣ୍ଡେଲ୍ ଉଠେଇ ଧଡ୍ ଧଡ୍ କରିଲା। ପାଣି ତ ଆସୁନଥିଲା, କିନ୍ତୁ ନଳକୂପ ବଡ ଜୋର୍ ରେ ଦୋହଲୁଥିଲା। ଲାଗୁଥିଲା ଏଇଲେ ଭୁସୁଡି ପଡିବ।

ଅଗାଧୁ ବାଇନ ଦାନ୍ତି ଚପି ଚପି ହସୁଥିଲେ। ଆଖି ଟିପିଲା ଗୋଲିଆ। ମତେ ଭାରି ଖୁସି ଲାଗୁଥିଲା। ଏଇଟା ମଉକା, ରଘୁ ଏଠୁ ବାହାରି ଯିବ ଯଦି....

ସତକୁ ସତ ଜିଦି କଲା ରଘୁ ସେ ଆଉ ରହିବନି ଏଠି। ଏତେ କମ୍ ପଇସାରେ କେହି କ'ଣ କାମ କରିପାରିବ! ଆଖ ପାଖରେ ଆହୁରି କେତେ ନୂଆ ଦୋକାନ ଖୋଲିଲାଣି, ସେ ଯାଇ ସେଠି କାମ କରିବ। ଏଠିକା କଥା ରାମଲାଲ୍ ସମ୍ଭାଳୁ। ଏସବୁ ଥିଲା ତା'ର ବାହାନା। ଅସଲ କାରଣ ଥିଲା ସନାତନୀ ଦ୍ୱାରା ତିରସ୍କୃତ ହେବା।

ଗୋଲିଆ ବାଇନ ତାକୁ ବହୁତ ବୁଝେଇଲେ ବି ସେ ବୁଝିଲା ନାହିଁ। ସେଇ ଦିନ ରାତିରେ ଦୋକାନ ଛାଡି ଚାଲିଯିବାର ନିର୍ଣ୍ଣୟ ନେଇଗଲା। କାହାରି ବାରଣ ମାନିଲା ନାହିଁ। ମୁଁ ତ କେତେ ଦିନରୁ ସେଇଆ ହିଁ ଚାହୁଁଥିଲି, ତେଣୁ ତା' ଯିବା କଥା ଶୁଣି ଉଲ୍ଲସିତ ହୋଇଉଠିଲି। ସେ ଚାଲିଗଲା ପରେ ମଣି ସାହୁ ନିଶ୍ଚୟ ମତେ ଚା ବନେଇବାକୁ କହିବ, ଆଉ ଦୋକାନର ସବୁ ଦାୟୀତ୍ୱ ମତେ ଧରେଇ ଦେବ। କିଏ ଜାଣେ, ଦିନ କେଇଟା ପରେ ଦୋକାନ ସହିତ ଝିଅର ହାତ ବି ମୋ ହାତରେ ଦେଇ ନପକେଇବ!

ମିଠ ମିଠା ସ୍ୱପ୍ନରେ ମୁଁ ବିଭୋର ହେଉଥିଲା ବେଳେ ରଘୁ ରାଗରେ ଗୋଟାକ ସାତଟା ହେଉଥିଲା। ତା'ର ରାଗ ମୋ ଉପରେ କି ସନାତନୀ ଉପରେ ସେକଥା ସିଏ ଜାଣିଥିବ, ହେଲେ ସମସ୍ତଙ୍କ ଆଗରେ କହୁଥିଲା ଏଠୁ ଯାଇ ସେ ନିଜର ଦୋକାନ କରିବ। ତା'ପରେ ଆଉ କେହି ଏଠିକୁ ନଆସି ତା' ଦୋକାନକୁ ଯିବେ। ମଣି ସାହୁକୁ ତଳତଳାନ୍ତ ନକରି ଛାଡିବ ନାହିଁ ସେ। ଭାରି ଗଉଁ ବାପ ଝିଅଙ୍କର। ମୋରି ଲାଗି ଏ ଦୋକାନ ଚାଲିଛି, ଅଉ ମତେ ସେ କହୁଛି ବାସନ ମାଜିବାକୁ! କାହିଁ ନିଜେ ମାଜୁନି.....। ମୁଁ ଗଲା ପରେ ଜାଣିବ ରଘୁ କ'ଣ?

ହେଲେ ମଣି ସାହୁଙ୍କୁ ନକହି ଯିବାଟା ଠିକ୍ ହେବନ କହି ଗୋଲିଆ ଆଉ ଅଗାଧୁ ତାକୁ ରାତିଟା ରହିଯିବାକୁ ବାଧ୍ୟ କଲେ। ସେ କିନ୍ତୁ କାହା କଥା ଶୁଣିବାକୁ ରାଜି ନଥିଲା। ରାଗରେ କହିଲା – ଏଇଲେ ଯିବି ମାନେ ଏଇଲେ ହିଁ ଯିବି।

ସନ୍ଧ୍ୟାବେଳେ ଚା ପିଇବାକୁ ଯେତେବେଳେ ସନାତନୀ ଦୋକାନକୁ ଆସି ରଘୁକୁ ଖଟିଆ ଉପରେ ବସି ସେମିତି ରାଉ ରାଉ ହେଉଥିବାରେ ଦେଖିଲା ଆଉ ସମସ୍ତଙ୍କ ଠାରୁ ତା' ଚାଲିଯିବା କଥା ଶୁଣିଲା, ବିରକ୍ତ ହୋଇ କହିଲା, "କାଲିର ଛୁଆ, ତୋର ପୁଣି ଏତେ ରାଗ! ବାପା ତତେ ଆଣି ଦୋକାନରେ ରଖିଲା, କାମ ଶିଖେଇଲା, ଆଉ ଏଇଲେ ତୋ' ମୁଣ୍ଡକୁ ହାତ ପାଇଗଲା ବୋଲି ଯାଇ ନିଜ ଦୋକାନ ଖୋଲିବା କଥା ଭାବିଲୁଣି! ରହ ବାପା ଆସୁ, ତୋର ସବୁ ବହପ ଛଡେଇ ଦେବ। ଯା', ଚାଲି ଯା'...ତୁ କ'ଣ ଚାଲିଗଲେ ଆମ ଦୋକାନ ବନ୍ଦ ହେଇଯିବ! ରାମଲାଲ୍ ତ ତୋ'ଠୁ ବି ଭଲ ଚା ବନୋଉଛି...ବେଶି ଗର୍ବ ଦେଖାନା ମ...."।

କହିସାରି ରାଗ ତମତମ ହେଇ ସେ ଚାଲିଗଲା ପରେ ରଘୁ ଆହୁରି ଜଳଉଠିଲା। ଶେଷ କଥାଟା ତା' ରାଗ ଉପରେ ଘିଅ ଢାଳଦେଲା। ସେଇ ମୁହୂର୍ତ୍ତରେ ଦୋକାନରୁ ସେ ବାହାରିଗଲା, ଯିବା ପୂର୍ବରୁ ଚା ପତିରେ କେଜାଣି କ ଗୁଣ୍ଡ କେତେବେଳେ ମିଶେଇ ଦେଇ ଚାଲିଗଲା, କେହି ଜାଣି ପାରିଲୁନ।

ରଘୁ ବିନା ଦୋକାନ ମତେ ଭାରି ଆପଣାର ଆପଣାର ଲାଗୁଥିଲା। ବଡି ଭୋରରୁ ନିଦ ଭାଙ୍ଗିଲା ମୋର। ଅନ୍ୟମାନେ ସମସ୍ତେ ନିଘୋଡ ନିଦରେ ଶୋଇଥିଲେ। ମୁଁ ଉଠି ବାହାରକୁ ଆସିଗଲି। ରାତି ଆକାଶର ଜହ୍ନ ଏପର୍ଯ୍ୟନ୍ତ ବି ବାହୁଡି ଯାଇନଥିଲା। ଚଢେଇଙ୍କ କଚରି ମିଚରି ଆରମ୍ଭ ବି ହେଇନଥିଲା। ପବନରେ ଭରି ରହିଥିବା ମାଦକତା ମତେ ଶେଯ ମୁହାଁ କଲାନ ଆଉ, ବରଂ ଚଆଇଁ ଦେଲା ପୂରାପୂରି। ଶୀଘ୍ର ଶୀଘ୍ର ନିତ୍ୟକର୍ମ ସାରି ମୁଁ ଦୋକାନକୁ ଆସିଗଲି।

ଆଜି ମୋର ରଘୁ ବିନା ଚା ବନେଇବାର ପ୍ରଥମ ଦିନ। ଠାକୁରଙ୍କ ଆଗରେ ଧୂପ ଦୀପ ବସେଇ ଫୁଲଟିଏ ରଖି ମୁଣ୍ଡିଆ ମାରି ଚୁଲିରେ ନିଆଁ ଧରେଇଲି। ସେଇ କଳା କେଟଲ୍, ଯାହାକୁ ଆଜି ପର୍ଯ୍ୟନ୍ତ ମୁଁ କେବଳ ମାଜିବାକୁ ଧରିଥିଲି, ତାକୁ ଆଣି ଚୁଲିରେ ବସେଇଲି। ଅପୂର୍ବ ପୁଲକରେ ମନ ମୋର ନାଚ ନାଚ ଯାଉଥିଲା। ରାତିର ଖିର ସବୁ ସରି ଯାଇଥିଲା ବୋଲି ଅମୁଲ ପାଉଡର ପକେଇ ଚା ବନେଇବା କଥା ଚିନ୍ତା କଲାବେଳକୁ କେହି ଜଣେ ଆସି

ମୋ ସାମନାରେ ଠିଆ ହେଇଯିବାର ହେତୁ ହେଲା ମୋର। ମୁଣ୍ଡ ଉଠେଇ ଦେଖିଲା ବେଳକୁ ସନାତନୀ!

ବିଜୁଳିର ଶକ୍ତ ତରଙ୍ଗଟିଏ ସାରା ଶରୀରରେ ମୋର ଖେଳେଇ ହେଇଗଲା ସତେ କି! ହାତଗୋଡ ବରଫ ପାଲଟିଗଲା। ସନାତନୀର ଉପସ୍ଥିତିରେ ମୁଁ କ'ଣ ଅନୁଭବ କରୁଥିଲି, ସେକଥା କାହାକୁ ବୁଝେଇ ପାରିବିନି! ମୋର ମନେ ହେଉଥିଲା ଜୀବନରେ ଆଉ କଛି ଲୋଡା ନାହିଁ ମୋର! ଆଉ କଛି ବି ଲକ୍ଷ୍ୟ ନାହିଁ ବଞ୍ଚିବାର! ତା' ଭଲ ପାଇବାର ଚେନାଏ ମହକ ସତେ ଯେମିତି ବାସ୍ନାୟିତ କରି ଦଉଥିଲା ମୋର ସମଗ୍ର ଅତୀତ, ବର୍ତ୍ତମାନ ଆଉ ଭବିଷ୍ୟତ! ମୁଁ ସ୍ଥାଣୁ ପାଲଟି ଯାଇଥିଲି।

"ରାମଲାଲ୍, ମୋ ପାଇଁ ଚା କରିବୁନି? "

ସ୍ୱପ୍ନ ଜଗତରୁ ଉଠି ପଡିଲି ସତେ କି! "ହଁ, ହଁ, କରୁଛି" କହି ଚୁଲିରେ କେଟଲ୍ ବସେଇଲି। ପାଣି ଢାଳି ଅମୁଲ ଗୋଳେଇଲି, ଚିନି ପକେଇଲି। ଗୁଜୁରାତି ଗୁଣ୍ଡ ଅଦା ବି ପକେଇଲି। ପୂର୍ବ ଆକାଶରୁ ସୂର୍ଯ୍ୟ ଉଇଁ ଆସୁଥିଲେ। ସେପଟ ଘରୁ ଅଗାଧୁ ବାଇନ ଗୋଲିଆଙ୍କର ଉଠିବାର ଶବ୍ଦ, ଚେଢେଇଙ୍କର କଚରି ମିଚରି ଶବ୍ଦ, ଟ୍ରକ୍ ବସଙ୍କର ପେଁ ପାଁ ଶବ୍ଦ, ସବୁ କଛି ମୋ କାନରେ ସଙ୍ଗୀତ ଭରି ଦଉଥିଲେ। ସନାତନୀ ବସିଥିଲା ଅନ୍ୟମନସ୍କ ହୋଇ...ଦୂର ଆକାଶରେ ଉଇଁ ଆସୁଥିବା ସୂର୍ଯ୍ୟଙ୍କର ନାଲି ଆଭାରୁ ଚେନାଏ ତା' ମୁହଁରେ ପଡି ଝଲମଲ କରୁଥିଲା। ମୁଗ୍ଧ ହେଇ ଯାଉଥିଲି ମୁଁ। ସକାଳର ଏ ଅନୁଭବ କାହାକୁ କେବେ କହି ହେବନି, କହିଲେ ବି କେହି ତାକୁ ଅନୁଭବ କରି ପାରିବେନି। ହେଲେ ସେ ଏତେ ଗୁମସୁମ୍ କାହିଁକି! ଏତେ ସକାଳୁ ଉଠି ଆସିବାର କାରଣ କ'ଣ! ଅନ୍ଧାରକୁ ଭୟ କରୁଥିବା ଝିଅଟେ ଏକା ଏକୁଟିଆ ଦୋକାନ ପର୍ଯ୍ୟନ୍ତ ଆସିଗଲା କେମିତି ଆଉ କାହିଁକି? ମନ ଭିତରେ ଖେଳ ବୁଲୁଥିଲା ଅନେକ ପ୍ରଶ୍ନ, ହେଲେ ଉତ୍ତର ଯାହାଠୁ ମିଳନ୍ତା, ସେ ବସିଥିଲା ନିରବ ନିସ୍ତରଙ୍ଗ ହୋଇ।

କେତେ ସମୟ ପରେ ସନାତନୀ ପାଟି ଖୋଲିଲା, "ତୁ ଜାଣିଛୁ ରାମଲାଲ୍, ବାପା କୁଆଡେ ଯାଇଛି? "

ସକାଳୁ ସକାଳୁ ଏମିତି ପ୍ରଶ୍ନ! ମଣି ସାହୁର ଯିବା ଆସିବାରେ ମୋର କ'ଣ ଯାଉଛି । ସେ ବିଷୟରେ ଆମକୁ ସେ କାହିଁକି ବା କହିବାକୁ ଯିବ! କିନ୍ତୁ ଏକଥା ସନାତନୀ ମତେ କାହିଁ ପଚାରୁଛି!

"ମୋ ବାହାଘର ଠିକ୍ କରିବାକୁ!" ସକାଳର ସବୁ ସ୍ନିଗ୍ଧତା ଗୋଟିଏ ବାକ୍ୟରେ ଦୋହଲି ଉଠିଲା ସତେ କି! ସନାତନୀ ବାହା ହେଇଯିବ! କାହାକୁ? ମୋ ଭଲ ପାଇବା ତାହାହେଲେ...

"ମୁଁ ଜାଣେ ତୁ କ'ଣ ଭାବୁଛି! ମୁଁ ବି ଠିକ୍ ସେଇ କଥା ଭାବୁଛି ରେ! କିନ୍ତୁ ଉପାୟ କିଛି ନାହିଁ । ବାପା ମୋ କଥା ଜମା ବି ଶୁଣିବ ନାହିଁ । ସେ ଯେଉଁଠି ମନ କରୁଛି ମତେ ସେଇଠି ବାହା ହେବାକୁ ପଡିବ!"

"ଆଉ ତୋ' ମନ?" କେମିତି କେଜାଣି ମୋ ପାଟିରୁ ବାହାରି ଆସିଲା କଥାଟା । ଆଜି ଯାଏଁ ବି ନିଜକୁ ବିଶ୍ୱାସ କରିପାରୁନି ମୁଁ ଯେ ସେକଥା ତାକୁ ସେଦିନ ପଚାରି ପାରିଥିବି!

"କ'ଣ ଉତ୍ତର ଦେଲା ସନାତନୀ?" ରାମଲାଲ୍ କଥା ଉପରେ ପ୍ରଶ୍ନଟେ ପଚାରି ଦେଲି । ମୋ ଭିତରେ ବି ଆଗ୍ରହ ସୃଷ୍ଟି ହେଇସାରିଥିଲା ସେ ଅଦ୍ଭୁତ ପ୍ରେମ କାହାଣୀର ଅନ୍ତ ଜାଣିବାକୁ ।

"କ'ଣ ଦେଇଥାନ୍ତା! ଲୁହ ଦୁଇ ଧାର କେବଳ ବହି ଆସିଲା ଚୁପ୍ ଚାପ୍ ତା' ଆଖିରୁ । ଅନ୍ୟମାନଙ୍କର ଆସିଯିବାର ସମୟ ହୋଇ ଯାଇଥିଲା । ଭୟ ଆଉ ଉଦ୍ବେଗନାରେ ମୁଁ ବତୁରି ଉଠୁଥିଲି । ସନାତନୀ ଆଡକୁ ଚା କପ୍ ବଢେଇ ଦେଇ ଆଉ ଥରେ ନିଜ ପ୍ରଶ୍ନକୁ ମୁଁ ଦୋହରେଇ ଦେଲି । କେମିତି ଏକ ଚାହାଁଣୀରେ ମତେ ସେ ଚାହିଁଥିଲା କେଜାଣି, ମତେ ଲାଗୁଥିଲା ସାରା ସଂସାର ସେଇଠି ସେଇ ମୁହୂର୍ତ୍ତରେ ଯଦି ଧ୍ୱଂସ ହେଇଯିବ, ତେବେ ବି ମୁଁ ଦୁଃଖ କରିବିନି । ସନାତନୀ ଆଉ କାହାକୁ ବାହା ହେଇଗଲେ ବି ମୋ ପାଇଁ ତା' ମନରେ ରହିଥିବା କୋମଳ ଭାବନା ମତେ ଏକା ଏକା ବାଟ ଚାଲିବାର କଷ୍ଟକୁ ଆପଣେଇ ନେବାକୁ ପ୍ରେରିତ କରୁଥିବ । ତା' ନିରବତା ଆମ ଭଲ ପାଇବାର କାହାଣୀର ସତ୍ୟାସତ୍ୟକୁ ଧରି ରଖିଛି ନିଜ ଭିତରେ । ମୋ ପାଇଁ କ'ଣ ସେତିକି ଯଥେଷ୍ଟ ନୁହେଁ!

ସନାତନୀ ମୋ ହାତରୁ ଚା କପ୍ ନେଇ ଚା ପିଇଲା । ପୁଣି ଥରେ ଚାହିଁଲା ମୋ ମୁହଁକୁ । କହିଲା ତୋ' ହାତରେ ଏଇ ଚା କେଟଲି ଭାରି ସୁନ୍ଦର ଦେଖାଯାଉଛି ରାମଲାଲ୍.... ଯା'କୁ ଆଉ କେବେ ନିଜଠୁ ହାତଛଡା କରିବୁ ନାହିଁ...."

କୃତ୍ୟ କୃତ୍ୟ ହେଇ ଉଠିଥିଲି ମୁଁ। ଅଗାଧୁ ବାଇନ ଗୋଲିଆ ଭରିକାଙ୍କୁ ଡାକ ଏ ଦୃଶ୍ୟ ଦେଖେଇବାକୁ ଥିଲା....ତାଙ୍କୁ ଜଣେଇବାକୁ ଥିଲା ସନାତନୀର ମନର କଥାକୁ। ଆହୁରି ବହୁତ କିଛି ତା' ପାଟିରୁ ଶୁଣିବାକୁ ମୁଁ ଚାହୁଁଥିଲି। ତା'ର ଖୁବ୍ ନିକଟରେ ଆସି ଠିଆ ହୋଇ ଯାଇଥିଲି। ତାକୁ ଛୁଇଁଦେବାର ପ୍ରୟାସ କରୁଥିଲି, ତା' ଦେହର ଗନ୍ଧକୁ ଆଘ୍ରାଣ କରିବାକୁ ବ୍ୟାକୁଳ ହେଇ ଯାଉଥିଲି। ତା'ର ହାତ ସେ ଉଠେଇ ମୋ ବେକରେ ଗୁଡେଇ ଦେଲା, ପାଟି ଖୋଲି ଅସ୍ପଷ୍ଟ ସ୍ୱରରେ "ଚମତ୍କାର" ବୋଲି ଉଚ୍ଚାରଣ ବି କଲା, କିନ୍ତୁ ତା'ପରେ ସବୁ ନିରବ ନିଷ୍ପନ୍ଦ...

ମୁଁ ତା' ରଙ୍ଗ ବଦଳା ମୁହଁ ଆଡେ ଚାହିଁ ରହିଥିଲି, କିନ୍ତୁ ବୁଝି ପାରୁନଥିଲି ଯେ ଆମ କାହାଣୀ ଶେଷ ହୋଇଯାଇଛି। ବିଶ୍ୱାସ ହିଁ କରି ପାରୁନଥିଲି। ତା' ମୁହଁରୁ ଫେଣ ବାହାରୁ ଥିଲା, ମୁଁ ତାକୁ ବି ମୁଗ୍ଧ ଦୃଷ୍ଟିରେ ଦେଖି ଚାଲିଥିଲି। ଏତିକିବେଳେ ଅଗାଧୁ ଆଉ ବାଇନଙ୍କ ପାଟିଗୋଳ ମତେ ଶୁଭିଲା। ଭୟରେ ସେମାନେ ଚିତ୍କାର କରୁଥିଲେ। ମୁଁ ତାଙ୍କ ଭୟାର୍ତ୍ତ ଚେହେରା ଆଡକୁ ଚାହିଁ ମନ୍ଦ ମନ୍ଦ ହସୁଥିଲି ଆଉ ଲାଜ ଲାଜ ହେଇ କହି ଚାଲିଥିଲି, ସନାତନୀ ତମ ଭିତରୁ କାହାକୁ ନୁହେଁ, ମତେ ଭଲ ପାଏ। ତମେ ସବୁ ଏଠୁ ଯାଅ, ମୋର ତା' ସହିତ କଥାବାର୍ତ୍ତା କରିବାକୁ ଅଛି।

କିନ୍ତୁ ଏ କ'ଣ, ସନାତନୀ ଧିରେ ଧିରେ ଭୂମିଲଗ୍ନ ହେଇ ଯାଉଛି!.... ମୋ ହାତ ତା' ଫୁଲ ପରି ଦେହର ଓଜନକୁ ବି ସମ୍ଭାଳ ରଖି ପାରୁନାହିଁ!

କାହିଁକି କୋକେଇ ଉପରେ ନେଇ ତାକୁ ଶୁଆଇ ଦଉଛନ୍ତି ସମସ୍ତେ, କାହିଁକି ମଣି ସାହୁ ଛାତି ପିଟି ପିଟି ଧୂଳରେ ଗଡି ଯାଉଛି, କାହିଁକି ପୋଲିସ୍ ବାବୁ ମତେ ଘୋଷାଡି ଘୋଷାଡି ଜିପ୍ ଭିତରେ ନେଇ ବସେଇ ଦଉଛନ୍ତି...କାହିଁକି ମୋ ସାଙ୍ଗମାନେ ମତେ ଭୟାର୍ତ୍ତ ଦୃଷ୍ଟିରେ ଚାହିଁ ରହିଛନ୍ତି....କାହିଁକି....କାହିଁକି....

କୌଣସି "କାହିଁକି" ର ଉତ୍ତର ମତେ କେହି ଆଉ ଦେଲିନ। କାହିଁ କେତେ ବର୍ଷ ପରେ ସେ ମୁଗ୍ଧ ଭାବ କଟିଲା ମୋର। ହେଲେ ସେତେବେଳକୁ ସବୁକିଛି ଶେଷ ହେଇଯାଇଥିଲା। ମୁଁ ଜେଲ୍ ରେ ଥିଲି। ସନାତନୀକୁ ଚା ରେ ବିଷ ଦେଇ ମାରିଥିବାର ଅଭିଯୋଗ ମୋ ଉପରେ ଥିଲା।

ମୁଁ ପୁଣି ସନାତନୀକୁ ବିଷ ଦେଇ ମାରିଥିବି? କେମିତି ବିଶ୍ୱାସ କଲେ ସମସ୍ତେ!

କେଜାଣି କୋଉ ଗତିରେ ସମୟ ଗଡି ଗ୍ଲିଥିଲା। କଛିର ହିସାବ ମୋ ପାଖରେ ନଥିଲା କ ରଖିବାକୁ ମୁଁ ଗ୍ହୁଁ ନଥିଲି। କେତେ ବର୍ଷ ବିତିଗଲା ପରେ ବୋଧେ ଦିନେ ରଘୁ ମତେ ଦେଖା କରିବାକୁ ଆସିଲା ଜେଲ୍ କୁ। ଏଇ ଭିତରେ ତା' ବୟସ ସତେ ଯେମିତି ପଗ୍ଷ ଉପରକୁ ମାଡି ଯାଇଛି! ମୁଁ ତ ତାକୁ ଚହ୍ନି ବି ପାରିଲିନ। ହେଲେ ସେ ମତେ ଯାହା କହିଲା, ତା' ପରେ....

"କ'ଣ କହିଲା? "

"ଛାଡନ୍ତୁ ସେକଥା, ଆଉ କ'ଣ ମୂଲ୍ୟ ଅଛି ସେଥିରେ? "

"ନାହିଁ ଗ୍ମଲାଲ୍, ଏତେ କଥା ଶୁଣିଲା ପରେ ଶେଷଟା ନଶୁଣେଇ ତମେ କେମିତି ଗ୍ଲିଯିବ! କୁହ ରଘୁ କ'ଣ କହିଲା ତମକୁ ଆସି! "

"ଗ୍ ପତିରେ ସେଦିନ ସେ ଜହର ମିଶେଇ ଦେଇଥିଲା।"

"କାହିଁକି?

"ମୋ ଉପରେ ପ୍ରତିଶୋଧ ନେବାକୁ। ମତେ ସନାତନୀ ଆଖିରେ ତଳକୁ ଖସେଇ ଦେବାକୁ। କନ୍ତୁ ଏତେ ସକାଳୁ ସନାତନୀ ଯେ ଗ୍ ପିଇବାକୁ ଆସିଯିବ, ଆଉ ସେ ଡବାର ପ୍ରଥମ ଗ୍ ସନାତନୀ ପେଟକୁ ଯେ ଯିବ, ସେକଥା ସେ ସ୍ୱପ୍ନରେ ବି ଭ୍ବି ନଥିଲା। ତା' ଗ୍ସ୍ତାର କଣ୍ଟା ମୁଁ ଥିଲି, ମତେ ହଟେଇ ପାରିଲେ ସନାତନୀକୁ କେବଳ ସେ ପାଇ ପାରିଥାନ୍ତା। କନ୍ତୁ କଣ୍ଟା ତ ଗଲା, ତା' ସହିତ ଫୁଲ ବି ଗ୍ଲିଗଲା ସବୁଦିନ ପାଇଁ। ଏମିତି ଘଟିଯିବ ବୋଲି ଚନ୍ତା କରିନଥିଲା ତ, ତେଣୁ ଭ୍ଙ୍ଗି ପଡିଥିଲା। ହେଲେ ସାହାସ ନଥିଲା ଆସି ନଜ ଦୋଷ ସ୍ୱୀକାର କରି ମୋ ମୁଣ୍ଡରୁ ପାପ ଧୋଇ ଦବାକୁ। ତେଣୁ ଏତେ ବର୍ଷ ପରେ ଆସିଥିଲା କ୍ଷମା ମାଗିବାକୁ।

ଆଉ ଗୋଟେ କଥା ବି ସେଦିନ ସେ କହିଥିଲା – ସେଦିନ ଗ୍ତିରେ ଯୋଉ ପାଟି ଶୁଣିଥିଲି ସନାତନୀର, ତାକୁ ହିଁ ସେ କରୁଥିଲା।"

"କାହିଁକି? "

"ବାଇଆଟା, ନାରୀର କୋମଳ ମନକୁ ଯେ ଜୋର୍ ଜବରଦସ୍ତିରେ ହାସଲ କରାଯାଇ ପାରେନା, ସେକଥା ନଜାଣି ଧାଇଁ ଯାଇଥିଲି ପ୍ରେମ ଓଜାଡି ପକେଇବାକୁ! ହେଲେ ସନାତନୀ କ'ଣ ଅନ୍ୟ ଝିଅଙ୍କ ପରି ଥିଲା....ତା' ପରି ଝିଅ କୋଟିକରେ ଗୋଟିଏ କେତେ ତପସ୍ୟା କରିଥିଲେ କେହି ତାକୁ ପାଇଥାନ୍ତା । ହେଲେ ସେପରି ତପସ୍ୟା ଆମ ଭିତରୁ କେହି କ'ଣ କରିଥିଲା କି କେବେ!"

"ଆଚ୍ଛା ରାମଲାଲ୍, ତମେ ପୁଣି କାହାକୁ ପରେ ବାହା ହେଲ ନା ନାହିଁ?"

"ହେଲି ନା!" ହାତର କଳା କେଟଲ୍ ଆଉ ଘସରା ଚା ଗ୍ଲାସ୍ ସବୁକୁ ଉପରକୁ ଟେକ ଦେଖେଇ କହିଲା, "ଏଇ ମାନଙ୍କୁ!"

ଆଶ୍ଚର୍ଯ୍ୟରେ ମୁଁ ତା' ଆଡକୁ ଚାହିଁ ରହିଥିଲି ବେଳେ ମଧୁର ହସଟିଏ ହସିଦେଇ କହିଲା, "ସନାତନୀ ପାଇଁ ଚା ବନେଇବା ଭିତରେ ସମୟ ଆଉ କାହିଁ ମିଳଲା ମତେ ବାବୁ ସେକଥା ଚନ୍ତା କରିବାକୁ!"

Kamala.satpathy@gmail.com



# ପ୍ରଭୁ ଶ୍ରୀରାମ



ହିମାଂଶୁ ଶେଖର ବାରିକ୍

ତ୍ରେତୟା ଯୁଗରେ ଦୁଷ୍ଟ ପ୍ରତାପରେ ଧରାପୃଷ୍ଠ
ହୋଇଲା ଯେ ଭାରାକ୍ରାନ୍ତ, ଜନ ଆତୁର
ଅଯୋଧ୍ୟା ଦେଶର ରାଜ ଦଶରଥର ଆତ୍ମଜ
ରୂପରେ ଜନମ ହୋଇ, କଲ ଉଦ୍ଧାର
ଜୟ ଜୟ ପ୍ରଭୁ ଶ୍ରୀରାମ
ଅନୁପମ ଲୀଳା ତବ ପରମବ୍ରହ୍ମ ॥

ଶୁକଳ ଚଇତ ପକ୍ଷ ଆସି ହେଲା ଉପନୀତ
ମାତା କଉଶଲ୍ୟା ହେଲେ, ଯେ ହରଷିତ
ମଧ୍ୟାହ୍ନ କରଣ ରବି ସରଯୁରେ ପ୍ରତିଛବି
ଉଆସେ ଶୁଭିଲା କୁଆଁ କୁଆଁ ନିନାଦ
ଦରବାରେ ସଖି କହିଲା
ପାଟରାଣୀଙ୍କର ଆଜ ପୁତ୍ର ହୋଇଲା ॥

ଅପୁତ୍ରିକ ପୁତ୍ରବାନ ସାନନ୍ଦ ହୋଇଲା ମନ
ପରଜା କୁଳରେ ଖେଳେ ଖୁସି ଲହରୀ
ଅପରୂପ ଶୋଭାକାନ୍ତି ମନେ ଜାଗେ ପ୍ରଭୁ ପ୍ରୀତି
ଅଯୋଧ୍ୟାବାସୀଙ୍କ ଚଉ ହୋଇଲା ଚୋରି
ଦିବ୍ୟ ବାଳଲୀଳା ରଚତ
ଚାରିଭାଇ ସର୍ବଜନେ କଲେ ମୋହିତ ॥

ବିଦ୍ୟା ଅଧ୍ୟୟନ ପାଇଁ ତିନି ଭାଇ ସାଥେ ନେଇ
ଗୁରୁକୁଳ ଗଲେ ପଦ କରି ବନ୍ଦନ
ବ୍ରହ୍ମଋଷି ଗୁରୁଦେବ ଆଶୀର୍ବାଦ କଲେ ପ୍ରାପ୍ତ
ଶସ୍ତ୍ର ଶାସ୍ତ୍ର ଜ୍ଞାନେ ହେଲେ ଅତି ନିପୁଣ

ଶ୍ରୀରାମ ଭରତ ଲକ୍ଷ୍ମଣ
ଶତ୍ରୁଘ୍ନ ହୋଇଲେ ଖ୍ୟାତ ବୀର ମହାନ ॥

ଏକଦିନେ ବିଶ୍ୱାମିତ୍ର ପ୍ରବେଶିଲେ ତପୀବର
କଲେ ନିବେଦନ ଦଶରଥ ରାଜନ
ତାଡକା ଅସୁରୀ ବନେ ପୀଡା ଦିଏ ସାଧୁଜନେ
ତପ ଯଜ୍ଞ ଧର୍ମ କାର୍ଯ୍ୟ ଘଟାଏ ବିଘ୍ନ
ଶ୍ରୀରାମ ଲକ୍ଷ୍ମଣ ପଠାଇ
ତାଡକା ନିଧନ କର ଅଯୋଧ୍ୟା ସାଇଁ ॥
ଶ୍ରୀରାମଙ୍କ ଶସ୍ତ୍ରାଘାତ ରାକ୍ଷସୀକୁ କଲା ହତ
ମୁନିଜନ ଆଶୀର୍ବାଦ କଲେ ଅନେକ
ତହୁଁ ବିଶ୍ୱାମିତ୍ର ମୁନି ବେନି ଭାଇ ସଂଗେ ଘେନି
ମିଥିଳା ନଗରେ ଯାଇ ହେଲେ ପ୍ରକଟ
ତହିଁ ଶିବ ଧନୁ ଭାଙ୍ଗିଲେ
ସ୍ୱୟମ୍ବର ଜିଣି ସୀତା ବିବାହ କଲେ ॥

ମନ୍ଥରା ନାମକ ଦାସୀ ଷଡଯନ୍ତ୍ର କଲା ରଚି
ବିଚଳିତ ହେଲା ମାତା କୈକେୟୀ ମନ
ଦଶରଥ ପାଶେ ଯାଇ ମାଗିନେଲେ ବର ଦୁଇ
ଅଯୋଧ୍ୟା ନିବାସୀ ହୃଦ ହେଲା ବିଦୀର୍ଣ୍ଣ
ପିତୃ ସତ୍ୟ କରି ପାଳନ
ରାମ ଗଲେ ବନ ନେଇ ପତ୍ନୀ ଲକ୍ଷ୍ମଣ ॥

ଚଉଦ ବରଷ ବନେ ଲୀଳା ଖେଳା ସମାପନେ
ଫେରିଲେ ଅଯୋଧ୍ୟା କରି ରାବଣ ବଧ
ସଂଗେ ଥିଲେ ହନୁମନ୍ତ ଜ୍ଞାନ ଭକ୍ତି ମୂର୍ତ୍ତିମନ୍ତ
ରାଜ୍ୟବାସୀ ମହାନନ୍ଦେ କଲେ ସ୍ୱାଗତ
ରାମଚନ୍ଦ୍ର ରାଜା ହୋଇଲେ
ପରଜା ପାଳନ ପୁତ୍ର ସମ କରିଲେ ॥

ନଉ ଏ.ଜି. କଲୋନୀ,
ନୟାପଲ୍ଲୀ, ଭୁବନେଶ୍ୱର

# ପ୍ରିୟା ମୋର କାନ୍ଦୁଛିକି ?



ସୁଲୋଚନା ପଟ୍ଟନାୟକ

ଆଜି କାହିଁ ବିବ୍ରତଲାଗୁଛି ।
ମନ ଗୁହୁଁଛି ପବନରେ ମିଶିଯାଆନ୍ତି
ତା' ଅଲଗ୍‌ବାଳକୁ
ସାଉଁଳେଇ ଆଣନ୍ତି
ଦୁହେଁ ଦୁହଁଙ୍କୁ ଧରି ବହେ କାନ୍ଦନ୍ତୁ ।

ପୁଣି ହସର ଜୁଆର ଉଠନ୍ତା ।
ସିଏ ଅଳପ ହସନ୍ତା
ମୁଁ ଅଳପ ହସନ୍ତି
ଖୁସିରେ ହସିହସି ଆମେ
ବର୍ତ୍ତମାନକୁ ଭୁଲିଯାଆନ୍ତୁ ।



ପ୍ରିୟାକୁ କୋଳାଇ ନେଇ
ତା' ଅଲଗ୍ ବାଳକୁ ସଜାଡି ଦିଅନ୍ତି
ସଂଧାର ନଶବ୍ଦ ଆଗମନରେ
ଆମେ ଚୁପ୍‌ଚାପ୍ କଥା ହୁଅନ୍ତେ
ରୂପା ଜହ୍ନଟିଏ ଆମକୁ ଦେଖି ଲାଜେଇଯାଆନ୍ତା ।

ସଂଧ୍ୟା କଡ ଲେଉଟାନ୍ତା
ରାତିର ପଣତରେ ଘୋଡି ହୋଇ
ଆମେ ନଘୋଡ ଶୁଅନ୍ତେ
ଘୁମନ୍ତ ଆଖି ପତାରେ ତାର
ନଦ ହୋଇ ମୁଁ ମିଶିଯାଆନ୍ତି ।

ଏଲକରିଜ, ମେରିଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ଯାତ୍ରା



ଅଶୋକ ବିଶ୍ୱାଳ

ଅବିନାଶ ଜାଣି ନଥିଲା ଆଗରେ କଣ ଅଛି ?

ମାୟା ମରିଚକା ସବୁଆଡେ । କିଏ ଅଛନ୍ତି କେଉଁଠି କିଏ କହନ୍ତି ବା କଣ। କିଏ କଣ ବା ମରନ୍ତି ?

ସେ ଯାଉଛି କୁଆଡେ । କରୁଛି ବା କଣ? ସବୁଥିଲା ମାୟା ମରିଚକା।। ସବୁ ଥିଲା ସ୍ୱପ୍ନର କୁହେଳୀ। ସବୁଥିଲା ଅବୋଧ ଅଗମ୍ୟ ।

କିଏ ସେ ଗ୍ଲୁଛି ଆଗରେ ? କିଏ ସେ ଗ୍ଲୁଛି ପଛରେ? କିଏ ସେମାନେ ସବୁଆଡେ? ସେକଥା ଅବିନାଶ ଜାଣିନଥିଲା । ଏକ ଅଜଣା ରାସ୍ତାରେ ଗ୍ଲୁଥିଲା । ରାସ୍ତାର ଦିଗ ତ ନଥିଲା। ଆଗଟା ମୋଟେ ଜଣାପଡୁନଥିଲା।। ସବଠି କୁହେଳୀ । ଆକାଶଟା କେମିତି କଳା ପଡିଯାଇଥିଲା।। ନଜର ସୀମା ହଜାଇ ବସିଥିଲା ।

ଅବିନାଶ ଆଗକୁ ଗ୍ହିଁଲା । ଏ କଣ ମରିଚକା।। କେମିତି ଏକ ସ୍ଥଳ ଭୂମି ଦେଖାଯାଉଥିଲା। ସବୁଆଡେ କୁହୁଡି ସବୁଆଡେ ଏକ ସଫେଦ ଢାଙ୍କୁଣୀ । ତା ମଧ୍ୟରେ ଏକ ଛୋଟ ଜାଗା । କେତୋଟି ଗଛ ଉଠିଅଛି । ସେହି କଣ ଲକ୍ଷ୍ୟ ? କିଏ ଜାଣେ । ଅବିନାଶ କିଛି ନଭାବି ଆଗେଇ ଗ୍ଲିଲା ।

ସେ କଣ ଜାଣି ପାରନ୍ତା ସେହି ସେହି ସୀମାଟା କଣ? ଅଛି କଣ ତାର ଆରପାରିରେ ? ସେମିତି କିଛି ବଡ ସ୍ଥଳ ଭାଗ ନଥିଲା ସେ । ଏକ ଛୋଟ ସ୍ଥାନ । ସେପଟେ ସେମିତି କିଛି ନଥିଲା ଭଲ ଜଣା ଯାଉନଥିଲା । ଗ୍ରି ପାଖେ କୁହୁଡି ଅବିନାଶ ମୁହଁରେ କିଛି ଭାବ ପ୍ରକାଶ ପାଉ ନଥିଲା । ତାର ସୀମାର କଣ ଆବଶ୍ୟକ । ସେ ତ ସୀମା ଆର ପାଖକୁ ଗ୍ଲି ଯିବା ପାଇଁ ଗ୍ହେଁ ସୀମା ନଥାଉ। ସେ ଗ୍ଲିଥାଉ ସେମିତି ସେମାନେ ତାକୁ ଦେଖନ୍ତୁ। ନଦେଖନ୍ତୁ। ସେଥିରେ କିଛି ଫରକ ପଡେନାହିଁ ତାକୁ। ସେ କାହାକୁ ଗ୍ହେଁନି ନଜର ରାସ୍ତାରେ ଏକ ଦିଗହୀନ ପଥିକ ସେ। ଆବଶ୍ୟକ ନାହିଁ ଦିଗରେ ତାର, ଆବଶ୍ୟକ ନାହିଁ ଆଗର ଭୂମି

ଦେଖାନଯାଉ ରାସ୍ତା। ଦେଖାନଯାଉ ଭୂ ତଳ। ଗୋଡ ବୁଡି ଯାଇଥାଉ କୁହୁଡି ମଧ୍ୟରେ। ଲାଗୁଥାଉ କେମିତି ଏକ ଭାସନ୍ତା ଶରୀର କୁହୁଡିରୁ କୁହୁଡି ମଧ୍ୟରେ କେମିତି ପହଁରି ଯାଉଛି ।

ଅବିନାଶର ଆଖି କେମିତି ଲାଗିଯାଉଥିଲା। କହୁଡି ଆଖିକୁ ଭରି କରି ଦେଇଥିଲା। ଆଖିରେ ଭରି ଯାଇଥିଲା ପାଣିର ବିନ୍ଦୁମାନ । ଛୋଟ ଛୋଟ ବିନ୍ଦୁ । ସମସ୍ତେ ମିଶିଯାଇ ତାର ଆଖିକୁ ଢାଙ୍କି ଦେଇଥିଲେ । ଆଗଟା କେମିତି ଓଦାଳଆ, ଆଗଟା କେମିତି ବଦଳଯାଉଥିବା କୁହୁଡିରେ ଢଙ୍କା ।

ଅବିନଶ ବିନାଶ ହେବନାହିଁ କେବେ । ସମସ୍ତେ ହଜିଯିବେ । ସେ ହଜିବନି। ସମସ୍ତେ ମିଶିଯିବେ ମାଟିରେ । ସେ ମିଶିବନି କେବେ । ସେ ମିଶିବନି ଧୂଳରେ । ସେ ମିଶିବନି କାଦୁଅରେ । ତାର ଶରୀରରେ ଧୂଳ ମଇଳା ଲାଗିବନି କେବେ । ତାର ଶରୀର ସୁଦ୍ଧ ସୁବର୍ଣ୍ଣରେ ଢଙ୍କା ହୋଇ ରହିଯିବ । ସେ ଭାସୁଥିବ ସମୁଦ୍ରରେ । ଆଖି ପାଉନଥିବା ସମୁଦ୍ରରେ, ଅଥଳ ପାଣିର ମଧ୍ୟରେ । କିନ୍ତୁ ସେ ବୁଡିବନି । କେମିତି ହାଲକା ହୋଇଯାଇଥିବ ଶରୀର, ହାଲକା ହୋଇଯାଇଥିବ ମନ, ହାଲକା ହୋଇଯାଇଥିବ ଚିନ୍ତା । ଦରକାର ବା କଣ? ସେ ଅଜର, ଅମର. ବିନାଶ ନାହିଁ ଅବିନାଶର ।

ଅବିନାଶ ପାଦ ତଳର ଭୂମିକୁ ଗ୍ୱହିଁଲା ତଳେ ଅଗଣିତ କାକରର ବିନ୍ଦୁ । ଉପରେ ପତଳା ଆକାଶରେ କେମିତ ଏକ ଜ୍ୟୋତି ଫୁଟି ଉଠୁଛି । କେଉଁଠୁ ଆସୁଛି ସେ ଆଭା । ସବୁଆଡେ ଏକ ହାଲକା ପ୍ରକାଶ । ଏକ ହାଲକା ଅନୁଭବ । ତଳେ ଭୂମି ଦୃଶ୍ୟ ହେବନାହିଁ । କିନ୍ତୁ ଗୋଡ ଦବିଯାଉନି । ତା ତଳେ ଅଛି ଏକ ଦୃଢ ଭୂମି, ଶକ୍ତ ଅଉ ତାର ଓଜନକୁ ସମ୍ଭାଳି ନେଉଛି । ସେ ନରିଖେଇ ଗ୍ୱହିଁଲା। କିଛି କିଛି ଦିଶୁନି। ଏକ ପାତଳା ଗ୍ୱଦର ତାର ଆଣ୍ଠୁର ତଳକୁ ଘୋଡାଇ ରଖିଛି। ଅବିନାଶ କିଛି ବୁଝିପାରୁନଥିଲା। ସେ ଆଉ ବୁଝିବାକୁ ଗ୍ୱହିଁଲାନି। ଆବଶ୍ୟକତା ବା କଣ? ଦରକାର ନାହିଁ। ଦିଗହୀନ ରାସ୍ତାରେ ଦିଗହାରା ପଥିକ ସେ । ଆବଶ୍ୟକ ନାହିଁ ତାକୁ କେଉଁ ଦର୍ଶନର, ଆବଶ୍ୟକ ନାହିଁ କେଉଁ ପରିଚୟର । ସେ ଗ୍ୱଲୁଥିବ ଆଖି ନଥକଲା ପର୍ଯ୍ୟନ୍ତ ।

ଆଉ ତ ଥକୁନି ଅବିନାଶ ଭାବୁଥିଲା । କଣ ହୋଇଛି ତାକୁ। ଆଖି ବନ୍ଦ ହୋଇଯାଉଥିଲା ମଝିରେ ମଝିରେ । କଣ ସେ ଥକଗଲା? କିଏ କେମିତି କହୁଥିଲା ତା ମନର ଭିତରେ, ତୁ ଅବିନାଶ ଥକି ପାରିବୁନି । ଥକିବା ତୋ ପାଇଁ ବିଧାନ ନୁହେଁ । ଅବିନାଶ ଥକି ପାରେନା । ଅବିନାଶ ନାଶ ହୋଇ ପାରେନା। ଅବିନାଶ ହେଉଛି ଦିଗହୀନ ସୀମାନ୍ତର ଯାତ୍ରୀ। ସମସ୍ତେ ହାରି ଯାଇଛନ୍ତି। ସମସ୍ତେ ଓହ୍ଲାଇ ଯାଇଛନ୍ତି। ସମସ୍ତେ ରହିଯାଇଛନ୍ତି। ଅବିନାଶ ସେମିତ ଗ୍ୱଲିବ ସେହି କୁହୁଡିରେ, କୁହେଳର ରାସ୍ତାରେ । ସେହି ପ୍ରହେଳୀ ମଧ୍ୟରେ ହଜିବନି ଅବିନାଶ। ସେ

ହଜି ପାରେନ।। ସେ ମରି ପାରେନ।। ସେ ଥକ ପାରେନ।। ସେ ତୃଷାର୍ତ୍ତ ନୁହେ । ସେ ଅଜର ଅମର, ଶୋକ ଛୁଇଁ ପାରେନା ତାକୁ । ସୁଖ ଛୁଇଁ ପାରେନା ତାକୁ । ଶରୀର ଛୁଇଁ ପାରେନା ତାକୁ । ମନ ଛୁଇଁ ପାରେନା ତାକ । ବର୍ତ୍ତମାନ ଛୁଇଁ ପାରେନା । ଅତୀତ ତାକୁ ଘେରେନାହି । ଆଗ ଦିନ ତା ପାଇଁ କରେନାହିଁ ଦୁନଆ ।

ହସିଦେଲ୍ ଅବିନାଶ । ସେ ହସିବାର କଥାନୁହେଁ । ତାକୁ ମନ ଯେ ଛୁଇଁନ । ତାକୁ ଆଶା ଯେ ଛୁଇଁନ । ତଥାପି ହସିଲ୍ କେମିତ ତାର ଲମ୍ବା ରାସ୍ତାରେ ହସ ଟିକେ ବାହାରି ଆସିଲ୍ । କେହି ତାକୁ ବଝିଲେନ । କାହା ପାଖରେ ନଜକୁ ଖୋଲି ପାରିଲ୍ନ ଅବିନାଶ । କାହା ପାଖରେ ନଜକୁ କହି ପାରିଲ୍ନ ସେ । କାହା ପାଖରେ କାନ୍ଦି ପାରିଲ୍ନ । କାହା ପାଖରେ ଭାବନାର ପେଡିକୁ ଖୋଲି ପାରିଲ୍ନ ଅବିନାଶ । ସେ ରହିଗଲ୍ କେମିତ ଅବ୍ୟକ୍ତ ହୋଇକ । ହସ ତାର ରହିଗଲ୍ ଅବୋଧ । ସେ ନଜେ ବୁଝିପାରିବନ । ସେ ନଜକୁ ବ୍ୟକ୍ତ କରିପାରିବନ । ସେ ହସ କଣ ଥିଲ୍ ତାର ରାସ୍ତାର ପାଇଁ, କଣ ଥିଲ୍ ତାର ସମୟର ପାଇଁ? କଣ ପାଇଁ ତା ମନରେ ଭାବନା ଆସିଲ୍ ।

ଚାଲ ଅବିନାଶ ନଜର ରାସ୍ତାରେ। ପ୍ରହେଳୀ ସେମିତି ଘେରିଥାଉ ତ ତୁମକୁ। ପାଦ ଲୁଚଯାଉ ପାତଳ ପରଦାରେ । ଶରୀରରେ ଲାଗିଥାଉ କୁହୁଡିର ବିନ୍ଦୁ । ରାସ୍ତା ଆଗରେ ନହେଉ ତ ଦୃଶ୍ୟ । ସେମିତ ଥାଉ ଏକ ହାଲକା ଆଭା । ଥାଉ ଏକ ଅନୁଜ୍ଜ୍ୱଳ ପ୍ରକାଶ । ସବୁକଛି ଥାଉ ଏକାକାର୍, ସବୁକଛି ଥାଉ ରୂପହୀନ, ଥାଉ ପରିଚୟବିହୀନା । ଅବିନାଶର ରାସ୍ତା ଦେଖାତ ନଯାଉ । ଅବିନାଶ ରହୁ ସେମିତି ଯାତ୍ରୀ ଏକ ଲକ୍ଷ୍ୟର ପର୍ଯନ୍ତ । ରହୁ ତା ପାଇଁ ସବୁକଛି ଅଜଣା ହୋଇକ । ରହୁ ସବୁ କଛି ହୋଇ କାନ୍ଥର ସେପଟେ। ଜଳାଦେଇ ସେମାନେ ଦେଖନ୍ତୁ। ସେ ନଦେଖୁ କଛି । ସମାନେ କଳନା କରନ୍ତୁ । ସେ ରହୁ କଳନାହୀନ ହୋଇ ନଜର ପାଖରେ । ନଜର ଦୁନଆରେ ଚାଲୁ ଅବିନାଶ ଅସୀମ ହୋଇକ । ତାର ସେହି କୁହୁଡିର ଦୁନଆ । ସୁଉଚ୍ଚ ପାହାଡମାନ ନଜର ଚୂଡାକୁ ହଜାଇ ବସିଛନ୍ତି, ଆଖି ଉଠି ତ ପାରେନା ।

ସେମିତି ସେ ଚାଲୁଥିଲ।। କଛି ଭାବୁନଥିଲ୍ । ବାସ୍ ଚାଲୁଥିଲ୍ । ଚାଲୁ ଚାଲୁ ସେ କେମିତି ତନ୍ଦ୍ରାବିଭୂତ ହୋଇଯାଇଥିଲ୍ । କନ୍ତୁ ତାର ମନେ ଅଛି ସେ ଚାଲୁଥିଲ୍ । ଅବିନାଶ ଥକ ପାରେନା । କନ୍ତୁ କେମିତି ଏକ ତନ୍ଦ୍ରା ତାକୁ ଆଚ୍ଛନ୍ନ କରି ଦେଉଥିଲ୍ । ଅବିନାଶର ଖୋଲା ଆଖି କୁହୁଡିରେ ଢାଙ୍କି ହୋଇ ଯାଉଥିଲ୍ । ଆଖି ଅନେକ ଭାରି ହୋଇ ଯାଇଥିଲ୍ । ମନ ନଜର ଠାରୁ ଅନେକ ଦୂରରେ । ଏକ ଅଜଣା ରାଜ୍ୟରେ । ଅବିନାଶର ଆଖି ପତାରେ ବାହାରର ସବୁ କୁହୁଡି । ଅନେକ ଅନେକ ବେଳ ହୋଇ ଯାଇଛି ।

ଆଗଟା ଏକଦମ ଅନ୍ଧାର । ରାସ୍ତା ପ୍ରାୟ ଜଣା ପଡୁନଥିଲା । ଅବିନାଶ ସେମିତି ଉଣ୍ଡାଳ ଉଣ୍ଡାଳ ଚାଲୁଥିଲା । ଗୋଡ ଗୁଡାକ ଯେମିତି ଘୋଷାରି ହେଉଥିଲା । ଏକ ଆଲୋକର ଉତ୍ସ ଆସିଗଲା । ଏକ ଆଲୋକ ବର୍ତ୍ତୀକା, ଦପ୍ ଦପ୍ କରି ଆଲୋକ ବିଛୁରି ଆସୁଥିଲା । ଅବିନାଶ ବୁଝି ପାରିଲାନ ଏମିତି ଆଲୋକର ଆବିର୍ଭାବ ।

ଅବିନାଶ ଖୁବ ଥକ ଯାଇଛ ? ଏକ ସ୍ୱର ସେହି ଆଲୋକ ଆଡୁ ଭାସି ଆସିଲା । ଖୁବ ମଧୁର ସ୍ୱର । ଚାରି ଆଡେ କମ୍ପୁ ନଥିଲ।। ମନଜିଣା ସ୍ୱର ହୃଦୟକୁ ଛୁଇଁଥିଲା ।

ଖୁବ ଥକ ଯାଇଛି । ସେମିତି ଚାଲୁଅଛି କେଉଁ କାଳରୁ । ଅବିନାଶ ସେ ଆଲୋକ ଆଡକୁ ମୁଣ୍ଡ ଟେକି ଅନାଇ ପାରୁ ନଥିଲା ।

ଅବିନାଶ ଖୁବ ତୃଷାର୍ତ୍ତ ତୁମେ । ରହି ଯାଅ ଟିକଏ ।

ଅବିନାଶ ଅଟକି ପାରୁ ନଥିଲ।। ଥକଯାଇଥିବା ଗୋଡ ଦୁଇଟି ସେମିତି ଟାଣି ହେଉଥିଲା । ଅଜଣାରେ ଗୋଡ ଦୁଇଟି ଆଗେଇ ଯାଉଥିଲା

ଅବିନାଶ ମୁଣ୍ଡ ଉଠାଇଲ।। ଥିର ଥିବା ଆଖି ତାର ଟିକେ ଅଟକି ଗଲା । ଆଗରେ ଏକ ଗୋଲ ଆଲୋକ । କିଛି ମଶାଲ ଆଲୋକ ନୁହେଁ । ଉପରକୁ ଶିଖା ଉଠୁନଥିଲା । କିଛି ଜଳୁନାହିଁ । ଧୂଆଁ ନାହଁ । ଏକ ଶାନ୍ତ ଆଲୋକର ବର୍ତ୍ତିକା । କିନ୍ତୁ ବେଶୀ ସମୟ ଚାହିଁ ହେଉନଥିଲା ।

ଅବିନାଶ କଣ ଖୋଜି ଚାଲିଛ ତୁମେ ? କଣ ପାଇଁ ଟିକଏ ଅଟକୁନା, କ୍ଳାନ୍ତି ତୁମ ମନକୁ ଢାଙ୍କି ଦେଲାଣି ।

ମୁଁ ଏକ ପଥିକ- ଅବିନାଶ କେଉଁଆଡକୁ ନ ଅନାଇ କହୁଥିଲା ।

ତା ମୁଁ ଜାଣେ। କିନ୍ତୁ ତୁମେ ଏତେ ଥକ ଯାଇଛ ଯେ । ଟିକଏ ବିଶ୍ରାମ ନିଅ ।

କିନ୍ତୁ ମୁଁ ରହି ଅଟକି ପାରିବିନି । ମୁଁ କ୍ଳାନ୍ତ ନୁହେଁ ।- ଅବିନାଶ ଭିତରୁ କିଏ କେମିତି କହୁଥିଲା । ଆଖି ଆଗକୁ ଦେଖୁନଥିଲା । ଗୋଡ ଆଗକୁ ଭିଡି ହେଉଥିଲା । ନିଜ ଭିତରେ କିଛି ତାକୁ ନିର୍ଦ୍ଦେଶ ମିଳୁଥିଲା। ତାକୁ ମାନିବାକୁ ପଡିବ ।

ତୁମେ ଅଭିଶପ୍ତ ଅବିନାଶ । ତୁମେ ଅଭିଶପ୍ତ । ତୁମେ କ୍ଳାନ୍ତ ହୋଇ ପାରୁନା । ତୁମେ ମୁକ୍ତ ହୋଇ ପାରୁନ ।

ଅବିନାଶ  ଭିତରେ କଏ ଯେମିତି କଛି କହି ଗ୍ଲଲିଥିଲ୍ । ଅବିନାଶ । ଅବିନାଶ ତୁମେ ଥକ ପାରନା ।

ତଥାପି  ସେ ମୁଣ୍ଡ ଟିକଏ ଟେକଲ୍ । ଗୋଲ ଆଲୋକ ବର୍ତ୍ତୀକାରୁ ନରମ ଆଲୋକ ଝରି ଆସୁଛି ।  ଆଲୋକରେ ତୀକ୍ଷ୍ଣତା ନଥିଲ୍ । କେମିତି ଏକ ଶାନ୍ତ ଆଲୋକର ଉତ୍ସ । ଅବିନାଶର ଭରି ଆଖି ଆହୁରି ଭରି ହୋଇଯାଉଥିଲ୍ ।

ଅବିନାଶ ତୁମେ କଣ ଖୋଜି ଗ୍ଲଲିଛ  ।  ଏକ ନରମ ସ୍ୱର ସେ ଆଲୋକର ଆଡୁ ଆସୁଥିଲ୍ ।

ମୁଁ । ମୁଁ କଛି ଖୋଜୁନ ତ । ଅବିନାଶର କ୍ଲାନ୍ତ ଉତ୍ତର ।

ତୁମେ ଖୋଜୁନ ତ କଣ ପାଇଁ ଏତେ ଦୂର ଆସିଅଛ ?

ବାସ ଏମିତି ଆସି ଯାଇଛି । ବାସ ଏମିତି ।

ଅବିନାଶ ତୁମେ କେମିତି ଆସିଲ?  ନଜକୁ ପଗ୍ଲର ଅବିନାଶ ।

ଅବିନାଶର ଆଗକୁ ଯାଉଥିବା ପାଦ ଦୁଇଟି କେମିତି ସ୍ଥିର ହୋଇଗଲ୍  । ସେ ନଜକୁ ଯେମିତି ପଗ୍ଲରୁଥିଲ୍ । ଯଦି ସେ କଛି ଖୋଜୁନ ତେବେ ଏତେ ଦୂର ଆସିଲ୍ କାହିଁକ?  କଣ ପାଇଁ ଏତେ ସମୟ ଧରି ସେ ଗ୍ଲଲୁଅଛି ?

ତା ଭିତରେ କଏ କହି ଗ୍ଲଲୁଥିଲ୍

ଅବିନାଶ  । ତୁମେ ଥକ ପାରନା  । ତୁମେ ଭ୍ବି ପାରନା । ତୁମେ କ୍ଲାନ୍ତ ନୁହଁ । ତୁମେ ସ୍ଥିର ନୁହଁ । ତୁମେ ସ୍ଥବିର ନୁହଁ । ତୁମେ ଏକ ଚଳମାନ ମୂର୍ତ୍ତୀ ।

ଅବିନାଶ କଛି ବୁଝିପାରୁନଥିଲ୍ ।

କଣ ଅଛି ତାପରେ ?  କଣ ତାକୁ କରିବାକୁ ପଡିବ ?  ମନ ଭିତରେ ଅନେକ କ୍ଲାନ୍ତ ଉତ୍ସାହ । ଏକ ପତଳା ଚଦର ଘୋଡାଇ ଦେଇଛି ଚେତନାକୁ ।   ବାସ  ସେ ଆବରଣ ଭେଦକରି ଠିକ ଭ୍ବେ ଭ୍ବନା ଆସି ପାରୁନାହିଁ ।

ଅବିନାଶ କନ୍ତୁ ତୁମର ଭ୍ବନାର ଆବଶ୍ୟକତା କଣ?  ତୁମେ ଯେ ଅବିନାଶ । ଏ କଥା ଭୁଲି ଯାଇଛକ?   ସେହି ମଧୁର ସ୍ୱର ଆଲୋକ ଆଡୁ କହୁଥିଲ୍ ।

ଅବିନଶ ନଜ ଭିତରର ଶବ୍ଦକୁ ଟିକେ ସ୍ଥିର କରିବାକୁ ଚ୍ହୁଁ ଥିଲ୍ । ସ୍ଥବିର ଅବିନାଶ ମନରେ ଆବରଣ ଭିତରୁ ଅନେକ ଚନ୍ତା ଉଙ୍କି ମାରୁଥିଲେ । ସେ ଆଲୋକ ଆଡକୁ ଅନାଇଲ୍ । ଗୋଲ ଆଲୋକ ବର୍ତ୍ତୀକା । ନୀଳ ଆଲୋକ ଝରି ଆସୁଥିଲ୍ । କୁହୁଡିର ଲମ୍ବା ଗ୍ଦର ଉପରେ ପଡୁଥିଲ୍। ଧଳା କୁହୁଡି ଉପରେ ଏକ ତରଳ ନୀଳ ସ୍ୟାହିର ଧାର୍ । ନୀଳ ଆଲୋକର ସ୍ରୋତ ବେହି ଯାଉଛି ନଦୀର ଧାର ଭଳ । ସେ ସେହି ଧାର୍ ଆଡକୁ ଅନାଇ ରହିଲ୍ । ସେଠି ଅଳ୍ପ ଲହଡି । ଧଳା କୁହୁଡି ହଲୁଥିଲ୍ । ଆଉ ତା ଉପରେ ନୀଳ ଢେଉ । ଆଲୋକର ନୀଳ ଢେଉ ।

ଅବିନାଶ ତୁମର ଖୋଜିବା ଯେ ସୀମାହୀନ । ତୁମ ଆଗରେ କଛି ଲକ୍ଷ୍ୟ ନାହିଁ । କଣ ଖୋଜିବ ତୁମେ ?

ତା ଆଗରେ ଲକ୍ଷ୍ୟ ତ କଛି ନାହିଁ କେହି କଛି ତାକୁ ଉଦ୍ଦେଶ୍ୟ ଦେଇ ନାହିନ୍ତି। ସେମିତି ସେ ଗ୍ଲୁଛି ।

ଅବିନାଶ, ଲକ୍ଷ୍ୟ ହୀନ ଯାତ୍ରାରେ ତୁମେ ଅଟକ ଯାଅ । ଏମିତି ତୁମେ ଖୁବ ଥକ ଯାଇଛ । - ସେହି ମଧୁର ସ୍ୱର କହୁଥିଲ୍ ।

ଅବିନାଶ ଅଟକ ଯାଅ ତୁମେ । - ତା ନଜ ଭିତରେ କଏ କହି ଉଠିଲ୍ ।

ସେ ଆଲୋକ ଆଡକୁ ଭଲ ଭ୍ବେ ଚ୍ହିଁଲ୍ । ଗୋଲ ଆଲୋକ । ସାଧାରଣ ପାଣି ମାଠିଆଠାରୁ ସାମନ୍ୟ ବଡ । ସବୁ ଆଡକୁ ଧିର ଆଲୋକ ବିଚ୍ଛୁରି ଯାଇଥିଲ୍ । ଉପରେ ଆଲୋକର ରେଖାମାନ ଯେମିତି ଦୋଳ ଖେଳୁଥିଲ୍ । ପବନରେ ହଲି ଯାଉଥିଲ୍ ବେଳେ ବେଳେ । ସେ ପାତଳ ଧଳା କୁହୁଡିର ଗ୍ଦର ଉପରୁ ପ୍ରାୟ ୬- ୭ ଫୁଟ ଉପରେ ଥିଲ୍ । କଥା କହିଲ୍ ବେଳେ ସେ ଆଲୋକ ବର୍ତ୍ତୀକା ହଲିଯାଉଥିଲ୍ ।

ସେ ଟିକଏ ରହିଗଲ୍ । ଥକଯାଇଥିବା ଶରୀର ତାର କଛି ସମୟ ପାଇଁ ସ୍ଥିର ହୋଇଗଲ୍ । ଅବିନାଶ ଧୀରେ ନଶ୍ୱାସ ନେଉଥିଲ୍ । ଏକ ଲମ୍ବା ନଃଶ୍ୱାସ ନେଲ୍ । କୁହୁଡି ଭର୍ ପବନ ତା ଭିତରେ ପଶି ଯାଉଥିଲ୍ । ଏକଦମ ଶାନ୍ତ ହୋଇଯାଉଥିଲ୍ ଭିତରଟା ।

ବାହାରେ ମନ୍ଦ ଚନ୍ଦ୍ରାଲୋକ । ଆଗରେ ଆଲୋକ ବର୍ତ୍ତୀକା । ପଛରେ ଆକାଶକୁ ଛୁଇଁ ଯାଇଥିବା ଲମ୍ବା ଛାୟାମାନ । ପାହାଡର କୃଷ୍ଣ ଆକାର । ବୋହି ଯାଉଛି ଆଲୋକର ରେଖା ଆକାଶ ଚୁମ୍ବୀ ଛାଇର ଧାର ଦେଇ ।

ହାଲକା ପବନ ବୋହୁଥିଲା । ଅବିନାଶ ଧିରେ ଧିରେ ନିଃଶ୍ୱାସ ନେଉଥିଲା । ତା ଭିତରେ କୁହୁଡିର ବିନ୍ଦୁମାନ ଭରି ଯାଇଥିଲା । କେମିତି ଏକ ନୂଆ ଜୀବନର ଆରମ୍ଭ ।

ଅବିନାଶ ଭରି ଯାଉ ତୁମ ଭିତରେ ଆଲୋକର ବିନ୍ଦୁ ନୀଳ ଆଲୋକର ରେଖା ତୁମର ଶରୀରକୁ ଦେଉ ଢାଙ୍କି ।- ସେହି ସମ୍ମୋହନର ସ୍ୱର ।

ମୋ ଭିତରେ ଆଲୋକର ରେଖା । ସବୁଠି ନୀଳ ଆଲୋକର ରେଖା- ଅବିନାଶ କହୁଥିଲା ।

ସବୁ ଶିରା ପ୍ରଶିରା ଦେଇ ଆଲୋକର ରେଖାମାନ ବୋହି ଯାଉଛି।

ମୁଁ ନିଜ ଭିତରକୁ ଦେଖି ପାରୁଛି । ଅବିନାଶର ସ୍ୱରରେ କେମିତି ଚପଳତା ଭରିଯାଇଥିଲା ॥

ତୁମ ଶରୀରରେ ଚନ୍ଦ୍ରାଲୋକର ଶାନ୍ତି । ତୁମ ମନରେ କୁହୁଡିର ଶୀତଳତା ।

ଅବିନାଶ ନିଜ ଭିତରେ ଶୀତଳ କୁହୁଡିର ପ୍ରବାହ ଅନୁଭବ କରୁଥିଲା । ତା ଭିତରେ ଏକ ଶୀତଳ ମନ୍ଦ ପ୍ରବାହ । ଦେହରୁ କ୍ଲାନ୍ତି ହରି ନେଉଥିଲା ।

ଅବିନାଶ ତୁମେ ସୀମା ଭିତର ଆବଦ୍ଧ । ଏବେ ତୁମ ଜୀବନର ପୂର୍ଣତା ।

ଅବିନାଶ ଭିତରେ କିଛି ଯେମିତି ଥରି ଯାଉଥିଲା ।

ତାର ହଲି ଯାଉଥିବା ଦୃଷ୍ଟି ଆଲୋକ ବର୍ତ୍ତୀକା ଆଡକୁ ଗଳିଯାଉଥିଲା । ଆଲୋକ ବର୍ତ୍ତୀକା କୁହୁଡିରେ ଢାଙ୍କି ହୋଇ ଆସିଥିଲା । କୁହୁଡି ଉପରେ ଏକ ଆକାର । ମନୁଷ୍ୟର ଆକାର ଭଳି । କିନ୍ତୁ ଅନେକ ବଡ ।

ଅବିନାଶ ଜୀବନରେ କିଛି ଲକ୍ଷ୍ୟ ନାହିଁ। ଲକ୍ଷ୍ୟ ଆଜି ପାଇଁ, କାଲି ମୂଲ୍ୟ ହୀନ । ମନୁଷ୍ୟ ସେମିତି ଗଳିଥାଏ । କିଏ ତାକୁ ରହିବା ପାଇଁ କୁହନ୍ତିନି ।

ଅବିନାଶ ମୁଣ୍ଡ ହଲାଇଲା । କେହି କାଲି ପାଇଁ ଆଜିକୁ ଅଟକିବାକୁ କୁହନ୍ତିନି । ସମସ୍ତେ ବାସ କୁହନ୍ତି ଗଳୁଥାଅ ତୁମେ । ମୂଲ୍ୟହୀନ ଶବ୍ଦମାନ ।

ଅବିନାଶ, ତୁମେ ଯେତେବେଳେ ଗଳୁଥାଅ । ତୁମ ଆଖି ଆଗଟା ସବୁବେଳେ ହୋଇ ଉଠେ ଧୂମିଳ । କହି ପାରିବ ଅବିନାଶ –

ଅବିନାଶ କିଛି ଉତ୍ତର ଦେଉନଥିଲା।। ସେ ସମ୍ମୋହନର ଆବେଷ୍ଟନୀ ମଧ୍ୟରେ ।

ଏବେ କଣ ଅଛି ତା ହିଁ ତୁମର ଉଦ୍ଦେଶ୍ୟ । ଏବେର ପାଇଁ ତୁମର ଯାତ୍ରା ।

ଅବିନାଶ ତୁମର ଯାତ୍ରା ମୋର ପର୍ଯ୍ୟନ୍ତ । ମୁଁ ତୁମ ଜୀବନର ଲକ୍ଷ୍ୟ । ସେ ଶବ୍ଦ ତା ବିତରକୁ ଶୂଚୀ ଭଳି ବିଦ୍ଧ ହେଉଥିଲା ।

ତୁମକୁ କନ୍ତୁ କେବେ ଦେଖିନ ସ୍ୱପ୍ନରେ ।- ଅବିନାଶ ଭିତରୁ କିଛି କହୁଥିଲା ।

ଅବିନାଶ, ଅବିନାଶ ତୁମେ ଅନେକ ଆସିଗଲଣି । ଆଗରେ ରାସ୍ତା ଯେ ଅଗମ୍ୟ ହୋଇ ଉଠୁଛି । ଜାଣି ପାରୁନକ?

ସେ ଚମକ ପଡିଲା । ତା ଭିତରେ କଏ କହି ଉଠୁଥିଲା । ଅବିନାଶ ତୁମେ ଅନେକ ରାସ୍ତା ଆସିଲଣି। ନଦେଖି ସେ ଅନେକ ଆସିଯାଇଛି ।

ଆଗର ଆଲୋକ ବର୍ତ୍ତୀକା ଏବେ ଏକ ରୂପ ନେଉଥିଲା । ମାନବୀର ରୂପ । ଶରୀର ପତଳା କୁଡିରେ ଢଙ୍କା । ହାତ ଅବିନଶ ଆଡକୁ ଲମ୍ବି ଯାଇଛି। ଗୋଡ କନ୍ତୁ ସ୍ଥିର । ଆଲୋକର ରେଖ ଧିମା ହୋଇ ଗଲାଣି । ଅନେକ ଅନୁଜ୍ଜ୍ୱଳ । ତଳେ ବୋହିଯାଉଛି କୁହୁଡିର ଧାର ।

ଅବିନାଶ ସମ୍ବିତ ଫେରି ପାଉଥିଲା ।

ତା ଭିତରଟା ଅନେକ ଥଣ୍ଡା ହୋଇ ଯାଇଥିଲା । କେମିତି ଏକ ଶୀତଳ ଆଲିଙ୍ଗନ । ସେ କ୍ଳାନ୍ତ ହୋଇ ପାରେ । କନ୍ତୁ ଭିତରେ ଏତେ ଜମାଟ ବନ୍ଧା ଥଣ୍ଡା ନଥିଲା । ପାହାଡର ଶ୍ୱେତ ଶୀତଳତା ତା ଭିତରେ ନଥିଲା ।

ଆବିନାଶ, ତୁମ କ୍ଳାନ୍ତି ହି ସତ୍ୟ । ଆସିଯାଅ ମୋ ପାଖକୁ । ବିଶ୍ରାମ ନଅ ଅବିନାଶ ।

ସେ ସ୍ୱରରେ କେମିତି ଆକୁଳତା ।

ଅବିନାଶ ଭିତରେ କିଛି ଚଂଚଳ ହୋଇ ଉଠିଲା । ତା ଭିତରର କୁହୁଡି କମି ଯାଉଥିଲା । ଏଣେ ବାହାରର ସେ ମୂର୍ତ୍ତୀ ଅନେକ ଅନୁଜ୍ଜ୍ୱଳ । ଆଲୋକ ବର୍ତ୍ତୀକା ଏବେ ଏକ ଧଳା ଗୋଲାକାର ପେଣ୍ଡୁ । ସେଠୁ ଆଲୋକ ଆଉ ବିଚ୍ଛୁରି ଆସି ପାରୁନଥିଲା । ଆଲୋକ କେମିତି ଲିଭି ଯାଉଥିଲା

ଅବିନାଶା ଅନେକ କ୍ଳାନ୍ତ ତୁମେ । ମିଶିଯାଅ ମୋ ଦେହରେ । ବୋହିଯାଅ କୁଡିର ଧାର ହୋଇ । ନଜକୁ ହଜାଇ ଦିଅ ତୁମେ କୁହୁଡି ଦେହରେ । ଲୁଚ ଯାଅ କୁହୁଡିର ଧଳା ଗହ୍ୱରରେ ।

ଅବିନାଶ ତୁମେ ହଜିଯାଅ ଏଇଠି । ସମାପ୍ତ ହେଉ ତୁମ କ୍ଲାନ୍ତିର ଅବଧି ଅବିନାଶ । ସେ ସ୍ୱରରେ କେମିତି କାତରତା । ଅବିନାଶ ହୃଦ କନ୍ଦର ଥରି ଯାଉଥିଲା । ଗ୍ଭରି ଆଡେ ଏବେ କୁଡିର ଧାର୍ । ଅବିନାଶ ଆଡକୁ କୁହୁଡି ମାଡି ଆସୁଥିଲା । କୁହୁଡି ଆଲୋକ ବର୍ତ୍ତୀକାକୁ ଢାଙ୍କି ଦେଲାଣି । କନ୍ତୁ ତା ଭିତରୁ କୁହୁଡି ଲୋପ ପାଇ ଯାଉଥିଲା ।

ଅବିନାଶ, ତୁମ ଜୀବନରେ ତୁମେ ହିଁ ତ ଲକ୍ଷ୍ୟ ।- ତା ଭିତରୁ କଏ କହି ଉଠିଲା । ଅନ୍ୟ ଲକ୍ଷ୍ୟର ଆବଶ୍ୟକତା କଣ?

ତୁମେ । ତମେ ହିଁ ତୁମର ଲକ୍ଷ୍ୟ ।

ସବୁଆଡୁ ସେହି ଆହ୍ୱାନ ପ୍ରତିଧ୍ୱନିତ ହେଉଥିଲା ।

ଆସ ଅବିନାଶ, ଲୁଚଯାଅ ଅସରନ୍ତି କୁହୁଡି ଦେହରେ । ହୋଇଯାଅ କୁହୁଡିର ଏକ ବିନ୍ଦୁ । ଲୋପ ହେଉ ତୁମର ପରିଚୟ । ହୋଇ ଯାଅ ଏକ ଆଲୋକ କୁହୁଡିର ।

ଅବିନାଶ । ତୁମେ ତୁମ ଜୀବନର ଲକ୍ଷ୍ୟ । ଏହାହିଁ ତୁମ ପାଇଁ ସତ୍ୟ । ତୁମେ ଅସୀମ । କ୍ଲାନ୍ତି ତୁମକୁ ଛୁଇଁ ନପାରେ ।

ଅବିନାଶ ଅନାଇଲା । କୁହୁଡିର ଢେଉ, ଖୁବ ବଡ ଲହଡି ମାନ ଭାଙ୍ଗି ପଡୁଥିଲା ତାର ପାଦ ଠାରୁ ଅଳ୍ପ ଦୂରରେ । ତାକୁ ଛୁଉଁ ପାରୁ ନଥିଠିଲା ।

ଅବିନାଶ ତୁମେ ହିଁ ଲକ୍ଷ୍ୟ । – ତା ଭିରେ ଏକ ଶବ୍ଦ ଗୁଞ୍ଜିତ ହେଉଥିଲା ।

ଅବିନାଶ ଆଗକୁ ଅନାଇଲା । ଆଗଟା ଏକଦମ ପାଣିଚଆ ଧଳା । କଛି ଚକ୍ ଚକ୍ କରୁଥିଲା

ସେକ୍ଟର- ୩, ସଲ୍ଟଲେକ, କଲିକତା

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ପାଖୁଡା କହେ



ଆଶୁତୋଷ ମେହେର

ଫୁଲର ଦେହରୁ
ଝଡି ପଡିଥିବା
ପାଖୁଡା ଗେଟେ ମୁଁ
ଏବେ ଲୋଟିପଡିଛି ତଳେ
ମାଟିରେ ମିଶିଯିବା ପାଇଁ ।।
ମୋ ନଃସହୟତାରେ
କଏ ଜଣେ ପଗ୍ଚରି ଦେଲା
ବାସ୍ନା ଏତେ ବିତରୁଥିଲୁ ଯେ
କ'ଣ ଶେଷରେ ଏଇୟା ପାଇଁ? ?
ମୁଁ କହିଲି
ଦେବା ବଦଳରେ କଛି ପାଇବା
ବ୍ୟବସାୟ ପର୍
ମୁଁ କରି ଶିଖିନ ।।
ମନଖୋଲି ବିନା
କଛି ପାଇବା ଆଶାରେ
ବାଣ୍ଟିବାକୁ ପର୍
ପ୍ରେମ କୁହାଯାଏ,
ମୁଁ ସେୟା ହିଁ କରିଛି ।।



ଆର୍ଯ୍ୟପଲ୍ଲୀ, କଟ୍ ଛକ,
ପଟିଆ, ଭୁବନେଶ୍ୱର

# ଜାତୀୟତାର ପ୍ରବାହରେ



ଭାସ୍କର ଚନ୍ଦ୍ର ଖଣ୍ଡା

ଧୂଳ ମାଟି ପାଣି ପବନରେ ଯା'ର
ବଡ ହୋଇଅଛୁ ଆଜି
ଯେ ମା ଚରଣ ପରଶ ଲଭିଲେ
ପରମ ତୃପ୍ତିରେ ଭିଜି
ଅନ୍ତରରୁ ତାକୁ କରି ପ୍ରଣିପାତ
ତା ଜୟଧ୍ୱନରେ ହେଉ ଉଲ୍ଲସିତ
ଭାରତୀୟ ଆମ ପ୍ରାଣରେ ପ୍ରବାହ
ଜାତୀୟତା ବୋଧ କରିବୁ ନର୍ବାହ
ଫୁଲି ଉଠୁ ଆଜି ଛାତି ଗରବରେ
ପ୍ରବାହିତ ହେଉ ଶିରା ପ୍ରଶିରାରେ
ଆମ ସେ ଭାରତୀୟତା ।୧।



ବଢିଅଛୁ ଆଜି ଯେ ମାଆ କୋଳରେ
ବାନ୍ଧି ହୋଇ ସେଇ ଐକତା ଗଣ୍ଠିରେ
ଭୁଲି ହୋଇ ଯାଉ ସବୁ ମତଭେଦ
ତେବେ ସିନା ହେବୁ ଆମେ ନରାପଦ
ସାମ୍ପ୍ରଦାୟିକତା ମୁଣ୍ଡ ଟେକଲାଣି
ଜାତୀୟତା ବୋଧ ଶିଥିଳ ହେଲାଣି
ଗୁନ୍ଥି ହୋଇ ସେଇ ଐକତା ମାଳରେ
ନୂତନ ଆଶାର ସଶକ୍ତ ରଜ୍ଜୁରେ
ମନାଇଛୁ ଆଜି ଆମେ ସ୍ୱାଧିନତା
ଜାଗରିତ ହେବ ସେଇ ଜାତୀୟତା ।୨।

ସହଦେବଖୁଣ୍ଟା, ବାଲେଶ୍ୱର

# ଦାଦନ



ସୁବଳ ମହାପାତ୍ର

ବାମ ହାତର ଗୋଟି ଆଙ୍ଗୁଠି ନଥିବା ବୁରୁ, ତା ଖଣ୍ଡିଆ ହାତରେ ଖବରକାଗଜଟିକୁ ଧରି ବସିଥାଏ । ମୁହଁ ଥମଥମ, ଆଖି ଶୁଖିଲ୍, ନାକରୁ ଗରମ ନିଶ୍ୱାସ ବାହାରୁଥାଏ । ଭିତର କୋରି ହେଉଯାଉଥାଏ ତାର । ଗୋଡହାତ ଛାଟି, କାନ୍ଦିବାକୁ ଇଛା ହେଉଥାଏ । ନୁଆଁଳିଆ ଗୋଳଘରର ବାରଣ୍ଡାରେ ବସିଥାଏ ସକାଳ ପହରୁ । ଝିଅଟାର ମଲ୍‌ମୁହଁ ବି ସେ ଦେଖି ପାରିଲ୍‌ନି । ଶ୍ରାଦ୍ଧ ଦେବ କ'ଣ । ସ୍ତ୍ରୀ ବିମଳା ଆସି ମୁଣ୍ଡକୁ ଆଉଁସିଦେଲ୍ । ସ୍ତ୍ରୀ ଆଖିରେ ଆଖିଏ ଲୁହ । ଛାତି ପିଟି ବାହୁନି ବାହୁନି କାନ୍ଦିଥାନ୍ତା ଆଜି । କିନ୍ତୁ ଭାଗ୍ୟ ଦେଖ, ଝିଅପାଇଁ ଲୁଚ ଲୁଚ ଲୁହ ଗଡେଇବା ବ୍ୟତୀତ ଆଉ କିଛି କରିପାରୁ ନଥିଲେ ସ୍ୱାମୀ ସ୍ତ୍ରୀ ଦିଟା । ଧିକ ସେ ବାପା, ଧିକ ସେ ମା । ଯିଏ ଝିଅକୁ ଝିଅ କହିବା ଅବସ୍ଥାରେ ନଥିଲେ । ବୁରୁ ଧିକ୍କାରିଥିଲ୍ ନିଜକୁ ନିଜେ । ବିମଳା, ଘରଭିତରେ ମୁଣ୍ଡ ବାଡେଇ କାନ୍ଦିଥିଲେ ବି ବାହାରେ ଥିଲ୍ ଚୁପଚାପ । ପଡିଶା ଘରକୁ କିଛିବି ଜାଣିବାକୁ ଦେଇ ନଥିଲ୍ । ଗୋଟେ ଝିଅ ତ ଗଲ୍, ପୁଅଟାର କ'ଣ ହେଲ୍ ? ତା' ବି ଜାଣିବାର କୌଣସି ଉପାୟ ନଥିଲ୍ । ଦିହେଁ ଥିଲେ ନାଗପୁର । ଗାଁକୁ ଫେରିଲ୍ ପରଠାରୁ ଘର ତାଙ୍କୁ ଖାଇ ଗୋଡାଉଥିଲ୍ । ବୁରୁର ମା ସମ୍ଭୁଥିଲ୍ ଏ ସ୍ୱାମୀ ସ୍ତ୍ରୀକୁ । ଝିଅ ଗଲ୍‌ବୋଲି ଦୁଃଖ ନଥିଲ୍, କିନ୍ତୁ ପୁଅକୁ ହଜେଇ ଦେଇଥିବାରୁ ସେ ବେଶୀ ଦୁଃଖିଥିଲ୍ । ବଡ ପୁଅ ଝିଅ ଆଉ ଗାଁ ଲୋକଙ୍କ ପ୍ରଶ୍ନବାଣରେ ଅତିଷ୍ଠ ହୋଇ ପଡୁଥିଲେ ବି ଧୈର୍ଯ୍ୟର ସହ ସବୁର ଉତ୍ତର ଦେଉଥିଲେ । ହେଲେ ବୁରୁ ଆଉ ବିମଳା ଯାହା ହରେଇଥିଲେ ତାହା ଆଉ ଫେରିବାର ନଥିଲ୍।

ବୁରୁ ଫେରିଯାଉଥିଲ୍ ଅତୀତ କୁ । ଏଇ ଘରେ ଖେଳବୁଲି ବଡ ହୋଇଥିଲେ ଦୁଇ ପୁଅ ଆଉ ଦୁଇ ଝିଅ । ଝିଅ ଆଉ ପୁଅ ଜନ୍ମ ହୋଇଥିଲେ ଗୋଟେ ପରେ ଗୋଟେ ଛାଡି । ଦି ସନ ମରୁଡି ପରେ ଅଣ୍ଟା ଭାଙ୍ଗି ଯାଇଥିଲ୍ ବୁରୁର ।

ବୁରୁ, ବୁରୁନ୍ଦା, ବୃନ୍ଦାବନ ମହାରଣା । ବାପା ମା ନାଁ ଦେଇଥିଲେ ବୃନ୍ଦାବନ । ଗାଁ ରେ ଡାକଲେ ବୁରୁନ୍ଦା, ସାଙ୍ଗମାନେ ଡାକଲେ ବୁରୁ । ବୁରୁ ଆଜି ତା ଅସଲ ନାଁ ବି ଭୁଲି ଯାଇଥିଲା । ଇସ୍କୁଲରେ ଥିବାଯାଏ ତା'ର ମନେଥିଲା ତା ନାଁ ବୃନ୍ଦାବନ । ଇସ୍କୁଲ ଛାଡିଲା ଦିନୁ ସେ ନାଁ ଟା ସେ ଭୁଲି ଯାଇଥିଲା । ଗାଁ ଇସ୍କୁଲରୁ ତୃତୀୟ ଫେଲ । ବା'ଆ ଯେତେ କହିଲେ ବି ଇସ୍କୁଲ ଗଲା ନେଇଁ । ବା'ଆ ଥିଲାବେଳେ କେତେ ଖୁସିରେ ଥିଲା ସେ । ଜମିବାଡ଼ି ବୋଇଲେ ଘରଡିହକୁ ଛାଡି ଦିମାଣ ଗହିରି ବିଲ । ବର୍ଷା ନହେଲେ ବି ଗ୍ଷ ଭଲ ହୁଏ, ସାଆନ୍ତଙ୍କ ଜମି ଚଷି ବର୍ଷକର ଖାଇବା ଆସିଯାଏ ତାଙ୍କ ଘରକୁ । ଡୁଲୀ ଗୋଟେ ଥିଲା ବା'ଆ ଅମଳରୁ । ଦିନଥିଲା ତା ବା'ଆ ଡୁଲୀରେ ଡୁଲୀଏ ଧାନ ରଖୁଥିଲା । ନୂଆ ଗ୍ଉଳ ବା'ଆ ଛୁଏଁ ନାହିଁ । ଦି ବର୍ଷ ତଳ ଗ୍ଉଳର ଭ୍ତ ଖାଇବ । ବିଲ ଦି ମାଣରୁ ଦି ଏକର କରିଥିଲା ସେ । ବା'ଆ ଗଲାପରେ ଲକ୍ଷ୍ମୀ ଛାଡିଗଲେ ତା ଘରୁ । ଦି ଏକରରୁ ପୁଣି ଦିମାଣକୁ ଆସିଲା ତା ଜମି । ସାଆନ୍ତଙ୍କ ଜମି ଚଷୁଥିଲା ବୁରୁ । ହେଲେ ଦି ସନ ମରୁଡି ପରେ ଅଣ୍ଟା ଭ୍ଙ୍ଗିଗଲା ।

ଘରେ ସତ ପ୍ରାଣୀ କୁଟୁମ୍ବ । ଖାଇବାକୁ କଛିବି ନଥିଲା ସେଦିନ । ସେମାନେ ସିନା ନଖାଇ ପେଜ ତୋରଣି ପିଇ ରହିଯିବେ, ଛୁଆ ଗୁଡାକ କଣ କରିବେ? ଭେଁ ଭାଁ ରଡି ଛାଡୁଥିଲେ । ମା, କ'ଣ ଖାଇବି ବୋଲି ପଗ୍ରୁଥିଲେ । ଆଉ ସମ୍ଭାଳ ପାରିଲାନ । ବସିବା ଠୁ ଉଠି ଗ୍ଲିଗଲା ବିଜୁବାବୁ ପାଖକୁ । ହଁ, ସେ ଯିବ ଦାଦନ ଖଟି । ଏଠି ଓପାସ ଭୋକରେ ମରିଯିବା ଅପେକ୍ଷା ଦାଦନ ଖଟିବା ଭଲ । ଅଗ୍ରିମ ହଜାରେ ଟଙ୍କା ଆଣିଲା ବିଜୁବାବୁ ପାଖରୁ । ଘରେ ଗ୍ଉଳ ଧରି ପହଁଚଲା ବେଳକୁ, ବିମଳା ଆଉ ବୁରୁର ମା ବୁଝି ଯାଇଥିଲେ । ତା' ମା ରଡି ପକେଇ ବାହୁନଥିଲା । ବିମଳାକୁ ଦାଦନ ଅପେକ୍ଷା ଛୁଆଙ୍କ ଭୋକ ବଡ ଲାଗିଥିଲା । ହାତରୁ ଗ୍ଉଳକୁ ଝାମ୍ପିନେଇ ସେ ଭ୍ତ ବସେଇଲା । ଦି ଦିନ ପରେ ବିଜୁବାବୁ ଆସି ଆଉ ଦି ହଜାରେ ହାତରେ ଧରେଇ ଦେଇଗଲା । କହିଦେଇ ଗଲା ପୂର୍ଣିମାକୁ ଛ ଦିନ ଥବ ବାହାରିବା ଏଠୁ । ସଜ ହେଇଥିବୁ । ସେ ଦିନ ଭ୍ରି ଚନ୍ତାରେ ପଡି ଯାଇଥିଲା ବୁରୁ । ପଇସା ଆଣିତ ଖାଇ ସାରିଛି, ଆଉ ଖସିବାକୁ ବାଟନାହିଁ । ଗାଁ ଛାଡି ଯିବାକୁ ଜମାରୁ ଇଛା ନଥିଲା ତା'ର । ଦିନସାଗ୍ କେମିତି କେମିତି ଲାଗୁଥିଲା ତାକୁ । ଗ୍ତିରେ ଶୋଇଲାବେଳେ ବିମଳା ଆସି ବୁରୁର ଛାତିରେ ମୁଣ୍ଡରଖି ଗେଲ୍ହେଇ ହେଲା । କହିଲା ତମ ସହ ମୁଁ ବି ଯିବି । ସିଆଡେ କେତେ ଡାହାଣୀ, ଚରିଗୁଣୀ ବୁଲୁଛନ୍ତି । ତମକୁ ଯଦି କଏ କମିଆ କରେ ତେବେ? ବୁରୁ ବାଁ ହାତରେ ଗୋଟେ ଧକ୍କା ମାରି

କହିଲା, "ଶଳା ମାଇକନା । ତମର ତ ଆଉ କଛି ଚନ୍ତା ନାହିଁ । ମୂଷାଛୁଆ ପରି ତ ପଲେ ଅଛ, କଣ ଖାଇବ ଚନ୍ତା ନାହିଁ । ମୁଁ ସେଠି କାହାକୁ ମାଇପ କରିବି ସେ ଟା ଆଗେ ଚନ୍ତା" । ବିମଳା ମୁହଁ ମୋଡି ଶୋଇପଡିଲା ।

ବିମଳା ବି ବୁରୁ ସହ ଯିବାକୁ ବାହାରିଲା । ହେଲେ ମା କୁ ଏଠି ଗ୍ରେଷେଇ କରି ଖାଇବାକୁ ଦବ କଏ? ପିଲାଛୁଆ ଏଠି ରହିବେ କେମିତି । ବଡ ଝିଅକୁ ୧୫ ଗ୍ଳୁଛି । ତା ତଳେ ବଡ ପୁଅକୁ ୧୪ । ତା ତଳକୁ ଝିଅ, ୧୨ ଗ୍ଳିବ ଆର ମାସକୁ । ତା ତଳଟା ପୁଅ ୮ ପୁରିଲା ଏବେ । କଥା ହେଲା ସାନ ପୁଅଝିଅ ଯିବେ ବୁରୁ ଆଉ ବିମଳା ସହ । ବଡ ରହିବେ ଏଠି ମା ପାଖରେ । ଗ୍ହୁଁ ଗ୍ହୁଁ ଦିନ ଆସିଗଲା । ବିଜୁବାବୁ ଦେଇଥିବା କୋଡିଏ ହଜାରରୁ ମାଆକୁ ଲୁଚେଇ କ ଦଶ ହଜାର ଦେଲା ବୁରୁ । କହିଲା ରଖିଥା । ଚଳୁଥିବୁ, ଆମେ ଗଲାପରେ ମୁଁ ମାସକୁ ମାସ ପଇସା ପଠେଇବି । ଆଉ ଦଶ ହଜାରରେ ବାକ କରଜ ଶୁଝିଲା ସବୁ । ପୁଅକୁ ଆଉ ଝିଅକୁ କହି ଦେଇଗଲା, ବଡ ହେଲଣି । ଗ୍ଷବାସ ଦେଖ ଏବେ । ବର୍ଷ ଦିଟାରେ ସବୁ ସୁଝିଯିବ । ମୁଁ ଆସିଲେ ପୁଣି ଗ୍ଷବାସ କରିବା ।

ବୁରୁ, ବିମଳା, ଝିଅ ଚଣ୍ଡୀ ଆଉ ପୁଅ ପପୁ ସକାଳୁ ସକାଳୁ ରେଡି ହୋଇ ବସିଥାନ୍ତି । ବିଜୁବାବୁ ଟ୍ରାକ୍ଟର ଧରି ପହଁଚିଲା । ସମସ୍ତେ ବସିପଡିଲେ ଗାଡ଼ିରେ । ତା ପରି ଆହୁରି ୧୫ ଜଣ ଥାନ୍ତି ଆର ଗାଁରୁ । ସମସ୍ତେ ସମସ୍ତଙ୍କ ମୁହଁ ଗ୍ହଁଚୁହିଁ ହେଲେ । ହେଲେ ବେକ ଜନେ ସଦସା । କହିବେ କାହାକୁ, କରିବେ କଣ । ଟ୍ରାକ୍ଟର ଗ୍ଲିଲା । ଗାଁ ଛାଡି ସେମାନେ ପହଁଚଲେ ଷ୍ଟେସନରେ । ଏଠୁ ଯିବେ ଆନ୍ଧ୍ର । ସେଠୁ ଇଟା ଫ୍ୟାକ୍ଟ୍ରି

ଇଟା ଫ୍ୟାକ୍ଟ୍ରି ପହଁଚିଲା ପରେ ସେମାନଙ୍କୁ କାମ ବଣ୍ଟେଇ ଦିଆଗଲା । ବିମଳାର କାମହେଲା ମାଟି ଚକଟିବା, ବୁରୁ ଇଟା ଗଢ଼ିବ, ଚଣ୍ଡୀ ଆଉ ପପୁର କାମ ହେଲା ଇଟା ସଜେଇବା । ସମସ୍ତେ ମନଧ୍ୟାନ ଦେଇ କାମରେ ଲାଗିଗଲେ । ମାସ ପୁରିଲା, ହେଲେ ଦରମା କାଇଁ ? ଦି ମାସ ଗଲା । ଇଟାଭଟି ମାଲିକ ଆସି ଖାଇବା ପାଇଁ ପଇସା ଦେଇଯାଏ । ହେଲେ ଦରମା ନାହିଁ। ମୂଲିଆମାନେ ପଗ୍ଚରିବାରୁ କହିଲା, "ମୋ ପାଖେ ଜମା ଥାଉ, ଘରକୁ ଗଲାବେଳେ ନେଇକ ଯିବ" । ଏବେ ପାଖରେ ରଖିଲେ ଗ୍ଚେରି ହେଇଯିବ । ବୁଝିଗଲେ ସମସ୍ତେ। ପ୍ରଥମେ ପ୍ରଥମେ ଗାଁ କଥା ଭରି ମନେ ପଡୁଥିଲା, ହେଲେ ମନକୁ ବୁଝେଇ ରହିଯାନ୍ତି ।

ଛଅ ମାସ ଗଲା । ବୁରୁର ଚନ୍ତା ପଶିଲା । ଦଶ ହଜାର ଦେଇକ ଆସିଥିଲା ମା କୁ । ତିନ ପ୍ରାଣୀ ଅଛନ୍ତି ଗାଁରେ । ପଇସା ସରିଜିବଣି । ଅଶିଣରୁ ଆସିଲେଣି ସେମାନେ, ଚଇତ ହେଲା ଆସିକ । ମାଲିକ ଆସିବାରୁ ତାକୁ ପଇସା ମାଗିଲା ବୁରୁ । ଗାଁକୁ ପଠେଇବ । କଥା ଅନୁସାରେ ତା'ର ମାସକୁ ପନ୍ଦର ହଜାର, ବିମଳାର ଦଶ, ଚଣ୍ଡୀ ଆଉ ପପୁର ମିଶେଇକ ଆଠ । ମାସକୁ ଏତେ ପଇସା ହେଲେ ଛମାସକୁ ବହୁତ ହେଇ ଜିବଣି । ସେ ହିସାବ ପାଉନଥିଲା, କନ୍ତୁ ବହୁତ ତ ହବଣି । ଭାବିଲା ମାଲିକର ପଇସା ସୁଝିଦେଇ ଗାଁକୁ ପଳେଇବ । ସେ ଏକା ଆସିବାର ଥିଲା ବୋଲି ସିନା ଦି ବରଷ ହିସାବ କରିଥିଲା । କନ୍ତୁ ଆସିଲେ ତ ଚାରିଜଣ । ପଇସା ସବୁ ସୁଝି ଜିବଣି । ବାକ ଯାହା ବଳଲା ନେଇ ଯିବ ଭାରି ଗାଁକୁ । ଏଠି ପଇସା ସିନା ମିଳବ ହେଲେ ଗାଁ ଯାହାହେଲେ ଗାଁ । କେତେ ପୁନଅଁ, ପରବ, ପିଠାପଣା । ଏଠି ସେସବୁ କଛି ନାହିଁ । ଓଡ଼ିଆ ଚାରିଘର । ବାକ ସବୁ ବିହାରୀ, ନହେଲେ ତେଲେଙ୍ଗା । ସେମାନେ କଣ ଜାଣିବେ ଆମ ଗାଁର ପୁନଅଁ ପରବକୁ? ଓଡ଼ିଆ ବି ଯେଉଁମାନେ ଅଛନ୍ତି ସବୁ ଅଲଗା ଜାଗାରୁ । ଗାଁ ପାଖ ଲୋକ ଯେଉଁମାନେ ଆସିଥିଲେ ସେମାନେ କୁଆଡେ ଗଲେ ବୁରୁ ଜାଣିନ । ଏଠି ସବୁ ଅଲଗା ଅଲଗା । କେହି କାହାସହ ମିଶି ପାରନ୍ତିନ । କଥାହେଲେ ମାଲିକର ଗାରଡ଼ (ଗାର୍ଡ) କଳ ଲାଗେ । ଚାପୁଡ଼େ ବିଧେ ପକାଏ ।

ବୁରୁ କଥା ହେବାପାଇଁ ମାଲିକ ପାଖକୁ ଗଲା । କାମ ଛାଡିଦେଇ ଯିବ ବୋଲି ଶୁଣି ମାଲିକ ରାଗିଗଲା । ପଇସାତ ଦେଲାନ ଦେଲାନ, ହେଲେ ସେଇଦିନଠୁ ଏମାନଙ୍କ ଉପରେ ଅତ୍ୟାଚାର ଚାଲୁ ହୋଇଗଲା ମାଲିକ ଆଉ ଗାର୍ଡମାନଙ୍କର । ବୁରୁ ଆଉ ତା ପରିବାରକୁ ଅଲଗା ଜାଗାକୁ ପଠେଇ ଦିଆଗଲା । ଜଙ୍ଗଲ ଭିତରେ ସେମାନେ ବାରଟା ପରିବାର । ୟାକୁ ଛାଡି ବାକସବୁ ତେଲେଙ୍ଗା । କାହା କଥା ବୁଝିବାକୁ କ କାହାକୁ କଛି କହିବାକୁ ନାହିଁ । ୟା ଭାଷା କେହି ବୁଝୁ ନଥାନ୍ତି । ଖାଇବା ସମସ୍ତଙ୍କର ଏକାଠି ରାନ୍ଧେଇହୁଏ । ବଗଡ଼ା ଭାତକୁ ରସମ ଆଉ ଲେମ୍ବୁ ଆଚାରରୁ ଖଣ୍ଡେ ଖଣ୍ଡେ । ନାଁ ରସମ, ହେଲେ ତୁଚ୍ଛା କଇଁଆଁ (ତେନ୍ତୁଳ) ପାଣି । ଭାଷା ତ ଯେମିତି ଅମୁଲ ଟିଣ ଡବାଭିତରେ ମେଞ୍ଚେ ଗୋଡି ପୁରେଇ କଏ ହଲାଉଛି । କାଆଡୁ କାଆଡୁ । ପୁରୁଣା ଗାର୍ଡ ହେଲେ ଟିକେ ଭଲଥିଲେ, ଏମାନେ ସବୁ ରାକ୍ଷସ ଗୁଡା । ଦିନଯାକ ଗଞ୍ଜେଇ ଟାଣି ବୁଲୁଥିବେ, ରାତି ହେଲେ ତାଡି ନହେଲେ ମହୁଲି ।

ସେଦିନ ଥିଲା ବୁରୁର ପରିବାର ପାଇଁ କାଳରାତ୍ରି । ଯେଉଁଦିନ ଗୁରିଟା ଗାର୍ଡ, ଗୋଟେ ତେରବର୍ଷର ଝିଅକୁ ଜଣଜଣ କରି ରାତିସାରା ଗଣ ଦୁଷ୍କର୍ମ କଲେ । ରାତିରେ ଚଣ୍ଡୀ ବାହାରକୁ ପରିସ୍ରା କରିବାକୁ ଯାଇଥିଲା । ଗାର୍ଡମାନେ ସବୁ ମଦ ପିଇ ନିଶାରେ ଟୁଲ ଥାଆନ୍ତି । ବାଡ଼ିପଟୁ ଝିଅଟାକୁ ଟେକି ନେଲେ, ସକାଳୁ ଆଣି ଘରଭିତରେ ଫିଙ୍ଗି ଦେଇଗଲେ । ବିମଳା କାନ୍ଦିକାଟି ଅଥୟ । ବୁରୁ ଆଖିରୁ ଧାରଧାର ଲୁହ ବୋହୁଥାଏ । ଝିଅଟା ରକ୍ତ ଜୁଡୁବୁଡୁ ହୋଇ ପଡିଥାଏ । କାହାକୁ କିଛି କହିବାର ନଥିଲା ନା କିଛି କରିବାର ଥିଲା । କାନମୁଣ୍ଡ ଆଉଁସି ନିଜ ଭାଗ୍ୟକୁ ନିନ୍ଦିବା ବ୍ୟତୀତ ଆଉ କିଛି ରାସ୍ତା ନଥିଲା । ସେମାନଙ୍କୁ ବାହାରକୁ କୁଆଡେ ଯିବାକୁ ଦିଆଯାଉ ନଥିଲା । ବିମଳା ଝିଅଟାକୁ ଗାଧୋଇ ଦେଲା । ଖାଇବାକୁ ଗଣ୍ଡେ ଦେଇ ସପ ଉପରେ ଛିଡା ଲୁଗାଖଣ୍ଡେ ପକେଇ ଶୁଆଇ ଦେଲା । ସନ୍ଧ୍ୟାରେ ଗୋଟେ ଗାର୍ଡ ଆସି ଔଷଧ ମେଞ୍ଚେ ଦେଇ ଠାରରେ କହିଲା ଖାଇବାକୁ ଦେଇଦବୁ, ଭଲ ହେଇଯିବ । ବୁରୁ ଭାବି ପାରୁନଥିଲା ଆଗକୁ କ'ଣ ହବ । ମରି ଯାଇଥିଲେ ଭଲ ହେଇଥାନ୍ତା ଏସବୁ ଦେଖିବା ପୂର୍ବରୁ । ଛୁଆଟା ଉପରେ ଯେ ଏମାନେ ଏତେ ନିଷ୍ଠୁର ହୋଇ ପାରିବେ, କଳ୍ପନା ବାହାରେ ଥିଲା । କିଛି କରିବାର ରାସ୍ତା ନଥିଲା । କିଛିଦିନ ପରେ ଚଣ୍ଡୀ ଥରେ ଆତ୍ମହତ୍ୟା କରିବାକୁ ପାଖରେ ଥିବା ରେଳ ଲାଇନକୁ ଯାଇଥିଲା । ଗୋଟେ ଗାର୍ଡ ଦେଖି, ତାକୁ ଟେକଟେକ ନେଇଆସିଲା ଆଉ ଧମକ ଦେଲା କି, ଆଉଥରେ କଲେ, ସେ ବୁରୁ, ବିମଳା ଆଉ ପପୁକୁ ବି ମାରିଦବ ।

ତେଲେଙ୍ଗା ଲୋକସବୁ ତାଙ୍କତାଙ୍କ ଭିତରେ କଥାହେଲେ ବି, ସମସ୍ତଙ୍କ ଅବସ୍ଥା ଏକା ପ୍ରକାର ଥିଲା । ନାଁ ସେମାନେ ବାହାରକୁ ଯାଇ ପାରୁଥିଲେ, ନାଁ କାହାସହ ମିଶି ପାରୁଥିଲେ । ପଇସା ମାଗିଲେ ପଡୁଥିଲା ଗୋଇଠା । ମିଣିପ, ମାଇପ, ଛୁଆପିଲା, ସେମାନେ କିଛିବି ଦେଖୁ ନଥିଲେ। ରୁଲ ବାଡ଼ିରେ କଷିଦେଇ ଯାଉଥିଲେ । ଆଖି, ନାକ, କାନ, ପିଠି, ଜାଗା ଅଜାଗା ଯେଉଁଠି ବାଜୁ । ଦିନଯାକର ପରିଶ୍ରମ ପରେ ମଜୁରୀ ମିଳୁଥିଲା ବିଧା ଗୋଇଠା ।

ଚଣ୍ଡୀ ସହ ଦୁଷ୍କର୍ମ ପରେ ସାହସ ବଢିଯାଇଥିଲା ସେମାନଙ୍କର । ନଇତି କାହାର ନାଁ କାହାର ଝିଅ କିମ୍ବା ସ୍ତ୍ରୀକୁ ଉଠେଇକି ନେଉଥିଲେ ସେମାନେ ଆଉ ସକାଳୁ ଆଣି ଘରଆଗରେ ଫିଙ୍ଗି ଦେଇ ଯାଉଥିଲେ । ବୁରୁ କିନ୍ତୁ ସହିପାରୁ ନଥିଲା । କେଉଁ ବାପା ସହିବ ଯେ । ମନ ଭିତରେ ଯେତେ କରାଗ ସବୁ ସାଇତି ରଖୁଥିଲା, ଆଉ ଦିନେ ଏସବୁର ବଦଲା ନେବ ଏହା ବି ଠିକ

କରି ସାରିଥିଲା । ପ୍ରଥମେ ପ୍ରଥମେ ସକାଳୁ ଯାହାଘରୁ କାନ୍ଦ ଶୁଭେ, ସମସ୍ତେ ଜାଣନ୍ତି ଯେ ରାତିରେ ତାଙ୍କ ଘରୁ କାହାକୁ ନେଇକି ଯାଇଥିଲେ । ବିମଳା ପରି ଦରବୁଢ଼ୀ ବି ବାଦ ପଡିଲେନି ସେ ରାକ୍ଷସ ମାନଙ୍କ କବଳରୁ।

ସେଦିନ ବିମଳାକୁ ଉଠେଇ ନେଲାବେଳେ ସହି ପରିନଥିଲା ବୁରୁ । ଆଗରୁ ଲୁଚେଇ ରଖିଥିବା ଟାଙ୍ଗିଆଟା ଆଣି ଗାର୍ଡକୁ ଫୋପାଡ଼ି ପକେଇଲା । କିନ୍ତୁ ସେ ଘୁଞ୍ଚିଯିବାରୁ ଚୋଟ ବାଜିଲା ତା ବୁଟରେ । ଗଛ ହଣା ହାତର ଜୋର ଏତେ ଥିଲା ଯେ ତା ପାଦର ତିନିଟା ଆଙ୍ଗୁଠି ପାଦରୁ ଅଲଗା ହୋଇ ଯାଇଥିଲା । ପିଚପିଚ ରକ୍ତ ବାହାରି ବୁରୁର ଘରସାରା ଲାଲ ହୋଇଯାଇଥିଲା । ପରେ ଅବଶ୍ୟ ବୁରୁକୁ ହିସାବ ତୁଟେଇବାକୁ ପଡିଥିଲା । ସେମାନେ ଦଶ ବାରଜଣ ଆସି ବୁରୁକୁ ଉଠେଇନେଲେ ଆଉ ଅକଥନୀୟ ଯନ୍ତ୍ରଣା ସହି ସେ ଫେରିଥିଲା ୨ ଦିନପରେ । ସେତେବେଳକୁ ତା ବାମହାତର ସବୁଗୁଡ଼ିକ ଆଙ୍ଗୁଠି ତା ହାତରୁ ଅଲଗା ହୋଇ ସାରିଥିଲେ । ନିତି ନିତି ଏପରି ଘଟଣା ପରେ ଦିହସୁହା ହେଇଗଲା ସମସ୍ତଙ୍କର । ଆଉ କାନ୍ଦ ଶୁଭେନି କାହାଘରୁ । ସବୁଦିନ ରାତିରେ ଝିଅ ଆଉ ସ୍ତ୍ରୀ ଲୋକମାନେ, ମନେମନେ ପ୍ରମାଦ ଗଣନ୍ତି । କେଉଁଦିନ କାହାକୁ ନେବେ ଜଣାନାହିଁ । କିନ୍ତୁ କିଛି କରିବାର ନଥାଏ ।

ଦିନ ଆଉ ରାତିର ହିସାବ ନଥାଏ । କେତେ ମାସ ହେଲା ସେ ଆସିଲାଣି । ଏବେ କେଉଁ ମାସ ଚାଲିଛି । ଆଜିର ତାରିଖ କେତେ । କିଛି ଦରକାର ନଥାଏ କାହାର । ଜାଣି ବା ଲାଭ କ'ଣ? ଆଗ କାଳେ, କୁଆଡେ କ୍ରୀତଦାସ ଥିଲେ ବୋଲି ବୁରୁ ଶୁଣିଥିଲା । ଏମାନେ ବି ଗୋଟେ ଗୋଟେ କ୍ରୀତଦାସ ପାଲଟି ଯାଇଥିଲେ । ଜିଅନ୍ତା ଭୂତ କହିଲେ ଠିକ ହେବ । ନାଁ ହସଥିଲା ମୁହଁରେ, ନାଁ କାନ୍ଦି ପାରୁଥିଲେ । ଆଖିରୁ ପାଣି ଶୁଖି ଯାଇଥିଲା । ଦେହରେ ରକ୍ତ ନଥିଲା । ପେଟକୁ ଗଣ୍ଡେ ଖାଉଥିଲେ ବୋଲି ଲାଗୁଥିଲା ସେମାନେ ମଣିଷ ।

ସେମାନଙ୍କ ଅତ୍ୟାଚାରର ସୀମା ନଥାଏ । କେବେ କେବେ ପୋଲିସମାନେ ବି ଆସନ୍ତି । ସେଦିନ ଚଣ୍ଡୀ ଆଉ ଚଣ୍ଡୀ ପରି ଛୋଟ ଝିଅମାନଙ୍କୁ ସେମାନେ ରାତିରେ ନିଅନ୍ତି। ଏମାନଙ୍କୁ ଆଗୁଆ କହି ଦେଇଥାନ୍ତି ଛଅଟା ଶୁଦ୍ଧା ରେଡି ହେବାକୁ । ଯେଉଁଠି ପୋଲିସମାନେ ବି ଏମାନଙ୍କ ସହ ହାତ ମିଶେଇଛନ୍ତି ସେଠି କାହାର ବା ପାଟି ଫିଟେଇବାକୁ ଯୁ ଅଛି । ଆସ୍ତେ ଆସ୍ତେ ଚଣ୍ଡୀ ସେମାନଙ୍କ ଭାଷା ଶିଖି ଯାଇଥିଲା । ବୁଝି ପାରୁଥିଲା ଆଉ କିଛି କିଛି କହି ପାରୁଥିଲା । ଚଣ୍ଡୀ

ପୂର୍ବରୁ ସମସ୍ତଙ୍କୁ କହି ରଖିଥାଏ, କାହାକୁ କଛି ନଜଣେଇ, ଗାର୍ଡମାନେ ମଦ ପିଇବାରେ ବ୍ୟସ୍ତ ଥିଲାବେଳେ ଲୁଚଲୁଚ ପଳେଇଯିବା ପାଇଁ। ପ୍ରତି ବୁଧବାର ସନ୍ଧ୍ୟା ୭.୩୦ରେ ଗୋଟେ ଟ୍ରେନ ଯାଏ, ସେ ଟ୍ରେନକୁ ନାଲିକନା ଦେଖେଇଲେ ସେ ରହିଯିବ । ଜିନଷପତ୍ର କଛି ନନେଇ, ପିନ୍ଧା ଲୁଗା ଆଉ ପଇସାପତ୍ର ନେଇ ଗ୍ଲିଯିବ । ମୋ ପାଇଁ ଚନ୍ତା କରିବନ । ମୁଁ ପରେ ଆସିବି ।

ସେଦିନ ବି ସେମାନେ ଆସିଥିଲେ ଚଣ୍ଡୀକୁ ନେବାପାଇଁ । ବୁଧବାର ଥିଲା । ସନ୍ଧ୍ୟା ଛଅଟା ପୂର୍ବରୁ ଚଣ୍ଡୀ ବୁଲିବୁଲି ସମସ୍ତଙ୍କୁ କହି ସାରିଥିଲା । ଗାର୍ଡମାନେ ଯେମିତି ନଜାଣିବେ ସେଥିପାଇଁ ସମସ୍ତେ ସତର୍କ ଥିଲେ । ନଜ ନଜ କାମ କରୁଥିଲେ ବି ଭିତରେ ଭିତରେ ସାହସ ସଂଚୟ କରି ସାରିଥିଲେ । କନ୍ତୁ ଆଉଗୋଟେ ଦୁର୍ଭାଗ୍ୟ ଅପେକ୍ଷା କରିଥିଲା ବୁରୁକୁ । ସେମାନେ ଆସିଲାବେଳକୁ ପପୁ, ଚଣ୍ଡୀର ଡ୍ରେସ ପିନ୍ଧି ଖେଳୁଥାଏ । ସେମାନେ ଚଣ୍ଡୀସହ ପପୁକୁ ବି ନେଇଯିବାକୁ ବସିଲେ । ବୁରୁର ମୁଣ୍ଡ କଛି କାମ କରୁନଥିଲା । ଚଣ୍ଡୀ ତାଙ୍କ ଗାଡ଼ିରେ ବସି ସାରିଥାଏ, ପପୁକୁ ଛାଡିଦେବାକୁ ନେହୁରା ହୋଇ କହୁଥାଏ । କନ୍ତୁ ସେମାନେ ଛାଡିବାକୁ ନାରାଜ । ଚଣ୍ଡୀ କଣ ଭାବିଲା କେଜାଣି, ଗାଡ଼ିରୁ ଓହ୍ଲେଇ ଆସି ବିମଳା ହାତରୁ ପରିବା କଟା ଛୁରୀଟା ନେଇ ତା ପେଣ୍ଟ ପକେଟରେ ଲୁଚେଇ ଦେଲା ଆଉ ଠାରରେ କହିଦେଇ ଗଲା ତମେ ଗ୍ଲିଯିବ । ମୁଁ ପପୁକୁ ନେଇକ ଆସିବି । ସେମାନେ ଚଣ୍ଡୀସହ ପପୁକୁ ବି ନେଇଗଲେ ।

ଗାର୍ଡମାନେ ସବୁ ମଦ ପିଇବାରେ ମସଗୁଲ ଥିଲାବେଳେ, ଲୁଚଲୁଚ ସମସ୍ତେ ଟ୍ରେନଲାଇନ ପାଖକୁ ପଳେଇଆସିଲେ । ସେପଟୁ ଟ୍ରେନ ଆସୁଥାଏ । ତେଲେଙ୍ଗା ଲୋକଟେ ତା ନାଲି ସାର୍ଟକୁ ଦେଖେଇବାରୁ ଟ୍ରେନ ରହିଲା । ସମସ୍ତେ ସେଥିରେ ବସି ପଳେଇ ଆସିଲେ । ହେଲେ ବୁରୁ ଆଉ ବିମଳା ତାଙ୍କ କଲିଜା ଦିଟାକୁ ଛାଡି ଆସିଥିଲେ । ଆସିବାକୁ ଇଛା ନଥିଲେ ବି ଚଣ୍ଡୀର ତ୍ୟାଗ ଆଉ ଏ ନର୍କରୁ ସମସ୍ତଙ୍କୁ ରକ୍ଷା କରିବାର ପ୍ରତିଶୃତି, ସେମାନଙ୍କୁ ଆସିବାକୁ ବାଧକଲା । ଟ୍ରେନ ଛାଡି ସାରିବାପରେ, ତେଲେଙ୍ଗା ଲୋକମାନେ ଭଗବାନଙ୍କୁ ମୁଣ୍ଡିଆ ମାରିବା ପରି ବୁରୁ ଆଉ ବିମଳାର ପାଦତଳେ ପଡିଗଲେ । ଚଣ୍ଡୀର ତ୍ୟାଗପାଇଁ ଆଖିରେ ଲୁହ ଆଉ ବୁକୁରେ କୋହ ଧରି ତାଙ୍କ ଭାଷାରେ କଣକ ଣ ସବୁ କହିଯାଉଥାନ୍ତି ଆଉ ବାରମ୍ବାର ବୁରୁ ଆଉ ବିମଳାର ହାତ, ଓଠ, ଗୋଡ ଧରି ମୁଣ୍ଡିଆ ମାରୁଥାନ୍ତି । ପୁଅଝିଅଙ୍କୁ ହରେଇଥିଲେ ବି ବୁରୁ ଆଉ ବିମଳାଙ୍କ ଛାତି ଫୁଲି ଉଠୁଥାଏ । ଭଗବାନଙ୍କୁ ଧନ୍ୟବାଦ ଦେଉଥାନ୍ତି ଆଉ ନଜ ଝିଅବୋଲି

ଗର୍ବ କରୁଥାନ୍ତି । ହାଇଦ୍ରାବାଦ ଷ୍ଟେସନରେ ପହଞ୍ଚି ସମସ୍ତେ ଅଲଗା ଅଲଗା ନିଜନିଜ ଗାଁକୁ ଯିବାପାଇଁ ପ୍ରସ୍ତୁତ ହେଲେ । ତାଙ୍କ ଭାଷାରେ କଣକଣ କହି କୁଣ୍ଢାକୁଣ୍ଢି ହୋଇ ବୁରୁ ଆଉ ବିମଳାଙ୍କ ପାଖରୁ ବିଦାୟ ନେଲେ । ସମସ୍ତେ ବୁଝିପାରୁଥିଲେ ମୁକ୍ତିରେ କେତେ ଆନନ୍ଦ ଥାଏ । ଚଢେଇକୁ ପଞ୍ଜୁରୀରୁ ଛାଡିଦେଲେ, ତାକୁ ଯେତିକ ଆନନ୍ଦ ଲାଗେ ଆଜି ତାଠୁ କାହିଁ କେତେଗୁଣରେ ଆନନ୍ଦ ଥିଲା ଏମାନଙ୍କ ମୁହଁରେ ।

ଏବେ ସମସ୍ତେ ଗଲାପରେ ବୁରୁ ଆଉ ବିମଳାଙ୍କ ମୁଣ୍ଡରେ ଚିନ୍ତା ପଶିଲା । ପୁଅଝିଅଙ୍କୁ ନନେଇ ଗାଁକୁ ଯିବେ କେମିତି । କଣ କହିବେ ଗାଁରେ । କ'ଣ ଜବାବ ଦେବେ ମାକୁ ଆଉ ପୁଅଝିଅ ଦିଟାଙ୍କୁ । ନାଁ କହିପାରିବେ ଝିଅ ଆଉ ବିମଳା ପ୍ରତି ଏ ଅତ୍ୟାଚାର, ନାଁ କହିପାରିବେ ସେମାନଙ୍କ କଷ୍ଟ । ଗାଁରେ ଲୋକ ଯେମିତି କଥାକୁ ନଥା କରି ଛିଗୁଲେଇବେ, ଉଘେଇବେ । କଳ ଚକଚାଳ ହେଲେ ସାତ ପୁରୁଷର ଶ୍ରାଦ୍ଧ ଦେବେ । ଏତେ ସମୟ ଧରି ଚୁପ ଥିବା ବୁରୁ କିନ୍ତୁ ଆଉ ସମ୍ଭାଳି ପାରିନଥିଲା । କାନ୍ଦିଥିଲା ମୁଣ୍ଡ ପିଟି, ଗଳା ଫଟାଇ । ଏତେ କଷ୍ଟ ସହିବାପରେ ବି କେବେ ତା ଆଖିରୁ ଲୁହ ବାହାରି ନଥିଲା । ରାଗରେ ସେ ସବୁ ଲୁହ ପିଇ ଯାଉଥିଲା । ରାଗଥିଲା ଚଣ୍ଡୀ ସହିଥିବା ଅତ୍ୟାଚାର ପାଇଁ , ରାଗଥିଲା ବିମଳାର ଇଜ୍ଜତ ପାଇଁ , ରାଗଥିଲା ତା ବାମହାତର ଚାରିଟା ଆଙ୍ଗୁଠି ପାଇଁ ଆଉ ରାଗଥିଲା ମଜୁରୀ ପାଇଁ । କିନ୍ତୁ ଏବେ? ନାଁ ସେ ଆଉ କାହାଉପରେ ରାଗ ଶୁଝେଇ ପାରିବ ନାଁ ଫେରି ପାଇବ ଏସବୁ । ଯାହା ତ ଯାଇଥିଲା ଯାଇଥିଲା, ପୁଅ ଝିଅ ଦିଟା ବଞ୍ଚିଥିଲେ ଯେ ଏବେ ସେମାନେ ବି ଗଲେ । ସେ ରାକ୍ଷସ ଗୁଡା ଆଉ କଣ ରଖିବେ ଚଣ୍ଡୀ ଆଉ ପପୁକୁ? ଯେତେବେଳେ ଜାଣିବେ ଯେସବୁ ପରିବାର ଲୁଚିକି ପଳେଇ ଯାଇଛନ୍ତି । ନିଶ୍ଚୟ ମାରିଦେବେ । ବାପା ଆଉ ମା ର ଦେହ ସହୁ ନଥିଲା । କିନ୍ତୁ ଆଉ କିଛି ବିଚାର ନଥିଲା କାହା ପାଖରେ ।

ବହୁତ ସମୟପରେ ଦିହେଁ ନିଶ୍ଚୟ କଲେ ଯେ ଗାଁରେ କହିବେ, ଝିଅ ଆଉ ପୁଅ ଦୁହେଁ ଟ୍ରେନରେ ଗଲାବେଳେ ହଜିଯାଇଛନ୍ତି । ବହୁତ ଖୋଜିଲେ ବି ମିଳିଲେନି ସେମାନେ। ଆଉ ବଞ୍ଚିଥିବାର ଆଶା ନଥିଲେ ବି କେଉଁବାପା, ମାଆ ବା ନିଜ ପୁଅଝିଅର ମଲାକଥା ପାଟିରେ ଧରିପାରିବେ । ସେମାନେ ଟ୍ରେନରେ ଏବେ ଗାଁରେ ଆସି ପହଞ୍ଚିଲେ ଆଉ ଲୋକଙ୍କ ପ୍ରଶ୍ନରେ ଅତିଷ୍ଠ ହୋଇଯାଇଥିଲେ । ସେପଟେ ମା ଟା  ବି ସମ୍ପୁଛି କାଲିଠୁ । ଚଣ୍ଡୀ ନହେଲେ ଚଳିବ କିନ୍ତୁ ପପୁ ଦରକାର ତାକୁ । ପୁଅ ଦରକାର । କଥାରେ ଅଛି ପରା ଯେତେ ଭାଇ ସେତେ ଘର ।

କନ୍ତ ଚଣ୍ଡୀ ଝିଅଟେ ହୋଇ ଯାହା କରିଛି କେଉଁ ପୁଅବି କରି ପାରିବନ । ବାରଟା ପରିବାରକୁ ସାହସଦେଇ ସେ ରାକ୍ଷସମାନଙ୍କ କବଳରୁ ମୁକ୍ତି କରିବା କଣ କମକଥା ।

ଖବରକାଗଜଟା ତା'ହାତରେ ମୋଡିହେଇ ଯାଇଥିଲା । ସେ ଆଉଥରେ ଖବରକାଗଜଟିକୁ ଦେଖିଲା । ଚଣ୍ଡୀର ଦେହଟା ଦିଖଣ୍ଡ ହୋଇ ଟ୍ରେନଲାଇନରେ ପଡିଥିଲା । ମୁହଁ ଆଉ ଦେହରେ ରକ୍ତର ଛିଟାଗୁଡା ଶୁଖି କଳା ହୋଇଯାଇଥିଲେ ବି ନିଜ ଝିଅକୁ ସେ ଠିକ ଚହ୍ନି ପାରୁଥିଲା । ସକାଳୁ ସକାଳୁ ଛକ ପାଖ ବର୍ ଦୋକାନରେ କାଲିର ପେପରଟା ପଡିଥିଲା । ବୁରୁ ଖବରକାଗଜରେ ଫୋଟୋ ଦେଖୁଦେଖୁ ଚଣ୍ଡୀକୁ ଚହ୍ନି ସାରିଥିଲା । ସ୍କୁଲ ପିଲାଟିଏକୁ କହି ପେପର ପଢେଇଲା ସେ । ପେପରରେ ଲେଖା ହୋଇଥିବା ଗୋଟେ ଗୋଟେ ଶବ୍ଦ ତା କାନ ପାଖରେ ଗୁଣୁଗୁଣେଇ ହେଉଥିଲେ "ଜଙ୍ଗଲ ମଝିରେ ନାବାଳକାର ଆତ୍ମହତ୍ୟା, ବିଶାଖାପାଟଣାଠାରୁ ୪୦ କିଲୋମିଟର ଦୂରରେ ଥିବା ଏକ ଜଙ୍ଗଲରେ ୧୪-୧୫ ବର୍ଷର ନାବାଳକା ଆତ୍ମହତ୍ୟା କରିଛି । ତା ପରିଚୟ ମିଳ ପାରିନାହିଁ । ବେଶଭୁଷାରୁ ଓଡିଶାର ଝିଅ ବୋଲି ଜଣାପଡୁଛି"..... ଆଉ କଛି ଶୁଭିନଥିଲା ବୁରୁକୁ । ଚଣ୍ଡୀର ମଲା ଖବର ତ ପାଇଗଲା । ହେଲେ ପପୁ? କେତେ କଷ୍ଟ ଦେଇ ମାରିନଥିବେ ଦି ଭାଇଭଉଣୀଙ୍କୁ । ପେପରରେ ଚଣ୍ଡୀର ଫୋଟଟିକୁ ଆଉଁସି ଦେଇ ଗାମୁଛାରେ ଆଖି ପୋଛିଲା ସେ । ତା ଜାଲୁଜାଲୁଆ ଆଖିରେ ପପୁର ମୁହଁ ଦିଶି ଯାଉଥିଲା । ପପୁ ହସିହସି ବା'ଆ ବା'ଆ କହି ଗାଁ ମୁଣ୍ଡରୁ ଦୌଡ଼ି ଦୌଡ଼ି ଆସୁଥିଲା । ବୁରୁ ଆଖି ବନ୍ଦକରି ତା ଦି ଛୁଆଙ୍କ ଆତ୍ମାକୁ ପ୍ରଣାମ ଜଣେଇଲା ।

ଆଖି ଖୋଲିବା ପୂର୍ବରୁ ପପୁର ଡାକ ତା କାନରେ ପଡିଲା ଆଉ ପପୁ ଆସି ବୁରୁର ବେକରେ ଓହଳେଇ ହେଇପଡି ଗେହ୍ଲେଇ ହେଲା । ବୁରୁ ଭାବିପାରୁନଥିଲା ସ୍ୱପ୍ନ ଦେଖୁଛି ନା ସତ । ଆଖିକୁ ବିଶ୍ୱାସ ହେଉନଥିଲା ତା'ର । ପପୁକୁ କୁଣ୍ଢେଇ ପକେଇ ବୋକ ପରେ ବୋକ ଦେଇଗଲା । ଆଉ କେହି ଦେଖିବା ପୂର୍ବରୁ ସେ ପପୁକୁ ଘର ଭିତରକୁ ନେଇ କଣ ହେଇଥିଲା ଆଉ ସେ ଏଠିକୁ ଆସିଲା କେମିତି ଜାଣିବାକୁ ଚେଷ୍ଟାକଲା । ବିମଳା ବି ଘର ଭିତରକୁ ଆସି ସାରିଥିଲା । ବିମଳା ପପୁକୁ କୋଳକୁ ନେଇ ସେମାନେ ପୁରା ଘଟଣା କଣ କହ...ବୋଲି ପପୁକୁ ପଚାରିଲେ ।

ପପୁ କହିଲା, "ସେଦିନ ନାନୀ ଆଉ ମୋତେ ସେମାନେ ଗାଡ଼ିରେ ବସେଇ ନେଇଗଲେ। ସେଠି ଆହୁରି ବି ତିନଟା ଝିଅ ଥିଲେ । ସବୁ ନାନୀ ପରି । ମୁଁ ପୁଅଟା ବୋଲି ଜାଣିଲାପରେ ମୋ

ପେଣ୍ଟସାର୍ଟ ଖୋଲିଦେଇ ମୋତେ ନାଚବାକୁ ହିଲେ । ମୁଁ ଖଟ ଉପରେ ନାଚୁଥିଲି । ବନ୍ଧୁକ ଥିଲା ତାଙ୍କ ପାଖରେ । ସେମାନେ ସବୁ ମଦ ପିଉଥିଲେ ଆଉ କଥା ହଉଥିଲେ ଝିଅ ମାନଙ୍କସହ । ସମସ୍ତେ ଜଣେଜଣେ ଝିଅ ସହ ଗୋଟେ ଗୋଟେ ବଖରା ଭିତରକୁ ଗଲେ । କଛି ସମୟପରେ ନାନୀ ବାହାରକୁ ଆସିଲା । ତା ହାତରେ ରକ୍ତ ଲାଗିଥିଲା । ସେ ଅନ୍ୟ ବଖରାକୁ ଯାଇ କବାଟ ବାଡେଇଲା ଆଉ ଭିତରକୁ ଗଲା । ସେ ବଖରାରୁ ବାହାରିଲାବେଳେ ତା ହାତରେ ଆଉ ସେ ଝିଅ ହାତରେ ବି ରକ୍ତ ଲାଗିଥିଲା । ସେମାନେ ଆର ଝିଅ ଦିଜଣଙ୍କୁ ବି ଆଣିଲେ । ମୁଁ କବାଟ ପାଖରୁ ଦେଖିଲି ସେ ଲୋକଟା ମୁହଁମାଡି ତଳେ ପଡିଥିଲା । ତା ବେକରୁ ପିଚପିଚ ହେଇ ରକ୍ତ ବାହାରୁଥିଲା । ଆମେ ସବୁ ଦୌଡ଼ି ଦୌଡ଼ି ଟ୍ରେନଲାଇନ ପାଖକୁ ଆସିଲୁ । ସେତେବେଳେ ଗୋଟେ ଟ୍ରେନ ଯାଉଥିଲା, ଯଉଥିରେ କୋଇଲା ଯାଏ । ନାନୀ ତା' ନାଲିଆ ଓଢଣୀଟା ଟ୍ରେନକୁ ଦେଖେଇଲା । ଟ୍ରେନ ରହିଲା ପରେ ଆମେ ସବୁ ସେ କୋଇଲା ଡବାରେ ଚଢ଼ିଗଲୁ । ନାନୀ ସମସ୍ତଙ୍କୁ ଚଢେଇଦେଇ ନଜେ ଚଢିଲା ବେଳକୁ ଟ୍ରେନ ଛାଡିଦେଲା । କାଳଆ ଗାର୍ଡ ଗୋଟେ କୋଉଠି ଥିଲା କେଜାଣି, ନାନୀ ଚଢିଲାବେଳକୁ ତା ଗୋଡକୁ ଧରି ପକେଇଲା । ନାନୀ ସେ ଟ୍ରେନ ତଳେ ପଡିଗଲା । ତାପରେ ମୁଁ ଜାଣିନ ନାନୀ କୁଆଡେ ଗଲା । ମୁଁ ଆସିକ ଗୋଟେ ଷ୍ଟେସନରେ ପହଞ୍ଚିଲି । ସେ ଝିଅଗୁଡା ସେଠୁ କୁଆଡେ ଗଲେ ମୁଁ ଜାଣିନ । ସେଠି ଆମ ଗାଁ ନାଁ କହିବାରୁ ସେମାନେ ମୋତେ ଆଉଗୋଟେ ଟ୍ରେନରେ ବସେଇଦେଲେ । ମୁଁ ଆସିକ ଏଠି ଷ୍ଟେସନରେ ଓ୍ଵାଲ୍ଲେହିଲି । ତାପରେ ନଧିଆ ବସରେ ଗାଁ କୁ ଆଇଲି ।

ପପୁ, ଘର ବାହାରକୁ ଜେଜୀ ପାଖକୁ ଯାଉଯାଉ କହିଲା, "ନାନୀ ତମକୁ କହିବାକୁ କହିଥିଲା । କହିଲା, ବା'ଆକୁ କହିବୁ ମୁଁ ସମସ୍ତଙ୍କୁ ମାରିଦେଇଛି । ଛଅଜଣଙ୍କୁ ମାରିଛି ବୋଲି କହିଲା " । ବୁରୁର ପ୍ରତିଶୋଧ ଚଣ୍ଡୀ ନେଇ ସାରିଥିଲା । ଚଣ୍ଡୀର ମଲା ଦେହଟାକୁ ଆଣିବାକୁ ପୁଣିଥରେ ସେ ଜାଗାକୁ ଯିବାକୁ ବୁରୁ ସାହସ ସଞ୍ଚୟ କରିପାରୁ ନଥିଲା । ବିମଳା ଆଉ ବୁରୁ ଆଖିରୁ ଲୁହ ବୋହୁଥାଏ । ମଣିଷ ନୁହଁ ସ୍ଵୟଂ ମା ଚଣ୍ଡୀ ଆସିଥିଲେ ଦୁଷ୍ଟମାନଙ୍କୁ ସଂହାର କରିବାପାଇଁ । ବୁରୁ ଆଉ ବିମଳା ସେ ଦେବୀଙ୍କ ଉଦ୍ଦେଶ୍ୟରେ ହାତ ଯୋଡୁଥିଲେ ।

ବୁରୁ ଫେରିଆସିଛି ବୋଲି ଖବର ପାଇବା ପରଠାରୁ ବିଜୁବାବୁର ଦେଖାନଥିଲା ଗାଁରେ ..


ଗାନ୍ଧୀନଗର, ଗୁଜରାଟ

# ହୃଦୟର ଶୂନ୍ୟତା

ଡ. ମନୀଷା ମିଶ୍ର

ହୃଦୟର ଗଭୀର ଦୁଃଖ
କମ୍ବା ଅତ୍ୟଧିକ ସୁଖ
ପାରୁନ ପ୍ରକାଶ କରି
ହେଲେ ଦେଇ ପାରୁନ ଦୁଆର
ଆସୁଛି ସୁନାମି ବେଗରେ ପାଣି ମାଡି ।

ଏକ ନରବ ଶୂନ୍ୟତା
ଯାଇଛି ହୃଦୟରେ ଖେଳ
କନ୍ତୁ ଟିକଏ ଝରକା ଖୋଲିଲ୍ ବେଳକୁ
ଆସୁଛି ଭୁସ୍ ଭୁସ୍ ଝଡ଼ ପବନ ମାଡି ।



କେତେ ହସ- ଖୁସି, କେତେ ମଉଜ
ତା' ମଧ୍ୟରେ ବାଲ୍ଟି- ବାଲ୍ଟି ଲୁହ
ଯେପରି ହୃଦୟ ବୁଡି ଯାଉଛି ନୀଳ ସାଗରରେ
ପଶିଚ ମାଛ ଜାଲରେ,
ଢେଉ ଉପରେ ଖେଳୁଛି
ମନ କ'ଣ ଗୁହୁଁଚ
ହୃଦୟର କୋଳରେ ନଜକୁ ରଖି
କଏ ବା ଅଛି ଜାଣି?

ମନ କାନ୍ଦିଲେ ହୃଦୟ ହସୁଚ

ହୃଦୟର ଖୁସିରେ ମନ ଉଦାସ

ଏମିତି ସମ୍ପର୍କ ନହାତି ବିରଳ

ସମସ୍ତେ କୌତୁହଳ ଜାଣିବାକୁ

ଆଖି କେବେ ଫିଟିବ?

ଲୁହ କେବେ ଶୁଖିବ?

ସମ୍ବନ୍ଧ କେବେ ତୁଟିବ?

ପାଣି, ପବନ, ସମୁଦ୍ର, ଆକାଶ

ଆଜି ସମସ୍ତେ ବ୍ୟାକୁଳ

ଖୁବ ତରତର !

ହେଲେ ଝରଣା କୁଳୁ କୁଳୁ

ବୋହି ଯାଉଛି

ସେଇ ହୃଦୟର ଶୂନ୍ୟତା ଭିତର ଦେଇ !

- 0 -

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com



# ବ୍ଲୁ ହ୍ୱେଲ୍

ଆଶା ସାହୁ

ଏତେ ବଡ mansion ଦୀପଙ୍କର ଏକୁଟିଆ । ଗୃକର ବାକର Ground floor ରେ କ'ଣ କରୁଥିବେ । ସେ ଏପାଖ ସେପାଖ ହେଉଛି । ଘରେ ଆଉ କେହି ନାହାନ୍ତି । ଆଜି Sunday । ମମ୍ମିଙ୍କର Sunday, Monday ସବୁ ଏକା । ଘରେ କେତେବେଳେ ରୁହନ୍ତିନ । Working day ଗୁଡାରେ office । office ରୁ ଆସିଲେ club । Sunday ଦିନ kitty party, ପୁଣି କେତେ Social welfare meeting, ଏମିତି ଆହୁରି କେତେ କ'ଣ ।

ଡାଡି ତ ତାଙ୍କର ବିଜିନେସ୍ ରେ ଏତେ ବିଜି ଯେ କେବେ ଆମେରିକା ତ କେବେ ଜାପାନ । କେବେ ଦିଲ୍ଲୀ ତ କେବେ ମୁମ୍ବାଇ ।

ସୁଜିତ କହୁଥିଲା ଗତ Sunday ସେ ତା ମାମା ପାପା ସାଙ୍ଗରେ Water park ଯାଇଥିଲା । ବହୁତ ମସ୍ତି କଲେ ସେଠାରେ । ପୁଣି ରେଷ୍ଟୁରାଣ୍ଟରେ ଖାଇ ଘରକୁ ଫେରିଥିଲେ । ସେ Facebookରେ ଅପଲୋଡ କରିଛି । କେତେ ଖୁସିରେ ସେ ମାମା, ପାପା ମଝିରେ ଛିଡା ହୋଇଛି । ଦିପଙ୍କରର ମଧ ଇଚ୍ଛା ହୁଏ ସେ ମଧ ମମ୍ମି, ଡାଡି ସାଙ୍ଗରେ ବୁଲିଯାଆନ୍ତା । ରୋଡ୍ ସାଇଡ୍ ରେଷ୍ଟୁରାଣ୍ଟରେ ଖାଆନ୍ତା । ମମ୍ମିକୁ କହିଲେ କହିବେ, ମୋର ଟାଇମ୍ ନାହିଁ । "ଅନ୍ ଲାଇନ୍ ଅର୍ଡର କରିଦେ । ଫ୍ରେଣ୍ଡସ୍ ମାନଙ୍କ ସାଙ୍ଗରେ ଆଉଟିଂ କର ।" ତାକୁ କନ୍ତୁ ଇଚ୍ଛା ହୁଏନା । ସିଦିନ ରାତିରେ ଭୂତ ସ୍ୱପ୍ନ ଦେଖି ସେ ଧାଇଁ ଯାଇ କବାଟ ବାଡେଇ ଥିଲା ତା ମମ୍ମି, ଡାଡିଙ୍କ ବେଡ୍ ରୁମର । ଗୁଣୁଗୁଣୁ ହୋଇ କହିଥିଲା ତାଙ୍କ ପାଖରେ ଶୋଇବ ବୋଲି । ଡାଡି ତ ଠୋ ଠୋ ହସିଥିଲେ । ମମ୍ମି ତାକୁ ବୁଝାଇ ପଠାଇଦେଲେ, ଯେ ସେ ବଡପିଲା ହେଲାଣି ।

ଡରି ଡରି ଆସି ସେ ପିଲୋଟାକୁ କୁଣ୍ଡାଇ ଧରି ଶୋଇଥିଲା । ହେଲେ ଜମା ନିଦ ଆସୁନଥିଲା ତାକୁ । ଛାତି ଭିତରେ ଅଜଣା ଭୟ ।

ଅନୁପ ତାର ମାଆ- ବାପାଙ୍କ ମଝିରେ ଶୁଏ ତାର ସାନ ଭାଇ ସହ । ସେମାନେ ଦୁହେଁ ଝଗଡା କରନ୍ତି କିଏ ମାଆ ପାଖରେ ଶୋଇବ ବୋଲି । ପୁଣି ତା ବାପା Solve କରନ୍ତି । ଦିନେ ଅନୁପ

ମାଆ ପଖରେ ଶୋଇବ ଦିନେ ତା ଭାଇ। ତାର ଇଚ୍ଛା ହୁଏ ସେ ମଧ୍ୟ ମମ୍ମି ଡାଡି ମଝିରେ ଶୁଅନ୍ତା। ନହେଲ୍ ନାହିଁ ତାର ଭାଇଟିଏ କମ୍ବା ଭଉଣୀଟିଏ ହେଲେ ଥାଆନ୍ତା ଭଲ୍। ସେ ତା ସାଙ୍ଗରେ ଗପ କରି ଶୋଇପଡନ୍ତା।

ଛୁଟିଦିନ ମାନଙ୍କରେ ସେ ଭାରି ବୋର୍ ହୁଏ। କେତେବେଳେ ମୋବାଇଲ୍, କେତେବେଳେ laptop, କେତେବେଳେ ଆଇ ଫୋନ୍। କନ୍ତୁ କେତେ ସମୟ?

ତା ରୁମ୍ ବାଲକୋନୀରେ ଛିଡା ହୁଏ। ସାମନାରେ ଝୋପଡପଟ୍ଟି। ଦୁଇଟି ଭାଇଭଉଣୀ ଧରାପରା ହେଉଥାଆନ୍ତି। ଭାଇଟି ତା ଭଉଣୀର ଚୁଟି ଟାଣିଦିଏ। ଭଉଣୀଟି ରାହା ଧରି କାନ୍ଦେ। ବାପା ତାର ଦଉଡି ଆସେ ପିଲାଟିକୁ ମାରିବା ପାଇଁ। ପିଲାଟି ଧାଇଁ ଯାଉ ଯାଉ ଝୁଣ୍ଟିପଡି ତଳେ କଚାଡି ହୋଇ ପଡିଯାଏ। ସାଙ୍ଗେସାଙ୍ଗେ ସେ ପିଲାର ବାପା, ମାଆ, ଭଉଣୀ ସମସ୍ତେ ତାକୁ ଉଠାଇ ଆଉଁସି ପକାନ୍ତି। ଦୀପଙ୍କର ମୁହଁ ଫେରାଇ ଆଣେ ଦୀର୍ଘଶ୍ୱାସଟିଏ ଛାଡି।

ସେ ଥରେ ସିଡିରୁ ଖସି ପଡିଥିଲା। ଗୋଡ ମକଚ ହୋଇଯାଇଥିଲା। ମମ୍ମିକୁ ଫୋନ୍ କରିଥିଲା। ମମ୍ମି ତ ଆସିଲେ ନାହିଁ, ଆସିଲେ ଜଣେ ଡାକ୍ତର ଗୋଟିଏ ନର୍ସକୁ ଧରି। ବେଶି ପଇସା ଲୋଭରେ ମିଛରେ ହେଲେ ତାକୁ ପେସେଣ୍ଟ କରି ରଖିଥିଲେ ଚାରିଦିନ। ସେହି ଦିନଠାରୁ ତାର ଖଣ୍ଡିଆ ଖାବରା ହେଲେ ସେ ଲୁଚାଏ।

ଥରେ ଅଧେ ସେ ମମ୍ମି ପାଖରେ ଅଳି କରିଚ ଜବ୍ ଛାଡିବା ସକାଶେ। କନ୍ତୁ ମମ୍ମି କୁହନ୍ତି, ସେ ଓ ତାର ଡାଡି ଏତେ ପରିଶ୍ରମ କରୁଛନ୍ତି କାହାପାଇଁ? ଦୀପଙ୍କର ପାଇଁ ତ। ତାରି ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ତ!

କେଜାଣି!!!

ସେ mobile ଦେଖେ ମନ ଲାଗେନା, ଗୀତ ଶୁଣି ଶୁଣି ବୋର୍ ହୋଇଯାଏ। ଗେମ୍ ଖେଳେ, ପୁଣି ଅଧାରୁ ଛାଡିଦିଏ।

ଏବେ ତ ପୁଣି ତାକୁ ଫ୍ରେଣ୍ଡସଙ୍କ ସହ ଚେଟିଂ କରିବାକୁ ମଧ୍ୟ ଭଲ ଲାଗେନା। ପାଠ ପଢିବାକୁ ଇଚ୍ଛା ହୁଏନା।

XXXXXXX

ଦୀପଙ୍କରର ମମ୍ମି କ୍ଲବ୍ ରେ ରମି ଖେଳବାରେ ବ୍ୟସ୍ତ। ମୋବାଇଲ୍ ରିଂ ହୁଏ। ସେ ଦେଖନ୍ତି "ଦୀପଙ୍କର"। କାଟିଦିଅନ୍ତି। ଗେମ୍ ର କ୍ଲାଇମେକ୍ସ ଗ୍ଲଲିଛି। ପୁଣି କଲ୍ ଆସେ। ବିରକ୍ତ ହୋଇ ପୁଣି କାଟିଦିଅନ୍ତି। ଚଉଦ ବର୍ଷର ପିଲା ହେଲାଣି, କଛି ବୁଝୁନ। ତୃତୀୟ ଥର ରିଂରେ କଲ୍ ଉଠାଇ ଚହିଁକ ଉଠନ୍ତି। "କ'ଣ ହେଲା"। ତା ପରେ ତାଙ୍କ ଚେହେରାର ରଙ୍ଗ ବଦଳଯାଏ, କାର୍ଡସ୍ ଫିଙ୍ଗିଦେଇ ବ୍ୟତିବ୍ୟସ୍ତ ହୋଇ ସବୁ ଛାଡିଛୁଡେ ପାଗଳୀ ଭଳ ସେ ଛୁଟିଯାଆନ୍ତି କାର ପାଖକୁ।

xxxxxxx


ଦୀପଙ୍କରର ଡାଡି ଅଫିସ୍ ରେ ଜରୁରୀ ମିଟିଂରେ ଥାଆନ୍ତି। ରେସେପସନଷ୍ଟ ନହାତି ଅଭଦ୍ର ଭଳ ପଶିଆସେ ସିଧା ଗ୍ରଉଣ୍ଡ ଟେବୁଲ୍ ପାଖକୁ। କ୍ରୋଧରେ ଲାଲ୍ ହୋଇଯାଆନ୍ତି ସେ। ରେସେପସନଷ୍ଟ ଯାହା ସବୁ କୁହେ ତାହା ଶୁଣି କନଫରେନ୍ସ୍ ହଲ୍ ରେ ଯେମିତି ବଜ୍ରପାତ ହୁଏ। ସମସ୍ତେ ଛିନଛତ୍ର ଧାଇଁଯାଆନ୍ତି ତାଙ୍କ ମେନସନ୍ ପାଖକୁ।

xxxxxxx

ମେନସନ୍ ଚତୁର୍ପାର୍ଶ୍ୱରେ ଅସମ୍ଭବ ଜନଗହଳ। ପୋଲିସ୍ ଜୀପ୍ ଦୁଇଟା ଠିଆ ହୋଇଛି। ଦରଓ୍ୱାନ୍ ମାନେ ମୁଣ୍ଡ ହାଣି ଛିଡା ହୋଇଛନ୍ତି। ପୋର୍ଟିକୋ ପାଖରେ ମାର୍ବଲ ଚଟାଣରେ ଦୀପଙ୍କରର ନର୍ଜିବ ଶରୀର ରକ୍ତରେ ଭାସୁଛି।

ଦୀପଙ୍କର ମମ୍ମିର ଚେତା ବୁଡୀ ଯାଉଯାଉ ତାଙ୍କ କାନରେ ବାଜେ ପୋଲିସ୍ ଇନସପେକ୍ଟରଙ୍କ ସ୍ୱର। ଦୀପଙ୍କର ମୋବାଇଲ୍ ରେ ମେସେଜଟିଏ ପଢୁଥାଆନ୍ତି – **"50th Day, the last task is over."|**

ବସନ୍ତ ବିହାର, ନୂଆଦିଲ୍ଲୀ





# ସର୍ବେ ଭବନ୍ତୁ ସୁଖିନଃ

ଶମ୍ଭୁନାଥ ଦାସ

ବ୍ରହ୍ମାଙ୍କୁ ମାଗିବି        ବରଦାନ ଏକ
ସୃଷ୍ଟିକୁ ସଜାଡିବାକୁ,
ବିଷ୍ଣୁଙ୍କୁ କହିବି        ଏ ଧରାପୃଷ୍ଠକୁ
ଆଉଥରେ ଆସିବାକୁ ।

ଅଧର୍ମର ତାପ        ଧାପରେ ସମାଜ
ହେଲାଣି ପରା ଅତିଷ୍ଠ
ଅଧର୍ମ ବିନାଶି        ଧର୍ମ ସଂସ୍ଥାପନେ
ଲାଘବ କରିବେ କଷ୍ଟ ।

ଶିବଙ୍କୁ ପ୍ରାର୍ଥନା        କରୁଅଛି ମୁହିଁ
ପାପୀ- କୋପୀ ଦଣ୍ଡୀବାକୁ,
ମାତା ପାର୍ବତୀଙ୍କୁ        କରିବି ମିନତି
ଅସୁର ବିନାଶିବାକୁ ।

ଦୀନ- ହୀନ ମୁଖେ        ଆହାର ଦେବାକୁ
ମା ଲକ୍ଷ୍ମୀଙ୍କୁ ନିବେଦନ,
ମାତା ସରସ୍ୱତୀ        ବିଦ୍ୟା- ବୁଦ୍ଧି ଦେଇ
ଜନେ କରନ୍ତୁ ସୃଜନ ।

ଗଣପତିଙ୍କୁ ମୁଁ        ପ୍ରାର୍ଥନା କରୁଛି
ଖୋଲନ୍ତୁ ଜ୍ଞାନ ଭଣ୍ଡାର,
ଯେଉଁ ଜ୍ଞାନ ଲଭି        ମୋ ଭାଇ- ଭଉଣୀ
କରନ୍ତୁ ଦେଶ ସଂସ୍କାର ।

ସର୍ବ ଦେବ- ଦେବୀ ପାଦେ ପ୍ରଣିପାତ
ଧର୍ମର ବିଜୟ ହେଉ,
ଅଧର୍ମ କୁକର୍ମ ହେଉ ହେ ବିନାଶ
ଦୁଃଖ- କଷ୍ଟ ହରିଯାଉ ।

ଜନ ସମାଜର ପ୍ରଭୂତ କଲ୍ୟାଣ
ଦେଶ ପ୍ରଗତିରେ ଧ୍ୟାନ
ହୃଦୟରେ ଭର୍ ସଂବେଦନ ପ୍ରୀତି
ସର୍ବେଭବନ୍ତୁ ସୁଖିନଃ ।

ମୁଖ୍ୟ ସଂପାଦକ- "ଅଭିଯାନ",
ବିଶ୍ୱଲକ୍ଷ୍ମୀ ତାଲ୍ ରୋଡ, କୋଲକତା





# ଭରସା ନାହିଁ ମା' ତୋଠାରେ

ସୁସ୍ମିତା ମହାପାତ୍ର

ଗଳ୍ପସନ ନାହିଁ କରିଥିଲି ମୁହିଁ ଆସିବାକୁ ତୋତେ ମାଆ,
ମୋ କଥା ନମାନ ଆସିଥିଲୁ ପୁଣି କଲବଲ କଲୁ ଯାହା ॥

ଜାକଜମକରେ ସନ୍ତାନ ତୋରେ ଆNଇ ମର୍ତ୍ତ୍ୟ ପୁରେ,
ଲଭିବାକୁ ଶୁଭ ଆଶିଷ ବିଭବ ପୂଜଇ ଭକ୍ତି ଭରେ ॥

ଆଲୋକ ମାଳାରେ ସଜ୍ଜିତ କରେ ମେଢ, ମଣ୍ଡପ, ପୀଠ,
ବନ୍ଦନା ତୋରେ ଦିବାନଶି କରେ ହୋଇ ତୋର ପ୍ରିୟ ଭାଟ ॥

ଧୂପ, ଦୀପ, ଝୁଣା, ଭୋଗରାଗ, ପଣା ଅରପେ ଚରଣେ ତୋର,
ଯନ୍ତ୍ର ଜୀବନ ମହା ସଂଗ୍ରାମେ ଯୁଝିବାକୁ ମାଗେ ବର ॥

ତଥାପି କେଉଁଠି କେଜାଣି କେମିତି ରହିଗଲା କଚ ଊଣା,
ଧ୍ୱଂସ ରଚଲୁ ନମିଷକେ କରି ନରୀହ ନାଗ୍ରରେ ବଣା ॥

ରାମ ଦୋଳ ଛିଡି ମେଳା ପଡିଆରେ ଖେଳଗଲା ହାହାକାର,
ହାରିଲେ ଜୀବନ ଅକାଳେ କେତେବା ଦରମରା ନାରୀ ନର ॥

ମୃତ୍ୟୁ କୂପରେ ଚଳାଇ ବାଇକ ଗ୍ନଲୁଥିଲା ଯିଏ ଘର,
ଅରଜିଲା ପୁଅ ଅମୂଲ ଜୀବନ ନେଲୁ ହେଇ ହରବର ॥

ତଡିତ ପ୍ରକୋପେ ତୋରଣରୁ ନଆଁ ଦୋକାନ ବଜାର ଯାଏଁ,
ତଡିତ ବେଗରେ ଚରିଗଲା ମେଳା ମୀନା ବଜାରରେ ପ୍ରାୟେ ॥

ସୁଖେ ପୀଠେ ବସି ଦେଖୁଥିଲୁ ହସି କେମିତି ଜଳୁଛି ଛାଏଁ,
ଜଗତ ଜନନୀ ବୋଲାଉଛୁ ସିନା ମମତା ନାହିଁ ହୃଦୟେ ॥

ତୁଟିଲା ତୋଠାରେ ଭକ୍ତି ଭରସା ଯାହା ଥିଲା ଆମ ପାଶେ,
ଏତେ ପରେ ତୋର ଆରାଧନା କଏ କରିବ ବା କେଉଁ ଆଶେ ॥

ନକରିବୁ ମନ ଆଉ ତୁ ଏସନ ଆସିବାକୁ ଅଗଣରେ,
ଲିଭିନାହିଁ ସେହି ଯାତନାର ଜ୍ୱାଳା କୁହୁଳୁଛି ପରାଣରେ ॥


ରାଉରକେଲା, ଓଡିଶା

~ ~ ~

ବେଦାନ୍ତୀର ଆଗାମି ସଂଖ୍ୟା ନଭେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ପୂଜା ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ଅକ୍ଟୋବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ରାଧେୟ



କାଳକଙ୍କର

ମୁଁ ନା କର୍ଣ୍ଣ ନା ଅଙ୍ଗରାଜ! ମୁଁ ରାଜକୁମାର ନୁହେଁ କି ରାଜା ନୁହେଁ। ମୁଁ ରାଧାନନ୍ଦନ ରାଧେୟ। ତୁମେ ମୋତେ ମୋ ମାଆ ରାଧାଙ୍କ କୋଳକୁ ଫେରାଇ ଦିଅ ରାଜମାତା। ମୁଁ ଜଣେ ସୂତପୁତ୍ର। ମୋର ବେଉସା ରଥ ଚଳାଇବା। ରଥି ମହାରଥୀଙ୍କ ରଥକୁ ସଠିକ୍ ଭାବରେ ନିୟନ୍ତ୍ରିତ କରିବା। ଆଉ ଯଦି ରଥି ଅବା ମହାରଥୀଙ୍କର ମୃତ୍ୟୁ ହୁଏ, ତାଙ୍କୁ ଶ୍ରଦ୍ଧାର ସହ ତାଙ୍କ ଘରେ ପହଞ୍ଚାଇବା। ତା ପରେ ପୁଣି ନୂଆ ରଥୀ ଓ ମହାରଥୀଙ୍କ ରଥରେ ସାରଥୀ ହେବା।

ଏହାହିଁ ତ ଜୀବନ ଚକ୍ର। ମୁଁ ଏହାର ବ୍ୟତିକ୍ରମ କଲି। ହୃଦୟର ମହତ୍ୱାକାଂକ୍ଷାକୁ ଚରିତାର୍ଥ କରିବା ପାଇଁ ପ୍ରଥମେ ଗୁରୁ ଦ୍ରୋଣଙ୍କ ଶରଣାପନ୍ନ ହେଲି। ସେ ମୋତେ ନିରାଶ କଲେ। ତାପରେ ମୁଁ ବାହାରି ଗଲି ନିଜକୁ ପ୍ରତିଷ୍ଠା କରିବା ପାଇଁ ଯେ ମୁଁ ଜଣେ ଯୋଦ୍ଧା। ଏଣୁ ଯୋଦ୍ଧା ହେବାର ଆଶା ଆକାଂକ୍ଷାରେ ମୁଁ ବେଶ ବଦଳାଇଲି, ଭାଷା ବଦଳାଇଲି, ଜାତି ବଦଳାଇଲି, ନୀତି ବଦଳାଇଲି ଆଉ ସଫଳତା ହାସଲ କଲି।

କ୍ଷତ୍ରୀୟ ବଇରି ବ୍ରାହ୍ମଣ ଶ୍ରେଷ୍ଠ ପର୍ଶୁରାମଙ୍କୁ ଗୁରୁ ଭାବରେ ପାଇବା ପାଇଁ ମୁଁ ବ୍ରାହ୍ମଣର ବେଶ ହେଲି। ଭାଷା ବଦଳାଇ କହିଲି ମିଛ, ନିଜକୁ ବ୍ରାହ୍ମଣ କୁମାର କହି ଗୁରୁଙ୍କ ସହ ଛଳ କଲି। ପରେ ଅବଶ୍ୟ ପ୍ରାୟ ଗୁରୁ ପର୍ଶୁରାମ ମୋର ଛଳବୁଝି ପାରିଥିଲେ। ମୋର ଅପରାଧର ଦଣ୍ଡ ଦେବାପାଇଁ ସେ ମୋତେ ବଣକୁ ନେଇଗଲେ। ସକାଳରୁ ମଧ୍ୟାହ୍ନ ଯାଏଁ କେବଳ ବଣର ବିଭିନ୍ନ ଭାଗରେ ଅବିରାମ ବୁଲିଲେ ଓ ତାପରେ ଏକ ବୃକ୍ଷ ମୂଳରେ କହିଲେ – ବତ୍ସ, ମୁଁ ତୁମ କୋଳରେ ମଥା ଦେଇ କିଛି ସମୟ ବିଶ୍ରାମ କରୁଛି ତାପରେ ଆଶ୍ରମ ପ୍ରସ୍ଥାନ କରିବା। ମନେ ରଖ ଯେମିତି କୌଣସି ପରିସ୍ଥିତିରେ ମୋ ନିଦ୍ରାରେ ବିଘ୍ନ ନ ଆସେ।

ମୁଁ କହିଲି ଅବଶ୍ୟ ଗୁରୁଦେବ। କେହି ଆପଣଙ୍କ ନିଦ୍ରାରେ ବିଘ୍ନ ଘଟାଇ ପାରିବ ନାହିଁ। ମୁଁ ଆପଣଙ୍କଠାରୁ ଏମିତି ବିଦ୍ୟା ହାସଲ କରିଛି ଯେ ବସିଥିବା ଅବସ୍ଥାରେ ମଧ୍ୟ ଶତ୍ରୁର ବିନାଶ କରିଦେବି। ଆପଣ ନିଶ୍ଚିନ୍ତରେ ଶୋଇ ପଡନ୍ତୁ। ସ୍ମିତ ହାସ୍ୟ ରେଖା ଟାଣି ଗୁରୁ ପର୍ଶୁରାମ ନିଦ୍ରା ଗଲେ।

ମାତ୍ର କିଛି ସମୟ ମାତ୍ର ଅତିବାହିତ । ମୁଁ ଦେଖିଲି ମୋର ଜଂଘ ପ୍ରଦେଶରେ ଏକ ବିଶାକ୍ତ କୀଟ ତାର ସୂକ୍ଷ୍ମ ମୂନରେ କ୍ଷତ କରି ଭିତରକୁ ପ୍ରବେଶ କରିବାର ପ୍ରୟାସ କରୁଛି । ଭୀଷଣ ଯନ୍ତ୍ରଣା ହେଉଥିଲେ ମଧ୍ୟ ମୁଁ ସ୍ଥିର ରହିବାକୁ ଚେଷ୍ଟା କଲି । ଗୁରୁଙ୍କ ନିଦ୍ରା ଭାଙ୍ଗିଯିବ, ଏଣୁ ସ୍ଥିର କଲି ଯେ ଯେତେ କଷ୍ଟ ହେଉ ପଛେ ସହିନେବି । କିନ୍ତୁ ପାଦକୁ ସାମାନ୍ୟ ହଲାଇବି ନାହିଁ । ତାହାହିଁ ହେଲା, କୀଟଟି ଜଂଘର ଏକ ଭାଗରେ ପ୍ରବେଶ କରି ଅନ୍ୟ ଭାଗରେ ବାହାରି ଗଲା । ଅବଶ୍ୟ ସେ ବାହାରିଗଲା ପରେ ଯନ୍ତ୍ରଣାର ଉପଶମ ହୋଇଛି, କିନ୍ତୁ ରକ୍ତର ପ୍ରବାହ ଏମିତି ହୋଇଛି ଯେ ମାଟି ସଂପୂର୍ଣ୍ଣ ରକ୍ତରେ ଉବୁଟୁବୁ ହେଉଛି ।

ମୁଁ କିନ୍ତୁ ପ୍ରସନ୍ନ ଯେ ଯାହା ହେଉ ଗୁରୁ ପର୍ଶୁରାମଙ୍କର ନିଦ୍ରାରେ ବ୍ୟାଘାତ ହେଲାନାହିଁ । ସେ ନିଦ୍ରାରୁ ଉଠିଲେ ଅତ୍ୟନ୍ତ ପ୍ରସନ୍ନ ହୋଇ କହିବେ – ବତ୍ସ, ଯାଅ, ମୁଁ ତୁମକୁ ଆଶିର୍ବାଦ ଦେଉଛି ଯେ ତୁମେ ପୃଥିବୀରେ ନିଜକୁ ସର୍ବଶ୍ରେଷ୍ଠ ଧନୁର୍ଦ୍ଧରରେ ପରିଣତ କରିବ । ତୁମେ ଅବିଜିତ ରହିବ ।

ଗୁରୁ ପର୍ଶୁରାମଙ୍କର କିଛି କ୍ଷଣରେ ନିଦ୍ରା ଭାଙ୍ଗିଗଲା । ସେ ଉଠି ରକ୍ତାକ୍ତ ଭୂମିକୁ ଦେଖି ଆଶ୍ଚର୍ଯ୍ୟ ହେଲେ । ତାଙ୍କ ମୁଖ ମଣ୍ଡଳରେ କିନ୍ତୁ ପ୍ରସନ୍ନତା ବଦଳରେ ବିଷର୍ଣ୍ଣ ଓ କ୍ରୋଧଭାବ ଦେଖା ଯାଉଥିଲା । ସେ ମୋ ଆଡକୁ ସନ୍ଦେହ ଚକ୍ଷୁରେ ଦୃଷ୍ଟି ନିକ୍ଷେପ କରି କହିଲେ – ରେ ବତ୍ସ, ସତ କହ ତୁ କିଏ । କିଣ ତୋର ପରିଚୟ? ତୁ କଦାପି ବ୍ରାହ୍ମଣ ହୋଇ ନ ପାରୁ? କାରଣ ଏତେ ପୀଡା ସହି ସ୍ଥିର ରହିବା ଶକ୍ତି କେବଳ ପର୍ଶୁରାମର କିମ୍ବା କୌଣସି କ୍ଷତ୍ରୀୟର ହୋଇ ପାରେ । ସତ ନ କହିଲେ ମୁଁ ମୋର ସମସ୍ତ ବିଦ୍ୟା ତୋ ଠାରୁ ବିସ୍ମରଣ କରାଇ ନେବି ଓ ହୁଏତ ତୋତେ ଏହିକ୍ଷଣି ମୃତ୍ୟୁଦଣ୍ଡ ଦେଇପାରେ ।

ଆଉ ମିଛ କହିବା ଏବେ ଅସମ୍ଭବ । ମୋରେ ଏତେ ପରିଶ୍ରମରେ ଅର୍ଜିତ ବିଦ୍ୟା ନିଷ୍ଫଳ ହୋଇଯିବ । ପୁଣି ମୃତ୍ୟୁ ମଧ୍ୟ ଅସମ୍ଭବ ନୁହେଁ । ଏଣୁ ମୁଁ ବେନିକର ଯୋଡି କହିଲି – ହେ ଗୁରୁଦେବ, ମୁଁ ରାଧେୟ, ସୁତପୁତ୍ର । ମୋ ଭିତରେ ଧନୁର୍ବିଦ୍ୟା ଶିକ୍ଷା କରିବାର ପ୍ରବଳ ଲାଳସା ଥିବାରୁ ମୁଁ ଆପଣଙ୍କୁ ମିଛ କହିଥିଲି । ମୋତେ କ୍ଷମା କରି ଦିଅନ୍ତୁ ଗୁରୁଶ୍ରେଷ୍ଠ । ମୋର ସମସ୍ତ ବିଦ୍ୟା ବିସ୍ମରଣ କରନ୍ତୁ ନାହିଁ । ମୋତେ ଯଦି ମୃତ୍ୟୁ ଦେବାକୁ ଚାହାଁନ୍ତି ତେବେ ଆପଣ ନିଜ ହାତରେ କିମ୍ବା ସଂସାରର ସର୍ବଶ୍ରେଷ୍ଠ ଧନୁର୍ଦ୍ଧରଙ୍କ ହସ୍ତରେ ମୃତ୍ୟୁ ଦିଅନ୍ତୁ ।

ଆଉ ଏକ ସତ୍ୟ ଏବେ ମୁଁ ଜାଣିଛି ଗୁରୁଦେବ । ମୁଁ ଅଭାଗା କୁନ୍ତୀଙ୍କର ପ୍ରଥମ ସନ୍ତାନ, ତପ ସନ୍ତାନ । ସୂର୍ଯ୍ୟଙ୍କୁ ପ୍ରଥମ ଅର୍ଘ୍ୟ ଦେଇ ସେ ମୋତେ ପାଇଥିଲେ ସତ୍ୟ, କିନ୍ତୁ କୁମାରୀତ୍ୱର ଅପବାଦରୁ ବଞ୍ଚିବା ପାଇଁ ମୋତେ ମରିବା ପାଇଁ ଗଙ୍ଗାରେ ଭସାଇ ଦେଇଥିଲେ ଗୁରୁଦେବ । ଏକଥା ମୁଁ ନିକଟରେ ମାତା ରାଧେଙ୍କ ମୁଖରୁ ଗୋପନରେ ଶୁଣିଛି । ଏଣୁ ମୁଁ କ୍ଷତ୍ରୀୟ । ଆପଣଙ୍କ ପରମ ଶତ୍ରୁ । ମୋତେ ଯେଉଁ ଦଣ୍ଡ ଦେବାକୁ ଚାହାଁନ୍ତି ଦିଅନ୍ତୁ ।

ମୋ ଜନ୍ମର ଦ୍ୱିତୀୟ ରହସ୍ୟ ଯାଣିବା ପରେ ହୁଏତ ଆଉ କ୍ଷମାର ସାମାନ୍ୟ ଆଶା ମୋର ନଥିଲା । ତଥାପି ଗୁରୁ ପର୍ଶୁରାମ ଚକ୍ଷୁ ମୁଦ୍ରିତ କରି ଆପଣାର ତପ ବଳରେ କଣ ଜାଣିଲେ କେଜାଣି କହିଲେ ରେ ମୂଢ଼, ମୁଁ ଗୁରୁ, ତେଣୁ ତୋର ଇଚ୍ଛା ମୁତାବକ ଅଭିଶାପ ଦେଉଛି । ଏବେ ନୁହେଁ, କିନ୍ତୁ ଜୀବନର ଏକ ବିଶେଷ ମୂହୁର୍ତ୍ତରେ ତୋର କୌଣସି ବିଦ୍ୟା ବା ସାମର୍ଥ୍ୟ ତୋର କାମରେ ଆସିବ ନାହିଁ । ଯେତେ ପରାକ୍ରମୀ ହୋଇଥିଲେ ସୁଦ୍ଧା ସାମାନ୍ୟ ଏକ ପୋତିଲା ରଥର ଚକକୁ ହଲାଇ ପାରିବୁ ନାହିଁ । କୌଣସି ଅସ୍ତ୍ର ବିଦ୍ୟା ତୋର ସ୍ମରଣ ଆସିବ ନାହିଁ । ଅବଶ୍ୟ ତୋର ଅନ୍ୟତମ ଇଚ୍ଛା ଯେ ତୁ ପୃଥିବୀର ଶ୍ରେଷ୍ଠ ଧନୁର୍ଦ୍ଧର ହାତରେ ହିଁ ନିରସ୍ତ୍ର ନାଶ ଯିବୁ ।

ତୁମେ ଆଉ ମୋତେ ଅନ୍ୟ ଏକ ଅପରାଧରେ ଦଣ୍ଡ ଦିଅ ନାହିଁ ମାତେଃ । ସମଗ୍ର ଜୀବନ ମୁଁ ତୁମର ସଂସ୍କାର, ସ୍ନେହ, ଶ୍ରଦ୍ଧା ଓ ଆଶିର୍ବାଦରୁ ବଂଚିତ ରହିଛି । ନିଜକୁ ବାରମ୍ବାର ମୁଁ ପଚାରିଛି ଯେ ମୁଁ ତାହେଲେ କଣ ଜଣେ ଜାରଜ ସନ୍ତାନ? ବିବାହ ପୂର୍ବରୁ କୁମାରୀମାନେ ଯେଉଁ ସନ୍ତାନ ଜନ୍ମ ଦିଅନ୍ତି, ସେମାନେ କାଳେ ଏ ପୃଥିବୀର ସବୁଠାରୁ ଅଧିକ ହତଭାଗ୍ୟ? ଜାରଜ? ?

କହିଲ ମାଆ କୁନ୍ତି ଯେ ମୁଁ କଣ ମିଛ କହୁଛି? ମୁଁ ଜାରଜ ନୁହେଁ? ତେବେ ମୋର କଣ ଦୋଷ ଯେ? ଏ ପୃଥିବୀରେ ଏମିତି ଜନ୍ମିତ ସମସ୍ତ ଶିଶୁଙ୍କର କଣ ଦୋଷ କେହି କହି ପାରିବେ? କାହିଁକି ସେ ସନ୍ତାନକୁ ପାପ ସନ୍ତାନ କୁହାଯିବ? କାହିଁକି ତାକୁ ଜାରଜ କୁହାଯିବ? କଣ ସେମିତି ଶିଶୁର କଣ କେବଳ ମାଆ ହିଁ ଥାଆନ୍ତି ବାପା ନୁହେଁ? ଆଉ ଯଦି ଅଛନ୍ତି ତେବେ ସ୍ୱୀକାର୍ଯ୍ୟ କାହିଁକି ନୁହେଁ?

ଅସ୍ତାଚଳ ସୂର୍ଯ୍ୟଙ୍କୁ କହିଲେ ତୁମେ କ୍ଷଣଟିଏ ଅଟକି ଯାଅ ପିତୃଦେବ । ଜୀବନର ଏହି ଅନ୍ତିମ କ୍ଷଣରେ ଆପାତତଃ ମୁଁ ମୋର ପ୍ରକୃତ ମାତା ପିତାଙ୍କର ଶେଷ ଦର୍ଶନ କରି ମରିବାକୁ ଚାହେଁ ।

ତୁମେ ଦୁଇଜଣ ଅତ୍ୟନ୍ତ ହତଭାଗ୍ୟ ହେ ଜନକ ଜନନୀ, କାରଣ ସଂସାରର ସମସ୍ତ ପିତାମାତା ତାଙ୍କ ସନ୍ତାନର କାନ୍ଧରେ ବୋହା ହୋଇ ସ୍ୱର୍ଗଦ୍ୱାର ଯାଆନ୍ତି କିନ୍ତୁ ତୁମେ ମୋର ଶବକୁ ଜୀବନ ତମାମ ବୋହି ଚାଲୁଥିବ ।

କ୍ଷଣକ ପାଇଁ ସୂର୍ଯ୍ୟ ଅଟକ ଯାଇ ଆପଣାର ହୃଦୟର ଗଭୀର ପୀଡା ବ୍ୟକ୍ତ କରି ଅନ୍ତର୍ଦ୍ଧାନ ହୋଇଗଲେ । କର୍ଣ୍ଣ ପୁଣି କହିଲେ ଯାଅ ପିତୃଦେବ, ତୁମେ ଏମିତି ସବୁଦିନ ସବୁକାଳେ ପୁତ୍ର ବିୟୋଗର ଜ୍ୱାଳା ସହିବାକୁ ବାଧ୍ୟ ରୁହ । ତୁମେ ମଧ୍ୟ ଏଠାରୁ ଚାଲିଯାଅ ମାତା କୁନ୍ତୀ ।

ତୁମେ ସତରେ କେତେ ନିଷ୍ଠୁର ହେ ରାଜମାତା । ପୃଥିବୀରେ ଏମିତି ମାତାମାନଙ୍କୁ କଣ ବୋଲି ସମ୍ବୋଧନ କରାଯିବ ଯେ? କଣ ବିଚାରି? କେଉଁ ବିଚାରିପଣ ଯୋଗୁଁ ପ୍ରେମର ନାରୀ ପୁରୁଷ ଅନ୍ଧ ହୁଅନ୍ତି ଯେ? ଅବଶ୍ୟ ଏ ଯନ୍ତ୍ରଣାର ଅନ୍ତ ଏମିତି ହେବନାହିଁ ମାତା । ତୁମର କୃତକର୍ମ ଏବଂ ମୋର ଅଭିଶାପରେ ଏମିତି ଯୁଗ ଯୁଗ ଧରି ନାରୀ ପାଇ ଚାଲିଥିବେ ଅପବାଦ ଆଉ ଭୋଗୁଥିବେ ଏମିତି କାତର ଯନ୍ତ୍ରଣା ।

ମାଆ ଏକ ପବିତ୍ର ସମ୍ବୋଧନ ବୋଲି ମୁଁ ଜାଣି ପାରିଲି ନାହିଁ ମାତା । ମାଆ କାଳେ ଯୁଗେ ଯୁଗେ ସର୍ବଂସହା, ମମତାମୟୀ । କିନ୍ତୁ ଆପଣ କଣ ସହିଲେ ମୋ ପାଇଁ । ଜନ୍ମ ଦେଇ ପାଣିରେ ଭସାଇ ଦେଲେ ମରିବା ପାଇଁ । ଛିଃ..ଛିଃ... ରାଜମାତା କୁନ୍ତି! ଧିକ ଆପଣଙ୍କର ମାତୃଗୁଣ!

ମାତା କିନ୍ତୁ କେବଳ ଭୁ ଭୁ ହୋଇ କାନ୍ଦୁଥିଲେ ଆଉ ତାଙ୍କର ଆକୁଳ କ୍ରନ୍ଦନ ମୋ ହୃଦୟକୁ ଗଭୀର ଭାବରେ ଆନ୍ଦୋଳିତ କରୁଥିଲା । ମୋର ଇଚ୍ଛା ହେଉଥିଲା ଯେମିତି ମୁଁ ପୁଣିଥରେ ଏବେ ମାତାଙ୍କର ଶିଶୁ ଭାବରେ ଜନ୍ମ ନଅନ୍ତି କି? ତାଙ୍କରି କୋଳରେ ବଢନ୍ତି କି? ତାଙ୍କ ସ୍ତନକୁ କ୍ଷୀରର ଅମୃତ ପାନ କରନ୍ତି କି? ତାଙ୍କର ପଣତର ଆଢୁଆଳରେ ନିଦେଇ ପଡନ୍ତି କି?

ଏଥର କିନ୍ତୁ ମୁଁ ସେ ଶକୁନୀର ଚକ୍ରାନ୍ତରେ ଫସନ୍ତି ନାହିଁ । ଦୁର୍ଯ୍ୟୋଧନର ଅହଂକାରକୁ ଅବରୋଧ କରନ୍ତି । ଦୁଃଶାସନର କୁତ୍ସା ଓ କୁତ୍ସିତ ଆଖିରୁ ଭାତୃବଧୂ ଦ୍ରୌପଦୀଙ୍କୁ ନିଶ୍ଚୟ ରକ୍ଷା କରନ୍ତି । ନା ପଶା ଖେଳିବାକୁ ଦିଅନ୍ତି ନା ନାରୀଙ୍କୁ ବିବସନା ହେବାକୁ ଦିଅନ୍ତି । ଧନୁର ଗୋଟିଏ ଟଂକାରରେ ମୁଁ ହସ୍ତୀନାପୁରର ରାଜସଭାକୁ ଦୋହଲାଇ ଦିଅନ୍ତି ।

ମରିବାକୁ ଦିଅନ୍ତି ନାହିଁ ପୁତ୍ର ଅଭିମନ୍ୟୁକୁ । ସେଦିନ ସପ୍ତରଥୀଙ୍କ ଭିତରେ ମୁଁ ମଧ୍ୟ ଜଣେ ରଥୀ ଥିଲି । ଚକ୍ରବ୍ୟୁହ ମଧ୍ୟରେ ବିଚରା ନିରପରାଧ କିଶୋରକୁ କେମିତି ଛଟପଟ କରି ପାଶବିକ ଯନ୍ତ୍ରଣା ଦେଇ ହତ୍ୟା କରାଗଲା । ତାର ମୁଁ ପ୍ରତିରୋଧ କରି ପାରିଲି ନାହିଁ । ନୀରବରେ ସମସ୍ତେ ମିଶି ତାକୁ ବାରମ୍ବାର ଆହତ କରୁଥିବାର ଦେଖିଲି ।

କଣ ମୋ ଭିତରେ ସେତିକି ସାମର୍ଥ୍ୟ ନ ଥିଲା ଯେ ମୁଁ ତାକୁ ରକ୍ଷା କରିଥାନ୍ତି? ନିଶ୍ଚୟ ଥିଲା । ପୃଥିବୀରେ ଦୁର୍ବଳଙ୍କ ଉପରେ ସବଳଙ୍କର ସଦାସର୍ବଦା ଅତ୍ୟାଚାରର କାହାଣୀ ଲେଖା ଯାଉଥିଲା ଯେମିତି । ମୁଁ ଯଦି ଧନୁରେ ଟଂକାର ଦେଇ କହିଥାନ୍ତି ରହିଯାଅ ହେ ସାରଥୀଗଣ, ତୁମେ ଅଭିମନ୍ୟୁର ବଧ କରି ପାରିବ ନାହିଁ । ସମସ୍ତେ ମିଶି ତାକୁ ହତ୍ୟା କରିବା ଅନ୍ୟାୟ । ବିରତ ହୁଅ ।

ତେବେ କଣ ଦୁର୍ଯ୍ୟୋଧନ ପଛଘୁଞ୍ଚା ଦେଇ ନଥାନ୍ତା? ଜୟଦ୍ରଥ, ଦୁଃଶାସନ, ଶକୁନୀ, ଦୁର୍ଯ୍ୟୋଧନ ଆଦି ରଥୀଙ୍କର ଏତେ ସାହସ ଥିଲା ଯେ ସେ କର୍ଣ୍ଣଙ୍କୁ ଅବଜ୍ଞା କରିଥାନ୍ତେ?

ନା, ଅସମ୍ଭବ । କିନ୍ତୁ ମୁଁ ଏମିତି କଲି ନାହିଁ । କେମିତି ମୁଁ ସେଦିନ ଏକ ନାରକୀୟ ହତ୍ୟାକାଣ୍ଡର ପାର୍ଶ୍ୱନାୟକ ସାଜିଲି ଯେ?

ଏମିତି ତ ମୋର କୁକର୍ମର କାହାଣୀ ଅନେକ ମାତା । ତେବେ ମୁଁ ସବୁବେଳେ ଏ ସବୁ କୁକର୍ମର ପକ୍ଷଧର ନଥିଲି । କିନ୍ତୁ ବିରୋଧ କରିବାର ଶକ୍ତି ଓ ସାହସ ମଧ୍ୟ କାହିଁକି ନଥିଲା ଯେ?

ହୁଏତ ମୁଁ ତୁମ ଉପରେ ଅଭିମାନ କରି ଏମିତି କରୁଥିଲି ମାଆ । ତୁମର ଜ୍ୟେଷ୍ଠ ପୁତ୍ର କର୍ଣ୍ଣ କେବଳ ତୁମର ମାତୃ ସ୍ନେହରୁ ବଂଚିତ ହେବାର ପୀଡାରେ ଏମିତି ନିଜକୁ ନିଃଶେଷ କରି ଦେଉଥିଲା ମାଆ । ସଦା ସର୍ବଦା ମୁଁ ତୁମକୁ ହିଁ ଝୁରି ହେଉଥିଲି ଜନନୀ । କାରଣ ତୁମ ଉପରେ ମୋର ଥିଲା ପ୍ରଥମ ଅଧିକାର ।

ହସ୍ତୀନାର ରାଜ ସିଂହାସନ ମୋର ଲୋଡା ନଥିଲା ମାତା । ମୋର କେବଳ ତୁମର କୋଳର ସିଂହାସନ ଲୋଡାଥିଲା । ତୁମେ ଏତିକି କେମିତି ବୁଝିଲ ନାହିଁ ଯେ?

ମୁଁ ଯେତେବେଳେ ତୁମକୁ ଓ ମୋର ପାଂଚ ଭାଇଙ୍କୁ ଦେଖୁଥିଲି ବହୁତ ଯନ୍ତ୍ରଣା ଅନୁଭବ କରୁଥିଲି । ତୁମ ମମତାରୁ ବଂଚିତ ହୋଇ ବଂଚିବାର ଅମିତି ପୀଡା ମୁଁ ସତରେ ଏ ପୃଥିବୀର

ଏକମାତ୍ର ପୁତ୍ର ଅନୁଭବ କରିଛି । ତୁମେ ତ ଅନ୍ୟ ପାଂଚ ପୁଅଙ୍କ ଗହଣରେ ଥିଲ ଜନନୀ । କିନ୍ତୁ ମୁଁ? ସବୁବେଳେ ଏକାନ୍ତ, ଖୁବ୍ ଅସହାୟ ।

ମୁଁ କେବଳ ଅଭିମାନରେ ଦୁର୍ଯ୍ୟୋଧନର ପକ୍ଷ ନେଉଥିଲି ମାତା । ମୁଁ ଭଲ ଭବରେ ଜାଣିଥିଲି ଯେ ସ୍ୱୟଂ ଭଗବାନ କୃଷ୍ଣ ଯେଉଁଠି ବିଜୟ ସେଇଠି ବିଜୟ । ମୁଁ ଯୁଦ୍ଧ ପୂର୍ବରୁ ପିତୃଦେବ ସୂର୍ଯ୍ୟଙ୍କୁ ପଗ୍ଚରିଥିଲି ହେ ପିତା, ତୁମେ କୁହ ଯେ ମୁଁ କଣ କରୁଛି? ଭୁଲ୍ ନା ଠିକ୍?

ସେ କହିଥିଲେ ଯେ ମୁଁ ଏକ ନିଶ୍ଚିତ ପର୍‌ାଜିତ ପକ୍ଷର ସମର୍ଥନରେ ଛିଡା ହୋଇଛି ଯେଉଁଠି ଧ୍ୱଂସ ଅବଶ୍ୟମ୍ଭାବୀ । ସେ ଏ କଥା ମଧ୍ୟ କହିଥିଲେ କୃଷ୍ଣ ସ୍ୱୟଂ ଭଗବାନ ଆଉ ସେ ଧର୍ମର ସଂସ୍ଥାପନା ପାଇଁ କୌରବ ଓ ତାଙ୍କ ସମର୍ଥନରେ ଛିଡା ହୋଇଥିବା ସମସ୍ତଙ୍କ ବଧ କରିବେ । ମୋର ମଧ୍ୟ ବଧ ଅବଶ୍ୟ ହେବ ।

ସେ ମୋତେ କହିଥିଲେ ପୁତ୍ର, ତୁମେ ତୁମ ମାତାଙ୍କ ପାଖକୁ ଫେରିଯାଅ । ସେ ତୁମକୁ ସବୁବେଳେ ଝୁରି ହେଉଛନ୍ତି । ତୁମେ ବଂଚ ରହିବ । କିନ୍ତୁ ମୁଁ ତାଙ୍କ କଥା ମାନିଲି ନାହିଁ । କାହିଁକି ଜାଣିଛ ମାତା? କେବଳ ତୁମରି ପାଇଁ । ମୋର ତୁମ ଉପରେ ଏତେ ଅଭିମାନ ଥିଲା ଯେ ମୁଁ ବଞ୍ଚିବାକୁ ଚାହୁଁ ନଥିଲି । ମୋର ଜୀବନ ପ୍ରତି ଆସ୍ଥା ସେହି ଦିନରୁ କମିଗଲା ଯେଉଁଦିନରୁ ମୁଁ ଜାଣିଲି ଯେ ତୁମେ ମୋର ମାଆ ହେ ପାଣ୍ଡବ ଜନନୀ ।

ସବୁ ସମୟରେ ମୁଁ ଦେଖିଛି ଯେ କୌରବ ଅନ୍ୟାୟ କରୁଛନ୍ତି, ଅସତ୍ୟ କରୁଛନ୍ତି, ଅଧର୍ମ କରୁଛନ୍ତି । ତଥାପି ମୁଁ ତାଙ୍କ ସାଥିରେ ରହିଛି । କାରଣ?

ମୋର ମୃତ୍ୟୁ ଅବଶ୍ୟମ୍ଭାବୀ ହେବ । ପୃଥିବୀରେ ଯେତେବେଳେ ମାଆ ମୋର ହେଲେ ନାହିଁ, ତେବେ କିଏ ଅବା ମୋରେ?

ମୁଁ ରାଧେୟ । ମୁଁ କର୍ଣ୍ଣ ନୁହେଁ । ମୋତେ ମୋ ମାଆ ରାଧେୟଙ୍କ କୋଳକୁ ଦିଅ ହେ ଜନନୀ ।

କର୍ଣ୍ଣଙ୍କ ଛାତିରେ ଲୋଟି ପଡିଲା ମାତା ରାଧେୟ ଓ କପାଳରେ ହାତ ପିଟି ଅସହ୍ୟ ଯନ୍ତ୍ରଣାରେ ବିଳାପ କରୁଥିଲେ ମାତା କୁନ୍ତୀ ।

କୁରୁକ୍ଷେତ୍ର କେତେବେଳୁ ଅନ୍ଧାରର ଚାଦରରେ ଢାଙ୍କି ସାରିଲାଣି ॥

"ସୌଭାଗିନୀ", ରଟିଲୋ, ରେଂଚ, ପୁରୀ

# ହେଇଯାଉ ଏ' ଦୁନିଆ
# ଗୋପ ନଗରୀ



ଶଶଧର ମହାପାତ୍ର

ତୋ' ପାଇଁ ବାରମାସେ ତେର ଯାତରା
କେଉଁ ଦିଅଁ ପୂଜାପାଏ ତୋ' ଭଳି ପରା?

ସବୁଠୁଁ ସୁନ୍ଦର ଲାଗେ ତୋ' ରଥ ଯାତରା
ପରିଚିତ ହେଲା ଆଜି ଏ' ବିଶ୍ୱ ସାରା

ତୋ' ଲାଗି ଓଡିଶା ରାଜ୍ୟ କରୁଛି ଗର୍ବ
ତୋ' ପାଇଁ ଓଡିଶା ପରା ଧରାରେ ସ୍ୱର୍ଗ


ଦିନେ ଥିଲୁ ଓଡିଶାରେ ତୁ ପରିଚିତ
ଆଜି କିନ୍ତୁ ଜାଣିଲେଣି ସାରା ଜଗତ

ତୁ ପରା ଶାନ୍ତି, ମୈତ୍ରୀ, ପ୍ରେମ ପ୍ରତିକ
ଭକ୍ତମାନଙ୍କର ତୁହି ବଡ ପ୍ରେମିକ

ତୋ' ଓଠରେ ଦେଖି ସେହି ମୁରୁକି ହସ
ସାରା ବିଶ୍ୱବାସୀ ଆଜି ହୁଅନ୍ତି ବଶ

କିଛି ବର୍ଷ ପୂର୍ବେ ତୋତେ ନଥିଲେ ଜାଣି
କେମିତି ଜିଣିଲ ହୃଦ ହେ ନୀଳମଣୀ?

ବାନ୍ଧିଦେ, ବାନ୍ଧିଦେ ତୋ' ପ୍ରେମର ଡୋରି
ହେଉଯାଉ ଏ' ଦୁନିଆ ଗୋପ ନଗରୀ



ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ସନାତନ ଚୌଧୁରୀର ସ୍ତ୍ରୀ

ମୂଳ ଇଂରାଜୀ –କମଳା ଦାସ,
ଭାଷାନ୍ତର- ସୁଧାଂଶୁ ଦ୍ୱିବେଦୀ


ସୁଧାଂଶୁ ଦ୍ୱିବେଦୀ

ତାର ବିବାହ ର' ବର୍ଷ ବିତି ସାରିଥାଏ, ଗୋପୀ ମେନନ୍ ମନରେ ସଂଦେହ ଘର କରିନେଲା ତା ସ୍ତ୍ରୀ ଧୋକା ଦେଇଛି । ଦିନେ ସକାଳ ହେବା ଦୁଇଘଣ୍ଟା ପୂର୍ବରୁ ତା ନିଦ ଭାଙ୍ଗିଗଲା, ନିଦ ଅଳସରେ ସ୍ତ୍ରୀ ପାଖରେ ଶୋଇଗଲା । ସ୍ତ୍ରୀ ମଧ୍ୟ ନିଦରେ ଆଖି ନଖୋଲି ସ୍ୱାମୀକୁ ନିଜ ଛାତିରେ ଜଡେଇ ଧରି କହିଲା, "ଓ ହୋ, ମୋ ପ୍ରିୟ ସ.ନା.ତ.ନ! "

"ସନାତନ! , ଇଏ କାହାର ନାଁ"

ତା ପରେ ଆଉ ଗୋପୀ ମେନନ୍ କୁ ନିଦ ଆସିଲାନି । ସୂର୍ଯ୍ୟ କିରଣ ଝରକା ଫାଙ୍କରେ ଘର ଭିତରକୁ ଆସୁଥିଲେ ବି ସଚେତ ଅବସ୍ଥାରେ ପଡି ରହିଲା ସେ । ଘୃଣା ଓ ଭୟରେ ସ୍ତ୍ରୀର ଆରାମଦାୟକ ଆଲିଙ୍ଗନକୁ ଭୁଲିଗଲା, ପରନ୍ତୁ ସ୍ତ୍ରୀକୁ ନିଦରୁ ଉଠେଇ ରହସ୍ୟମୟ ସନାତନ ବିଷୟରେ ପଚାରିବାକୁ ନିଜ ଅହମିକାରେ ଆବଦ୍ଧ ଥିଲା ସେ ।

ଯେତେବେଳେ ତା ସ୍ତ୍ରୀ ରୋଷେଇ ଘରେ ବ୍ରେକଫାଷ୍ଟ ତିଆରି କରୁଥିଲା, ସନ୍ତର୍ପଣରେ ସେ ତା' ଆଲମାରୀ ଖୋଲି ଆଶ୍ଚର୍ଯ୍ୟ ଚକିତ ହେଲା । ପ୍ରାୟତଃ ଦୀପାବଳୀରେ ସେ ତା ସ୍ତ୍ରୀ କୁ ଗୋଟିଏ ସିଲକ୍ ଶାଢି ଦେଇଥିଲା, କିନ୍ତୁ ଆଲମାରୀରେ ୫୦ ରୁ ଅଧିକ ଦାମୀ ଶାଢି ଝୁଲୁଛି..... ।

ହଠାତ୍ ତା ସ୍ତ୍ରୀ ଟ୍ରେ ଧରି ଶୟନ କକ୍ଷକୁ ଆସି ପଚାରିଲା, "ତୁମେ ମୋ ଆଲମାରୀରେ କଣ ଖୋଜୁଛ? "

"ତୁମକୁ ଏତେ ଦାମୀ ଶାଢି କୋଉଠୁ ମିଳିଲା? ସବୁ ଗୁଡିକ ଅସଲୀ କାଞ୍ଜିବରମ୍....", ଗୋପୀ ମେନନ୍ ପଚାରିଲା ।

କାଞ୍ଜିବରମ୍ !, ସ୍ତ୍ରୀ ଜୋରରେ ହସି ଉଠିଲା । ତା ହସରେ ଅଳ୍ପ ଆଗକୁ ବାହାରି ପଡିଥିବା ଦାନ୍ତ ସମୂହରେ ମୁହଁଟି ଆହୁରି ସୁନ୍ଦର ଦେଖା ଗଲା । ମେନନ୍ ସବୁବେଳେ ଭାବେ ତା ସ୍ତ୍ରୀ ର ହସ "ଆଡ୍ରେ ହେପବର୍ଣ୍ଣ"ଙ୍କ ହସ ସହିତ ମିଶିଯାଉଛି ।

ଏ ଶାଢି ତ କେହି ବି ୧୦୦ ଟଙ୍କାରେ କଣିପାରିବ । ଏସବୁ ଶାଢି ଏଠାକାର ଜଣେ ବ୍ୟକ୍ତି ମାଟୁଗାଁ (ଏକ ସ୍ଥାନର ନାଁ) ରୁ ଆଣିଥିଲା, ତଥା ସେ ଏଠିକାର ସବୁ ସ୍ତ୍ରୀ ଲୋକଙ୍କୁ ବିକ ଦେଇଛି, ତା ସ୍ତ୍ରୀ କହୁ କହୁ ହସୁଥାଏ ।

ଦିନେ ସେ ପ୍ଲାଟଫର୍ମରେ ବାନ୍ଦ୍ରା ଯାଉଥିବା ଟ୍ରେନକୁ ଅପେକ୍ଷା କରିଥିବା ବେଳେ ସନ୍ଦେହ ଦୂର କରିବା ପାଇଁ ସ୍ଥିର କରି ଘରକୁ ଫେରିଲା । ଘର ପାଖ ଛକରେ ପହଞ୍ଚିବା କ୍ଷଣି ହଠାତ୍ ସ୍ତମ୍ଭୀଭୂତ ହୋଇଗଲା ସେ । ତା ସ୍ତ୍ରୀ ନୀଳ ନୀଳ ଶାଢି ପିନ୍ଧି, ହାତରେ ହେଣ୍ଡବ୍ୟାଗ୍ ଧରି ବାହାରୁଥାଏ । ବିଜୁଳି ଖୁଣ୍ଟ ସାଇଡରେ ଛପିଗଲା ସେ । ଖୁବ୍ ଶିଘ୍ର ଟେକ୍ସି ଷ୍ଟାଣ୍ଡକୁ ଯାଉଥାଏ ତା ସ୍ତ୍ରୀ । ସେ ବି ତା ପିଛା କଲା । କିଛି ସମୟରେ ସବୁଜିମାରେ ଘେରି ରହିଥିବା ଏକ ବିଶାଳ ଅଟ୍ଟାଳିକା ସମ୍ମୁଖରେ ଟେକ୍ସି ଅଟକଲା । ତା ସ୍ତ୍ରୀ ଟେକ୍ସିରୁ ଓହ୍ଲେଇ ମେନ୍ ଗେଟ୍ ଖୋଲି ଭିତରେ ପଶିଲା ।

ମେନନ୍ ମଧ୍ୟ ଟେକ୍ସି ଅଟକାଇ ସେହି ଅଟାଳିକା ଦ୍ୱାର ଦେଶରେ ଟହଲ ମାରିଲା । ସେ କେବଳ ଏତିକ ଅନୁମାନ କରିଥିଲା, ଦ୍ୱାର ଖୋଲିବା ପରେ ଜଣେ ଗୁକର ଆସି ତା ସ୍ତ୍ରୀକୁ ଅଭିବାଦନ କରିଥିଲା । ତା ପରଠୁ ଦ୍ୱାର ବନ୍ଦ ।

ମେନନ୍ ଛପି ଛପି ଅଟ୍ଟାଳିକାର ପଛପଟକୁ ଗଲା । ଗୋଟେ ଖୋଲା ଝରକା ବାଟେ କୋଠରୀରେ ନଜର ପକାଇଲା । ସେଇଟା ନିଶ୍ଚିତ ଡାଇନଂ ହଲ୍ ଥିଲା । ତା ସ୍ତ୍ରୀ ଜଣେ ଅଧା ବୟସ ଅତିକ୍ରାନ୍ତ କରିସାରିଥିବା ବ୍ୟକ୍ତି ସହ ବିପରୀତ ଦିଗକୁ ମୁହଁ କରି କିଛି ଖାଉଥାଏ । ବ୍ୟକ୍ତି ଜଣକ ରେଶମୀ ଗାଉନ୍ ପିନ୍ଧିଥାଏ । ଖାଇ ସାରିବା ପରେ ତା ସ୍ତ୍ରୀ ଉଠିଲା ଓ ସେହି ବ୍ୟକ୍ତିର କପାଳରେ ଚୁମ୍ବନଟିଏ ଦେଇ ଗ୍ଲିଗଲା ।

ତା ପରେ ବ୍ୟକ୍ତିଜଣକ ସିଗାରେଟ୍ ଜଳେଇଲା । ସେ ଦିନର ନ୍ୟୁଜ ପେପର ପଢିଲା । ମେନନ୍ ଚକିତ ହୋଇ ପଡିଲା । ତା ହେଲେ କଣ ତା ସ୍ତ୍ରୀ ତାକୁ ଧୋକା ଦେବାରେ ସକ୍ଷମ ହେଇଛି!

ସେଇ ଝିଅ, ଯିଏକ କେରଳର ଗୋଟେ ଅପନ୍ତରା ଗାଁରେ ଜନ୍ମିଥିଲା, ସେଇଠି ଛୋଟରୁ ବଡ ହେଇଥିଲା । ସେ ପୁଣି ଏଭଳଭାବେ ଜଣେ ଅଜଣା ବ୍ୟକ୍ତି ଘରକୁ ଆସି ପାଶ୍ଚାତ୍ୟ ଶୈଳୀରେ ବ୍ରେକଫାଷ୍ଟ କରିପାରେ? ସେଇ ମଧ୍ୟ ବୟସ୍କ ବ୍ୟକ୍ତି ସହ ପ୍ରେମବିହାର କରିପାରେ? ?

ହେ ଈଶ୍ୱର, ସମ୍ଭବତଃ ଏହା କେବଳ ଗୋଟେ ଦୁଃସ୍ୱପ୍ନ ହେଇଥାଉ, ମେନନ୍ ପ୍ରାର୍ଥନା କଲା ।

xxxxxxx

ଏକ ଅସୀମ ସାହସ ବାନ୍ଧି ସେ ମୁଖ୍ୟ ଦ୍ୱାରର କଲିଂ ବେଲ୍ ଚପିଲା । ଦ୍ୱାର ଖୋଲିଗଲା । ଘର ଲୋକଙ୍କ ପ୍ରତି ଗର୍ ଗର୍ ହୋଇ ଗ୍ଧକରକୁ କହିଲା, ମୁଁ ଏବେ ତୋ ମାଲିକ ସହ ଦେଖା କରିବାକୁ ଗ୍ଧହେଁ?

“ବାବୁ ଓ ମା ବ୍ରେକଫାଷ୍ଟ କରୁଛନ୍ତି । ଆପଣଙ୍କୁ ଟିକେ ଅପେକ୍ଷା କରିବାକୁ ହେବ । ତେବେ ଆପଣଙ୍କ ନାଁ କଣ? ”

“ମୋ ନାଁ ଗୋପୀ ମେନନ୍”

କଛି କ୍ଷଣ ମଧ୍ୟରେ ଘରର ମାଲିକ ବାହାରକୁ ଆସିଲେ । ସେ ନଜର ହାତ ମେନନ୍ ଆଡକୁ ବଢେଇ କହିଲେ, “ମୁଁ ସନାତନ ଚୌଧୁରୀ, କୁହନ୍ତୁ ଆପଣଙ୍କର କଣ ଆବଶ୍ୟକ?

“ମୁଁ ଶୁଣୁଛି ଆପଣଙ୍କ ଘରର କଛି ଅଂଶ ଭଡାରେ ଦେଉଛନ୍ତି? ”

“କେହି ଆପଣଙ୍କ ସହ ଥଟ୍ଟା- ତାମସା କରିଛି, ମୋ ସ୍ତ୍ରୀର କଥା ଅନୁସାରେ ଏ ଅଟ୍ଟାଳକା ମୁଁ ପ୍ରାୟତଃ ୧୦ ବର୍ଷ ପୂର୍ବେ ବନେଇଥିଲି । ମୋର ୪ଟି ପିଲାର ଜନ୍ମ ଏଇ ଘରେ ହୋଇଛି । ଅନେକ ବିପତ୍ତି ଆସିଛି ଜୀବଦ୍ଦଶାରେ, ତଥାପି ମୁଁ ଓ ମୋ ସ୍ତ୍ରୀ କୌଣସି ପରିସ୍ଥିତିରେ ଏ ଘରର ଟିକେ ଅଂଶ କାହାରିକୁ ଦେଇନାହୁଁ ଆଜି ବି ଦେବୁନାହିଁ.....”

ସେତିକବେଳେ ସନାତନ ଚୌଧୁରୀଙ୍କ ସ୍ତ୍ରୀ ଦୁହିଁଙ୍କ ନକଟକୁ ଆସୁଥାନ୍ତି । ଯେମିତି ଗୋପୀ ମେନନ୍ ଙ୍କୁ ଦେଖିଛନ୍ତି ମୁଣ୍ଡରେ ଓଢଣି ଦେଇ ଘର ଭିତରକୁ ଯିବାପାଇଁ ପ୍ରସ୍ତୁତ ହେଲେ ।

“ଠିଆହୁଅ ମୃଣାଳନୀ”, ସନାତନ ଚୌଧୁରୀଙ୍କ ନବେଦନରେ ମୃଣାଳନୀ ଠିଆହେଲେ ।

"ଏ ବ୍ୟକ୍ତି କହୁଛନ୍ତି ଆମ ଘରର କଛି ଅଂଶ ଆମେ କୁଆଡେ ଭଡାରେ ଦେବାକୁ ଗ୍ଚହୁଁଛୁ? "

ମୃଣାଳନୀ ସୁନ୍ଦର ହସଟିଏ ହସିଦେଲେ । ଗୋପୀ ମେନନ୍ ଅନୁମାନ କଲ୍ ବିଲକୁଲ "ଆଣ୍ଡ୍ରେ ହେପବର୍ଣ୍ଣ"ଙ୍କ ହସପରି...... ।

"କେହି ଆପଣଙ୍କୁ ମୂର୍ଖ ବନେଇବାକୁ ଚେଷ୍ଟା କରିଛି ।" ମୃଣାଳନୀ ମେନନ୍ ଉଦ୍ଦେଶ୍ୟରେ କହିଲେ ।

ସକାଳୁ ସକାଳୁ ମୁଁ ଆପଣଙ୍କୁ କଷ୍ଟ ଦେଇଥିବାରୁ କ୍ଷମା ଗ୍ଚହୁଁଛି ଗୋପୀ ମେନନ୍ ଦୁହିଁଙ୍କୁ ପଛକରି ସେଠୁ ବିଦାୟ ନେଲ୍ । ସନାତନ ଚୌଧୁରୀ ଓ ମୃଣାଳନୀ ମେନନ୍ ର ବିଦାୟ ଗ୍ସ୍ତାକୁ ଗ୍ଚହିଁଥାନ୍ତି ।

ମୁଖ୍ୟ ଗେଟ୍ ବାହାରେ ସିମେଣ୍ଟ ଖମ୍ବ ଉପରେ ଏକ ପିତ୍ତଳ ପ୍ଲେଟ୍ ଉପରେ ଖୋଦେଇ କରି ଲେଖାହୋଇଥିଲ୍ – "ସନାତନ ଚୌଧୁରୀ", ତଥାପି ମେନନ୍ ଆଉଥରେ ମୁହଁ ବୁଲେଇ ମୃଣାଳନୀକୁ ଦେଖିବାପାଇଁ ସାହସ କରି ପାରିଲ୍‌ନ ଯିଏ କ ନୀଳଶାଢି ପିନ୍ଧି ଅବିକଳ ନଜ ସ୍ତ୍ରୀ ପରି ଦେଖାଯାଉଥିଲ୍ ।

"ସନ୍ଦେହ ଗୋଟେ ବିଷଧର ମଞ୍ଜି", ନଜକୁ ନଜେ କହୁ କହୁ ବସଷ୍ଟାଣ୍ଡ ଅଭିମୁଖେ ଆଗଉଥାଏ ଗୋପୀ ମେନନ୍ ।

ଯୋଗ ଫର ଲ୍ଲଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲ୍‌କତା

~ ~ ~

**"ବେଦାନ୍ତୀର ନଭେମ୍ବର ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଅକ୍ଟୋବର ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲ୍: vedantimagazine@gmail.com"**

# ଆଜିର କରଦାତା



ନୃସିଂହ ଚରଣ ବେହେରା

ଆଜିର ଯୁଗର କରଦାତା କଥା
କଣ କହିବିରେ ଭାଇ,
କର ଦେବାବେଳ ଉପଗta ହେଲେ
ନମିଳେ ଦେଖା କାହାରି ॥

ରାଷ୍ଟ୍ରପାଇଁ ଟିକସ ରହିବ ନଶ୍ଚୟ
ଏ କଥା ସଭିଙ୍କୁ ଜଣା,
ଟିକସ ଦେବାର ବେଳ ହୋଇଗଲେ
ହୋଇଯାଏ ବୁଦ୍ଧି ବଣା ॥

ମଣିଷ ଚରିତ୍ର ବଡ ବିଚତ୍ର
କହିବକୁ ଭଲ ଲାଗେ,
ହେଲେ ଦେବାବେଳ ଆସିବା ମାତ୍ରେ
ପଛଘୁଞ୍ଚା ସିଏ ଦିଏ ॥


ରାଷ୍ଟ୍ରର ବିକାଶ ନମନ୍ତେ ଲୋଡା
ପଡେ ଯେବେ ଏଠି ଧନ,
ଲୋକଙ୍କ ଟିକସ ଅର୍ଥ ବଳରେ
ହୁଏ ହିତକର କାର୍ଯ୍ୟମାନ ॥

ଆମରି ଦେଶର ଟିକସ ଆଇନ
ଦୁର୍ବୋଧ ଦୀର୍ଘ ଜଟିଳ,
ସୂର୍ଯ୍ୟ ଚନ୍ଦ୍ରଙ୍କର ଲୁଚକାଳି ଖେଳ ପରି
କରଦାତା ଖୋଜେ ଗଳାବାଟ ॥

ଲୁଟିବା ପାଇଁକି ଗଳାବାଟ ପଥ
ଦେଖାଏ ଆମ ଆଇନ,
ଠିକଣା ସମୟେ ଟିକସ ନେଦେଲେ
ଦେବାକୁ ହୁଏ ଫାଇନ୍ ॥

ଟିକସ ଫାଙ୍କିବା ବଡ ଅପରାଧ
ଏ କଥା ସଭିଙ୍କୁ ଜଣା,
ରାଷ୍ଟ୍ରର ବିକାଶ ଗଠନ ପାଇଁକି
ଠିକଣା ସମୟରେ କର ଦେବା ॥

ଭୋଇନଗର, ଭୁବନେଶ୍ୱର



# ପ୍ରଫେସର ଗୌରୀ କୁମାର ବ୍ରହ୍ମା (୧୯୨୦- ୨୦୧୧)



ବରଦା ପ୍ରସନ୍ନ ଦାସ

ଓଡିଆ ସାହିତ୍ୟର ଲବ୍ଧ ପ୍ରତିଷ୍ଠ, ବାଗ୍ମୀ ପ୍ରବର ବରେଣ୍ୟ ପ୍ରତିଭା ପ୍ରଫେସର ଗୌରୀ କୁମାର ବ୍ରହ୍ମା ଗଞ୍ଜାମର ଭଞ୍ଜନଗର ସବଡିଭିଜନ ଅନ୍ତର୍ଗତ ପ୍ରତାପ ଲକ୍ଷ୍ମଣପୁର ଗ୍ରାମରେ ୧୯୨୦ ମସିହା ଫେବ୍ରୁୟାରୀ ୨୦ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ପିତାଙ୍କ ନାମ ଚନ୍ଦ୍ର ଶେଖର ବ୍ରହ୍ମା ଓ ମାତା ସାବିତ୍ରୀ ଦେବୀ । ସେ ପିଲାଦିନେ ଆନ୍ଧ୍ରପ୍ରଦେଶର ଟିକାଲି ଓ ଆସିକା ହାଇ ସ୍କୁଲରେ ଅଧ୍ୟୟନ କରି ଆନ୍ଧ୍ରରୁ ସ୍ନାତକ ଡିଗ୍ରୀ କରିବା ପରେ ଘରୋଇ ଭାବେ ଓଡିଆ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ । ୧୯୪୧ ମସିହାରେ ଓଡିଶାର ସ୍ୱନାମଧନ୍ୟ ସମାଲୋଚକ, କବି, ଗାଳ୍ପିକ, ଔପନାସିକ, ଶିଶୁ ସାହିତ୍ୟିକ ତଥା ନଅାଁଖୁଣ୍ଟାର ସମ୍ପାଦକ ଗୋଦାବରୀଶ ମହାପାତ୍ରଙ୍କର ଜ୍ୟୋଷ୍ଠ କନ୍ୟା ସତ୍ୟଭାମା ଦେବୀଙ୍କ ସହିତ ତାଙ୍କର ଶୁଭ ପରିଣୟ ସମ୍ପନ୍ନ ହୋଇଥିଲା । ସେ କିଛିକାଳ ବାଣପୁର ହାଇସ୍କୁଲ ଓ ଦିଗପହଂଡି ହାଇ ସ୍କୁଲରେ ଶିକ୍ଷକତା କରିବା ପରେ ୧୯୪୬ ରେ ଖୀର୍ଷ୍ଟ ମହାବିଦ୍ୟାଳୟରେ ଅଧ୍ୟାପକ ରୂପେ ଯୋଗ ଦେଇଥିଲେ । ପରେ ୧୯୫୦ ରେ ରେଭେନ୍ସା ମହାବିଦ୍ୟାଳୟରେ ଯୋଗଦେଇ ୧୯୫୮ ପର୍ଯ୍ୟନ୍ତ ଅଧ୍ୟାପନା କରିଥିଲେ । ପ୍ରଫେସର ବ୍ରହ୍ମା ୧୯୫୮ ରୁ ୧୯୬୯ ପର୍ଯ୍ୟନ୍ତ ଓଡିଆ ସାହିତ୍ୟ ଏକାଡେମି, ସଙ୍ଗୀତ ନାଟକ ଏକାଡେମିର ସମ୍ପାଦକ ଥିଲେ । ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଓ ଲଳିତ କଳା ଏକାଡେମିର ଉପନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ । ୧୯୬୯ ରୁ ୧୯୭୭ ପର୍ଯ୍ୟନ୍ତ ଓଡିଶା ସରକାରଙ୍କ ମୁଖ୍ୟ ପର୍ଯ୍ୟଟନ ପରାମର୍ଶଦାତା ରୂପେ କାର୍ଯ୍ୟକରି ୧୯୭୮ ରେ ରେଭେନ୍ସା ମହାବିଦ୍ୟାଳୟରୁ ଅବସର ନେଲେ ।

ଅବସର ଗ୍ରହଣ ପରେ ଟୁରିଜିମ ଓ ଟ୍ରାଭେଲ ମ୍ୟାନେଜମେଣ୍ଟ କଲେଜରେ ପ୍ରଫେସର ଭାବେ କିଛିଦିନ ପାଇଁ ଯୋଗ ଦେଇଥିଲେ । ସ୍ୱର୍ଗତଃ ପିତା ଶିବ କୁମାରଙ୍କ ସ୍ମୃତିରେ ନିଜ ବାସ

ଭବନରେ "ଶିବ କୁମାର ପି.ଜି କୋଚଙ୍ଗ ସେଣ୍ଟର" ପ୍ରତିଷ୍ଠା କରି ଓଡିଆ ସ୍ନାତକୋତ୍ତର ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ଦାନର ବ୍ୟବସ୍ଥା କରିଥିଲେ ।

ପ୍ରଫେସର ବ୍ରହ୍ମାଙ୍କ ଓଡିଆ ରଚନା ଗୁଡିକୁ ନିମ୍ନ ଲିଖିତ ଭାଗରେ ବିଭକ୍ତ କରାଯାଇପାରେ । (କ) ପ୍ରବନ୍ଧ ସମାଲୋଚନା (ଖ) ଟୀକା ଗ୍ରନ୍ଥ (ଗ) ଓଡିଆ ପର୍ଯ୍ୟଟନ ସାହିତ୍ୟ (ଘ) ଅଳଙ୍କାର ସାହିତ୍ୟ (ଙ) ଅନୁବାଦ ସାହିତ୍ୟ ।

ପ୍ରବନ୍ଧ ସମାଲୋଚନା – ଚିଲିକା ଓ ରାଧାନାଥ, ତପସ୍ୱିନୀ ଓ ମେହେର ସାହିତ୍ୟ, ରସ କଲ୍ଲୋଳ ସମୀକ୍ଷା, ଭକ୍ତ ଚରଣ ଓ ମଥୁରା ମଙ୍ଗଳ, ଅଭିମନ୍ୟୁ ସାମନ୍ତ ସିଂହାର, ସମସ୍ୟା ଓ ସମାଧାନ, ଭଞ୍ଜଙ୍କ ନିର୍ବାଚନ ଇସ୍ତାହାର, ସଂସ୍କୃତି ଓ ସାହିତ୍ୟ, ଚିନ୍ତା ଓ ଚେତନା, ଭଞ୍ଜ ଭୂମିକା ଇତ୍ୟାଦି ପ୍ରମୁଖ ରଚନାବଳୀ ।

ଟୀକା ଗ୍ରନ୍ଥ – ବଜାରବୋଲି , ବିଦଗଧ ଚିନ୍ତାମଣି(୧ମ ଖଣ୍ଡ) , ଉଷା ,ବୈଦେହିଶ ବିଳାସ (ପ୍ରଥମ ଅର୍ଘ୍ୟ), ରସ ପଞ୍ଚାଧାୟି, ଚିଲିକା ଚନ୍ଦନ ପ୍ରଭୃତି ମୁଖ୍ୟ ଟୀକା ଗ୍ରନ୍ଥ ।

ପର୍ଯ୍ୟଟନ ସାହିତ୍ୟ – ପୁରୀ ବଡ ଦେଉଳ, ଶ୍ରୀକ୍ଷେତ୍ର ଭ୍ରମଣ, ଓଡିଶାର ସୁନ୍ଦର ସୁନ୍ଦର ସ୍ଥାନ, ଜଗନ୍ନାଥ ପୁରୀ ଦେଖନ୍ତୁ ।

ଅଳଙ୍କାର ସାହିତ୍ୟ - ଅଳଙ୍କାର ସାହିତ୍ୟର କ୍ରମ ବିକାଶ , ଓଡିଆ ଅଳଙ୍କାର ସାହିତ୍ୟକୁ ଏକ ଅମୂଲ୍ୟ ଦାନ ।

ଅନୁବାଦ ସାହିତ୍ୟ - ବାପୁଙ୍କ ଆଶୀର୍ବାଦ , ଭଗବାନ ବୁଦ୍ଧ ( ହିନ୍ଦୀରୁ ଅନୁଦିତ) ଓ ନିବନ୍ଧ ମାଳା ( ବଙ୍ଗଳାରୁ ଅନୁଦିତ) ଦୁଇଟି ମୁଖ୍ୟ ଅନୁବାଦ ଗ୍ରନ୍ଥ ।

କେବଳ ଓଡିଆ ଭାଷାରେ ନୁହେଁ ସଂସ୍କୃତ ଓ ଇଂରାଜୀରେ ମଧ୍ୟ ସେ ନିଜର ପରାକାଷ୍ଠା ପ୍ରଦାନ କରିଛନ୍ତି ।

ସଂସ୍କୃତରେ – ସଂସ୍କୃତରେ ତାଙ୍କର ୩୦ ରୁ ଊର୍ଦ୍ଧ୍ୱ ରଚନା ରହିଛି । ସେମାନଙ୍କ ମଧ୍ୟରେ ଜଗନ୍ନାଥ କୀର୍ତ୍ତନମ, ପଞ୍ଚାଶୀଳା, ଗୋପବନ୍ଧୁ ନକ୍ଷତ୍ରମାଳା, ଶିଶୁ ଗିତିକା, ସଂସ୍କୃତ ଗୌରବମ, ଭାରତ ଗୌରବମ ପ୍ରଭୃତି ମୁଖ୍ୟ ରଚନାବଳୀ ।

ଇଂରାଜୀରେ - visit Puri , Fresh light on some stokes of Kalidas, mahakabi kalidas on the magic carpet of world population, Jawahar nakshatramala ପ୍ରଭୃତି ସେ ରଚନା କରିଥିଲେ ।

ପ୍ରଫେସର ବ୍ରହ୍ମା ଜନେ ବିଶିଷ୍ଟ ବାଗ୍ମୀ ଭାବରେ ଓଡିଶାରେ ପରିଚିତ । ସରଳ, ସୁନ୍ଦର, ମଧୁର ଭାଷା ବିଳାସ ସହ ଭାବରେ ମନ୍ତ୍ର ମୁଗ୍ଧ ବୟାନ ତାଙ୍କ ବାଗ୍ମିତାର ମର୍ଯ୍ୟାଦାକୁ ବହୁଗୁଣିତ କରିଥାଏ । ଏକାଧାରରେ ସଂସ୍କୃତ, ଇଂରାଜୀ, ହିନ୍ଦୀ ଓ ଓଡିଆ ଭାଷାରେ ଦୀର୍ଘ ସମୟ ଧରି ବକ୍ତୃତା ଦେବାରେ ଶକ୍ତି ଓ ସାମର୍ଥ୍ୟ ତାଙ୍କର ଥିଲା । ପ୍ରଫେସର ବ୍ରହ୍ମାଙ୍କର ବୃତ୍ତି ଥିଲା ଅଧ୍ୟାପନା କିନ୍ତୁ ପ୍ରବୃତ୍ତି ଥିଲା ଚମତ୍କାର ଶୈଳୀରେ ବକ୍ତୃତା ଉପସ୍ଥାପନ କରିବା । ସେ ବକ୍ତୃତା ଦେବାବେଳକୁ ତନ୍ମୟ ହୋଇ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଉଥିଲେ । ପ୍ରଫେସର ବ୍ରହ୍ମା ଓଡିଶା, ଭାରତ ତଥା ଭାରତ ବାହାରେ ବିଭିନ୍ନ ସ୍ଥାନରେ ସହସ୍ରାଧିକ ଦୀର୍ଘ ବକ୍ତୃତା ପ୍ରଦାନ କରିଥିବାର ସୂଚନା ମିଳେ। ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ବ୍ରହ୍ମାଙ୍କ ଧାରା ବିବରଣୀ ଥିଲା ଏକ ସ୍ୱତନ୍ତ୍ର । ସେ ଥିଲେ ପ୍ରଚଣ୍ଡ ସ୍ମରଣ ଶକ୍ତିର ଅଧିକାରୀ । ସେପ୍ଟେମ୍ବର ୨୯ ତାରିଖ ୨୦୧୧ ରେ ସେ ପରଲୋକ ଗମନ କରିଥିଲେ ।

କ୍ୱାଟର୍ ନଂ: VA- 21/ 2,
ୟୁନିଟ୍- ୨, ଭୁବନେଶ୍ୱର

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ପ୍ୟୁଟର ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।



# "ଏଇ ବର୍ଷାରେ"

ବିନୟ ମହାପାତ୍ର

ଏଇ ବର୍ଷାରେ
ଛତା କାହାର ଲୋଡା
ଯଦି ତୁମେ ସାଥେ ଥାଅ
ଭିଜିବାକୁ ଧାରା ଶ୍ରାବଣ ରେ ।
ଖୁରି ଭଲ ଲାଗେ
ତୁମ ସଙ୍ଗ, ଆକାଶ ର କଳା ରଙ୍ଗ,
ତୁମ ଗୋରା ଗୋରା ଦେହ ରେ
ବର୍ଷା ଭିଜା ତୁମ ଝିନ୍ନ ଶାଢୀ,
ମୟୂର ଚନ୍ଦ୍ରିକା ରଙ୍ଗ ରେ ।
ବରଷା ର ବୁନ୍ଦା ବୁନ୍ଦା ପାଣି,
ତୁମ ଲାଜୁକ ନିଦୁଆ ଆଖିର ନିଶା
ତୁମ ସଙ୍ଗୀତମୟୀ
ତରଙ୍ଗାୟିତ ଚାଲି,
ତୁମ ପାଦ ପାଉଁଜୀ ର ଛନକ ।
ବର୍ଷା ର ଛମ୍ ଛମ୍ ସୁର ଆଉ ତାଳ ର
ସୁମଧୂର ମଧୂର ଜୁଗଳବନ୍ଦି,
ବର୍ଷା ଭିଜା କଳା ମେଘ କୋଳେ
ଚପଳ ବିଜୁଳି କନ୍ୟା ର ଚମକ ।
ଘାସ ର ସବୁଜ ଗାଲିଚା ଆଉ
ନାଲି ଟିପି ଟିପି ସାଧବ ବୋହୂ ର
ଲାଜକୁଳୀ ନରମ ଚାଲି ରେ,
ଝରଣା ର କୁଲୁ କୁଲୁ ସୁରେ,
ତୁମେ ଆଉ ମୁଁ
ଧୁଆଁ ଧୂଆଁ ବାଦଲ ର ସବାରୀ ରେ
ବେଙ୍ଗ ରାଣୀ ସାରୁ ଗଛ ମୂଳେ
ନିରାପଦେ ପୃଷ୍ଠଭୂମି ସଙ୍ଗୀତ ଦିଏ ।
ବଡ ରୋମାଣ୍ଟିକ ଲାଗେ ସତେ
ଝିପି ଝିପି ବରଷା ରେ
ପ୍ରିୟା ତୁମେ ସାଥେ ମୋର
ପ୍ରକୃତି ର ସବୁଜ କାନଭାସ ରେ
ସତେ କିଏ ଆଙ୍କି ଦେଇଛି ଅବା
ନବ ବିବାହିତ ଜୋଡି ପାଇଁ
ସ୍ୱାଗତଂ ର ସୁନ୍ଦର ତୋରଣ ।

କଟ୍ ସ୍କୋୟାର, ପଟିଆ
ଭୂବନେଶ୍ୱର, ଓଡିଶା

# ଅଭିଆଡା



ଡ. ବିଜ୍ଞାନୀ ଦାସ

ଯଦିଓ ମିଟିଙ୍ଗ୍ ର ସମୟ ଦୁଇଘଣ୍ଟା ରଖାଯାଇଥିଲା, ତେବେ ଆଲୋଚନା ସରୁସରୁ ତିନଘଣ୍ଟା ହୋଇଗଲା । ସେଠି ରବି ଓ ଲିଣ୍ଡା ବ୍ୟତୀତ ତୁଇଜଣ ପି.ଏଚ୍.ଡି. ଓ ଜଣେ ପୋଷ୍ଟ ଡକ୍ଟରାଲ୍ ଛାତ୍ର ଉପସ୍ଥିତ ଥିଲେ । ଅଧିକ ସମୟର କାରଣ ହେଲା ରବିର ଅନ୍ୟମନସ୍କତା । କେଜାଣି କଣ ପାଇଁ ରବି ଆଲୋଚନାରେ ଜମା ବି ମନ ଦେଇପାରୁନଥିଲା ଓ ମନ ବେଳେବେଳେ ଆଲୋଚନାର ବିଷୟବସ୍ତୁର ବାହାରକୁ ଯାଇ ପଦ୍ମା ପାଖରେ ପହଞ୍ଚି ଯାଉଥିଲା । ତେଣୁ ତା' ପାଇଁ ବିଚରା ଛାତ୍ରମାନଙ୍କୁ ଏକାକଥାକୁ ଦୁଇ ତିନଥର ଦୋହରାଇବାକୁ ପଡୁଥିଲା । ମିଟିଙ୍ଗ୍ ସରିବାପରେ ଛାତ୍ରମାନେ ବିଦାୟନେଲେ । କୋଠରି ଭିତରେ କେବଳ ରବି ଓ ଲିଣ୍ଡା । ଲିଣ୍ଡା ପଚାରିଲା, "ରବି, ମତେ ଲାଗୁଛି, ତମେ କଛି କଥାକୁ ନେଇ ବିଚଳତ ଅଛ । ଆଶା କରୁଛି, ତମ ଘରେ ସମସ୍ତେ ଭଲରେ ଅଛନ୍ତି ।"

ରବି କଥା ଚଳେଇନେଇ କହିଲା, "ହ', ମୁଁ ବିଚଳତ ଅଛି । ଏବେ ଆମ ରାଜ୍ୟରେ ବାହାଘର ଋତୁ ତ! କେତେ ସଂପର୍କୀୟ ମାନଙ୍କର ବାହାଘର ହେଉଛି, ଆଉ ମୁଁ ଯୋଗ ଦେଇପାରୁନ । ହୁଏତ ସେମାନେ ମତେ ମନେପକାଉଛନ୍ତି ଓ ମୁଁ ଟେଲିପାଥି ଦ୍ୱାରା ପ୍ରଭାବିତ ହୋଇ ଅନ୍ୟମନସ୍କ ହୋଇଯାଉଛି ।"

ଲିଣ୍ଡା ବୁଝିନେବା ଭଳ ମୁଣ୍ଡ ହଲେଇଲା "ସତକଥା, ମୁଁ ବି ସେମିତି କେତେ ସାଙ୍ଗଙ୍କର ବାହାଘରକୁ ଯାଇପାରିନାହିଁ ଓ ସେମିତି ବିଚଳତ ଭାବ ଅନୁଭବ କରିଛି ।"

ସେମାନେ କନ୍‌ଫରେନ୍ସ ରୁମ୍‌ର ବାହାରକୁ ଆସି ଏଲିଭେଟର୍ ପାଖରେ ଅପେକ୍ଷା କଲେ । କନ୍‌ଫରେନ୍ସ ରୁମ୍‌ଟି ଚତୁର୍ଥ ମହଲାରେ । ଏହି ସମୟରେ ରବିର ଜଣେ ପି.ଏଚ୍.ଡି. ଛାତ୍ର ଭେଙ୍କଟ୍ ଆସୁଥିବାର ଦେଖାଗଲା । ସିଏ ରବିକୁ "ହାୟ" କହିଲା । ଭେଙ୍କଟ୍ ସହିତ ଜଣେ ଭାରତୀୟ ଝିଅଟିଏ । ସିଏ ସାଲୁଆର୍ କମିଜ୍ ପିନ୍ଧିଥିଲା ଓ ଏ ଦେଶକୁ ନୂଆ ଆସିଥିବା ଭଳ

ଜଣାପଡୁଥିଲା । ଭେଙ୍କଟ୍ ପରିଚୟ କରେଇଦେଲା, "ଇଏ ହେଲା ଅପର୍ଣ୍ଣା, ଅପର୍ଣ୍ଣା ଗଣେଶନ୍ ।"

ରବି ଅପର୍ଣ୍ଣାଙ୍କୁ "ହାଏ" କହିଲା ଓ ପଗ୍ଭରିଲା, "ତମେ କଣ ନୂଆ ଷ୍ଟୁଡେଣ୍ଟ୍ "

ଭେଙ୍କଟ୍ କହିଲା, "ନାଇଁ ସାର୍, ସିଏ ମୋର ପତ୍ନୀ, ଆମ ବାହାଘର ପାଞ୍ଚମାସ ତଳେ ହୋଇଥିଲା । ସେତେବେଳେ ତାକୁ ଭିସା ମିଳନଥିଲା । ଏବେ ଭିସା ମିଳବାରୁ, ସିଏ ଏଇ ତିନିଦିନ ତଳେ ଆସି ପହଞ୍ଚିଲା ।"

"ବହୁତ ଭଲ । ତୁମ ଦୁହିଁଙ୍କୁ ଅନେକ ଅଭିନନ୍ଦନ । ଆମ ଡିପାର୍ଟମେଣ୍ଟ୍ ଦେଖିନଅ ।"

ରବି ତାପରେ ଅପର୍ଣ୍ଣାଙ୍କୁ ପଗ୍ଭରିଲା, "ତମେ ବି କଣ ଫିଜିକ୍ସ୍ର ଛାତ୍ରୀ ? "

ଅପର୍ଣ୍ଣା କହିଲା, - "ହଁ, ମୁଁ ମାଷ୍ଟର୍ସ୍ ସାରି, ଏମ୍.ଫିଲ୍. ଗୋଟିଏ ବର୍ଷ କରିଛି । ଏଠି ଜି.ଆର୍.ଇ ଦେବି ଓ ପି.ଏଚ୍.ଡି. ପାଇଁ ଆପ୍ଲାଏ କରିବି ।"

"ବହୁତ ଭଲ । ତମକୁ ମୋର ଶୁଭେଚ୍ଛା ରହିଲା ।"

ଏ ଭିତରେ ଏଲିଭେଟର୍ ଦୁଇଥର ଉପରକୁ ଆସି ତଳକୁ ଗଲାଣି । ହେଲେ ଏମାନେ କଥାବାର୍ତ୍ତାରେ ମଜ୍ଜିରହି ଜାଣିପାରୁନାହାନ୍ତି । ତୃତୀୟଥର ପାଇଁ ଯେତେବେଳେ ଏଲିଭେଟର୍ଟି ଚତୁର୍ଥ ମହଲାକୁ ଆସିଲା, ଲିଣ୍ଡା ଏଲିଭେଟର୍ ଭିତରକୁ ପଶୁପଶୁ ରବିକୁ ପଗ୍ଭରିଲା "ଏବେ ଆମେ ଯିବା ତ? "

"ହଁ, ହଁ", କହି ରବି ଭେଙ୍କଟ୍ ଓ ଅପର୍ଣ୍ଣାଙ୍କୁ "ବାଏ" କହିଲା ଓ ଏଲିଭେଟର୍ ଭିତରକୁ ଆସିଲା ।

ଲିଣ୍ଡାକୁ ତା' ଆପାର୍ଟମେଣ୍ଟରେ ଛାଡି ଘରେ ପହଞ୍ଚିବା ବେଳକୁ ନଅଟା । ତଥାପି ବାହାରେ ଆଲୁଅ ଥାଏ । ଖରାବେଳର ଭାତ, ଆଳୁ, ଯାହା ବଳଥିଲା ତାକୁ ଖାଇଦେଇ ରବି ଟିଭି ଲଗେଇଲା । ଏବେ ଭେଙ୍କଟ୍, ତାର ଛାତ୍ର ବିବାହ କଲାଣି ଓ ସିଏ ଏମିତି ଅଭିଆଡା ଅଛି । କେଜାଣି କାହିଁକି ତାକୁ ଏ ତୁଳନାତ୍ମକ ଘଟଣାଟି ନିଜକୁ ନିଜ ଛାତ୍ର ପାଖରେ ନ୍ୟୁନ କରିଦେଲା । ଏବେ ସେ ନିଜ ମା' ଆଉ ଭାଉଜଙ୍କ ମନୋଭାବନାକୁ ବୁଝିପାରିଲା । ସେମାନେ

ହୁଏତ ସେଇ ତୁଳନାତ୍ମକ ଘଟଣା ସବୁ ଦେଖିଦେଖି ବ୍ୟସ୍ତ ହୋଇଗଲେଣି । "ଆରେ ରବିର ସାଙ୍ଗ ପ୍ରକାଶ ବାହାହୋଇ ଦିଟା ଛୁଆର ବାପା ହେଲାଣି; ଆଉ ରବି ଏପର୍ଯ୍ୟନ୍ତ ଅଭିଆଡା ।"

ପଦ୍ମାକୁ ବାହାହେବାପାଇଁ ତାର ଏକ ପୂର୍ଣ୍ଣ ଯୋଜନା ଥିଲା । ପଦ୍ମା ଗୋଟିଏ ବର୍ଷପରେ ପି.ଏଚ୍.ଡି. କରିବାକୁ ଆସିଥାଆନ୍ତା । ତାପରେ ସିଏ ଟିକେ ଏ ଦେଶରେ ଥଇଥାନ ହେବା ପରେ ତା' ପରବର୍ଷ ସେମାନେ ବିବାହ କରିଥାନ୍ତେ । ଗାଁରେ ରହିଲେ ସିନା ସାମାଜିକ ଭର୍ତ୍ସନା ସେମାନଙ୍କୁ ଡରେଇବ ଓ ଦୁଃଖ ଦେବ । ହେଲେ ଏ ଦେଶରେ ରହିଲେ ସେସବୁ ଏତେଟା ପ୍ରଭାବିତ କରିବନି । ତାପରେ ବାପା, ବୋଉଙ୍କ କଥା । ଭାଇ, ଭାଉଜ ସେମାନଙ୍କୁ ନିୟନ୍ତ୍ରିତ କରିଦେବେ । ସେମିତି ପଦ୍ମାର ପରିବାର ପାଇଁ ପ୍ରମୋଦ ଅଛି । ସିଏ ଉଚ୍ଚଶିକ୍ଷିତ । ଏସବୁ ଚଳେଇନେବ ନିଶ୍ଚୟ ।

ବିଶେଷତଃ ଅପର୍ଣ୍ଣାକୁ ଦେଖିବାପରେ ପଦ୍ମା ହିଁ ବେଶି ମନେପଡୁଥିଲା । ସିଏ ବି ଏମିତି ପି.ଏଚ୍.ଡି. କରିବାର ସ୍ୱପ୍ନରେ ମଜ୍ଜିରହିଥିଲା ।

ହେଲେ ଏବେ ସେସବୁ ଭାବି ଲାଭ କଣ? ପଦ୍ମା ତ କେତେଟା ଦିନ ପରେ ଆଉ କାହାର ହୋଇଯିବ । ତା' ବିଷୟ ଭାବିବା ହିଁ ପାପ ହୋଇଯିବ ।

ତଥାପି ରବିର ବିଶ୍ୱାସ ହେଉନଥିଲା ଯେ ପଦ୍ମାର ବାହାଘରଟା ସତରେ ସେ ପରମେଶ୍ୱର ସହିତ ହେବ । ମନଭିତରୁ କିଏ ଯେମିତି ତିରସ୍କାର କରୁଥିଲା, "ତୁ ତ ଭୀରୁଟା, ତୋ ପରିବାର ଆଗରେ ପଦ୍ମାକୁ ପତ୍ନୀ ରୂପେ ଗ୍ରହଣ କରିବାର ପ୍ରସ୍ତାବ ଆଣିବାକୁ ତୁ କେବେ ବି ସାହସ କରିନଥାନ୍ତୁ କି କରିପାରିବୁନି । ପଦ୍ମା କଣ ସାରାଜୀବନ ତତେ ବୃଥାରେ ଅପେକ୍ଷାକରି ଅଭିଆଡୀ ରହିଥାଆନ୍ତା ? "

"ମୁଁ ଭୀରୁ ନୁହେଁ । କେବଳ ଠିକ୍ ସମୟର ଅପେକ୍ଷାରେ ଅଛି ।" ରବି ନିଜକୁ ନିଜେ କୈଫିୟତ୍ ଦେଉଥିଲା ।

"ନାଁ, ତୁ ଭୀରୁ । ସତ କହିଲେ ନିଜ ପରିବାର ଆଗରେ ତୁ ସତ କହିବାକୁ ଦୁର୍ବଳ । ପଦ୍ମା ଠିକ୍ କରିଛି । ସିଏ ତୋ ଭିତରର ଏ ଭୀରୁତାକୁ ଅନୁଭବ କରିଛି । ସିଏ ତ ତା' ବାଟ ବାଛିଲା । ଏବେ ତୁ ତୋ ବାଟ ଧର ।" - ରବିର ବିବେକ ତାକୁ ଭର୍ତ୍ସନା କରୁଥିଲା । "ମୋ

ବାଟ, ମୋ ବାଟ କେଉଁଟା ? କଏ ମୋର ଜୀବନସାଥୀ ହେବ ? ନା, ମୁଁ ଏମିତି ଅଭିଆଡା ହୋଇ ସାଗ୍ ଜୀବନ ବିତେଇବି ?"

ଏମିତି ନଜକୁ ନଜେ ପ୍ରଶ୍ନ କରୁକରୁ କେତେବେଳେ ନଦ ହୋଇଯାଇଛି, ରବି ଜାଣିନ । ତା' ପରଦିନ ଉଠିବା ବେଳକୁ ସକାଳ ଆଠଟା । ୟୁନଭର୍ସିଟି ଖୋଲୁଖୋଲୁ ଆହୁରି ଦୁଇମାସ । ତେଣୁ ଏ ଖରାଛୁଟିରେ କାମ କମ୍ । ଗ୍ଭହିଁଥିଲେ ରବି ଓଡିଶା ଯାଇପାରିଥାନ୍ତା । ହେଲେ କଛି ଗ୍ରାଣ୍ଟ ପ୍ରପୋଜାଲ୍ ଓ ଗବେଷଣା ଜନତ କାମ ନେଇ ସିଏ ଏଇଠି ରହିବାକୁ ପସନ୍ଦକଲା । ତାର କେତେ ସହକର୍ମୀ ସବୁ ନଜ ପରିବାର ଧରି ଛୁଟିଦିନ କଟେଇବା ପାଇଁ ବିଭିନ୍ନ ସ୍ଥାନକୁ ଯାଇଛନ୍ତି । କଏ କ୍ରୁଜରେ ଆଲାସ୍କା ଯାଇଛି ତ, କଏ ସାଙ୍ଗସାଥୀଙ୍କ ସହ ମିଶି ପେରୁ ଯାଇଛନ୍ତି । ରବିର କନ୍ଫରେନ୍ସ ଅଛି ଜୁଲାଇରେ, ବେଜିଙ୍ଗ୍ ସହରରେ । ସେଇ ବି ହବ ତାର ଗ୍ରୀଷ୍ମଛୁଟି । ତେଣୁ ଆଉକଛି ଗ୍ରୀଷ୍ମଛୁଟିର ଆବଶ୍ୟକତା ନାହିଁ ।

ମନେମନେ ହସିଲା ରବି । ଜୁଲାଇ ୧୩ରେ ସେଠି ପଦ୍ମାର ବାହାଘର ହେଉଥିବ ଓ ରବି ତେଣେ ବେଜିଙ୍ଗରେ କନ୍ଫରେନ୍ସ ଆଟେଣ୍ଡ କରୁଥିବ ।

ରବି ନତ୍ୟକର୍ମ ସାରିଲା ଓ ଗ୍ଭହା ତିଆରିକରି ଆଣି ତା' ଲିଭିଙ୍ଗ୍ ରୁମ୍ ଟେବୁଲ୍ ଉପରେ ରଖିଲା । ଗତକାଲିର ଆଲୋଚ୍ୟ ବିଷୟ ସବୁ ଉପରେ ତାକୁ ଭ୍ଭବିବାକୁ ପଡିବ ଓ ଲେଖିବାକୁ ପଡିବ ।

ଏହି ସମୟରେ ଫୋନ୍ ଆସିଲା । ଜାହ୍ନବୀର ଫୋନ୍ । ଜାହ୍ନବୀ ତ ତାକୁ କେବେ ଫୋନ୍ କରେନ । ହଠାତ୍ କାହିଁକ ? ଫୋନ୍ ଧରିବାରୁ ଜାହ୍ନବୀ କହିଲା, "ଜାଣିଛ ରବି, ତୁମ ପିଉସୀଙ୍କର କ୍ୟାନ୍ସର୍ ହୋଇଛି । ସିଏ ଏବେ ହସ୍ପିଟାଲରେ ଅଛନ୍ତି । କହିବ ତ ତମ ସହିତ ଫୋନ୍ ଲଗେଇଦେବି ।

ରବି ବାକ୍ଶୂନ୍ୟ ହୋଇଗଲା । ଏମିତି କାହିଁକ ହେଲା ?

ଜାହ୍ନବୀ ସଂକ୍ଷେପରେ ପିଉସୀଙ୍କ ଅବସ୍ଥା ବର୍ଣ୍ଣନା କରି ତାଙ୍କ ସହିତ ରବିଙ୍କୁ ଫୋନରେ କଥାହେବାକୁ ଦେଲା । ଛୋଟବେଳେ ପିଉସୀନାନୀ ବହୁତ ଯତ୍ନ ନେଇଛନ୍ତି ରବିର । କୋଳେଇ, କାଖେଇ, ଖୁଆଇ, ପିଆଇ ତାକୁ ବଢେଇଛନ୍ତି । ପିଉସୀନାନୀ ବଡ ଦୁଃଖୀ

ଥିଲେ । ତଥାପି ନିଜେ ନିଜକୁ ବୁଝାଉଥିଲେ । ରବିକୁ କହିଲେ, "ବୟସ ତ ହେଲା ବାପା, ଏବେ ଯିବା ସମୟ ଆସିଗଲା । ତୋ ବାହାଘର ଦେଖିବାକୁ ବଞ୍ଚିଥିବିକି ନାହିଁ ।"

ରବି ଆଶ୍ୱାସନା ଦେଲା, - "ଆଜିକାଲି ସବୁ ରୋଗର ଭଲଭାବେ ଚିକିତ୍ସା ହୋଇପାରୁଛି । ତୁ ଜମା ଚିନ୍ତାକରନା । ତୁ ନିଶ୍ଚୟ ଭଲ ହୋଇଯିବୁ ।"

ପିଉସୀନାନୀ ସେପଟରୁ ହସି କହିଲେ, "ନହେଲେ ତୋ ବାହାଘରରେ କିଏ ସବୁ ଯୋଗାଡ କରିବ କହୁନୁ ? ହଉ, ଦେଖାଯାଉ, ଭଗବାନ କଣ କରୁଛନ୍ତି ? "

କିଛି ସମୟ କଥାହୋଇ ପିଉସୀନାନୀଙ୍କୁ ଆଶ୍ୱାସନ ଦେବାପରେ ରବି ଘରକୁ ଫୋନ୍ କରି ବାପାଙ୍କ ସହିତ କଥାହେଲା । ପିଉସୀନାନୀଙ୍କ ଚିକିତ୍ସାପାଇଁ ଯାହା ଖର୍ଚ୍ଚ, ସେସବୁ ସିଏ ବହନକରିବ ଓ ସେଥିପାଇଁ ଟଙ୍କା ପଠାଇବ ବୋଲି କହିଲା । ସେ ଦିନଟା ଆଉ ଭଲରେ ଗଲାନି ।

ତା' ପର ଦୁଇଦିନ ବି ଖରାପ ଖବର ଆସିଲା । ରବିର ଗୋଟିଏ ଛାତ୍ରର ପ୍ରଥମ ଜର୍ଣ୍ଣାଲ୍ ପେପର୍ ରିଜେକ୍ଟ ହୋଇଯାଇଥିଲା । ରିଭିୟୁର୍‌ର ମନ୍ତବ୍ୟ ସବୁ ପଢି ଲାଗୁଥିଲା ଯେମିତି ତାର ବିଷୟବସ୍ତୁ ଉପରେ ସେତେଟା ଜ୍ଞାନ ନାହିଁ । ରବିର ଏ ଅଭିଜ୍ଞତା ନୂଆ । କାରଣ, ତାର କୌଣସି ପେପର୍ ଏ ପର୍ଯ୍ୟନ୍ତ ରିଜେକ୍ଟ ହୋଇନଥିଲା । ତେବେ ଡିପାର୍ଟମେଣ୍ଟର ଆଉଜଣେ ଅଧକ୍ଷ, ଯିଏ ସେ ପେପରର କୋ- ଅଥର୍ ଥିଲେ, ସିଏ ଆଶ୍ୱାସନା ଦେଲେ । "ଦେଖ ଏମିତି ସବୁ ହୁଏ । ଆମେ ଆଉ ଗୋଟିଏ ଜର୍ଣ୍ଣାଲ୍‌କୁ ପଠାଇବା ।"

ରବିର ସେ ଛାତ୍ରଟି ବଡ ଦୁଃଖିତ ହେଲା । ସେଇଟା ତାର ପ୍ରଥମ ପେପର୍ । ରବି ତାକୁ ଆଶ୍ୱାସନା ଦେଲା । ହେଲେ ଆଉଗୋଟିଏ ଜର୍ଣ୍ଣାଲ୍ ପାଇଁ ଏ ପେପର୍‌କୁ ପ୍ରସ୍ତୁତ କରିବା ଏତେ ସିଧାସଳଖ କାମ ନୁହେଁ । ତଥାପି ଆଶା ଅଛି, ପେପର୍‌ଟି ନିଶ୍ଚୟ ପ୍ରକାଶିତ ହେବ ।

ସେମିତି ଗୁରୁବାର ଦିନ ଆହୁରି ଗୋଟିଏ ଖରାପ ଖବର ପହଞ୍ଚିଲା, ରବିର ଗୋଟିଏ ଗ୍ରାଣ୍ଟ୍ ପ୍ରପୋଜାଲ୍ ରିଜେକ୍ଟ ହୋଇଗଲା ।

ଏତେସବୁ ଦୁର୍ଘଟଣା ଓ ଖରାପ ସମ୍ବାଦକୁ ଏକାସାଙ୍ଗରେ ହଜମ କରିବାର ସାମର୍ଥ୍ୟ ନଥିଲା ରବିର । "କଣ କରାଯିବ ? କେମିତି କରାଯିବ ? କିଏ କରିବ ?" ଲାଗୁଥିଲା ଯେମିତି ପଦ୍ମ

ତା' ଜୀବନରୁ ବାହାରିଯିବା ବୋଧହୁଏ ତାକୁ ଲକ୍ଷ୍ମୀଛଡା କରିଦେବ କି କଣ ? ପଦ୍ମା ସହିତ ତାର ପ୍ରମୋଦର ପାର୍ଟିରେ ଦେଖାହେବା ଦିନରୁ ତା' ଜୀବନରେ ବହୁତ ଉନ୍ନତି ହୋଇଛି । ସିଏ ପାଞ୍ଚପାଞ୍ଚଟା ଗ୍ରାଣ୍ଟ୍ ପାଇଛି । ତା' ଗୃକରିର ସ୍ଥାୟିତ୍ୱ ଆସିଛି । ତାର ପେପର୍ କେବେ ବି ରିଜେକ୍ଟ ହୋଇନ ଓ ସେ କେତେସବୁ ସମ୍ମାନର ଅଧିକାରୀ ହୋଇଛି । ହେଲେ ଲାଗୁଛି ଏବେ ତା' ଜୀବନର ପତନ ସମୟ ଆସିଗଲା । ପଦ୍ମା ତାକୁ ଦୂରେଇଦେବାକୁ ବସିଲାନ ଯେ ତା ଭାଗ୍ୟକୁ ଦୁର୍ଭାଗ୍ୟରେ ପରିଣତ କରାଇ ଅଭିଶପ୍ତ କରିଦେଲା ।

ଏମିତି ଚନ୍ତାଶୀଳ ହୋଇ ଡିପାର୍ଟମେଣ୍ଟକୁ ଯାଉଯାଉ ହଠାତ୍ ସେ ଯେ ଗୋଟିଏ କାର୍‌ର ସାମନାକୁ ଆସିଯାଇଛି, ଜାଣିପାରିନ । କାର୍‌ଟି ତା' ଦେହରେ ବାଜି ତାକୁ ଏତେ ଜୋରରେ ଉପରକୁ ଟେକ ତଳେ କଗଡ଼ିଦେଲା ଯେ, ଯଦି ଲିଣ୍ଡା ସେ ସମୟରେ ସେଠି ନଥାନ୍ତା, ରବି ଏତେବେଳକୁ ପରପାରିରେ ଥାଆନ୍ତା । ଲିଣ୍ଡା ସେଇବାଟ ଦେଇ ଯାଉଥିଲା । ରବି କଗଡ଼ିହୋଇ ତଳେ ପଡିବା ପୂର୍ବରୁ ସିଏ ଆସି ତାକୁ ଧରିଦେଲା । ଅନ୍ୟକଛି ଛାତ୍ରମାନେ ବି ପହଞ୍ଚିଗଲେ ଓ ରବିକୁ ସାଙ୍ଗେସାଙ୍ଗେ ଡାକ୍ତରଖାନା ନେଇଗଲେ ।

"ଭଗବାନଙ୍କୁ ଧନ୍ୟବାଦ । ତମର ବେଶି କଛି ହୋଇନ । ହେଲେ ତମେ ଏମିତି ଅନ୍ୟମନସ୍କ ହୋଇ ଗ୍ଲୁଥିଲ କେମିତି ?" ରବି କହିଲା, "ତମେ ତ ମୋର ଭଗବାନ ଲିଣ୍ଡା ଆଜି ଏ ପିତୃମାତୃ ଦତ୍ତ ପ୍ରାଣଟି କେବଳ ତମପାଇଁ ରକ୍ଷା ପାଇଗଲା । ନହେଲେ ଏତେବେଳକୁ ସେପାରିରେ ହୁଅନ୍ତାଣି ।"

ଲିଣ୍ଡା ପାଖକୁ ଆସି ରବି ଓଠରେ ହାତରଖି ଉପଦେଶ ଦେଲା "ସେମିତି ଖରାପ କଥା କୁହନ ରବି । ଜାଣିଛ, ମଣିଷର ସବୁ ଭାବନା ସହିତ ପ୍ରକୃତ ଘଟଣା ଘଟିବାର ନିବିଡ ସଂପର୍କ ଅଛି । ତମେ ଖରାପ ଭାବିଲେ, ଖରାପ ହେବ, ଭଲ ଭାବିଲେ, ଭଲହେବ ।"

"ମୁଁ ଏଥିରେ ଏକମତ ନୁହେଁ । କଏ କଣ କେବେ ଭାବେ ଯେ ମୋର ଆକ୍‌ସିଡେଣ୍ଟ ହେଉ କି ମତେ ରୋଗ ହେଉ, କି ମୋ ଗ୍ରାଣ୍ଟ ରିଜେକ୍ଟ ହେଉ । ହେଲେ ସେସବୁ ହୁଏନା ।" - ରବି ଦୃଢତାର ସହିତ ଏ ମନ୍ତବ୍ୟ ଦେଲା ।

"ହଉ, ତମେ ଆଉ ଯୁକ୍ତି କରନ । ହେଲେ ଜୀବନ ଅଛି ମାନେ ସମସ୍ୟା ତ ଅଛି ନା । ଆଉ ସବୁ ସମସ୍ୟାର ସମାଧାନ ବି ଅଛି । ଟିକେ ମନ ସ୍ଥିରକରି ଭାବିଲେ ସବୁ ସମସ୍ୟାର

ସମାଧାନର ସୂତ୍ର ମନକୁ ଆପଣାଛାଏଁ ଆସିଯିବ । ଆଚ୍ଛା କହିଲ, ତମର କଣ ହୋଇଛି । ମତେ ଲାଗୁଛି, କିଛି କଥା ତମକୁ ବିଚଳିତ କରୁଛି ।"

ରବି ଭାବିଲା ଲିଣ୍ଡାକୁ ପଗ୍ଭରିଦେବ, ପଦ୍ମାର ବାହାଘର କେମିତି ବନ୍ଦ କରିହେବ ଓ ରବି ସହିତ ତାର ବାହାଘର କରାଇହେବ । ହେଲେ କେବଳ ପଦ୍ମା ବିଷୟ ଛାଡି ସିଏ ଅନ୍ୟଘଟଣା ସବୁ ଲିଣ୍ଡାକୁ କହିଲା । ଲିଣ୍ଡା ପ୍ରବୋଧନା ଦେଲା "ଏ ସବୁର ସମାଧାନ ଅଛି । କେବଳ ଧୈର୍ଯ୍ୟ ରଖିବାର ଅଛି ଓ ଭଲଭାବେ ଚିନ୍ତା କରିବାର ଅଛି । ତମକୁ ନିଜ ଉପରେ ନିୟନ୍ତ୍ରଣ ରଖିବାକୁ ପଡିବ । ଏମିତି ଅନ୍ୟମନସ୍କତା ସାଂଘାତିକ ହୋଇପାରେ । ଜାଣିଛ ତ, ଏମିତି ଅନ୍ୟମନସ୍କତା ପାଇଁ ଜଣେ ପି,ଏଚ୍.ଡି. ଷ୍ଟୁଡେଣ୍ଟ ସାରା ଆପାର୍ଟମେଣ୍ଟ କଂପ୍ଲେକ୍ସ ଜଳେଇଦେଇଥିଲା । ପ୍ଲିଜ୍, ଛୋଟ ଜିନଷ ବଡ ହୋଇଯାଏ, ସେ ଷ୍ଟୁଡେଣ୍ଟକୁ ନେଇ ଜେଲରେ ଓ ପାଗଳଖାନାରେ ରଖାଗଲା । ତେଣୁ ତମେ ଟିକେ ନିୟନ୍ତ୍ରଣରେ ରୁହ ।"

ରବି ନିଜକୁ ଦୁର୍ବଳ ମନେକରୁଥିଲା । ପ୍ରକୃତରେ କହିବାକୁ ଗଲେ ପଦ୍ମା ବିଷୟ ହିଁ ତାକୁ ବିଚଳିତ କରୁଥିଲା; ସେଥିପାଇଁ ଅନ୍ୟ ସବୁ ଘଟଣାର ଓଜନ ଯେତିକି ହେବା କଥା ନୁହେଁ, ତାଠାରୁ ଅଧିକ ହୋଇଗଲା ।

ଡକ୍ଟର ଆସି ପହଞ୍ଚିଲେ । କହିଲେ, "ତମେ ଠିକ୍ ଅଛ, ତମ ମେରୁଦଣ୍ଡରେ ଅଳ୍ପ ଗ୍ଭପ ପଡିଛି । ଟିକେ ଉଠିବା, ଶୋଇବା କଷ୍ଟ ହୋଇପାରେ । ଆଡ୍‌ଭିଲ୍ ଖାଇଲେ ଓ ଉଷ୍ମପାଣିରେ ଗାଧୋଇଲେ ସେସବୁ ଧୀରେଧୀରେ ଠିକ୍ ହୋଇଯିବ । କିଛି ବ୍ୟସ୍ତ ହେବାର ନାହିଁ । ଏବେ ତମେ ଘରକୁ ଯାଇପାରିବ ।"

ରବିକୁ ବି ଆଶ୍ଚର୍ଯ୍ୟ ଲାଗୁଥିଲା । ଲିଣ୍ଡା ଗୋଟିଏ ଝିଅପିଲା ହୋଇ କେମିତି ଏତେ ବଳଶାଳୀ ହୋଇଗଲା ଯେ, ପଡିଯାଉଥିବା ରବି ଭଳି ପାଞ୍ଚଫୁଟ ପାଞ୍ଚଇଞ୍ଚର ମରଦଟାକୁ ଧରିଦେଲା ? ଏ ଆମେରିକାନ୍ ଝିଅମାନଙ୍କୁ ମାନିବାକୁ ପଡିବ । ଆଜି ଲିଣ୍ଡା ନଥିଲେ ସତରେ ସେ ସିମେଣ୍ଟ ଉପରେ ପଡି ରବି ଛେଚା ହୋଇ ଯାଇଥାଆନ୍ତା, ହୁଏତ ବଞ୍ଚିନଥାନ୍ତା ।

ଲିଣ୍ଡା କହିଲା, "ତମକୁ ଯଦି ଘଟଣା ସବୁ ଏତେ ଗ୍ଭପ ଦେଉଛି, ନିଜକୁ ନିୟନ୍ତ୍ରଣ କରିବା ପର୍ଯ୍ୟନ୍ତ ତମେ ମୋ ଆପାର୍ଟମେଣ୍ଟରେ ଆଜି ରହିଯାଇପାରିବ, ନହେଲେ କହିବ ତ ମୁଁ ତମ ଆପାର୍ଟମେଣ୍ଟରେ ରହିଯିବି ।" ଓଡିଶାରେ କି ଭାରତରେ ଏମିତି ପୁଅଝିଅ ସାଙ୍ଗ ହୋଇ

ରହିଯିବାଟାକୁ ଏତେ ସହଜରେ ନଆସାଏନ । ସେ ସଂସ୍କାର ଲିଣ୍ଡା ସିନା ଶିଖିନ, ହେଲେ ସେ ସଂସ୍କାର ରବିର ଅଛି । ତେଣୁ ରବି ମନାକଲା, "ତମେ ବ୍ୟସ୍ତ ହୁଅନ । ମୁଁ ନିଜକୁ ନିୟନ୍ତ୍ରଣରେ ରଖିବି ।"

ଲିଣ୍ଡା ରବିକୁ ତା' ଆପାର୍ଟମେଣ୍ଟରେ ଛାଡି ନିଜ ଆପାର୍ଟମେଣ୍ଟକୁ ଗ୍ଲିଗଲା ।

ତା' ପରଦିନ ରବି ବିଶ୍ରାମନେଲା । ଠିକ୍ ସିଧାହୋଇ ଠିଆହେବାକୁ କଷ୍ଟ ହେଉଥିଲା । ଲିଣ୍ଡା ମଝିରେ ଆସିଥିଲା । ପିଜା ମଗେଇ ଖୁଆଇଲା ଓ ତାପରେ ବିଦାୟ ନେଇଥିଲା । ଲିଣ୍ଡାର ସ୍ନେହରେ ରବି ବୁଡିଯାଉଥିଲା । ଲିଣ୍ଡା ଭ୍ଵରି ସ୍ମାର୍ଟ ଆଉ ପ୍ରତିଯୋଗୀ ମନୋଭ୍ଵବର ଝିଅ । ହେଲେ ତା' ଭିତରେ ଯେ ଏତେ ସ୍ନେହ, ସମବେଦନା ଥିଲା, ରବି ଆଜି ତା' ଅନ୍ତରକୁ ଆବିଷ୍କାର ଓ ଅନୁଭବ କଲା ।

ତା' ପରଦିନ ଟିକେ ଭଲ ଲାଗୁଥିଲା । ଭ୍ଵବିଲା, ମନ୍ଦିର ଯାଇ ପୂଜା କରିଆସିବ । କିଛି ଗ୍ରହଦୋଷ ପଡିଛି ତ ନିଶ୍ଚୟ । ଯଦିଓ ତାର ବୈଜ୍ଞାନିକ ମନ ବେଳେବେଳେ ଧର୍ମ ଅନ୍ଧଚଳଣି ବିରୁଦ୍ଧରେ ବିଦ୍ରୋହକରେ, ହେଲେ କେତୋଟି କଥା ସିଏ ବିଶ୍ଵାସ କରେ । ତେଣୁ ଗ୍ଵକରି ପାଇଁ ଇଣ୍ଟର୍‌ଭିଉ ଦେବାପୂର୍ବରୁ ସିଏ ଯାଇ ମନ୍ଦିରରେ ପୂଜା କରିଥିଲା । ପି.ଏଚ୍.ଡି. ଥେସିସ୍ ଡିଫେଣ୍ଡ୍ କରିବା ପୂର୍ବରୁ ସିଏ ଯାଇ ମନ୍ଦିରେର ପୂଜା କରିଥିଲା । ସେଇ ବିଶ୍ଵାସ ନେଇ ସିଏ ଗାଧୋଇପାଧୋଇ ପ୍ରସ୍ତୁତ ହୋଇଗଲା । ପିଲାଟିବେଳରୁ ତାର ଏମିତି ଅଭ୍ୟାସ । କୌଣସି କାରଣପାଇଁ ବିବ୍ରତ ହୋଇ ମୁଣ୍ଡରେ କିଛି ନ ପଶିଲେ ବୋଉ କହେ, "ଯା, ଠାକୁରଙ୍କ ଆଗରେ ନିଜକୁ ସମର୍ପି ଦେ । ତୋ ମୁଣ୍ଡ ଥଣ୍ଡା ହୋଇଯିବ ଓ ଚିନ୍ତା ପରିଷ୍କାର ହେବ ।"

ହିନ୍ଦୁ ମନ୍ଦିର ଜମା କୋଡିଏ ମିନଟ୍‌ର ଡ୍ରାଇଭିଂ । ମନ୍ଦିରରେ ପହଞ୍ଚିବା ବେଳକୁ ବେଶି ଲୋକ କେହି ନଥିଲେ । କେବଳ ପଣ୍ଡିତ ଦୁଇଜଣ ପ୍ରବେଶଦ୍ଵାର ନିକଟବର୍ତ୍ତୀ ପଡିଥିବା ସୋଫାଉପରେ ବସି ଗପସପ ହେଉଥିଲେ । ରବିକୁ ଦେଖି ନିରଞ୍ଜନ ପଣ୍ଡିତ ପଗ୍ଵରିଲେ, "ବହୁତ ଦିନ ହେଲା ମନ୍ଦିର ଆସିନଥିଲ, କଣ ଭ୍ଵରତ ଗ୍ଲିଯାଇଥିଲ ?"

"ନା, ନା, ଏ କାମର ଗ୍ଵପରେ ସମୟ ହିଁ ମିଳୁନଥିଲା ।" - ରବି କହିଲା ।

"ହଉ ଆସ । ଆଜି ଭ୍ଵରି ଭଲଦିନ । ଭଗବାନଙ୍କ ପାଖରେ ଟିକେ ପୂଜା କରିଯାଅ ।"

କଛି ସମୟ ପଣ୍ଡିତ ପୂଜାକଲେ । ପୂଜାପରେ ପ୍ରସାଦ ରୂପେ ଗୋଟିଏ ଲଡ୍ଡୁ ଓ ଆପଲ୍ ଦେଲେ । ରବି ପ୍ରସାଦ ପାଇ ମନ୍ଦିର ଭିତରେ କଛି ସମୟ ବସିଲା । ଏ ଭିତରେ ଦିବାକର ପଣ୍ଡିତ ପହଞ୍ଚିଗଲେ । ସିଏ ଜଣେ ଭଲ ଗାୟକ ଓ ବାଦ୍ୟକାର ମଧ୍ୟ । ସିଏ ଆସି ହାରମୋନୟମ୍ ପାଖରେ ବସିଗଲେ ଓ ଏକ ଶାସ୍ତ୍ରୀୟ ଭଜନ ଗାଇବା ଆରମ୍ଭକଲେ । ନିରଞ୍ଜନ ପଣ୍ଡିତ ତାଙ୍କ ପାଖରେ ବସିଗଲେ ଓ ତବଲାରେ ତାଳଦେଲେ । ରବିକୁ ଶାସ୍ତ୍ରୀୟ ସଙ୍ଗୀତ ବହୁତ ଭଲଲାଗେ । ତେଣୁ ବର୍ତ୍ତମାନର ପରିସ୍ଥିତିରୁ ବାହାରି ଆସି ମନ୍ଦିର ପରିବେଶରେ ଶାସ୍ତ୍ରୀୟ ଭଜନ ଶୁଣି ତାକୁ ଆନନ୍ଦ ମିଳୁଥାଏ ।

ତା' ବସିବା ଭିତରେ ଆଉ ୪- ୫ ଜଣ ଭକ୍ତ ବି ବିଭିନ୍ନ ସମୟରେ ଆସି ଠାକୁର ଦର୍ଶନ କରି ଫେରିଗଲେ ।

ରବିର ସେତେବେଳକୁ ମନ୍ଦିରରେ ବସିରହିବାର ଅଧଘଣ୍ଟାଏ ହେଲାଣି । ରବି ଫେରିବାକୁ ପ୍ରସ୍ତୁତ ହେଉଛି ତ ଆସି ପହଞ୍ଚିଲେ ସୁରବାବୁ । ସୁରବାବୁ ସେ ଅଞ୍ଚଳର ଜଣେ ଜଣାଶୁଣା ଓଡିଆ । ସିଏ ବିଭିନ୍ନ ଭାରତୀୟ ସଂସ୍ଥାମାନଙ୍କ ସହିତ ସଂପୃକ୍ତ । ତା' ଛଡା, ସିଏ ଜଣେ ଉଦୀୟମାନ ବ୍ୟବସାୟୀ । ତାଙ୍କର ନିଜର ସଫ୍ଟ୍‌ଓୟାର୍ କଂପାନୀ ଅଛି । ରବି ଯେତେବେଳେ ପ୍ରଥମେ ଚାକରି ପାଇଁ ଏ ଅଞ୍ଚଳକୁ ଆସିଥିଲା, ସୁରବାବୁଙ୍କ ସାହାଯ୍ୟ ନେଇଥିଲା । ସିଏ ହିଁ ତାକୁ ଆପାର୍ଟମେଣ୍ଟ ଖୋଜିବାରେ ଓ କଛି ପ୍ରାଥମିକ ବ୍ୟବହାର୍ଯ୍ୟ ଜିନିଷ, ଯଥା, ମାଇକ୍ରୋୱେଭ୍ ଓଭ୍‌ନ୍, ଟେବୁଲ୍, ଚେୟାର୍ ଇତ୍ୟାଦି କିଣିବାରେ ସାହାଯ୍ୟ କରିଥିଲେ । ହେଲେ ରବି ଏବେ ସେମାନଙ୍କ ସହିତ ବହୁତ ଦିନ ହେଲାଣି ସଂପର୍କ ରଖିପାରିନି ।

ସୁରବାବୁ ରବିକୁ ଦେଖି ବଡ ଖୁସିହୋଇ କହିଲେ, "ତମ ସହିତ ଦେଖାହେଲା, ଭଲହେଲା । କାହିଁକି, କଣ କାମ ଏତେ ପଡିଛି ଯେ, ତମର ଆମ ଓଡିଆ ସମାଜର କୌଣସି କାର୍ଯ୍ୟକ୍ରମରେ ଦେଖାହେଉନି ।"

ରବି କ୍ଷମାମାଗି କହିଲା, "ଆପଣ ତ ଜାଣିଛନ୍ତି, ଆଜିକାଲିର ୟୁନିଭର୍ସିଟି ଚାକରିରେ ବଞ୍ଚିରହିବା କେତେ କଷ୍ଟକର । ଭଗବାନଙ୍କ ଦୟାରୁ ଗ୍ଭରିଟା ଗ୍ରାଣ୍ଟ ମୋର ପାଞ୍ଚବର୍ଷ ପର୍ଯ୍ୟନ୍ତ ଅଛି । ହେଲେ ବି ସେସବୁ ପାଇଁ କାମ କରିବାକୁ ପଡୁଛି । ତା' ସହିତ ଅନ୍ୟ

ଫାକଲ୍‌ଟିମାନଙ୍କ ସହିତ ପ୍ରତିଦ୍ୱନ୍ଦିତା କରିକରି ସମୟ ବି କେମିତି ବିତିଯାଉଛି, ଜଣାପଡୁନ । ଆଉ ଆପଣଙ୍କର ସବୁ ଭଲ ତ? "

ସୁରବାବୁ କହିଲେ, "ସବୁ ଭଲ, ତେବେ ଆମ ବଡଝିଅର ଓଡିଶୀ ମଞ୍ଚପ୍ରବେଶ ହେଉଛି ଜୁନ୍ ୨୫ ତାରିଖରେ । ସେସବୁ ବନ୍ଦୋବସ୍ତ ନେଇ ଟିକେ ବ୍ୟସ୍ତଅଛି । ହେଲେ ତମ ଭାଉଜ ସବୁ କରୁଛନ୍ତି । ମୋର କେବଳ ତାଙ୍କ ଆଦେଶ ମାନବାର କାମ ।" ଏମିତି କହି ସୁରବାବୁ ଖୋଲାହସ ହସିଲେ । ପୁଣି କହିଲେ, "ଏବେ ତ ସେ ଆଦେଶମାନବା କଥା ତମେ ବୁଝିପାରିବନ । ଯେତେଦିନ ଅଭିଆଡା ରହିଥିବ, ସେତେଦିନ ଶାନ୍ତି । ବାଡୁଅପାଣି ପଡିଲେ ତ ଗଲା, ତମର ସବୁ ସ୍ୱାଧୀନତା ଯିବ, ତମେ ପୁରା ପୋଷାକୁକୁର ବନିଯିବ ।"

ରବି ବି ସୁରବାବୁଙ୍କର ମନ୍ତବ୍ୟରେ ହସିପକେଇଲା ।

ତାପରେ ସୁରବାବୁ ନିମନ୍ତ୍ରଣ କରି କହିଲେ, "ତମେ ଆମ ଝିଅର ମଞ୍ଚପ୍ରବେଶକୁ ନିଶ୍ଚୟ ଆସିବ ।"

"ହଁ, ହଁ, ଆସିବି ନିଶ୍ଚୟ ।"

ସୁରବାବୁ ନିଜ ଗାଡିପାଖକୁ ଗଲେ ଓ ଗାଡି ଖୋଲି କାର୍ଡଟିଏ ଆଣି ରବିକୁ ଦେଲେ ।

ରବି କାର୍ଡ ଖୋଲି ଦେଖିଲା, ମଞ୍ଚପ୍ରବେଶ ଏଇ ପାଖ ସ୍କୁଲରେ ହେଉଛି । ସେଦିନ ବି ତାର ସେମିତି କିଛି କାମ ନାହିଁ । ଏମିତିରେ ସିଏ ଯେମିତି ମନୋଭାବନା ଦେଇ ଗତିକରୁଛି, ତାର କିଛିଟା ପରିବର୍ତ୍ତନ ଦରକାର । ହଁ, ଲିଣ୍ଡାର ଓଡିଆ ସଂସ୍କୃତି ବିଷୟରେ ଜାଣିବାକୁ ବହୁତ ଆଗ୍ରହ । ଲିଣ୍ଡାକୁ ସିଏ ସାଙ୍ଗରେ ଆଣିବ କି ? ହଠାତ୍ ମନରେ ଏ ଭାବନା ଆସିବାରୁ ସିଏ ପଚାରିଦେ "ଆଜ୍ଞା, ଗୋଟିଏ ଆମେରିକାନ୍ ସାଙ୍ଗକୁ ଆଣିପାରିବି ? "

"ନିଶ୍ଚୟ, ନିଶ୍ଚୟ । ସେମାନେ ବି ଆମ ସଂସ୍କୃତି ବିଷୟରେ ଟିକେ ଜାଣିବେ । ସେଇଟା ବହୁତ ଭଲ ହେବ ।" - ସୁରବାବୁ ଖୁସିହୋଇ କହିଲେ ।

ରବି ମନେମନେ ଖୁସିହେଲା । ଲିଣ୍ଡାପାଇଁ କିଛିଟା ତ ସିଏ କରିପାରିବ । ତାକୁ ଓଡିଆ ସଂସ୍କୃତି ବିଷୟରେ ଜଣେଇପାରିବ ।

ମନ୍ଦିରରୁ ଫେରିବାବେଳେ ସେ ଏ ବିଷୟ ଭାବି ମନରେ ସ୍ଫୁର୍ତ୍ତି ଅନୁଭବ କଲା । ଲିଣ୍ଡାର ଯେଉଁ ରଣ ରହିଲା ତା' ଉପରେ, ସେ ନିଶ୍ଚୟ ସେସବୁ ସୁଝିବ । ସୁରବାବୁଙ୍କ ବଡଝିଅଟା ଭଲ ନାଚେ । ରବି ପୂର୍ବରୁ ତାର ନାଚ ଏ ମନ୍ଦିରର କଛି ଫଙ୍କସନ୍ ରେ ଦେଖିଛି । ସିଏ ବଡ ସୁନ୍ଦରୀ ଝିଅଟିଏ ବି । ଲିଣ୍ଡା ନିଶ୍ଚୟ ଉପଭୋଗ କରିବ । ଏମିତି ଚିନ୍ତାକରି ସେ ଗାଡିପାଖକୁ ଆସିଲା । ମନ ଟିକେ ହାଲୁକା ଲାଗୁଥିଲା । ଲିଣ୍ଡାର ପରାମର୍ଶ ମନେପଡିଲା । ନା, ସେ ଏବେ ଆଉ କଛି ନଭାବି ଗାଡି ଚଲେଇବ ଓ ରାସ୍ତା ଉପରେ ଧ୍ୟାନଦେବ । ମନକୁ ବିବ୍ରତ କରୁଥିବା ଚନ୍ତାସବୁକୁ କଛି ସମୟ ପାଇଁ ବିଦାୟ ଦେବାକୁ ପଡିବ ।

ରବି ଗାଡିଖୋଲି ଡ୍ରାଇଭର୍ ସିଟରେ ବସିଲା ଓ ରିଅର୍‌ଭିଉ ମିରର୍ ଉପରେ ଝୁଲୁଥିବା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ହାତଯୋଡି ପ୍ରଣାମ କରି ଗାଡି ଷ୍ଟାର୍ଟକଲା ।


ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

~~~~~

ବେଦାନ୍ତୀର ଆଗାମୀ ସଂଖ୍ୟା ନଭେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଅକ୍ଟୋବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733
~~~~~

# ଏବେ ଆସ ଫେରି.....



ସିପ୍ରା ନାମତା

ବିଷାଦର ଅବବାହିକା ରେ
ଭ୍ରାମ୍ୟମାନ ଏକ ଯାଯାବର ପରି,
ସଦା ଅଛି ରତ ମୋ ନୟନ ପ୍ରତୀକ୍ଷାରେ,
ଏଇ ଦିଗନ୍ତ ବିସ୍ତାରି!
ସ୍ପୃହା ନାହିଁ ଆଉ ଜଳବାକୁ ହୁତାଶନେ,
ଖୋଜେ ପ୍ରିୟା ତୁମ ହୃଦୟ
ଖୋଜୁଛି ତୁମକୁ, ଗିରି, ଗୁହା, ବନେ,
ଭୂମି ପରେ ଯେତେ ଆଳୟ!
ସପ୍ତ ସାଗର, ଦୁନିଆ ସେ ପାରେ
ନୟନ ଖୋଜେ ତୁମକୁ,
ଆକୁମାରୀ ହିମାଚଳ ଯେ ଖୋଜିଛି,
ଉତ୍କଣ୍ଠା ଦେଉଛ ହିଆ କୁ!
ସ୍ଫୁଲିଙ୍ଗ ଚଙ୍ଗାରି ଦେଉଛି ଜ୍ୱଳନ
ତୁମ ସ୍ମୃତି ଖଣ୍ଡ ମାନ,
ନୀଳ, ଆମାଜନ ଠାରୁ ଯେ ବିସ୍ତାରି,
ସନ୍ଧୁ ନଦୀର ପ୍ରାଙ୍ଗଣେ
ଖୋଜୁଛି ମୋ ତୃଷିତ ନୟନ ।
ଯେତେ ଉପତ୍ୟକା, ଆଗ୍ନେୟ ଗିରିରେ
ପାଇଲି ନାହିଁ ତୁମକୁ,
ପଞ୍ଚ ମହାସାଗରେ ଜଳ ଯାତ୍ରା କରି
ପଚ୍ଚାରି ବୁଝିଲି ସଭିଙ୍କୁ ।

ସପ୍ତଦ୍ୱୀପ ଭୂମି ଆସିବା ତ ଖାଲି
ବୃଥା ହେଲା,
ବ୍ରହ୍ମପୁତ୍ର ଗଙ୍ଗା ତ୍ରିକୋଣଭୂମି ରୁ
ମିଶିଶିପି, ଡାନ୍ୟୁବ୍, ରେ୍ନ୍ ର ଡେଲଟା,
ନିର୍ଜନ ମେରୁ କୁ ତଥାପି ମୁଁ ଗଲି
କାଳେ ହୋଇଯିବ ଦେଖା ।
ସିଲ୍ ମାଛର ଚକ୍ ଚକ୍ ରୂପ ରେ
ତୁମ ଛବି ଉଙ୍କିମାରେ
ଅଖଣ୍ଡ ବରଫ ଖଣ୍ଡ ଖଣ୍ଡ ହୁଏ
ତୁମ ଜୌବନ ଉତ୍ତାପରେ ।
ତୁମରି ପାଇଁ ତ ସାଜିଲି ସନ୍ୟାସୀ
ହିମାଳୟେ ପାଦ ଦେଲି,
ଏଭରେଷ୍ଟ ର ଗିରିଶୃଙ୍ଗେ ପୁଣି
ତୁମ ପାଇଁ ଆରୋହୀଲି ।
ପିରାମିଡ ର ଗର୍ଭ ଗୃହରୁ
ଉଠେ ସ୍ୱତଃ ଝଙ୍କାର,
ସ୍ପିଙ୍କସ୍ ର ଦୃପ୍ତ ଶାଣିତ ଚକ୍ଷୁ ଚିରିଦିଏ ଛାତି ମୋର ।
ଯାହାକୁ ପଚ୍ଚାରେ ଦେଖିଛ କ କୁହ
ପ୍ରିୟା କୁ ମୋର କେହି,
ସଭିଏଁ ତ ଖାଲି ଚ୍ଚାହାନ୍ତି ନୀରବେ
ଉତ୍ତର ଦିଅନ୍ତି ନାହିଁ ।

ଫେରିଆସ ପ୍ରିୟା, ଦେଖିଯାଅ ଥରେ
ଭୂତଳ ପତିତ ବିରହୀ,
ତୁମ ଦରଶନେ ଆଶା ଅଛି ଖାଲି
ଆଉ କଛି ଲୋଡା ନାହିଁ ।
ନବିଡ ଆଶ୍ଳେଷେ ଭିଡିନଅ ଥରେ
ଦୂର ହେଉ ମନ କ୍ଳେଶ,
ସନ୍ତାପିତ ପ୍ରାଣେ ଝରିପଡୁ
ତୁମ ଅଧର ପୀୟୁଷ ହସ ।
କଙ୍କର ମୟ ଜୀବନ ହେଉ ଗୋ
ପୁଷ୍ପ ବାଟିକା ସମ,
ମହ ମହ ମହୁ ଝରୁଥାଉ ନତ୍ୟେ
ଫିଟି ପଡୁ ନୁଆ ଯୌବନ ।
ଜୀବନ ଧାର୍ ତ ଶୁଷ୍କ ହେଲାଣି
ତୁମକୁ ତ ଝୁରିଝୁରି,
କେଉଁଠି ଖୋଜିବି ତୁମକୁ ମୁଁ ଏବେ
କହିଦିଅ ମୁଁହ ଖୋଲି ।
ଯନ୍ତ୍ରଣା ର ଶଯ୍ୟା କଣ୍ଟକତ ଲାଗେ
ପ୍ରାଚୁର୍ଯ୍ୟ ରେ ଅସହାୟ
ହୃଦୟ ରେ ଉଠେ ସ୍ମୃତିର ଜୁଆର
ଚତୁର୍ଦ୍ଦିଗେ ହା ହା କାର ।
ନଃଶବ୍ଦ ଜୀବନ ଆଉ ନଃଶବ୍ଦ ମରଣ
ଅସହାୟତା ର ଖୋଳପାରେ
ଖୋଜେ ମୁଁ ତୁମକୁ ପ୍ରିୟା ମୋ
ଜୀବନେ ପୁଣି ଫେରିଆସ ଥରେ ॥



ତୁଳସୀଚଉରା, ପୋ- ବାରିପଦା, ମୟୁରଭଞ୍ଜ, ଓଡିଶା

# ଠୁରି ଆମ୍ବ



ପରମିତା ମିଶ୍ର

ଖରାଛୁଟି ରେ ପ୍ରତି ବର୍ଷ ମୁଁ ଅଜା ଘରକୁ ଯାଏ ମାଁ ସହ। କିଛି ଦିନ ଛୁଟି କଟେଇବା ପାଇଁ ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ ମୋର ପ୍ରିୟ ଆମ୍ବ ପାଇଁ । ଆମ ପଟେ ବି ମିଳେ କିନ୍ତୁ ମାଳରେ ମୋ ପସନ୍ଦ ର ଆମ୍ବ ମାନେ ଠୁରି ଆମ୍ବ ତାର ରାଇଜ ବିସ୍ତାର କରି ବସିଥାଏ। ଫେରିଲା ବେଳେ ମାଁ ଢେରେ ଭାର ଧରି ଘରକୁ ଫେରେ। ମୁଁ ଆଈ କୁ କହେ "ଆଈ, ଆଉ କିଛି ଦିଅ ବା ନଦିଅ, ଠୁରି ଆମ୍ବ ଦେବ ଆଉ ତା ସହ ଆମ୍ବ ସଢା, ଆମ୍ବ ଆଚାର ଆହୁରି ଯାହା ଦବାକଥା ଦବ।" ଆଈ ବି ମନ ଜାଣି ଗାଡି ଭରି କରି ଜିନଷ ଦେଇ ଆମକୁ ବିଦା କରେ। ଘରକୁ ଆସି କେତେ ଦିନ ଯାଏ ମନ ଭରି ଖାଉ ତାକ। ହେଲେ କଣ ହେବ ମୋ ମନ ଭରେନ, ପୁଣି ଚାତକ ପରି ଆର ବରଷ କୁ ଅନେଇ ବସିଥାଏ।

ବାହା ହୋଇ ମାତ୍ର କେଇଦିନ ହୋଇଥିଲା। ଆମ ପଟେ ଦ୍ୱିତୀୟ ଥର ମାଁ ଘରକୁ ଗଲେ ଖୁବ୍ ଭାର ନେଇକି ଆସନ୍ତି। ସମୟ ଟି ଖରାଛୁଟିର। ମୁଁ ଖୁସି ହୋଇଯାଇଥିଲି ବାପା ଘରକୁ ଯିବା ନା ରେ। ମନ ଭରି ବାପା ଘରେ ଆମ୍ବ ଖାଇବି । କିନ୍ତୁ ଯିବାର ଦୁଇ ଦିନ ବି ହୋଇ ନଥିଲା ଶାଶୁ ଘରୁ ଖବର ଆସିଲା ଶାଶୁଙ୍କ ଦେହ ଭୀଷଣ ଖରାପ। ତେଣୁ ଦିନେ ଦୁଇ ଦିନ ରେ ଫେରିବାକୁ ପଡିବ। ମନ ମୋର ପିତା ହୋଇଗଲା। ରାତି ରାତି ଘରେ ପିଠାପଣା, ହାନଲାଭ, ଲୁଗାପଟା ସବୁ କରାଗଲା। ମୋ ମାଁ ମୋ ମନ ଜାଣି ରସଗୋଲା, ଛେନାପୋଡ ମୋ ପସନ୍ଦ ର ସବୁ ପ୍ରକାର ମିଠା ଭରି ଭରି ଦେଲେ। ଆଉ ସବୁଠୁ ବଡ ମୋର ପସନ୍ଦ ର ଠୁରି ଆମ୍ବ ଖାସ୍ ଅଜା ଘର ମାଳ ରୁ ବସ୍ତାଏ ମଗେଇ ରଖିଥିଲେ। ତାକୁ ଆଉ ଖୋଲି ଦେଖିବି ନଥିଲୁ। ସବୁ ବସ୍ତା ଆକାରରେ ଦେଇଦେଲେ। ମୁଁ ମାତ୍ର ଯୋଡିଏ ଦିନରେ ଭାରଥୋର ନେଇ ଶାଶୁ ଘରକୁ ଫେରିଲି ଆଖିରେ ଆଖିଏ ଲୁହ ଆଉ ମୋ ସରାଗର ବସ୍ତାଏ ଠୁରି ଆମ୍ବ ନେଇ।

ଶାଶୁ ଘରେ ପହଞ୍ଚି ଦେଖେ ତ ଶାଶୁ ବୁଲା ଚଲା କରୁଛନ୍ତି। ମୁଁ କିଛି ବୁଝିପାରୁ ନଥିଲି। ମୋ ସହ ମୋ ବାପା ଯାଇଥିଲେ। ବାପା ପଚାରିଲାରୁ ସାନ ନଣନ୍ଦ କହିଲେ ରାତି ରେ ହଠାତ୍ କେମିତି ବିପି ହାଇ ହୋଇଗଲା। ସାଙ୍ଗେ ସାଙ୍ଗେ ମେଡିକାଲ ନେଲୁ। କଣ ମେଡିସିନ ଖାଇଲା। ଏବେ ଠିକ୍ ଅଛି। ମତେ ମନେ ମନେ ଭାରି ରାଗ ଲାଗୁଥିଲା ଯଦି ଭଲ ହୋଇଯାଇଥିଲେ ତ ମତେ ଏତେ ହରବରରେ କାହିଁକି ଡାକୁଥିଲେ। କିନ୍ତୁ ଏବେ ଆଉ କଣ କରିପାରିବା। ବାପା ମତେ ଛାଡି ବାହାରୁ ବିଦା ହୋଇଗଲେ। କାରଟି ଆଖି ଆଗରୁ ଅଦୃଶ୍ୟ ହେବାଯାଏ ମୁଁ ସେମିତି ଚାହିଁ ରହିଥିଲି। ଏପଟେ ଘରେ ଯେମିତି ଖୁସିର ରେଳ ଛୁଟିଥିଲା। ମୋର ଦୁଇ ନଣନ୍ଦ, ତାଙ୍କ ପିଲାମାନେ ସମସ୍ତେ ଥିଲେ। ତେଣୁ ମୁଁ ବି ମୋର ନିଜ ଘର କଥା ଭୁଲି ସେମାନଙ୍କ ସହ ଖୁସିରେ ସାମିଲ୍ ହୋଇଗଲି।

ମାଁ ଗୁଡାଏ ଭାର ଦେଇଥିଲେ। ସାହି ସାରା ବଣ୍ଟା ହେବ ତାକୁ। ସମସ୍ତେ ମିଶି ଭାଗ କରୁଥିଲେ ସେସବୁ। ମୁଁ ତ ନୂଆଁ ବୋହୂ ତେଣୁ ଦୂରରେ ଛିଡା ହୋଇ ଦେଖୁଥିଲି। ମୋର ନଜର ମୋ ଆମ୍ବ ବସ୍ତା ଉପରେ ଥିଲା। ଇଛା ତ ହେଉଥିଲା ପୁଳାଏ କାଢି ଆଣି ଖାଇବାକୁ, କିନ୍ତୁ ନାଚାର। ବଣ୍ଟା ବଣ୍ଟି ଭିତରେ ଶାଶୁ ସମସ୍ତଙ୍କୁ ଖାଇବାକୁ ଦେଉଥିଲେ ଖାଲି ମତେ ଛାଡି। ଯେମିତି ମତେ ଡାକିଲେ ମୁଁ ଖୁସି ରେ ଗଲି ତ ମତେ ପ୍ଲେଟ ଟି ଧରେଇ କହିଲେ ଏଇଟା ନେ ପୁଅକୁ ଦେ ସେ ଅଫିସ୍ ରୁ ଆସିଛି ଭୋକ ହେବଣି।

ସବୁ ବଣ୍ଟା ସରିଲା। ନଣନ୍ଦ ମାନେ ନିଜନିଜ ଭାଗ ବାନ୍ଧି ଅଲଗା ରଖିନେଲେ। ମୁଁ ଭାବୁଥିଲି ରାତିଖିଆରେ ଆମ୍ବ ଖୋଲା ହେଲେ ମତେ ନିଶ୍ଚୟ ଦେବେ। ରାତି ଖିଆ ହେଲା ଆମ୍ବ ସବୁ ତଳେ ଢାଳ ଦେଲେ। ଶାଶୁ ସେଥିରୁ ବାଛି ବାଛି ସମସ୍ତଙ୍କୁ ଦେଲେ। ମିଠା ଆମ୍ବ କହି ସମସ୍ତେ ବଡ ଚାଉ ରେ ଖାଉଥିଲେ। ମୁଁ ବଡ ଖୁସିରେ ଅପେକ୍ଷା କରିଥିଲି ମୋ ଭାଗକୁ। ସ୍ୱାମୀଙ୍କ ପରେ ତାଙ୍କ ଥାଳି ରେ ବସିଲି ଖାଇବାକୁ। ଶାଶୁ ଖାଇବାକୁ ବାଢିଦେଲେ। ହେଲେ ଆମ୍ବ ଦେଲେନି। ନଣନ୍ଦ କହିଲେ ବୋଉ ଭାଉଜ କୁ ଆମ୍ବ ଦେଲୁନି। ତ ଶାଶୁ କହିଲେ ନା ମ ତାର ତ ବାପ ଘରେ କେତେ ଖାଇଥିବ, ପିଲାଗୁଡାକ ଶ୍ରଦ୍ଧା ହେଉଛନ୍ତି ଖାଇବାକୁ ଥାଉ। ମୁଁ ଆଉ କିଛି

କହିପାରିଲିନ। କାନ ମଂଗ ରେ ଆଖି ଲୁହକୁ ଝ୍ଅଟ୍ କରି ପୋଛି ପକେଇଲି କେହି ଦେଖିବା ଆଗରୁ। ବାସି ଦିନ ନଣନ୍ଦ ମାନେ ସବୁ ଗ୍ଲିଗଲେ। ମୁଁ ଭାବିଲି ସମସ୍ତେ ତ ଗ୍ଲିଗଲେ ଏବେ ତ ମୁଁ ଆମ୍ବ ଖାଇପାରିବି। ନୁଆଁ ବୋହୁ ମୁଁ । କେହି ନଦେଲେ କେମିତି ଆଣିକ ଖାଇବି। ହେଲେ ବି କେହି ନଥିଲା ବେଳେ ଦେଖିବାକୁ ଗଲି ଦେଖେତ ଘରେ ଆଉ ଙ୍କଛି ଆମ୍ବ ନାହିଁ। ଇଛା ତ ହେଉଥିଲା ଜୋର୍ ରେ ପାଟିକରି କାନ୍ଦି ବାକୁ, ହେଲେ ଛାର ଆମ୍ବ ଟିକେ ପାଇଁ କାନ୍ଦିବି କେମିତି।

ମାଁ ଫୋନକରି ଥିଲେ, ପଗ୍ଚରିଲେ "ଝିଅ ଆମ୍ବ ଖାଇଲୁ, ଆଉ ଛେନାପୋଡ ଖାସ୍ ତୋ ପାଇଁ ଦେଇଥିଲି, ତୁ ଖାଇଲୁ ନା? " ଆଖିରେ ଲୁହ ର ଢେଉ ବାଡ ଭାଙ୍ଗି ଧସେଇ ପସୁଥିଲା। କହିଲି ହଁ ମା ଆମ୍ବ ବହୁତ ମିଠା ଥିଲା। ଆଇକୁ କହିବ ଆର ବରଷକୁ ପୁଣି ପଠେଇବେ। ଆଉ ଛେନାପୋଡ ତ ଏକଦମ୍ ଠିକ୍ ପୋଡିଥିଲା ମୁଁ ବଡ ଖଣ୍ଡେ ଖାଇଲି।

କେଇଦିନ ର ହେଉ ପଛେ ଏବେ ମୁଁ ଆଉ ଝିଅ ନୁହଁ ବୋହୂ ହୋଇ ସାରିଥିଲି ।

paramita310@gmail.com

**ବେଦାନ୍ତୀର ହ୍ୱାସଟଆପ୍ ( What sapp) ନମ୍ବର ହେଲା- 9594993733**
**ଆପଣମାନେ ଏଥିରେ ଆମକୁ ସମ୍ପର୍କ କରିବା ସହ ନିଜ ନିଜର ମତାମତ ଆଉ ଲେଖା ମଧ୍ୟ ପଠାଇପାରିବେ ।**

# ତୁମ ସାଥେ



ଲିନା ମହାନ୍ତି

ତୁମ ସାଥେ ବନ୍ଧା ମୋ ଜୀବନ ଡୋରି
ରହିବ ସାତ ଜନମ,
ସାଥି ହୋଇ ସାଥେ ଚାଲିବି ଆଗକୁ
ଆସିନ ଯେବେ ମରଣ ॥
ଆସୁ ଜୀବନରେ ଖୁସିର ଜୁଆର
ଅବା ଦୁଃଖର ଯାତନା,
ସାଥି ହୋଇ ଦୁହେଁ ବାଣ୍ଟି ନେବା ଆମେ
ଯାତନା ହୋଇବ ଊଣା ॥
ଯେତେ ଆସୁ ଝଡ ଛାଡିବନ ହାତ
ଥମିଯିବ ଆସି ଦିନେ,
ଗଢା ହେବ ଆମ ସପନ ରାଇଜ
ବିଶ୍ୱାସ ଥିଲେ ଏ ମନେ ॥



ଜଗତସିଂହପୁର, ଓଡିଶା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଲୀଳାମୟ



ସଚ୍ଚିଦା ନନ୍ଦ ବାରିକ

କେବଳ ତବ ଦର୍ଶନ ଟିଏ ଲୋଡା
ସହସ୍ର ଯୋଜୋନ ର ଶ୍ରମ ଲାଘବ ପାଇଁ
ଅଳ୍ପରେ ହେଉ ପଛେ ଥରେ ଦେଖିଦେଲେ
ଆଖିରେ ଆସେ ଲୁହ ଜକେଇ ॥
ତମେ ଇ ଶିଖେଇଛ ଅଳ୍ପ ରେ ସନ୍ତୁଷ୍ଟ ହେବାର କଳା
ଟିକେ ଦେଖା ଦେଇ ଖେଳ ଲୁଚକାଳ
ଭାରି ମନୁଆ ତମେ
ଭିତରେ କେତେବେଳେ ଦେଖିନଅ
ନାସ୍ତିକ ମନରେ ଭାବର ଗଙ୍ଗା ବୁହାଇ
ତୋ ପାଖକୁ ଡାକ ନଅ
ସବୁ ତମ ଲୀଳା
ତମେ ତ ବିଶ୍ୱ ବିନ୍ଧାଣି ॥
ବେଳେ ବେଳେ ଲାଗେ ତମେ କଛି ବୁଝୁନ
ଆଉ କେବେ ଲାଗେ ସବୁ ତମେ ଖେଳା
ଦୁଃଖୀ ର ଧନ ତମେ
ସୁଖୀର କହ୍ନେଇ ତମେ
ତମେ ଏକା ରାଜା
ସଭିଏଁ ତମ ପ୍ରଜା ॥
ଚକାଆଖି ତମେ କଛି ବି ନ କହି
ଅଧରେ ଧାରେ ହସ ରେ
କ ମାନ କ ଅଭିମାନୀ
ସଭିଙ୍କୁ ଦେଇଯାଅ ଅଭୟ ର ବରଦାନ
ଅଳ୍ପ ଦର୍ଶନ ରେ ॥



ଗ୍ରାମ/ ପୋଷ୍ଟ – ଝୁମ୍ପୁରା,
ଜିଲ୍ଲା – କେନ୍ଦୁଝର, ଓଡିଶା

# ବନ୍ଧୁତ୍ୱର ବନ୍ଧନ



ସଂଗ୍ରାମ କେଶରୀ ପୃଷ୍ଟି

ଯାହା କଥା ମନକୁ ଆସିଲେ ମନ ଭିତରୁ ଉହୁଁକ ଆସେ ମହମହ.... ଗହଗହ ଭାବ, ଯାହାଙ୍କ ପାଖରେ ମନକଥା ବିପଦ ଖୋଲି କହିଦେଲେ ଦୁଃଖ ସବୁ ଘୁଞ୍ଚିଯାଏ ଯୋଜନ ଯୋଜନ ଦୂର, ସେ ବନ୍ଧୁ ଛଡା ଆଉ କିଏ ବା ହୋଇପାରେ! କେତେ ଆତ୍ମୀୟତା ଭରା ଭାବ ଏ ସଂପର୍କରେ ସତେ! ବିଶ୍ୱାସର ବୀଜ ଭିତରୁ ଗଜୁରି ଉଠେ ବନ୍ଧୁତା। ବିଶ୍ୱାସ, ଭରସା, ତ୍ୟାଗ ଓ ସର୍ବୋପରି ଆତ୍ମୀୟତାର ଭିତ୍ତିଭୂମି ଉପରେ ଗଢା ହୋଇଥିବା ବନ୍ଧୁତା ହୋଇଥାଏ ଶକ୍ତିଶାଳୀ। ପରସ୍ପର ପ୍ରତି ସମର୍ପିତ ଭାବ ଓ ଆନ୍ତରିକତା ହିଁ "ବନ୍ଧୁତା" ନାମକ ସଂପର୍କକୁ ମଜବୁତ୍ କରିଥାଏ। ଭାତୃତ୍ୱର ସ୍ନେହ- ମମତା ପରେ ଯେଉଁ ଦୃଢ ବନ୍ଧନ ମିଳେ, ତାହା ହିଁ ହେଉଛି – ବନ୍ଧୁତ୍ୱର ବନ୍ଧନ। ଏହାର ମୂଳମନ୍ତ୍ର ହେଉଛି, କାହାରିକୁ ସାରା ଜୀବନ ପାଖରେ ପାଇବାକୁ ହେଲେ କେବଳ ପ୍ରେମ ଦେଇ ନୁହେଁ, ତା ସହିତ ବନ୍ଧୁତ୍ୱ ତିଆରି କରି ଆଗରୁ ରଖିବାକୁ ହିଁ ପଡିଥାଏ। କାରଣ ପ୍ରେମ ହୁଏତ ଦିନେ ହାରି ଯାଇପାରେ ମାତ୍ର ବନ୍ଧୁତ୍ୱ କେବେ ହାରେ ନାହିଁ।

ପରସ୍ପରର ମନୋଭାବର ଅପୂର୍ବ ସମନ୍ୱୟରୁ ହିଁ ଜନ୍ମ ନିଏ ବନ୍ଧୁତା। ଯେମିତି ଦିନେ ଘଟିଥିଲା କୃଷ୍ଣ- ସୁଦାମାଙ୍କ କ୍ଷେତ୍ରରେ। ଉଜ୍ଜୟିନୀର ସିପ୍ରା ନଦୀ କୂଳରେ ଗୁରୁ ସନ୍ଦିପନୀ ମୁନି ଆଶ୍ରମ ପ୍ରତିଷ୍ଠା କରୁଥାନ୍ତି। ଏହି ମହାନ୍ ଗୁରୁଙ୍କ ଦ୍ୱାରା ଆକୃଷ୍ଟ ହୋଇ ବସୁଦେବ ତାଙ୍କର ଦୁଇପୁତ୍ର କୃଷ୍ଣ ଓ ବଳରାମଙ୍କୁ ସାଥିରେ ନେଇ ସେଠାରେ ପହଞ୍ଚିଲେ। ସେତେବେଳକୁ ସେମାନଙ୍କ ଶରୀରରେ ଥିଲା ରାଜକୀୟ ପରିପାଟୀ। ଗୁରୁ ସନ୍ଦିପନୀ ବସୁଦେବଙ୍କ ଠାରୁ ଆସିବାର ଉଦ୍ଦେଶ୍ୟ ଜାଣିପାରି ପ୍ରୀତ ହେଲେ, ମାତ୍ର ପିଲା ଦୁହିଁଙ୍କ ଦେହରେ ରାଜକୀୟ ବେଶଭୂଷା ତାଙ୍କୁ ଦ୍ୱିଧାରେ ପକାଇଦେଲା। ତଥାପି ସେ ସ୍ୱାଭାବିକ ଢଙ୍ଗରେ କହିଲେ, - "ମହାଶୟ, ଏ ଆଶ୍ରମ ହେଉଛି ତପଭୂମି। ଏଠାରେ ବିଦ୍ୟାର୍ଥୀମାନଙ୍କୁ ସାଧାରଣ ବେଶଭୂଷାରେ ତପସ୍ୱୀ ପରି ରହିବାକୁ ହୋଇଥାଏ।"

ଗୁରୁ ସନ୍ଦିପନୀଙ୍କ କଥାର ମହତ୍ତ୍ୱକୁ ବେଶ୍ ଉପଲବ୍ଧି କରି ପାରିଥିଲେ କୃଷ୍ଣ ବଳରାମ । ସେମାନେ ତୁରନ୍ତ ନିଜର ରାଜକୀୟ ପରିଧାନ ଓହ୍ଲାଇ ଦେଇଥିଲେ । ତେବେ ତାପରେ ସେମାନଙ୍କ ପିନ୍ଧିବାପାଇଁ ସାଧାରଣ ବସ୍ତ୍ରର ଆବଶ୍ୟକତା ଯଦିଓ ଥିଲା, ତେବେ ସେମାନେ ଥିଲେ ନାଚାର । ସେମାନଙ୍କର ଏ ଅସହାୟତାକୁ ବୁଝି ପାରିଥିଲେ ସେଠାରେ ଶିକ୍ଷାଗ୍ରହଣ କରୁଥିବା ଶିଷ୍ୟ ସୁଦାମା । ସେ ତୁରନ୍ତ ଧାଇଁଯାଇ ଆଶ୍ରମ ମଧ୍ୟରୁ ଦୁଇଯୋଡା ବସ୍ତ୍ର ଆଣି ସେମାନଙ୍କୁ ପ୍ରଦାନ କଲେ । ଜଣେ ସାଧାରଣ ଲୋକଠାରୁ ବସ୍ତ୍ର ଗ୍ରହଣ କରିବାଟା ବଳରାମଙ୍କୁ ପସନ୍ଦ ଆସିନଥିଲା । ମାତ୍ର କୃଷ୍ଣ ଏହାକୁ ଜଣେ ବନ୍ଧୁର କାର୍ଯ୍ୟ ଭାବି ଗ୍ରହଣ କରିନେଇଥିଲେ । ଏହି ପ୍ରଥମ ଦେଖା ଓ ସାହାଯ୍ୟରୁ ଆରମ୍ଭ ହୋଇଥିବା ସେ ସମ୍ପର୍କ କ୍ରମଶଃ ନିବିଡ ହୋଇଉଠିଥିଲା । ଯେଉଁଥିପାଇଁ କୃଷ୍ଣ ରାଜା ହେଲାପରେ ମଧ୍ୟ ସୁଦାମାଙ୍କ ବନ୍ଧୁତ୍ୱକୁ ଏଡାଇ ନପାରି ତାଙ୍କ ହାତରୁ ଖୁଦ ଭଜା ଖାଇ ବନ୍ଧୁତାର ପରିଚୟ ଦେଇଥିଲେ ।

ମନର ସଂଗୋପିତ ଇଚ୍ଛା, ଅକୁହା ବେଦନା ସବୁ ବନ୍ଧୁ ନିକଟରେ ପ୍ରକାଶ କରିବାକୁ ବ୍ୟଗ୍ର ହୋଇଉଠେ ମନ ଓ ପ୍ରାଣ । ଦୁଃଖ ସବୁ ପୋଛି ଦେବାର ଦକ୍ଷତା ଟିକକ ଅଛି ବୋଲି ତ ବନ୍ଧୁ ଏତେ ଆପଣାର! ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ:

> "ବନ୍ଧୁ ନିକଟରେ ମନକଥା ପରା କହିବାକୁ ଲଏ ସୁଖ,
> ତହିଁପାଇଁ ସିନା ବସନ୍ତ ନିକଟେ ପିକ ହୁଏ ବାବଦୂକ ।"

କଥାବାର୍ତ୍ତା ବା ଚାଲିଚଳନ ମଧ୍ୟରେ ସୀମିତ ହୋଇ ରହିନଥାଏ ବନ୍ଧୁତା । ଆଚରଣ ଓ ଉଚ୍ଚାରଣର ସାମ୍ୟତା ମଧ୍ୟରେ ଜଣାପଡେ ବନ୍ଧୁପଣିଆ । ଖାଲି ସୁଖରେ ନୁହେଁ, ଦୁଃଖ ସମୟରେ ପାଖ ଛାଡୁନଥିବା ବନ୍ଧୁ ହିଁ ବନ୍ଧୁ ପଦବାଚ୍ୟ । ଚାଣକ୍ୟଙ୍କ ଭାଷାରେ :

> "ଉତ୍ସବେ ବ୍ୟସନେଚୈବ ଦୁର୍ଭିକ୍ଷେ ରାଷ୍ଟ୍ର ବିପ୍ଳବେ,
> ରାଜଦ୍ୱାରେ ଶ୍ମଶାନେ ଚ ଜଃ ତିଷ୍ଠତି ସ ବାନ୍ଧବଃ ।"

ସତରେ, ଉତ୍ସବରେ ( ସୁଖରେ) , ବିପଦରେ, ଦୁର୍ଭିକ୍ଷରେ, ରାଷ୍ଟ୍ରବିପ୍ଳବରେ, ରାଜ ଦ୍ୱାରରେ ଓ ଶ୍ମଶାନରେ ( ମୃତ୍ୟୁ ସମୟରେ) ଉପସ୍ଥିତ ବନ୍ଧୁ ହିଁ ପ୍ରକୃତ ବନ୍ଧୁ ।

ବିଶ୍ୱାସଭଜନ ହିଁ ବନ୍ଧୁତାକୁ କରିଥାଏ ସୁଦୃଢ଼ । ସବୁବେଳେ ଖାଲି ପ୍ରଶଂସା କରିବା ଏକ ଉତ୍ତମ ବନ୍ଧୁର ଲକ୍ଷଣ ନୁହେଁ । ବନ୍ଧୁଙ୍କୁ ପାପ କାମରୁ ନିବୃତ୍ତ କରିବା, ତାଙ୍କ ସୁପ୍ତ ପ୍ରତିଭା ଜାଗ୍ରତ କରିବା ହିଁ ପ୍ରକୃତ ବନ୍ଧୁର ଧ୍ୟେୟ ହେବା ଉଚିତ୍ । ବନ୍ଧୁଙ୍କ ଭଲକାମର ପ୍ରଶଂସା କରିବା ଓ ଖରାପ କାମର ନିନ୍ଦା କରିବା ବନ୍ଧୁତାର ଭିନ୍ନ ଏକ ଦିଗ । ସେ ହିଁ ପିତା- ମାତା- ଭାଇ- ଭଉଣୀ ଭୂମିକାରେ ଅବତୀର୍ଣ୍ଣ ହୋଇ ଜଣେ ଉପଯୁକ୍ତ ମାର୍ଗ ଦର୍ଶକ ଭାବରେ କାର୍ଯ୍ୟ କରିଥାନ୍ତି । ଏପରି ମନୋଭାବ ସଂପନ୍ନ ବନ୍ଧୁ ମିଳିଗଲେ ବନ୍ଧୁତା ହୋଇଥାଏ ମଧୁମୟ ।

ଏକ ଅଦୃଶ୍ୟ ବନ୍ଧନରେ ବାନ୍ଧିଦେବାର ସାମର୍ଥ୍ୟ ଟିକକ ଥାଏ ବୋଲି ତ ସେ ସଂପର୍କର ନାଁ – ବନ୍ଧୁତା । ସ୍ୱାଦବିହୀନ ଏ ସମ୍ପର୍କ ଥାଏ ମାନବୀୟତା । ପରସ୍ପରର ସୁଖଦୁଃଖରେ ସାମିଲ ହେବାର ପ୍ରତିଶୃତିବଦ୍ଧତା ହିଁ ଜୀବନରେ ଦେଖାଇଥାଏ ଆଲୋକର ରାହା । ଟିକଏ ବିଶ୍ୱାସ ଓ ଆବେଗ ହିଁ ଏପରି ଏକ ସମ୍ପର୍କ ପାଇଁ ବାଟ ଫିଟାଏ । ଯେଉଁଥିପାଇଁ ପଥର ମୂର୍ତ୍ତି, ଦାରୁ ଦେବତା ବି ବନ୍ଧୁ ପାଲଟିଯାଏ । ସମ୍ଭବତଃ ସେଇଥିପାଇଁ ଏ ମଣିଷ ଜଗବନ୍ଧୁ ହେ ଗୋସାଇଁ" ସମ୍ବୋଧନ କରି ଆକୁଳତାର ସହିତ ପ୍ରାର୍ଥନା କରିଥାଏ ପ୍ରଭୁ ଜଗନ୍ନାଥଙ୍କୁ । ବନ୍ଧୁତାର ମାୟାରେ ପଡି ଦେବତା ବି ଧରାପୃଷ୍ଠରେ ନର ଅବତାର ଧାରଣ କରିବାକୁ ତିଳେ ହେଁ ସଂକୋଚବୋଧ କରନ୍ତି ନାହିଁ । ପ୍ରଭୁ ରାମଚନ୍ଦ୍ର–ସୁଗ୍ରୀବ, କୃଷ୍ଣ- ଅର୍ଜୁନଙ୍କ ନିବିଡ ବନ୍ଧୁତାର କାହାଣୀ ଯୁଗ ଯୁଗ ଧରି ବନ୍ଧୁତ୍ୱର ଶ୍ରେଷ୍ଠ ନିଦର୍ଶନ ଭାବରେ ପ୍ରଭାବିତ କରିଆସିଛି ଏ ଦୁନିଆକୁ । ଭକ୍ତ କବି ମଧୁସୂଦନ ରାଓଙ୍କ ଭାଷାରେ:

"କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର
ଯାର ପ୍ରାପତି ଲାଗି ଦେବତା ନର ।

ଯେତେବେଳେ ଜଣକ ପାଖରେ ପ୍ରାଚୁର୍ଯ୍ୟ ଭରି ରହିଥାଏ, ସେତେବେଳେ ଅନେକ ବିଭିନ୍ନ ଉପାୟରେ ବନ୍ଧୁତାସ୍ଥାପନ କରିବାକୁ ଆଗେଇ ଆସିଥାନ୍ତି । ଏତିକିବେଳେ ବନ୍ଧୁତାକୁ ଚିହ୍ନିବା କଷ୍ଟକର ହୋଇପଡେ । କିନ୍ତୁ ଏହା ଜଣାପଡେ ସେତେବେଳେ, ଯେତେବେଳେ କି ଦୁର୍ଦ୍ଦିନରେ ବନ୍ଧୁ ଛାଡି ନଯାଇ ପାଖେ ପାଖେ ରହି ସାହାଯ୍ୟ କରିଥାଏ । ହିନ୍ଦୀ କବି ରହୀମଙ୍କଭାଷାରେ:

"କହି ରହୀମ ସଂପତ୍ତି ସଗେ, ବନତ୍ ବହୁତ ବହୁ ରୀତ୍
ବିପତ୍ତି କସୌଟି ଯେ କସେ, ତେଇ ସାଁଚେ ମିତ୍ ।"

ସତ କହିବାକୁ ଗଲେ, ଆଗରେ ନୁହେଁ କି ପଛରେ ନୁହେଁ, ସାଙ୍ଗରେ ଚାଲୁଥିବା ମଣିଷହିଁ ପ୍ରକୃତ ବନ୍ଧୁ ।

ବନ୍ଧୁତାର ଆକର୍ଷଣ ଅନନ୍ୟ । ଏହାର ପରିଧି ବିରାଟ ଓ ବ୍ୟାପକ ମଧ୍ୟ ।ଜାତି ଧର୍ମ, ବର୍ଣ୍ଣ, ଲିଙ୍ଗ, ଧନୀ, ଗରିବ – ଏ ସମସ୍ତଠାରୁ ବହୁ ଊର୍ଦ୍ଧ୍ୱରେ ଏ ବନ୍ଧୁତା । ଏ ସଂପର୍କର ଗଭୀରତାକୁ ମାପିହୁଏ ନାହିଁ କି ନିବିଡତାକୁ ଅଲଗା କରିହୁଏ ନାହିଁ । ବାଲ୍ୟ ବନ୍ଧୁର ମହକରେ ମହକିତ ହୋଇଥାଏ ସମଗ୍ର ଆୟୁଷ । ଯୌବନର ବନ୍ଧୁତା ମନରେ ଜଗାଏ ପୁଲକ । ବାର୍ଦ୍ଧକ୍ୟର ବନ୍ଧୁତା ପ୍ରତି ମୁହୂର୍ତ୍ତରେ ଆଣି ଦେଉଥାଏ ଆଶା ଓ ଆଶ୍ୱାସନା । ଟିକିଏ ସ୍ନେହ ଓ ଶ୍ରଦ୍ଧା ବଳରେ ଶତ୍ରୁତା ମିତ୍ରତାକୁ ବଦଳ ଯାଇପାରେ । ବାପା, ମାଆ ମାନଙ୍କ ପାଇଁ ସେମାନଙ୍କ ସନ୍ତାନମାନେ ହିଁ ଉତ୍ତମ ବନ୍ଧୁ ଅଟନ୍ତି । ସେଇଥିପାଇଁ ତ ଷୋହଳବର୍ଷ ଠାରୁ ସନ୍ତାନମାନଙ୍କ ସହିତ ମିତ୍ରପରି ଆଚରଣ କରିବାକୁ ଶାସ୍ତ୍ରରେ କୁହାଯାଇଛି ।


"ଶିକ୍ଷା" ବନ୍ଧୁଟିଏ ପରି ସଦାସର୍ବଦା ପାଖରେ ରହି ଦିଗଦର୍ଶନ ଦେବା ସହିତ ସମ୍ମାନର ଅଧିକାରି କରାଇଥାଏ । ବିଦେଶରେ ମଣିଷର ବନ୍ଧୁ ହେଉଛି ବିଦ୍ୟା, ଘରେ ଗୃହସ୍ଥର ବନ୍ଧୁ ହେଉଛି ତା ପତ୍ନୀ । ରୋଗୀର ବନ୍ଧୁ ହେଉଛି ଔଷଧ ଓ ମରଣଶୀଳ ବ୍ୟକ୍ତିର ବନ୍ଧୁ ହେଉଛି – ଧର୍ମ । ଚାଣକ୍ୟଙ୍କ ଭାଷାରେ:

"ବିଦ୍ୟା ମିତ୍ରଂ ପ୍ରବାସେଷୁ ଭାର୍ଯ୍ୟା ମିତ୍ରଂ ଗୃହେଷୁ ଚ
ବ୍ୟାଧିତଃ ଔଷଧଂ ମିତ୍ରଂ ଧର୍ମୋ ମିତ୍ରଂ ମୃତସ୍ୟ ଚ ।"

ସ୍ନେହ, ମମତା, ପ୍ରୀତି ଓ ଶ୍ରଦ୍ଧାର ଅମଳିନ ପ୍ରତୀକ ହେଉଛି ବନ୍ଧୁତା । ତାହା ତିଆରି କରାଯାଏ ନାହିଁ, ଆପେ ଆପେ ଗଢି ହୋଇଯାଏ । ବାସ୍ତବ ଦୁନିଆଁଠାରୁ ସୋସିଆଲ୍ ମିଡିଆ ପର୍ଯ୍ୟନ୍ତ ସବୁଠି ବନ୍ଧୁତାର ପ୍ରତିଧ୍ୱନି । ତେବେ କେବେକେବେ ସ୍ୱାର୍ଥ, ଛଳନା, ବିଶ୍ୱାସଘାତକତା ପରି ନକରାତ୍ମକ ଭାବନା ଯୋଗୁଁ ବନ୍ଧୁତା ହୋଇଥାଏ କଳୁଷିତ । ବନ୍ଧୁତାର ଦୁହାଇଦେଇ ଛଳନା ବା କପଟ ଆଚରଣ କରୁଥିବା ବନ୍ଧୁଠାରୁ ଦୂରେଇ ରହିବା ବିଧେୟ । ଏ ସଂପର୍କରେ ବିଷ୍ଣୁଶର୍ମା

ତାଙ୍କର "ପଞ୍ଚତନ୍ତ୍ର" କାହାଣୀ ଗୁଡିକରେ ସ୍ପଷ୍ଟ କରି ଦେଇଛନ୍ତି । ପରିପ୍ରେକ୍ଷୀରେ ପ୍ରାରମ୍ଭରୁ ହିଁ ଉପଯୁକ୍ତ ବନ୍ଧୁ ଚୟନର ଆବଶ୍ୟକତା ରହିଛି । ନିଜଠାରୁ ଉଚ୍ଚ କିମ୍ବା ନିମ୍ନ ସ୍ତରର ବ୍ୟକ୍ତିଙ୍କ ଅପେକ୍ଷା ସମସ୍ତରର ବ୍ୟକ୍ତିଙ୍କ ଭାବନାକୁ ଦୃଷ୍ଟିରେ ରଖି ବନ୍ଧୁତା ସ୍ଥାପନ କରାଗଲେ ବୋଧହୁଏ ବନ୍ଧୁତା ପରି ଏକ ସୁନ୍ଦର ଓ ମଧୁମୟ ସଂପର୍କରେ ଭଙ୍ଗା ପଡି ନପାରେ । ବନ୍ଧୁତ୍ୱର ମହନୀୟତାକୁ ଦର୍ଶାଇବାକୁ ଯାଇ ପ୍ରଥମେ ଆମେରିକା ୧୯୩୫ ଅଗଷ୍ଟ ପ୍ରଥମ ରବିବାରକୁ "ବିଶ୍ୱ ବନ୍ଧୁତା ଦିବସ" ଭାବରେ ପାଳନ କରି ଆସୁଛି ।

ଶିକ୍ଷକ, କିଶୋରନଗର ହାଇସ୍କୁଲ,
ରାଜକିଶୋରନଗର, ଅନୁଗୁଳ, ଓଡିଶା



# ଦୁନଆଁର ରୀତି



ପ୍ରଶାନ୍ତ କୁମାର ନାଥ

ଦିନ ପରେ ର୍ତି ଯାଉଅଛି ବିତି
ସକାଳରୁ ସଞ୍ଜ ହୁଏ
ସଜଫୁଲ ଦିନେ ବାସି ହୋଇ ପୁଣି
ଗଛରୁ ଯେ ଝଡିଯାଏ ।
ଶୈଶବ କଶୋର ଯୌବନ ବାର୍ଦ୍ଧକ୍ୟ
ଗୋଟେ ପରେ ଗୋଟେ ଆସେ
ଗୋଟେ ଗୋଟେ ଦିନ ମିଶିଗଲ୍ ପରେ
ହୋଇ ଥାଏ ପର୍ ମାସେ ।
ମାସ ମାସ ହୋଇ ବାରମାସ ହେଲେ
ବରଷ ଗୋଟିଏ ହୁଏ
ଜନ୍ମରୁ ଜୀବନ ଆରମ୍ଭ ହୋଇକ
ମୃତ୍ୟୁ ଯାଏ ରହିଥାଏ ।
କଢରୁ ହୁଅଇ ଫୁଲର ଉତ୍ପନ୍ନ
ଫୁଲରୁ ହୁଅଇ ଫଳ
ସେହି ଫଳ ମଧ୍ୟେ ସୁସ୍ୱାଦୁ ବ୍ୟଞ୍ଜନ
ଥାଏ ପୁଣି ମହାକାଳ ।

ସୁଖ ସାଥେ ପୁଣି ଦୁଃଖର ମିଶ୍ରଣ
ଜୀବନର ଅନ୍ୟନାମ
ସେହି ଠାରେ ପୁଣି ଘୃଣା ଓ ବିତୃର୍ଷ୍ଣା
ସେହି ଠାରେ ପ୍ରୀତି ପ୍ରେମ ।
ସମୟ କାହାକୁ ଅପେକ୍ଷା କରେନା
ଗ୍ଲିଥାଏ ନରନ୍ତର
ଜୀବନ ସୁନ୍ଦର ଶିଖିଗଲ୍ ପରେ
ସମୟର ବ୍ୟବହାର ।
ଏଇଠି ସପନ ଏଇଠି ବାସ୍ତବ
ଏହିଠାରେ ସ୍ନେହ ପ୍ରୀତି
ସୁଖ ଦୁଃଖ ଆଉ ହସ ଲୁହ ଭର୍
ଜୀବନର ଚନ୍ଦ୍ରଗୀତି ।
କଛି କଥା ଯାଏ ମନରୁ ପାଶୋରି
କଛି ହୋଇଯାଏ ସ୍ମୃତି
ଜନମ ମରଣ ଫଗୁଣ ଶ୍ରାବଣ
ଦୁନଆଁର ରୀତିନୀତି ।

ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର

# ନୀଳତିମି ଗ୍ରାସ କରୁଥିବା ମଣିଷ ମାନଙ୍କୁ



ଡ. ସୌମ୍ୟ ରଞ୍ଜନ ମିଶ୍ର

ମୁଠାଏ ସ୍ୱପ୍ନ ଧରିବାକୁ
ବେଳ ନାହିଁ କ ସମ୍ବଳ ନାହିଁ
ଟିପେ ଲୁଣରେ
ଜୀବନର ସ୍ୱାଦ ସରିଯାଏ ।
ଅଭାବରେ ଚପି ହେଉଥିବା
ମଣିଷର ପିଣ୍ଡକୁ
ଢାଙ୍କି ରଖିବାକୁ
କୋଉ ଲୁଗା ପାଏ ।
ପାର୍ବଣର ଆଲୋକ ମାଳା ପରି
ସମ୍ପର୍କର ଉସମାନ୍ ତାର୍
ନତି ଭଙ୍ଗୁଭଙ୍ଗୁ ପୁଣି ଯୋଡି ହୋଇଯାଏ ।
ତଥାପି ହାରିଯାଇ ନାହୁଁ
ଜୀବନ ଯୁଦ୍ଧରେ
ଗଡିଶାରେ ଖୁସି ଆମେ
ନୀଳ ତିମି ତୁମକୁ ପୋଷାଏ ।

ମଧଖଣ୍ଡୀ, ଶ୍ରୀ ବଳଦେବ ଜୀୟୁ, କେନ୍ଦ୍ରାପଡା

# ଇମ୍ଫାଲ, ମଣିପୁର

## ( ନାଗା ଶୌର୍ଯ୍ୟ ଓ ନରମୁଣ୍ଡ ଶିକାର )

- ଧାରାବାହିକ ଭ୍ରମଣ କାହାଣୀ-

ପ୍ରିୟବ୍ରତ ପାତ୍ର

ଫେସନବାଲି ଦୃଷ୍ଟିରୁ କୋହିମା ଏକ କୁହୁକନଗରୀ ଭଳି ଲାଗିଥାଏ । ଅଧିକାଂଶ ଭାରତୀୟଙ୍କ ଧାରଣା କୋହିମାରେ ଏବେ ମଧ୍ୟ ସେହି ଆଦିମ ବେଶଭୂଷାରେ ଲୋକେ ବୁଲୁଥିବେ । ବେକରେ ପଥରର ମାଳ ପଡିଥିବ, ହାତରେ ବର୍ଚ୍ଛା ଥିବ, ଅଣ୍ଟା ପଛରେ କାତିଟାଏ ଝୁଲୁଥିବ, ମୁଣ୍ଡରେ ବିଭିନ୍ନ କସମର ପର ଲାଗିଥିବ ବା ଅନ୍ୟ ଏକ ହାତରେ ଚମଡାର ଢାଲଟିଏ ଥିବ । ଏସବୁ ବେଶଭୂଷା ଏବେ ଅତୀତ ହୋଇଯାଇଛି । ସେଇ ପୁରୁଣା ଦିନ ସବୁର ଅନୁଭବ ପାଇଁ କୋହିମାର ସଂଗ୍ରହାଳୟକୁ ଯିବାକୁ ପଡିବ ।

କୋହିମା ସଂଗ୍ରହାଳୟରେ ପହଞ୍ଚିବା ପରେ ଯାଇ ଜାଣିଲି, ତାହା ମୁଖ୍ୟତଃ ନୃତତ୍ତ୍ୱଭିତ୍ତିକ ସଂଗ୍ରହାଳୟ । ଅର୍ଥାତ୍ ନାଗାଲାଣ୍ଡରେ ବସବାସ କରୁଥିବା ଅନେକ ଜନଜାତିଙ୍କ ବେଶଭୂଷା, ଅଳଙ୍କାର, ଶିକାର ସରଞ୍ଜାମ ଯୁଦ୍ଧ ସରଞ୍ଜାମ, ଯୁଦ୍ଧ ପ୍ରସ୍ତୁତି ତଥା ଘରୋଇ ଦୃଶ୍ୟରେ ଅତି ସମୃଦ୍ଧ ସେଇ ସଂଗ୍ରହାଳୟ । ବିଭିନ୍ନ ଜନଜାତିଙ୍କ ଗାଁ ଭିତରେ ପ୍ରବେଶ କଲାଭଳି ଅନୁଭବ ହୋଇଥାଏ । ନାଗାମାନେ ମୁଖ୍ୟତଃ ଗୋଟିଏ ଯୁଦ୍ଧପ୍ରିୟ ଓ ଶିକାରୀ ଜାତି । ଯୁଦ୍ଧକୁ କେନ୍ଦ୍ର କରି ତାଙ୍କ ଜୀବନ, ଯୌବନ, ନାଚ, ଗୀତ ଓ ଅନ୍ୟାନ୍ୟ ସାମାଜିକ ପରମ୍ପରା । ସଂଗ୍ରହାଳୟର ମୁଖ୍ୟ ଦ୍ୱାର ପାଖରେ ରହିଛି ବଡ ବଡ ଡଙ୍ଗା ଆକୃତିର କାଠଗଣ୍ଡି । ବିଶାଳ ଗଛ ( ଯାହାର ଗୋଲେଇ ବ୍ୟାସ ଦେଢ ମିଟରରୁ ଅଧିକ ହେବ) ର ଗଣ୍ଡି କଟାଯାଏ, ତା ମଧ୍ୟରେ ଖୋଲ କରାଯାଏ । ପାଖରେ କାଠର ହାତୁଡି ଥାଏ । ତାକୁ କାଠ ଡଙ୍ଗା ବୋଲି ଭାବି ଅଧିକାଂଶ ଭ୍ରମରେ ପଡିଆନ୍ତି । ନାଗାଲାଣ୍ଡ ଭଳି ରାଜ୍ୟରେ ପର୍ବତଚୂଡାରେ ବସବାସ କରୁଥିବା ନାଗାଜାତିଙ୍କ ପାଇଁ ଡଙ୍ଗା କେଉଁ କାମରେ ଲାଗେ ବୋଲି ମନରେ ପ୍ରଶ୍ନ ଆସେ । ପ୍ରକୃତରେ ସେଗୁଡିକ ହେଉଛି ଗୋଟିଏ ଗୋଟିଏ ବାଦ୍ୟଯନ୍ତ୍ର । ଶତ୍ରୁ ଆକ୍ରମଣର ସମ୍ଭାବନା ମିଳିବା ମାତ୍ରକେ, ଗାଁ ଲୋକେ ଏହି ବାଜା ବଜାଇ ନିଜର ସାଙ୍ଗସାଥୀମାନଙ୍କୁ ପ୍ରସ୍ତୁତ ହେବାକୁ ନିର୍ଦ୍ଦେଶ ଦେଉଥିଲେ । ଯେହେତୁ ଗାଁ ଗାଁ ଭିତରେ ସବୁବେଳେ କଳଗୋଳ, ହାଣକାଟ ଲାଗିରହୁଥିଲା, ଏହି ବିଶାଳ କାଠ ବାଜାର ଆବଶ୍ୟକତା ରହୁଥିଲା । ଏହି ବାଜା- ଶବ୍ଦ ଜଙ୍ଗଲର ଦୂର ଦୂର ପର୍ଯ୍ୟନ୍ତ ଶୁଭିଥାଏ, ଏକାଦିକ୍ରମେ ପାଞ୍ଚ ସାତ ଜଣ ହାତୁଡି ପିଟି ଏହି ଶବ୍ଦ କରିଥାନ୍ତି । ଶିକାରକୁ ଯାଇଥିବା, ଚାଷକୁ ଯାଇଥିବା ବା ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହରେ ଯାଇଥିବା ଗ୍ରାମବାସୀ ଏହି ବାଜା ଶବ୍ଦ ଶୁଣିବା ମାତ୍ରେ ଗାଁକୁ ବିପଦ ପଡିଲା ବୋଲି ଦୌଡି ଆସୁଥିଲେ ।

ବଡ ବଡ କାଚ ଫ୍ରେମ୍ ଭିତରେ ଥିଲା ଲାଇଫ୍ ସାଇଜର ବିଭିନ୍ନ ନାଗା ଜନଜାତିଙ୍କ ପ୍ରତିକୃତି । ଅଂଗାମୀ, ଆଓ, ଶେମା, ଲୋଥା, କୋନ୍ୟାକ, ରେଂଗମା, ଗୁଂଗ, ପେଁମ୍ ଆଦି ବିଭିନ୍ନ ନାଗାଜାତିଙ୍କ ଭିନ୍ନ ଭିନ୍ନ ପୋଷାକ, କେଶ ବିନ୍ୟାସ, ଅଳଙ୍କାର । ଭାଲୁ ଚମଡା ବା ହାତୀ ଚମଡାରେ ତିଆରି ଢାଲ ଉପରେ ହୋଟି ପକାଇଲା ପରି ଛିଟ ଛିଟ ଚନ୍ଦ । କୌଣସି ଗାଁ ମୁଖିଆ ବ୍ୟବହାର କରୁଥିବା ହାତୀ ଦାନ୍ତ ଓ ହାତୀ ହାଡରେ ତିଆରି ଚୌକିଟିଏ ସଂଗ୍ରହାଳୟର ଏକ ଆକର୍ଷଣୀୟ ଚଜ । କିନ୍ତୁ ହୃତକମ୍ପନ ସୃଷ୍ଟିକାରୀ ସଂଗ୍ରହ ଥିଲା - ହତ୍ୟା ହୋଇଥିବା କିଛି ନାଗା ବ୍ୟକ୍ତିଙ୍କ ଖପୁରି । ଡାଳପତ୍ର ନଥିବା ଗୋଟିଏ ବହୁ ଶାଖା ବିଶିଷ୍ଟ ଖର୍ବକାୟ ବୃକ୍ଷର ଏକାଧିକ ଶାଖା ଅଗ୍ରରେ ଖେଂଚା ହୋଇ ରହିଥିଲା ଗୋଟିଏ ଗୋଟିଏ ଖପୁରି । କାଚ ଫ୍ରେମରେ ଲେଖାଥିଲା - ଶିରଚ୍ଛେଦନ ପରେ ସଂଗ୍ରହ ହୋଇଥିବା ନରମୁଣ୍ଡମାନଙ୍କର ଏହା ଏକ ପ୍ରଦର୍ଶନୀ । କୌଣସି ନାଗା ମୁଖିଆଙ୍କଠାରୁ ସଂଗୃହୀତ ।





ଶିରଚ୍ଛେଦନ ବା ନରମୁଣ୍ଡ ଶିକାର, ନାଗାମାନଙ୍କର ଶୌର୍ଯ୍ୟ - ବୀର୍ଯ୍ୟର ଏକ ପ୍ରତୀକ ଥିଲା । ଏହି ଭୟଙ୍କର ପରମ୍ପରାର ଅନ୍ତ ଘଟିଯାଇଛି । ଇଂରେଜମାନଙ୍କ କଠୋର ଶାସନ ବ୍ୟବସ୍ଥା ସହ ଖ୍ରୀଷ୍ଟଧର୍ମର ବ୍ୟାପକ ପ୍ରସାର ଯୋଗୁଁ ଏହି ବିଭତ୍ସ ପରମ୍ପରାର ଅନ୍ତ ଘଟିଥିଲା । ୧୯୫୮ ମସିହାରେ ଟୁଏନସାଙ୍ଗ ଜିଲ୍ଲାରେ ସମ୍ଭବତଃ ଶେଷ ନରମୁଣ୍ଡ ଶିକାର ସଂଗଠିତ ହୋଇଥିଲା ।

ସେଇ ବିଲୁପ୍ତ, ଅଥଚ ବୀଭତ୍ସ ପରମ୍ପରା ବିଷୟରେ ଶୁଣି ଏବେବି ସାରା ବିଶ୍ୱର ଲୋକେ ସ୍ତବ୍ଧ ହୋଇପଡନ୍ତି । କୋହିମା ରହଣି କାଳରେ ଏହି ବିଷୟଟି ମତେ ମୋହାବିଷ୍ଟ କରି ରଖିଥିଲା । ସେକାଳରେ ନାଗାମାନେ ବିଶ୍ୱାସ କରୁଥିଲେ ଏ ନରମୁଣ୍ଡରେ ଭର୍ତ୍ତିହୋଇ ରହିଛି ତାର ସମସ୍ତ ଶକ୍ତି ଓ ସାମର୍ଥ୍ୟର ଭଣ୍ଡାର । ତାକୁ ହାସଲ କଲେ ଯାଇ ଗାଁରେ ଭଲ ଫସଲ ହେବ, ସମ୍ପତ୍ତି ବଢିବ, କୁଟୁମ୍ବ ବଢିବ, ଯୋଦ୍ଧା ପୁଅମାନେ ଅନୁହେବେ, ସ୍ତ୍ରୀମାନେ ବେଶି ବେଶି ସନ୍ତାନ ଜନ୍ମ କରିବେ ଇତ୍ୟାଦି ଇତ୍ୟାଦି । ଗାଁରେ ହଇଜା, ମହାମାରୀ ଏବଂ ସେଭଳି କିଛି ଅଜଣା ରୋଗ ବ୍ୟାପିଲେ, ଗାଁ ମୁଖିଆ ଆବଶ୍ୟକ କରୁଥିଲା ଶତ୍ରୁ ଗାଁର ନରମୁଣ୍ଡ । ମାତି ଉଠୁଥିଲେ ଗାଁର ଯୋଦ୍ଧାମାନେ । ଏକ ପରମ୍ପରା କ୍ରମେ ନରମୁଣ୍ଡ ଶିକାର ଶୌର୍ଯ୍ୟ, ବୀର୍ଯ୍ୟ ଓ ସମ୍ମାନର ପ୍ରତୀକ ହୋଇଯାଇଥିଲା । ଗାଁ ମୁଣ୍ଡରେ ଥିବା ଧାଂଗଡା ବସା ଯେଉଁଠି ଯୁବକମାନେ ରହୁଥିଲେ, ଯୁଦ୍ଧବିଦ୍ୟା, ଗାଁର ଚଳଣି, ଧର୍ମଧାରଣା ବିଷୟରେ ଶିକ୍ଷା ପାଉଥିଲେ, ସେଇ ବସା ଆଗରେ ଖୁଣ୍ଟ ପୋତି ଅତୀତରେ ସଂଗ୍ରହ କରାଯାଇଥିବା ନରମୁଣ୍ଡ ଖପୁରି ସବୁର ପ୍ରଦର୍ଶନୀ ହେଉଥିଲା । ଜଣେ ଯେତେ ଅଧିକ ନରମୁଣ୍ଡ ଆଣି ପାରୁଥିଲା, ତାର ସମ୍ମାନ ଦୂର ଦୂର ପର୍ଯ୍ୟନ୍ତ ବ୍ୟାପି ଯାଉଥିଲା । ଗାଁର ସବୁ ଝିଅ ତାଙ୍କୁ ବାହା ହେବାପାଇଁ ଚାହୁଁଥିଲେ । ଜଣେ ଯଦି ତା ଜୀବନକାଳ ଭିତରେ ଗୋଟିଏ ବି ମୁଣ୍ଡ ଆଣି ପାରୁନଥିଲା, ସେ ଉପହାସର ପାତ୍ର ହେଉଥିଲା । ତାକୁ କନ୍ୟା ମିଳୁ ନଥିଲେ, ବିବାହ ସରିଥିଲେ ସ୍ତ୍ରୀ ମଧ୍ୟ ଛାଡି ଚାଲିଯାଉଥିଲା ।

ବେଳେବେଳେ ଶତ୍ରୁତା ନଥିଲେ, କୌଣସି ବିଶେଷ କାରଣ ନଥିଲେ ମଧ୍ୟ ସଉକ ପାଇଁ, ଉନ୍ମାଦନା ପାଇଁ ଗୋଟିଏ ଗାଁର ଲୋକେ ମିଳିତ ଭାବେ ନିଷ୍ପତ୍ତି ନେଉଥିଲେ, ଅମୁକ ଗାଁକୁ ଆକ୍ରମଣ ହେବ । ପୁରୁଷମାନେ ଧନୁଶର, ନାଗା ଦାଓ ( ନାଗାମାନେ ବ୍ୟବହାର କରୁଥିବା ଭାରୀ ଓଜନଆ କାତି) , ବର୍ଚ୍ଛା, ଢାଲ ଆଦି ପ୍ରସ୍ତୁତ କରୁଥିଲେ । ସ୍ତ୍ରୀମାନେ ବିଭିନ୍ନ ଯୁଦ୍ଧ ସାଜରେ ସଜେଇ ଦେଉଥିଲେ ନିଜ ନିଜ ପୁରୁଷଙ୍କୁ । ଶିଙ୍ଗା, ଢୋଲ ବଜାଇ ରେ' ରେ'କାର ରଡି କରି ଗାଁର ଯୋଦ୍ଧାମାନେ ବାହାରି ପଡୁଥିଲେ । ସେମାନେ ରଣନୃତ୍ୟ କରି, ବର୍ଚ୍ଛାକୁ ଉପରମୁହାଁ କରି, ଘୂରାଇ ଘୂରାଇ ଶତ୍ରୁଗ୍ରାମ ପାଖରେ ପହଞ୍ଚୁଥିଲେ । ମଧ୍ୟସ୍ଥିଭାବେ ଅନ୍ୟ ଏକ ତୃତୀୟ ଗାଁର ଡଗରକୁ ପଠାଯାଉଥିଲା ଏବଂ ସେ ଯାଇ ଘୋଷଣା କରୁଥିଲା ଏ - ଅମୁକ ଗାଁର ଯୋଦ୍ଧାମାନେ ଆସୁଛନ୍ତି । ତାଙ୍କ ବର୍ଚ୍ଛା ଭାରୀ ଗୋଜିଆ, ତାଙ୍କ କାତି ଖୁବ୍ ଧାରୁଆ । କାତିର ଚୋଟରେ ଗୋଟିଏ ମୋଟା ବାଉଁଶଗଛ ଦିଗଡି ହୁଏ, ମଣିଷ ବେତ ତ' ଛାର... । ଏହି ଯୁଦ୍ଧଂଦେହି ବାର୍ତ୍ତାରେ ଆକ୍ରାନ୍ତ ଗାଁର ଲୋକେ ମାତି ଉଠୁଥିଲେ ଏବଂ ଯୁଦ୍ଧପାଇଁ ପ୍ରସ୍ତୁତ ରହୁଥିଲେ । ପ୍ରତ୍ୟେକ ଗାଁକୁ ପନ୍ଦର ଫୁଟ ଉଚ୍ଚର ପାକଳ ବାଉଁଶ ଦ୍ୱାରା ଘେରାଯାଇ ଦୁର୍ଗବାଡ ପରି ରଖା ଯାଉଥିଲା । ଦୁର୍ଗବାଡର ମୋଟେଇ ଦୁଇଫୁଟ/ ଅଢେଇଫୁଟ ରହୁଥିଲା, ମାଟି ଭିତରେ ବାଉଁଶ ସବୁ ତିନିଫୁଟ ପୋତି ହୋଇ ରହୁଥିଲା ଆଉ କିଛି ବାଉଁଶକୁ ଗୋଜିଆ କରି

ବର୍ଚ୍ଛାଭଳ ଭୂସମାନ୍ତରାଳ କରି ରଖାଯାଉଥିଲା । ବାଡର ବାହାର ପଟେ ଗୋଜିଆ ବାଉଁଶ ସବୁ ପୋତାଯାଇ, ବାଡ ପାଖରେ ପହଞ୍ଚିବା ସୁଯୋଗକୁ ପ୍ରତିହତ କରାଯାଉଥିଲା । ନିକଟସ୍ଥ ଉଚ୍ଚା ଗଛରେ ମଞ୍ଚା ବାନ୍ଧି ଦିନରାତି ପାଳକରି ଗାଁ ବାଲାଏ ଜଗି ରହୁଥିଲେ । ଗାଁ ଦିଗେ ଆସୁଥିବା ସମସ୍ତ ସମ୍ଭାବ୍ୟ ରାସ୍ତା ଉପରେ ନଜର ରଖି, ଶତ୍ରୁ ବା ଅଜଣା ଲୋକର ଆଗମନର ସୂଚନା ପାଇବା ମାତ୍ରେ ଶିଂଗା ବଜାଇ, ଢୋଲ ପିଟି, କାଠଗଣ୍ଡିର ବାଜା ବଜାଇ ( ପୂର୍ବ ବର୍ଣ୍ଣିତ) ନିଜ ଲୋକଙ୍କୁ ଏକଜୁଟ କରାଉଥିଲେ । ଆକ୍ରମଣକାରୀମାନେ ଗଡ ଘେରାଉକରି ଦୀର୍ଘଦିନ ଯାଏ ଶତ୍ରୁଗାଁକୁ ଘେରବନ୍ଦୀ କରିବା ଉଦାହରଣ କ୍ୱଚିତ୍ ଦେଖାଯାଉନଥିଲା । ଚାରିପାଞ୍ଚଘଣ୍ଟା କାଳ ପ୍ରାଣାନ୍ତକ ଚେଷ୍ଟାପରେ ଯଦି ଗାଁ ଭିତରକୁ ପଶିବା ସମ୍ଭବ ହେଉନଥିଲେ, ତେବେ ଆକ୍ରମଣକାରୀମାନେ ନିକଟବର୍ତ୍ତୀ ଅନ୍ୟ ଗାଁକୁ ଚଢାଉ କରୁଥିଲେ ।

ଦୁଇ ଗାଁର ଯୋଦ୍ଧାଙ୍କ ଭିତରେ ମରଣାନ୍ତକ ଯୁଦ୍ଧ ହେଉଥିଲା । ଯିଏ ହାରୁଥିଲା, ସିଏ ମୁଣ୍ଡ ହରାଉଥିଲା । ଜିତିବା ମାନେ ମୁଣ୍ଡ ଜିତିବା । ଚାରି ପାଞ୍ଚ ଘଣ୍ଟା ଏପରି ଚାଲିବା ପରେ ସବୁକିଛି ଶାନ୍ତ ପଡୁଥିଲା । ଆକ୍ରମଣକାରୀମାନଙ୍କ ଭିତରୁ କିଛି ମୁଣ୍ଡ ହରାଉଥିଲେ । ବଞ୍ଚି ଯାଉଥିବା ଲୋକଙ୍କ ଭିତରୁ କିଛି ଶତ୍ରୁ ଗାଁର ମୁଣ୍ଡ ନେଇ ଫେରୁଥିଲେ । ବାଜା ବଜାଇ ଗାଁରେ ସ୍ୱାଗତ କରା ଯାଉଥିଲା । ମୁଣ୍ଡ ସବୁକୁ ଗାଁ ମୁଣ୍ଡରେ ବା ଧାଂଗଡା ବସାରେ ବା ଗାଁ ମୁଖିଆର ପିଣ୍ଡାରେ ରଖାଯାଉଥିଲା । କିଛି ବୀର, ଅର୍ଜିତ ମୁଣ୍ଡଟିକୁ ନିଜ ଘରକୁ ନେଇ ଦାଣ୍ଡରେ ରଖୁଥିଲା । ତା ସ୍ତ୍ରୀ ଆସି ମୁଣ୍ଡ ଉପରେ ହଳଦୀପାଣି ଢାଳ କହୁଥିଲା –ମୋ ସ୍ୱାମୀ କେଡେ ବୀର ଜାଣିଲୁ ତ! ଏଥର ତୋ ସ୍ତ୍ରୀ ଓ ପିଲାଙ୍କୁ କହ, ସେମାନେ ଆସି ମୋ ଘରେ କ୍ରୀତଦାସ ହୋଇ ଖଟିବେ ।

ଏହି ଆକ୍ରମଣବେଳେ ଦୟାମାୟାର ସ୍ଥାନ ନଥିଲା । ସ୍ତ୍ରୀ, ପିଲା ସମସ୍ତେ ହତ୍ୟାର ଶିକାର ହେଉଥିଲେ । ଲମ୍ବା କେଶବତୀ ସ୍ତ୍ରୀ ଲୋକର ମୁଣ୍ଡ ଆଣିବା ସବୁଠୁ ସୌଭାଗ୍ୟର କଥା ବୋଲି ମନେ କରାଯାଉଥିଲା । କିଛି ସଂପ୍ରଦାୟ ଶତ୍ରୁ ଗାଁର ସାନ ଝିଅ ଓ ସ୍ତ୍ରୀ ମାନଙ୍କୁ ସର୍ବାଧିକ ସଂଖ୍ୟାରେ ନିଶ୍ଚିହ୍ନ କରିବାକୁ ଅଗ୍ରାଧିକାର ଦେଉଥିଲେ । ଏହାଦ୍ୱାରା ଶତ୍ରୁ ଗାଁରେ ଅଧିକ ପିଲା ଜନ୍ମ ହେବାର ସମ୍ଭାବନା କମି ଯାଉଥିଲା, ଫଳରେ ଶତ୍ରୁ ଗାଁ ଦୂର୍ବଳ ହେଉଥିଲା । ଯେଉଁ ଲୋକ ଖାଲି ହାତରେ ଫେରୁଥିଲା, ସେ ଅପମାନିତ ହେଉଥିଲା । ଯେଉଁ ବ୍ୟକ୍ତି ମୁଣ୍ଡ ଆଣି ପାରୁନଥିଲା, ସେ ଶତ୍ରୁର ହାତ ଗୋଡ ବା ଅନ୍ୟ ଅଂଶ ବୋହିଆଣି ଗାଁରେ ପ୍ରଦର୍ଶନ କରୁଥିଲେ। କିଛି ନହେଲେ ମୃତ ଶରୀରରୁ ଖଣ୍ଡିଏ ମାଂସ ଆଣିବା ସର୍ବନିମ୍ନ ଆବଶ୍ୟକତା ଥିଲା । ଗାଁରେ ମୁଖିଆ ସମେତ ଆଉ କିଛି ବସି, ସେ ମାଂସ ମଣିଷ ନା ଆଉ କେଉଁ ଜୀବଜନ୍ତୁର ତାହା ପରୀକ୍ଷା କରୁଥିଲେ। ମାଂସର ରଂଗ ଓ ବାସ୍ନାରୁ ତାହା କେଉଁ ଜନ୍ତୁର ହୋଇପାରେ, ନାଗାମାନଙ୍କ ପାଇଁ ତାହା ଜାଣିବା ସହଜ ଥିଲା । କାରଣ ସାରା ଜୀବନ ସେମାନେ ବିଭିନ୍ନ ଜନ୍ତୁଙ୍କ ମାଂସ ସହ କାରବାର କରୁଥିଲେ ।

ଆଧୁନିକ ନାଗାରାଜ୍ୟ ଇତିହାସରେ ପାଂଗଣା ଗ୍ରାମରେ ହାଣକାଟ ଓ ଶିରଛେଦନ ଘଟଣା ଅତୀବ ଦୁଃଖଦାୟକ ଘଟଣା । ପାଂଗଣା ଗ୍ରାମର ଯେଉଁ ବୀର ପୁରୁଷମାନେ ସାହସର ସହିତ ଶତ୍ରୁ ଆକ୍ରମଣକୁ ପ୍ରତିହତ କରୁଥିଲେ ତା ଭିତରୁ ଏବେ ବି କେତେକ ଖେମୁଂଗୁନ୍ ନାଗା ଜୀବିତ ଅଛନ୍ତି । ଏହିପରି ଜଣେ ଯୋଦ୍ଧାଙ୍କ ନାମ ହେଉଛି ପାଟୁଂଗ । ସେ କୁଆଡେ ତାଙ୍କ ଯୁବକାବସ୍ଥାରେ ୬୮ ଜଣଙ୍କର ମୁଣ୍ଡକାଟ କରିଥିଲେ । ଅତୀତର ସେଇ ବୀରମାନଙ୍କୁ ଗାଁର ବିଭିନ୍ନ ପଦପଦବୀରେ, ବିଭିନ୍ନ ସରକାରୀ ଚାକରୀରେ ଭର୍ତ୍ତି କରାଯାଇ ସାଧାରଣ ଜୀବନ ସ୍ରୋତରେ ସାମିଲ କରାଯାଇଥିଲା ।

ବେଳେବେଳେ ଶତ୍ରୁ ଗାଁର ଲୋକଙ୍କୁ ଧରି ଆଣି କ୍ରୀତଦାସ ରୂପେ ରଖା ଯାଉଥିଲା । ଯିଏ ଖସି ପଳାଇବା ପାଇଁ ଚେଷ୍ଟା କରୁଥିଲା, ତା'ର ଗୋଟିଏ ଗୋଡକୁ ଦୁଇ କାଠପଟା ସନ୍ଧିରେ ରଖି ଏପରି ଭାବରେ ଲୁହାକଳା ମାରି ଦିଆଯାଉଥିଲା ଯେ, ଲୋକଟି ଚାଲିପାରିବ କନ୍ତୁ ଯୁଆଡେ ଯିବ କାଠ ପଟାଟି ବି ସାଥିରେ ଘୋଷାଡି ହୋଇ ଚାଲିଥିବ । ବେଳେବେଳେ ଝୁମ ଚାଷ ବେଳେ ଭଲ ଫସଲ ଅମଳ ଆଶାରେ, କ୍ରୀତଦାସଟିକୁ ଗଛରେ ବାନ୍ଧି ଅନ୍ୟାନ୍ୟ ଡାଳପତ୍ର ସହ ନିଆଁ ଲଗେଇ ଦିଆଯାଉଥିଲା । ଗୋଟିଏ କ୍ରୀତଦାସ ପୋଡିବା ମାନେ ଅପର୍ଯ୍ୟାପ୍ତ ଅମଳର ସମ୍ଭାବନା! କୌଣସି ପରିସ୍ଥିତିରେ କ୍ରୀତଦାସ ଖସି ପଳେଇବା ସମ୍ଭବ ନଥିଲା । ତେଣୁ ନାଗା ମୃତ୍ୟୁକୁ ବରଂ କୋଳେଇ ନେଉଥିଲା, କଦାପି କ୍ରୀତଦାସ ହେବାକୁ ପସନ୍ଦ କରୁନଥିଲା ।

ସେଇ ସମୟରେ ନରବଳି ପ୍ରଥା ବି ବହୁଳ ପ୍ରଚଳିତ ଥିଲା । ଲୋକଟିକୁ ବାନ୍ଧିଆଣି ଚାଷ ଜମିରେ ବଳି ଚଢା ଯାଉଥିଲା ବା ଲୋକଟିର ହତ୍ୟା କରାଯାଇ କେବଳ ମୁଣ୍ଡଟି ଆଣି ବଳିପ୍ରଥା ପାଳନ କରାଯାଉଥିଲା । ନାଗା ଶିକାରୀମାନେ ଲୁଚ ଛପି ମଣିଷଟିଏ ପାଇଲେ ତା'ର ମୁଣ୍ଡ କାଟି ନେଇ ଆସୁଥିଲେ । ଘନ ବଣ ଜଙ୍ଗଲ ଘେରା ନାଗାରାଜ୍ୟରେ ଭରି ରହିଥିଲା ଅସଂଖ୍ୟ ନିକାଞ୍ଚନ ଜାଗା, ନଈ ଓ ଝରଣା । ଅନ୍ଧାର ହେଲେ ନାଗା ଯାଇ ସେମିତି ଏକ ନିକାଞ୍ଚନ ଜାଗାରେ ଛକି ବସୁଥିଲା । ଯିଏ ବି ପାଣି ନେବାକୁ ଆସୁଥିଲା ବା କାଠ ସଂଗ୍ରହରେ ଆସୁଥିଲା, ସିଏ ସ୍ତ୍ରୀ ହେଉ, ପୁରୁଷ ହେଉ, ଶିଶୁ, ବାଳକ, ବାଳିକା ଯିଏ ବି ହେଉ ନା କାହିଁକି, ନାଗା କାତିର ଗୋଟିଏ ଚୋଟରେ ତା'ର ମୁଣ୍ଡ ଖସି ପଡୁଥିଲା । ସେଇ ମୁଣ୍ଡଟି ଆଣିଲେ, ଭୂତପ୍ରେତ ମଧ୍ୟ ଶାନ୍ତ ହୋଇ ନିଜ ଜାଗାକୁ ଫେରିଯିବେ ବୋଲି ବିଶ୍ୱାସ ରହିଥିଲା । ଏ ପ୍ରକାରର ପରିସ୍ଥିତିରେ କରାଯାଇଥିବା ଶିରଛେଦନ, ବୀରତ୍ୱର ଅକ୍ୟା ଅବଶ୍ୟ ବହନ କରୁନଥିଲା ।

ନାଗାମାନେ ନିଜ ଗାଁ ବା ନିଜ ଜ୍ଞାତି କୁଟୁମ୍ବ ଭିତରେ ଖୁବ୍ ଘନିଷ୍ଠ ହି ଚଳୁଥିଲେ । ତା' ସତ୍ତ୍ୱେ ବେଳେବେଳେ କ୍ରୋଧରେ ଜଣେ ଅନ୍ୟକୁ ହତ୍ୟା କରିଦେଲେ ହତ୍ୟାକାରୀ ଭାବେ ନିନ୍ଦିତ

ହେଉଥିଲେ। କିନ୍ତୁ ସବୁଠୁ ଅପମାନ ସୂଚକ ଗାଳିଥିଲା ଜଣେ ଯଦି ଅପରକୁ ମିଛୁଆ ବୋଲି ଗାଳି ଦେଉଥିଲା।

ଆଜି ନରମୁଣ୍ଡ ଶିକାର ବନ୍ଦ ହୋଇଯାଇଛି ସତ; କିନ୍ତୁ ନାଗାମାନେ ତାଙ୍କର ସେଇ ଶୌର୍ଯ୍ୟ - ବୀର୍ଯ୍ୟର ପରମ୍ପରାକୁ ଏବେ ବି ଝୁରି ହୁଅନ୍ତି। ସେଇ ରୋମାଞ୍ଚକର ଅନୁଭୂତିକୁ ମନେ ପକାଇବା ପାଇଁ ଏକ ସ୍ୱତନ୍ତ୍ର ପର୍ବ ପାଳନ କରିଥାନ୍ତି। ସେ ପର୍ବର ନାଁ ହେଉଛି ଶାଙ୍ଗ ୱାଙ୍ଗ। ଶାଙ୍ଗ ମାନେ ଗ୍ରାମ ଓ ୱାଙ୍ଗ ମାନେ ଅଗ୍ନି ଜାଳିବା। ଏହି ପର୍ବଦିନ ଗୃଙ୍ଗ ଜାତିର ନାଗା ବୀରମାନେ ଯୁଦ୍ଧ ପୋଷାକ ପିନ୍ଧି ନିଜ ଗାଁରୁ ପଟୁଆର କରି ବାହାରି ପଡନ୍ତି। ଦୂର ଗାଁର ସୀମାନ୍ତରେ ଯାଇ ଅନ୍ଧାରରେ ଲୁଚ ରହନ୍ତି। ଏପଟେ ଗାଁରେ ପୁରୋହିତ ନିଆଁ ଜାଳି, ମୋରଙ୍ଗ ବା ଧାଙ୍ଗଡା  ବସା ଆଗରେ ପଶୁବଳି ଦେଇ ରଣନୃତ୍ୟ ଆରମ୍ଭ କରନ୍ତି। ଲୁଚ ରହିଥିବା ଗୃଙ୍ଗ ଯୋଦ୍ଧାମାନେ ଏଥର ବୀର ଦର୍ପରେ ଗାଁକୁ ଫେରନ୍ତି। ଅତୀତ ଦିନରେ ନରମୁଣ୍ଡ ଧରି ଯେମିତି ଫେରୁଥିଲେ ଠିକ୍ ସେଇ ବିଜୟ ଉଲ୍ଲାସରେ ଫେରନ୍ତି। ସମସ୍ତେ କଳ୍ପନା ଜଗତରେ ସେଇ ଅତୀତ ଗୌରବରେ ମସଗୁଲ ହୁଅନ୍ତି। ଢୋଲ ପିଟି, ଗୀତ ଗାଇ, ଲମ୍ଫ ପ୍ରଦାନ କରି, ଦୁଇଗୋଡ ଟେକ ଶୂନ୍ୟକୁ ଲମ୍ଫଦେଇ ଧାଙ୍ଗଡା ବସା ସାମନାରେ ଶୌର୍ଯ୍ୟବୀର୍ଯ୍ୟର ପରାକାଷ୍ଠା ପ୍ରଦର୍ଶନ ହୋଇଥାଏ। ଏହା ଆଜିକାଲି ଖୁବ୍ ଜାକଜମକରେ ପାଳିତ ହେଉଛି।



ପୃଥିବୀର ବିଭିନ୍ନ ଜାଗାରେ ନରମାଂସ ଖାଦକମାନେ ଥିବାର ପ୍ରମାଣ ମିଳିଥାଏ। ଏବେ ବି ଭାରତର ଆଣ୍ଡାମାନ ଦ୍ୱୀପରେ ରହୁଥିବା ସେଣ୍ଟିନାଲିସ ଜନଜାତିମାନେ କିଛି ପରିମାଣରେ ନରଖାଦକ ବୋଲି କୁହାଯାଇଥାଏ। ନାଗାମାନେ କିନ୍ତୁ କେବେହେଲେ ନରଖାଦକ ନଥିଲେ। ନାଗାମାନଙ୍କ ପରି ନରମୁଣ୍ଡ ସାଇତି ରଖୁଥିବା ଜାତିମାନେ ଦକ୍ଷୀଣ ଆମେରିକାର ଆମାଜାନ ଅବବାହିକାରେ ମିଳିଥାନ୍ତି। ସେମାନେ ଗରମ ବାଲି ଭର୍ତ୍ତିକରି ଖପୁରୀ ସବୁକୁ ସଂପତ୍ତି ପରି ସଂଗ୍ରହ କରୁଥିଲେ। ମାଳୟ ଦ୍ୱୀପର ନାକା ନାମଧାରୀ ଆଦିମ ଜନଜାତି ନରମୁଣ୍ଡ ଶିକାର

କରୁଥିଲେ । କିନ୍ତୁ ନାଗାମାନଙ୍କ ପରି ଏତେ ବ୍ୟାପକ ଓ ଏତେ ସଂଖ୍ୟାରେ ଅଂଶଗ୍ରହଣ କରୁଥିବା ଜାତି ପୃଥିବୀର କେଉଁଠାରେ ଦେଖିବାକୁ ମିଳନ୍ତି ନାହିଁ । ଆଜି ସେସବୁ ବିଷୟ ଅତୀତ ହୋଇଗଲାଣି । ନିଜ ପୂର୍ବପୁରୁଷଙ୍କ ବର୍ବରୋଚିତ କାର୍ଯ୍ୟପାଇଁ କୌଣସି ନାଗା ଦୁଃଖ କରନ୍ତି ନାହିଁ ବା ଲଜ୍ଜିତ ହୁଅନ୍ତି ନାହିଁ । ବରଂ ତାହା ସେମାନଙ୍କ ପାଇଁ ଶୌର୍ଯ୍ୟ - ବୀର୍ଯ୍ୟର ପରିଚୟ ହୋଇ ରହିଛି ।

ଫେରିଲା ବେଳେ ଗୌହାଟୀରୁ ଏ ଲେଖକ ସଂଗ୍ରହ କରିଥିଲା ୨୦୧୦ ସିନେମା ସି.ଡି. – The Last of the Tatooed HeadHunder| ୨୦୧୦ କାନସ୍ ଚଳଚ୍ଚିତ୍ର ଉତ୍ସବରେ ତାହା ପୁରସ୍କୃତ ହୋଇଥିଲା । ସେଥିରେ ସେ ସମୟର ଗାଁମାନଙ୍କର ପରିସ୍ଥିତି, ଲୋକଙ୍କ ପୋଷାକପତ୍ର, ରଣବେଶ ଯୁଦ୍ଧ ସଂଘାତ, ନରମୁଣ୍ଡ ଶିକାର ଆଦି ନିଖୁଣ ଭାବେ ପ୍ରଦର୍ଶିତ ହୋଇଛି । ଏଯାବତ୍ ବଞ୍ଚିଥିବା ଜଣେ କୋନ୍ୟାକ୍ ନାଗାବୀରଙ୍କ ଅତୀତର ସ୍ମୃତିଚାରଣ ହେଉଛି ଚଳଚ୍ଚିତ୍ରର କଥାବସ୍ତୁ । ସେହି ବୀର ନିଜ ଯୁବାବସ୍ଥାରେ ହାସଲ କରିଥିଲେ ଅଶୀରୁ ଉର୍ଦ୍ଧ ନରମୁଣ୍ଡ । ସିନେମାଟି ଦେଖି ସାରିବା ପରେ ଢେର ସମୟ ଧରି ଏ ଲେଖକ ସ୍ତବ୍ଧ ଓ ନିର୍ବାକ୍ ହୋଇଯାଇଥିଲା ।

ଆଜି ପରିସ୍ଥିତି ଆମୂଳଚୂଳ ବଦଳି ଯାଇଛି । ଅତୀତ ଓ ବର୍ତ୍ତମାନର ନାଗା ଜନଜୀବନ ଭିତରେ ବହୁତ ଫରକ । କୋହିମା ସହର ଭିତରେ ଘୂରିବୁଲି ଅତୀତର ଚଳଣି ଉପରେ ଅନୁମାନ ଲଗାଇବା ଅସମ୍ଭବ ବ୍ୟାପାର ।



ଭୁବନେଶ୍ୱରରେ ରହି ଅନ୍ତତଃ ନାକରେ ନୋଳପିନ୍ଧା ଆଦିବାସୀ ମହିଳାଟିଏ ଦେଖିପାରିବା ସମ୍ଭବ କଥା । କିନ୍ତୁ ଗ୍ରାମାଞ୍ଚଳକୁ ଯାଇ ସୁଦ୍ଧା ନାଗାଲାଣ୍ଡରେ ସେଇ ପ୍ରାଚୀନ ବେଶଭୂଷାରେ ମଣିଷଟିଏ ଦେଖିବା ଅସମ୍ଭବ ବ୍ୟାପାର । ନାଗାମାନେ ସଂପୂର୍ଣ୍ଣ ରୂପେ ଆଧୁନିକ ଖ୍ରୀଷ୍ଟିଆନ ।

ଖାଦ୍ୟ, ବେଶ, ପୋଷାକ ସବୁକଛି ପାଶ୍ଚାତ୍ୟ, ଧର୍ମଧାରଣା ବି ପାଶ୍ଚାତ୍ୟ। ରାସ୍ତାର ମେହେନ୍ତରାଣୀ, ମାଛ ବିକାଳି, କେଉଟୁଣୀଠାରୁ ଆରମ୍ଭ କରି ବଡ ବଡ ଅନୁଷ୍ଠାନ ଚଳାଉଥିବା ସବୁ ସ୍ତ୍ରୀ ଲୋକ ଏକାପରି ଦିଶନ୍ତି। ସୁନ୍ଦର ଓ ବଳଷ୍ଠ ଚେହେରା ଯୋଗୁଁ ଜର୍ମାନୀ ବା ସୁଇଜରଲାଣ୍ଡର ଗ୍ରାମୀଣ ମହିଳାଙ୍କ ପରି ଦିଶିଥାନ୍ତି। ସମସ୍ତେ ଜିନ୍ସ ପିନ୍ଧନ୍ତି, ବାନଆନ୍ ବା ଟି ସାର୍ଟ ପିନ୍ଧନ୍ତି, ହାଇହିଲ୍ ଜୋତା ପିନ୍ଧନ୍ତି। ପୁରୁଷମାନେ କୋଟ୍ ପେଣ୍ଟ୍ ଆଦି ପିନ୍ଧିଥାନ୍ତି। ସବୁ ସ୍ତରର, ସବୁ ବର୍ଗର ଲୋକେ ନିଜକୁ ସଜେଇ କରି ରଖିଥାନ୍ତି। କୋହିମା ବଜାର ଭିତରେ, ସେଇ ପୁରୁଣା ବେଶ ପୋଷାକରେ କୌଣସି ନାଗା ପୁଅ ବା ଝିଅଙ୍କୁ ଦେଖିବେ ବୋଲି ଯଦି ଆଶା କରୁଥାନ୍ତି, ତେବେ ହତାଶ ହେବା ଗ୍ୟାରେଣ୍ଟି। ଏକଦା ଏହି ଜାଗାରେ ନରମୁଣ୍ଡ ଶିକାରୀମାନେ ମାଳମାଳ ହୋଇ ବୁଲୁଥିଲେ ବୋଲି କେହିବି ବିଶ୍ୱାସ କରିବେ ନାହିଁ। ଏ ପରିପ୍ରେକ୍ଷୀରେ ମଜା କଥାଟିଏ ମନେ ପଡେ। ମନେ ମନେ ଖୋଜୁଥିଲି, କୋହିମା ଗଳିରେ ଜଣେ ଯଦି ପାରମ୍ପରିକ ପୋଷାକରେ ଦେଖିବାକୁ ମିଳନ୍ତା ତେବେ ସ୍ମୃତିପାଇଁ ନିଶ୍ଚୟ ତା ର ଫଟୋଟିଏ ଉଠେଇବି। ମଣିଷ ତ ମିଳିଲାନି, ମିଳିଲା ମଣିଷ ଆକୃତିର ଗୋଟିଏ ଛବି। ଆଜିକାଲି ସୁପର ମଡେଲ ସାଜିଥିବା ଜଣେ ଆଓ ନାଗା ତରୁଣୀ, ପାରମ୍ପରିକ ପ୍ରାଚୀନ ନାଗା କନ୍ୟା ବେଶରେ ବିଜ୍ଞାପନ କରୁଛନ୍ତି – ସୁନ୍ଦର କେଶ ପାଇଁ ନାଗା ସାମ୍ପୁ। ସେଇ ବିଜ୍ଞାପନ ଛବିଟି ପାଖରେ ଅଟକଗଲି। ଆଶ୍ଚର୍ଯ୍ୟ ହେଲି ଆଉ ଜଣେ ଅଣନାଗା ଯୁବକ ଛବିଟିର ପାଖରେ ଠିଆହୋଇ ଆଁ କରି ଚାହିଁଥାନ୍ତି। ମୁଁ ଛବି ସହ ଯୁବକଙ୍କ ଯୁଗଳବନ୍ଦୀର ଫଟୋ ଉଠେଇ ନେଲି। ଫ୍ଲାସ ଆଲୁଅରେ ଯୁବକ ପ୍ରକୃତିସ୍ଥ ହେଲେ ଏବଂ ହସିଲେ।

ମୋର ଫଟୋ କାହିଁକି ଉଠେଇଲେ? ଯୁବକଙ୍କ ଥିଲା ନିରୀହ ଅଭିଯୋଗ।

କଥା କଣ କି ମତେ ପୂରା ଦୃଶ୍ୟଟି ଅତି ବିରଳ ଲାଗିଲା। ସତେକି ନାଗକନ୍ୟା ଉଲୁପି ସହ ଅର୍ଜୁନ ପରସ୍ପରକୁ ଚାହାଁଚାହିଁ ହେଉଛନ୍ତି, ପ୍ରେମାଳାପ କରୁଛନ୍ତି। ମୁଁ ଉତ୍ତର ଦେଲି। କ୍ଷଣକ ପାଇଁ ହେଉ ପଛେ ଯୁବକ ନିଜକୁ ଅର୍ଜୁନ ଭାବି ଉଲ୍ଲସିତ ହେଲେ ଏବଂ ଛାତି ଫୁଲେଇ ଉଲୁପିଙ୍କଠାରୁ ବିଦାୟ ନେଇଥିଲେ।

କ୍ରମଶଃ.....

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# ଶବ୍ଦ- ତମେ



ବରୁଣ କୁମାର ଦାସ

ପ୍ରୋଟିନ ଅଭାବରେ
ରୁଗଣ ଶବ୍ଦସବୁ
ଫେରିପାଉଛି ପୁଣିଥରେ
ପୂର୍ବର ଚେହେରା
ତମେ ଯେଣୁ ପ୍ରୋଟିନ ବନ
ଶକ୍ତି ଦାନ କରିଛ ଶବ୍ଦ ସବୁପାଇଁ ।
ତମେ ଦୂରେଇ ଗଲେ
ଶବ୍ଦସବୁ ମନ୍ଥର, ରୋଗୀଣା
ରଙ୍ଗ- ରସ ହରା ।
ତମେ ନ ଥିଲେ
ଶବ୍ଦ ନାହିଁ ।
ଶବ୍ଦ ପାଇଁ ତମେ
ତମ ପାଇଁ ଶବ୍ଦ ।
ତମେ ଅଛ ବୋଲି ତ
କବିତାର ଇମାରତ
କାଗଜ ଦଖଲରେ ।

ତମେ ଅଛ ବୋଲି ତ
ଦୁଃଖ, ବ୍ୟର୍ଥତା ଆଉ
ପରାଜୟକୁ ଜୟ କରୁଛି ଶବ୍ଦ ସବୁ ।
ତମେ ଅଛ ବୋଲି ତ
ନଜର ନଜର ଶବ୍ଦ ସବୁ,
ଚତାଭଷ୍ମ ଭିତରୁ
ଜିଇଁ ଉଠୁଛି ଫିନକ୍ସ ପକ୍ଷୀପରି
ବଂଚବାର ନଶା ।
ହଁ, ତମେ ନ ଥିଲେ
ଶବ୍ଦ ସବୁକୁ ନେଇ କରିଥାନ୍ତି କଣ!
ଶବ୍ଦ ପାଇଁ ତମେ
ତମ ପାଇଁ ଶବ୍ଦ ।

ପାଳୁସିଆ, ଦେହୁର୍ଦା, ବାଲେଶ୍ୱର

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and

editor.vedantimagazine@gmail.com

# ଯାପନ

ମୂଳ ରଚନା: ବଙ୍ଗଳା – ଜାହିଦ୍ ଶରଦାର
ଓଡିଆ ଭାଷାନ୍ତର: ସନାତନ ମହାକୁଡ



ସନାତନ ମହାକୁଡ

ନୀଚର ଉଚ୍ଚତା ଅଛି,
ଅଭିଜ୍ଞତା ଅଛି ।
ଜାଣେ,
ଆକାଶର ଉଚ୍ଚତାରେ ଦାୟ,
ଅନ୍ଧକାରେ, ରୌଦ୍ରବୋଧେ କେଉଁଠି ପାପଳ ।
ଝୁଲନ୍ତ ହାତର ଶୂନ୍ୟତା ଠାରୁ
ବେଶିଦୂର ନୁହଁ ଘାସର ତର୍ଜନୀ ।

ବେରୁଆଁବାରୀ, ନୟାଗଡ, ଓଡିଶା

~~~~~

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ ।
~~~~~

# ବୋଉ



ସରସୀ ଆଗ୍ରୁର୍ଯ୍ୟ

ସିପୁ ଏତେ ଡେରି ଯାଏଁ କୋଉଠି ଥିଲୁ, ୭ଟା ବାଜିଲାଣି ପାଠ ପଢା ନାହିଁ କି..? ଏତିକି କହୁ କହୁ ସିପୁ ତା ମାମା ପାଖେ ହାଜର। ଆଜି ତାକୁ ଦେଖି ମୋର ମନେପଡ଼ି ଯାଉଛି ମୋ ପିଲାବେଳ କଥା। ମୁଁ ସିପୁ କୁ ପାଟିକଲା ବେଳେ ସେ ଯେମିତି ଯାଇ ତା ମାମା ପଛପଟେ ଲୁଚ ଯାଉଛି, ଦିନେ ମୁଁ ବି ସେମିତି....!!

ମୋର ଆଜି ଭଲ ମନେଅଛି ସେଦିନର କଥା। ପାଖ ଗାଁ ରେ ରାମନବମୀ ମେଳା ହଉଥାଏ। ମୋ ସାଙ୍ଗ ଟୁକୁନା, ପିଣ୍ଟୁ, ଫକୀର ସମସ୍ତେ ଯିବାକୁ ବାହାରିଥିଲେ। ମତେ ବି ଡାକୁଥିଲେ, ହେଲେ ମୋର ବାପ ଙ୍କ ତେନ୍ତୁଳ ଛାଟ କୁ ଥିଲା ଭୀଷଣ ଡର। ପୁଣି ୟାଡ଼େ ମେଳା ଦେଖିବାର ଉତ୍ସାହ ବି ଥିଲା। ଡର ଆଉ ଉତ୍ସାହ ଦୁଇଟା ଜାକ ମନ ଭିତରେ ଉବୁଟୁବୁ ହେଉଥାନ୍ତି। ଶନିବାର ଥିଲା ବୋଲି ସ୍କୁଲ ସକାଳୁଆ ହେଇଥାଏ। ଛୁଟି ହେଇ ଘରକୁ ଆସିଲି। ବୋଉ ଦୁଆରେ ବସି ବଡ଼ି ପାରୁଥାଏ। ମୁଁ ଯାଇ ତା ପାଖେ ଜାକ ହେଇ ବସିପଡ଼ିଲି, ତା ଲୁଗା କାନି ଧରି ଖେଳିଲି। ସେ ଜାଣିଗଲା ମୁଁ ତାକୁ କିଛି କହିବି। ହାତ ଧୋଇ ଆସି ମୁଣ୍ଡ ଆଉଁସି, ଗାଲରେ ହାତ ମାରି ପଗ୍ଋରିଲା; କଣ କହିବୁକି ବାପା? ? ତାପରେ ମୁଁ ଫିଟେଇ ଦେଇଥିଲି ମୋ କଥା ର ଗଣ୍ଠି। ବୋଉ ମୋର ହସିଦେଇ ଋେଷେଇ ଘରକୁ ଗଲା। ଫୁଟଣ ଡବା ରୁ ୫ଟଙ୍କା ଆଣି ଦେଲା, ଆଉ କହିଲା ସଅଳ ଫେରି ଆସିବୁ। ବାପା ଘରେ ନଥିଲେ , ପାଖ ଗାଁ କୁ ଯାଇଥିଲେ। ସେତେବେଳେ ମୋ ଖୁସି ଦେଖେ କିଏ। ତାପରେ ମୁଁ ଗ୍ଋଲିଲି ମେଳା ବୁଲି। ସେଠି ସାଙ୍ଗ ମାନେ ମିଶି ମେଜିକ୍ ଦେଖିଲୁ, ମିଠେଇ ଖାଇଲୁ। ଫକୀର ଗୋଟେ ଘଡି କିଣିଲା ପଇସା ରଖିବ ବୋଲି। ମୁଁ ଗୋଟେ ଛିଟିକିଣି କିଣିଲି। ଖୁସି ରେ ସିନା ବୁଲୁଥିଲି ହେଲେ ମନ


ଥାଏ ଯାଇ ବାପା ଙ୍କ ପାଖେ। ଘରେ ଫେରି ମତେ ନପାଇଲେ କଣ ଜେ ହେବ..!!? ଏମିତିରେ ମେଳା ବୁଲା ସରିଲା, ଘରକୁ ଫେରିଲୁ। ଗାଁ ପାଖାପାଖି ପଡେ ବିଲସୁଣି ଛକ। ସେଠୁ ବାଁ ହାତି ଗଲେ ଟୁକୁନା ଆଉ ଫକୀର, ଡାହାଣ ହାତି ଗଲା ପିଣ୍ଟୁ, ସିଧା ଗ୍ଭଲିଲି ମୁଁ। ଘରଟା ଯେତିକ ପାଖ ହଉଥାଏ, ବାପା ଙ୍କ ପାଇଁ ଥିବା ଡର ଟା ସେତିକ ବଢୁଥାଏ। ଘର ପାଖେ ଖମଙ୍ଗେସ୍ୱର ଶିବ ମନ୍ଦିର। ଠିକ୍ ମନ୍ଦିର ପାଖେ ହେଲାବେଳକୁ ବାପା ମନ୍ଦିର ଗଡ଼ିଆ ରୁ ଗଧେଇକ ଫେରୁଛନ୍ତି। ବାପା ଆଉ ମୁଁ ସାମ୍ନାସାମ୍ନି ହେଇଗଲୁ। ସେତେବେଳେ ମୋର ତଳ ରୁ ତଳପା ଥରୁଥାଏ, ଝାଳ ରେ ଗୋଟାପଣେ ଗାଧେଇ ପଡୁଥାଏ। ବାପା ଖାଲି ପଗ୍ଭରିଦେଲେ; କଣ ମେଳା ବୁଲା ସରିଲା, ହଉ ଘରକୁ ଗ୍ଭଲ। ତାଙ୍କର ସେତିକ କଥାରେ ମୋ କାନ ମୁଣ୍ଡା ଭାଁ ଭାଁ କରୁଥାଏ। ମେଳା ବୁଲାର ସବୁ ଖୁସି ମୋର ଏକାଥରେ ସରିଗଲା। ଡରି ଡରି ଘରେ ପଶିଲି। ବାପା ପୋଛାପୋଛି ହେଇ ଲୁଗା ପିନ୍ଧି ଘର ଭିତର ପିଣ୍ଡା ରେ ଚୌକିରେ ବସିଲେ। ଡାକ ପକେଇଲେ ସତିଆ... ସତିଆ...!! ବାପା ମୋତେ ଶ୍ରଦ୍ଧାରେ ସତ୍ୟ ରୁ ସତିଆ ଡାକନ୍ତି। ସେତେବେଳେ ଯେ ଗ୍ଭଗ ତାଙ୍କ ପଞ୍ଚମ । ମୁଁ ତ ଘର କଣ ରେ ପଶିଥିଲି, ହେଲେ ଗୋଟାଏ ଡାକରେ ଆସି ଦୁଆରେ ହାଜର। ପିଣ୍ଡା ତଳେ ଦୋଷୀ ଟିଏ ପରି ହାତ ମୁଠେଇ ଠିଆ ହେଇଥାଏ। ବାପା ଙ୍କୁ ସିଧା କେବେ ଗ୍ଭହିଁବାକୁ ମୋର ଜୁ ନଥାଏ। ତାଙ୍କର ଗୋଟିଏ ହାତରେ ଖବର କାଗଜ ଓ ଆର ଟିରେ ଥାଏ ସେଇ ତେନ୍ତୁଳ ଛାଟ ଟି। ବାପା ଯେମିତି ଅଦିନ ଝଡ଼ ପରି ବର୍ଷି ଗଲେ; ପାଠଶାଠ ତ ନାହିଁ, କାହାକୁ ପଗ୍ଭରି ମେଳା ଦେଖିଯାଇଥିଲୁ??? ତାଙ୍କର ସେତିକ ପ୍ରଶ୍ନର ଉତ୍ତର ଦେବାକୁ ମୋ ପାଟି ଅଠାଅଠା ହେଇଯାଉଥାଏ, ତଣ୍ଟି ଶୁଖି ଯାଉଥାଏ। ଉତ୍ତର ନପାଇ ବାପା ଚୌକି ରୁ ଧଡ୍ କରି ଉଠି ଛିଡାହେଇଗଲେ, ଚହିଁକ ଆସିଲେ ମୋ ଆଡେ। ଆଉ ତା ପରେ.....

ତାଙ୍କର ସେ ତେନ୍ତୁଳ ଛାଟର ପ୍ରହାରଟା ବସିଥାନ୍ତା ମୋ ବାଁ ଗୋଡ଼ରେ ହେଲେ, ତା ପୁର୍ବରୁ ବୋଉ ରୋଷେଇ ଘରୁ ଦୌଡ଼ି ଆସି ଝାମ୍ପି ନେଇଥିଲା ମତେ ତା ପଛପଟକୁ। ମୁଁ ତା କାନ ତଳେ ରହି ଅନୁଭବ କରୁଥିଲି ଏଇଟି ମୋ ପାଇଁ ଦୁନଆର ସବୁଠୁ ନିରାପଦ ସ୍ଥାନ। ଦୀର୍ଘ ନିଶ୍ୱାସ ପକେଇ ମନେ ମନେ ଗୁଣିହେଲି କେତେବଡ଼ ବିପଦ ରୁ ନିସ୍ତାର ପାଇଗଲି। ବୋଉ

ଯୁକ୍ତି କରୁଥିଲା, 'ପିଲା ଟିକେ ସାଙ୍ଗ ମାନଙ୍କ ସହ ମେଳା ବୁଲି ଗଲାଭାରି ତ କଣ ଏମିତି ବେଦ ଅଶୁଦ୍ଧ ହେଇଗଲା ଯେ। ପିଲା ଟା ତୁମ ଡର ରେ କୁଆଡେ ଯାଉନ, କେଡେ ମନ କରିଥିଲା ଯିବ ବୋଲି। କେମିତି ମନା କରିଥାନ୍ତି ଯେ..., ଏମିତି କେତେ କଣ.!!?' ବାପା ବି ରଗ୍ ରଗ୍ ହେଇ କହୁଥାନ୍ତି, ହଉ ପାଠଶାଠ ନପଢୁ ଖାଲି ବୁଲୁଥାଉ, ପରୀକ୍ଷା ରେ କେତେ ନମ୍ବର ଆଣିବ ଦେଖିବି, ଅଣ୍ଟି ରେ ପୁରେଇ ଥାଅ... ବୋଉ କୁ ସେସବୁ କଥା ଯେମିତି କଛି ଶୁଭୁନଥିଲା, ସେ ତାର ଜତନ କରି ମତେ ଗ୍ଭେଷେଇ ଘରେ ପଖାଳ- ବାଇଗଣ ପୋଡ଼ା ଖୁଆଇ ଦେଉଥାଏ।

ସେଦିନ ବୋଉ ପାଇଁ ମୁଁ କେତେ ମାଡ଼ ଗାଳ ରୁ ବଞ୍ଚିଯାଇଛି.. ଓଃ.. ବୋଉ ଠିକ୍ ସମୟେ ମତେ ନେଇନଥିଲେ କ ଯେ ଅବସ୍ଥା ହେଇଥାନ୍ତା ମୋର..!! ଭାବିଲେ ଛାତି ଥରି ଉଠୁଥିଲା ଅନେକ ଦିନ ଯାଏଁ। ଆଜି ମୋ ପାଖେ ବୋଉ ନହିଁ, ଗ୍ଭରି ବର୍ଷ ହେବ ଛାଡ଼ି ଗଲାଣି ମତେ। ବାପା ବି ଗ୍ଭଲିଗଲେଣି ବୋଉ ଆଗରୁ। ଆଜି ମୁଁ ବାପା ହେଲିଣି, ପୁଅ ସିପୁର ଅଝଟ ପଣ ଦେଖି ମନେପଡ଼ି ଯାଉଛି ମୋ ପିଲାଦିନ, ମୋ ବୋଉ.....

ଖଣ୍ଡଗିରି, ଭୁବନେଶ୍ୱର





ଅଶୋକ ବିଶ୍ଵାଳ

# ତାଓ୍ଵାଙ୍ଗ ପର୍ବତର ଆତ୍ମା

ନଶୂନ ର୍ସ୍ତାରେ ଏତେ ଲୋ୍କ
ଅଜଣା ବାଟରେ ଏତେ ପଦ ଚହ୍ନ
ର୍ସ୍ତାର ଧାରରେ ଅଜଣା ମୁହଁ ଏତେ
ହୁଗୁଳା ମାଟିରେ ଏତେ ପାଦ
ବିଶ୍ଵାସ ନେଇ ଗ୍ଲିଛନ୍ତି
ନଜର ପାନ୍ଥ ନେଇ ଗ୍ଲିଛନ୍ତି
ଆଶାକୁ ନେଇ ଗ୍ଲୁଛନ୍ତି  ତ ସେମାନେ ।



ଅଣନଃଶ୍ଵାସୀ ହୋଇ ଯାଉଛନ୍ତି
ପାହାଡ ପର୍ବତ ଡେଇଁ ଯାଉଛନ୍ତି
ର୍ସ୍ତକଡ ଗଛର ଲମ୍ବା ଛାଇ ଦେଖି୍ଛନ୍ତି
ପଥରର ପୋଲ ପାରିହୋଇ ଯାଇଛନ୍ତି
ପାଦ ଆଙ୍ଗୁଠି ପର୍ଯ୍ୟନ୍ତ ହାଲିଆ ହୋଇ ଯାଇଛନ୍ତି
ପ୍ରତି ପଦ ସହ ହୃଦୟ ସେମାନଙ୍କ ପଡୁଛି ଉଠୁଛି ।

ପାଦ ଚହ୍ନ ବରଫରେ ଛାପି ହୋଇ ଗଲ୍
ସେମିତି ରହିବ ସେମାନଙ୍କ ଫେରିବା ପର୍ଯ୍ୟନ୍ତ
ନଃଶ୍ଵାସ ରହିବ ପବନରେ
ହୃଦୟର ଧକ୍ ଧକ୍ ଶୁଣାଯିବ ତ ସବୁଠି  ।

ଶୁଖିଲା ପତ୍ର ସେମାନଙ୍କୁ ଛୁଇଁ ଯାଉଥିଲା
ଥଣ୍ଡା ପବନ ହୃଦୟକୁ ଛୁଇଁ ଦେଉଥିଲା
ସ୍ଥାଣୁ ହୋଇ ଯାଉଥିଲା ପାଦ
ଜାଣୁ ନଥିଲେ ଶରୀର ପଥର ହୋଇଯାଉଥିଲା
ଜାଣୁ ନଥିଲେ ହାତ ପାଲଟି ଯାଉଥିଲା ତ ବରଫ ।

ଜାଣିଲେନ ବରଫରେ ଅନ୍ଧ ହୋଇଗଲେ
କନ୍ତୁ ସେମାନେ ଗ୍ଭଲୁଥିଲେ, ଗ୍ଭଲୁଥିଲେ
ସୂର୍ଯ୍ୟ ଆସି ଅସ୍ତ ଗଲା,
ଗଛର ଛାଇକୁ ଲିଭାଇ ତ ଦେଲା
ଗ୍ଭଲୁଥିଲେ ସେମାନେ ମୋଟେ ଅଟକକ ।

ସେକ୍ଟର- ୩, ସଲ୍ଟଲେକ, କଲିକତା



# ଅସ୍ତରାଗିଣୀ

( ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

## ( ଭାଗ ୨୦)

ନିଜ ଆଖିରୁ ଦୁଇଟୋପା ଆନନ୍ଦାଶ୍ରୁ ଗଡି ଆସି ନିବେଦିତାଙ୍କ ହାତ ପାପୁଲିରେ ପଡିଲା । ବ୍ରେକଫାଷ୍ଟ ରେଡି କଲିଣ ମା, ଔଷଧ ଖାଇ ନିଅ ।

ବିଶୁହାତରୁ ଔଷଧ ଗୁଡା ନେଇ ଖାଇ ଖାଲି ଗ୍ଲାସଟି ବିଶୁ ହାତକୁ ବଢାଇ ଦେଇ ଚାଲ୍ ଆସୁଛି କହି ଆଉଥରେ ଚିନ୍ତା ରାଇଜକୁ ଭାସିଗଲେ ସେ ।

ସୁଗନ୍ଧ ଆଉ ଦୁର୍ଗନ୍ଧ ଦୁଇ ଧରଣର ବାସ୍ନା - - - ମୃଦୁ ସମୀରରେ ଦୁଇଟି ଯାକ ଗନ୍ଧ ଦୂରରୁ ଦୂରକୁ ଭାସି ଯାଏ । ତେବେ ଆମ ସମାଜ କାହିଁକି କାହାର ଦୁର୍ଗୁଣଟିକୁ ଗାଇ ବୁଲୁଥାଏ ମାତ୍ର ସୁଗୁଣର ନୁହେଁ ।

ସାଗର- - - - ସମାଜର ଏକ ଆଦୃତ ମଣିଷ । ଅନ୍ୟକୁ ମୃତ୍ୟୁମୁଖରୁ ଫେରାଇ ଆଣିବା ପାଇଁ ନିଜ ଅଜାଣତରେ କେଉଁ ଏକ ଭୁଲ୍ କରି ବସିଥିଲେ । ଅଗଣିତ ଭଲ ଗୁଣ ଗୁଡିକର ନାମ ନିଶାନ୍ ରହିଲାନି । ସେଇ ଭୁଲ୍ ପାଇଁ ସବୁରି ମୁଖରେ ସେ ଅପନିନ୍ଦାର ପାତ୍ର ହୋଇ ଶେଷରେ ଦୁନିଆ ଛାଡିଥିଲେ ।

ଏଇ ସମସ୍ୟାଟି ଯେ କେବଳ ଆଜିର ତାହା କହିବା ବାହୁଲ୍ୟ । ଯୁଗ ଯୁଗ ଧରି ଏଥିରେ ବ୍ୟତିକ୍ରମ ନାହିଁ । ଦ୍ୱାପର ଯୁଗର ସେଇମିତି କିଛିଟା ତଥ୍ୟ ତାଙ୍କ ଆଖି ଆଗରେ ନାଚଗଲା। ଯେ କୌଣସି କାରଣରୁ ହେଉନା କାହିଁକି ଗୁରୁ ଦ୍ରୋଣାଚାର୍ଯ୍ୟଙ୍କର ଏକଲବ୍ୟଙ୍କଠାରୁ ଗୁରୁଦକ୍ଷିଣା- - ଇତିହାସରେ ଲିପିବଦ୍ଧ ହୋଇ ରହିଯାଇଛି । ହେଲେ ଗୁରୁ ଅଧିକରୀଙ୍କର ତାଙ୍କପାଇଁ ଦାନ ଦୀର୍ଘ ୧୦ ବର୍ଷ ଗତ ହୋଇଯାଇଥିଲେ ମଧ୍ୟ ଦୁନିଆ ସାମ୍ନାରେ ଅଦୃଷ୍ଟ- - - -

ଇଚ୍ଛା ହେଉଥିଲା ଭଗବାନଙ୍କ ସାମ୍ନାରେ ମୁଣ୍ଡପିଟି କହିବେ, ସବୁକଛି ଯଦି ତୁମର ଦାନ, ଏଇ ସୁଗୁଣଟି କାହିଁକ ନୁହେଁ । ତୁମର ସବୁଦାନ ବିଷୟ ଯଦି ଇତିହାସରେ ଲିପି ବଦ୍ଧ, ତେବେ ଏଇ ସ୍ୱେଚ୍ଛା ପୂର୍ଣ୍ଣ ଦାନଟି ମଧ ସ୍ୱର୍ଣ୍ଣ ଲିପିରେ ଲେଖାଯିବା ଯୁକ୍ତି ସଂଗତ । ତୁମେ ସମାଜକୁ ସଦ୍ ବୁଦ୍ଧି ଦିଅ ଭଗବାନ । ମଣିଷର ଦୁର୍ଗୁଣକୁ ଭୁଲି ସୁଗୁଣକୁ ଆଦର କରିବା ଶିଖନ୍ତୁ ।

ଔଷଧ ପରେ ପରେ ତୁମର ଖାଇବା କଥା ମା, ବହୁ ସମୟ ହୋଇଗଲାଣି । ବାବୁ ଜାଣିଲେ ରାଗିବେ ।

ଗ୍ଲୁଲ୍ ବାବୁଙ୍କ ଚେଲା- - ଅଳ୍ପ ହସି ବସିବା ସ୍ଥାନରୁ ଉଠିଲେ ଡାଃ ନବେଦିତା ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ବ୍ୟାକୁଳତ ଜହ୍ନ



ମଧୁଛନ୍ଦା ବେହେରା

ଝିଲି ଝିଲି ହୋଇ ହସୁଥିଲା
ସେ ଦିନର ପୂର୍ଣ୍ଣମୀ ର ଚାନ୍ଦ ।
ସତେ ଯେମିତି ସ୍ୱାଗତ କରିବା ପାଇଁ,
ଚାହିଁଥିଲା, ଏକ କଅଁଳ ଆତ୍ମାକୁ ।
ସତେ ଯେମିତି ନିଜକୁ ବିସ୍ତାରି ଦେଇଥିଲା
ନିଜର କାଳ ମାକୁ ଭୁଲି
ଖୁସିର ସବୁ ସୀମା ପାରି ହୋଇ
ସେ କେବଳ ଚାହିଁଥିଲା
କେବେ ତାର ଆଗମନ ହେବ ବୋଲି ।
କୁଆଁ କୁଆଁ ଡାକଶୁଣି କଅଁଳ ଶିଶୁର
ଶରଦ ଶଶୀ ହେଲା ମୁଖରିତ
ଗୁଣୁଗୁଣୁ ଗୀତ ଗାଇ, ପ୍ରସସ୍ତ ବାହୁ ମେଲାଇ
ଶିଶୁକୁ ସେ କହିଲା ସ୍ୱାଗତ ।
ଆଙ୍କିଦେଲା ଶିଶୁ ଦେହେ ଅସୀମ ଚୁମ୍ବନ
ସତେ ତା ମା ଧରି
କେତେ ଉଦାର ତା ମନ ।
ଶିଶୁ ସହ ଖେଳିଲା ସେ ଲୁଚକାଳି ଖେଳ
ଚାଲିଗଲା ହସି ହସି
ଯେବେ ହେଲା ସକାଳ, ବିଦାୟର ବେଳ ।



କଟୱାରିଆ ସରାଇ, ନୂଆ ଦିଲ୍ଲୀ

# କେଉଁ ସୁଖ ବଡ....?

ମୂଳ ହିନ୍ଦୀ – ଇନ୍ଦୁବାଳା ଗୁପ୍ତା
ଓଡିଆ ଅନୁବାଦ- ମଧୁସ୍ମିତା ପଟ୍ଟନାୟକ


ମଧୁସ୍ମିତା ପଟ୍ଟନାୟକ

*ସମୁଦିଙ୍କ ଘରେ ଦେବା ନେବାକୁ ନେଇ 'ନାକ ଯେମିତି ନ କଟିବ" ସେଇ ଚିନ୍ତା ମାଙ୍କୁ ସବୁବେଳେ ବ୍ୟସ୍ତ କରିପକାଏ। ସେଥିରେ ପୁଣି କବିତାଙ୍କର ବିଭିନ୍ନ ପ୍ରକାର ଦାବି – 'ମା', ତୁମେ ତିଳକ କଲାବେଳେ ୫୦୧/ - ଟଙ୍କାରୁ କେବେବି କମ୍ ଟଙ୍କା ଦେବନି, ନହେଲେ ସେଠି ସମସ୍ତେ ହସିବେ ତୁମ ଉପରେ। ସବୁ ପ୍ରକାର ଦେବା- ନେବା ଯେମିତି ଭଲ ଭାବରେ ହୁଏ, ସେଥିପ୍ରତି ଧ୍ୟାନ ଦେବ।" ତାଙ୍କର ଏମିତି 'ଭଲ ଦେବା- ନେବା "ଚକ୍କରରେ ଆମର ବଜେଟ୍ ବିଗିଡି ଯିବା ପାଇଁ ଯଥେଷ୍ଟ।*

ରୋଷେଇଘରେ କାମ କରୁଥିବା ସମୟରେ ମୀନା ମନେ ମନେ ଭାବୁଥାଏ ସକାଳ ସମୟରେ ଘରର କାମ ଜଞ୍ଜାଳ ବେଶୀ ବଢିଯାଏ। ଗୋଟେ ମଧ୍ୟବିତ୍ତ ପରିବାରର ସ୍ତ୍ରୀ ଲୋକକୁ ଭଗବାନ ଯଦି ଚାରିଟା ହାତ ଦେଇଥାନ୍ତେ ତା'ହେଲେ  ବହୁତ ଭଲ ହୋଇଥା'ନ୍ତା। ପିଲାମାନଙ୍କ ସ୍କୁଲ୍ ପତିଦେବଙ୍କ ଅଫିସ୍ ଯିବା ପୂର୍ବରୁ ସମସ୍ତଙ୍କ ମନ ମୁତାବକ ଚା, ଜଳଖିଆ, ଟିଫିନ୍ ବନେଇବା ସାଙ୍ଗକୁ ଶାଶୁମା'ଙ୍କ ପୂଜା ପାଇଁ ସବୁ ପ୍ରକାର ବ୍ୟବସ୍ଥାକୁ ନେଇ ହାତଗୋଡକୁ ଜଲଦି ଜଲଦି ଚଲେଇବାକୁ ପଡେ।ଏତେ ସବୁ କାମ କରୁଥିବା ସମୟରେ ଜଣ ଜଣଙ୍କର ଡାକର୍ ମଧ୍ୟ ପଡୁଥିବ.....ମୀନା....ମମ୍ମି...ବୋହୂ....! ଏଇ ବ୍ୟସ୍ତତା ଭିତରେ ଫୋନ୍ ରିଙ୍ଗ୍ ହେଲା। ହାତ ଧୋଇ ହେଇ ଗଲାବେଳକୁ ଶାଶୁ ମା' ଫୋନ୍ ଉଠେଇଲେ। ଏହା ଦେଖି ମୁଁ ପୁଣି କାମରେ ବ୍ୟସ୍ତ ହୋଇଗଲି। ପୂଜାରେ ବାଧା ସୃଷ୍ଟି ହେଲେ ମା' ବହୁତ ରାଗନ୍ତି। ହେଲେ ଫୋନ୍ ରେ କଥା ହେଲାବେଳେ ତାଙ୍କ କଥାରୁ ସେ ବହୁତ ଖୁସି ହେଲାପରି ଜଣା ପଡୁଥାନ୍ତି। ଜପମାଳା

ସହ ରୋଷେଇ ଘରେ ହାଜର । "ବୋହୂ....ବୋହୂ...., ଶୁଣ ଟିକେ...କବିତା ଆଜି ଆସୁଛି । ଦିପହରେ ପହଞ୍ଚି ଏଇଠି ଖାଇବେ । ସାଙ୍ଗରେ ଜୋଇଁ ମଧ୍ୟ ଥାଇ ପାରନ୍ତି । ତେଣୁ ଭଲକରି ରୋଷେଇ କରିବୁ ।"

"କବିତା" – ମୋର ଏକମାତ୍ର ନଣନ୍ଦ । ବହୁତ ବଡ ଘରେ ବାହା ହେଇଛନ୍ତି । ତେଣୁ ସମୁଦିଙ୍କ ଘରେ ଦେବା ନେବାକୁ ନେଇ "ନାକ ଯେମିତି ନ କଟିବ" ସେଇ ଚନ୍ତା ମାଙ୍କୁ ସବୁବେଳେ ବ୍ୟସ୍ତ କରିପକାଏ । ସେଥିରେ ପୁଣି କବିତାଙ୍କର ବିଭିନ୍ନ ପ୍ରକାର ଦାବି – "ମା', ତୁମେ ତିଳକ କଲାବେଳେ ୫୦୧/ - ଟଙ୍କାରୁ କେବେବି କମ୍ ଟଙ୍କା ଦେବନି, ନହେଲେ ସେଠି ସମସ୍ତେ ହସିବେ ତୁମ ଉପରେ । ସବୁ ପ୍ରକାର ଦେବା- ନେବା ଯେମିତି ଭଲ ଭାବରେ ହୁଏ, ସେଥିପ୍ରତି ଧ୍ୟାନ ଦେବ ।" ତାଙ୍କର ଏମିତି "ଭଲ ଦେବା- ନେବା" ଚକ୍କରରେ ଆମର ବଜେଟ୍ ବିଗିଡି ଯିବା ପାଇଁ ଯଥେଷ୍ଟ ।

ପରିବାରର ସୁଖଶାନ୍ତି ପାଇଁ ଇଏ ଆମର କଛି କହିପାରନ୍ତିନି । ତେଣୁ ଆଜି ମଧ୍ୟ ଅଫିସ୍ ଗଲାବେଳେ କହିକି ଗଲେ, "ଆଲମାରିରେ କଛି ଟଙ୍କା ଅଛି । ଏବେ ସେଥିରେ କାମ ଚଳେଇ ନିଅ । ସନ୍ଧ୍ୟା ବେଳକୁ ଫେରିଲା ବେଳେ ବ୍ୟାଙ୍କରୁ ଆଉ କଛି ଟଙ୍କା ଉଠେଇ କରି ଆଣିବି ।"

ସେ ଯିବା ପରେ ମୁଁ ପୁଣିଥରେ କାମରେ ଲାଗି ପଡିଲି । କାମବାଲିର ମଧ୍ୟ ଦେଖା ନଥିଲା । ତାକୁ ଅନେଇ ଅନେଇ ଶେଷରେ ନିଜେ ପରିବା ନେଇ ଆସିଲି । ଘରେ ପହଞ୍ଚିଲା ପରେ ଜାଣିବାକୁ ପାଇଲି କାମବାଲି ଆଜି ଆସିବନି ବୋଲି ଖବର ପଠେଇ ଦେଇଛି । ଛାଡ! ଆଉ କ'ଣ କରାଯାଇ ପାରିବ? ନିଜକୁ ହିଁ ତ ସବୁ କାମ କରିବାକୁ ପଡିବ । ନହେଲେ ମା'ଙ୍କଠାରୁ କବିତାଙ୍କ ଶଶୁଘର କଥା ନେଇ ଉଲୁଗୁଣା ଶୁଣିବାକୁ ପଡିବ । ମୋ ନଣନ୍ଦ ଆସିଲେ ମତେ ଯେ ଭଲ ଲାଗେନି ସେ କଥା ନୁହେଁ । ଆମେ ଦୁହେଁ ଏକା ବୟସର ହେବା ସହ ସେ ମୋର ଭଲ ସାଙ୍ଗଟିଏ ମଧ୍ୟ । ହେଲେ ତାଙ୍କ ପରିବାର ବିଷୟରେ ଯେଉଁ ଭାଷଣ ଶୁଣିବାକୁ ପଡେ, ତାହା ଯୋଗୁଁ ଆମ ସୁଖଶାନ୍ତିରେ ଅଶାନ୍ତିର ପାଚେରୀ ଉଠିଯାଉଛି । ଛାଡ ଏସବୁ କଥା । ଏଗାରଟା ବାଜିଲାଣି....., ସେଥିରେ ପୁଣି ସବୁ କାମ ସେମିତି ପଡି ରହିଛି । ଘରର କାମଦାମ, ରୋଷେଇବାସ କରୁ କରୁ ପିଲାମାନେ ଆସି ପହଞ୍ଚିଗଲେ । ପିଇସୀ ଆସୁଥିବାର ଖବର ଶୁଣି ସେମାନେ ବହୁତ ଖୁସି ହୋଇଗଲେ । ସେମାନଙ୍କୁ ତାଙ୍କର "କାର୍ ବାଲି" ପିଇସୀ ଭାରି ପସନ୍ଦ । ଏଇ ଖୁସିରେ ସେମାନେ ନିଜ ନିଜ କାମ ଶୀଘ୍ର ଶୀଘ୍ର ସାରିଦେଲେ ।

ପାଖାପାଖି ଦୁଇଟା ବେଳକୁ ନଣନ୍ଦ- ନଣନ୍ଦେଇ ଆସି ପହଞ୍ଚିଗଲେ ଘରେ । ତାଙ୍କ ପଛେ ପଛେ ଗ୍ରାଇଭର ପିଲାଟି ଜିନଷପତ୍ର ଧରି ଆସୁଥାଏ । କବିତା କହିଲେ, "ଭାଉଜ, ଆପଣଙ୍କ ପାଇଁ ଆମ୍ବ ଆଣିଛି । ଯ୍ଯାକୁ ରଖ । ବଢିଆ କ୍ୱାଲିଟିର ଆମ୍ବ.....ସବୁଠୁ ମହଙ୍ଗା ଦୋକାନରୁ ଆଣିଛି ।" ମୁଁ ହସି ହସି ସେମାନଙ୍କୁ ସ୍ୱାଗତ କରିବା ସହ ଆମ୍ବ ପାଇଁ ଧନ୍ୟବାଦ ଦେଲି ।

"କୁମାର"- ଆମ ନଣନ୍ଦେଇ ମହୋଦୟ ଆସୁ ଆସୁ କହି ପକେଇଲେ, "ଉଫ୍! କେତେ ଗରମ୍! କବିତା ତୁମେ ଏଠି ରୁହ । ମୋର କଛି କାମ ଅଛି.....ତେଣୁ ମୁଁ ଏବେ ବାହାରିଲି ।"

ମା' ଆଉ ମୁଁ କେତେ ଅନୁରୋଧ କଲୁ ଟିକଏ ବସି ଆରାମ କରି ଖିଆପିଆ ସାରି ଯିବା ପାଇଁ। କାରଣ ସେତେବେଳେ ଲଞ୍ଚ ପୁରା ରେଡି ଥିଲା । ହେଲେ ସେମାନେ ହୋଟେଲରୁ ଖାଇକରି ଆସିଛନ୍ତି ବୋଲି ଉତ୍ତର ମିଳଲା । ଯଦି ତୁମମାନଙ୍କର ଏଠି ଖାଇବାର ନଥିଲା ତା'ହେଲେ ସକାଳେ କହି ଦେଲନ! ମନରେ ରାଗ ଚଢୁଥାଏ, କନ୍ତୁ ମୁଁ ହସି ହସି ପୁଣି କହିଲି, "ହଉ ହେଲା, କଛି ନ ଖାଇଲେ ମଧ୍ୟ "ରା କମ୍ବା ସରବତ୍" କଛିତ ପି କରି ଯା'ନ୍ତୁ!" ହେଲେ ସେ କାହା କଥା ଶୁଣିଲେ ହିଁ ନାହିଁ । ଶେଷରେ ମା' ବାଧ୍ୟ ହୋଇ କୁମାରଙ୍କ ତିଳକ କରିଦେଲେ । କୁମାର ଗଲାବେଳେ କବିତାଙ୍କୁ କହିଦେଇ ଗଲେ, "କାର୍ ପଠେଇ ଦେବି । ଯେତେବେଳେ ଆସିବାକୁ ଗ୍ରହିଁବ ଆସିବ ।"

କୁମାର ଗଲାପରେ କବିତା ବ୍ୟସ୍ତ ହୋଇଗଲେ ମା'ଙ୍କ ସହ ଗପସପରେ ଆଉ ମୁଁ ଖାଇସାରି ରୋଷେଇଘରର ସବୁ କାମ ସାରିବାରେ ଲାଗି ପଡିଲି । ତା ପରେ ସମସ୍ତେ ମିଶି ଗପସପରେ ମାତିଗଲୁ । କବିତାଙ୍କ ଗାଡି ଆସି ପହଞ୍ଚିବା ମାତ୍ରେ ପିଲାମାନେ ବାହାରି ଗଲେ ସେଥିରେ ବୁଲିବା ପାଇଁ । କବିତା ମୋ ପାଇଁ ଗୋଟେ ଗାଉନ୍ ଆଣିଥାନ୍ତି । ତାକୁ ମତେ ଦେଇ କହିଲେ, ପୂର୍ବଥର ଆସିଥିଲି ଯେ ଆପଣ ଗୋଟେ ପୁରୁଣା ଗାଉନ୍ ପିନ୍ଧିଥିଲେ । ସେଥିପାଇଁ ମୁଁ ଏଇଟା ନେଇ ଆସିଛି ।" ତାଙ୍କର ଏପରି କଥା ଶୁଣି ଭଲ ଲାଗିଲାନ ।

ସନ୍ଧ୍ୟାରେ ଇଏ ଆସିଲା ପରେ ପୁଣି ଭାଇ, ଭଉଣୀ ଆଉ ମା' ସମସ୍ତେ ମିଶି ଗପସପରେ ମାତିଗଲେ । ଖାଇବା ପିଇବା ପର୍ବ ସରିଲା ପରେ କଥା କଥାରେ ବୁଲାବୁଲି କରିବା କଥା ପଡିଲା । କବିତା କହିଲେ, "ଭାଉଜ ମୋ ସହ ଗ୍ରଲନ୍ତୁ । ପାଞ୍ଚ- ଛଅ ଦିନ ଅନ୍ୟ ଜାଗାରୁ ବୁଲି ଆସିଲେ ଆପଣଙ୍କୁ ଭଲ ଲାଗିବ । ତା'ଛଡା ପିଲାମାନଙ୍କ ମନ ମଧ୍ୟ ଖୁସି ହେବ ।" ବୁଲିଯିବା

ନାଁ ଶୁଣି ପିଲାମାନେ ଖୁସିରେ ଯିଦି କରିବାକୁ ଲାଗିଲେ ଯିବାପାଇଁ । ଶେଷରେ ପତିଦେବ ଆଉ ଶାଶୁ ମାଁ ପାଞ୍ଚଦିନ ପାଇଁ ଅନୁମତି ଦେଲେ । ମୋ ମନରେ ମଧ୍ୟ ସେତେବେଳେ ବଡଲୋକମାନଙ୍କର ଚାଲିଚଳଣ ଦେଖିବାର ମୋହ ଜାଗିଥିଲା ।

ସକାଳୁ ସକାଳୁ ବାହାରି ପଡିଲୁ କବିତାଙ୍କ ଘର ଅଭିମୁଖେ...ତାଙ୍କର କାରରେ । ପିଲାମାନଙ୍କ ଖୁସି କହିଲେ ନ ସରେ । ରାସ୍ତାଯାକ ଖାଲି ହସମଜା କରୁଥାନ୍ତି । ଦିନ ଏଗାରଟାରେ କବିତାଙ୍କର ମହଲ ପରି ଘରେ ଆସି ପହଞ୍ଚିଗଲୁ । କାରକୁ ଆସିବାର ଦେଖି ଚାକରବାକର ସବୁ ଚଳଚଞ୍ଚଳ ହୋଇ ଉଠିଲେ । ଆମର ବ୍ୟାଗ୍ ପତ୍ର ସବୁ ଗାଡିରୁ କାଢି ଗେଷ୍ଟରୁମ୍ ରେ ନେଇ ରଖିଦେଲେ । ତା'ପରେ ଚାକରଟିଏ ଆସି ଦେଇଗଲା ଥଣ୍ଡା ସରବତ । ସେ ରୁମ୍ ଟା କ'ଣ ଗୋଟେ ରୁମ୍ କି! ସେଥିରେ ପରା ଗୋଟେ ପୂରା ଘର ହେଇଯିବ । ଯଦି ଗେଷ୍ଟରୁମ୍ ଏମିତି ତେବେ ବାକି ରୁମ୍ ଗୁଡିକ କ'ଣ ନ ହୋଇଥିବ? କବିତା ଖାଇବା ପାଇଁ କହିବାରୁ ଧଳା ଡ୍ରେସ୍ ପିନ୍ଧି ରୋଷେୟା ଆସି ଖାଇବା ପରଶି ଦେଲା । ବାପରେ! କେତେ ରକମର ଖାଦ୍ୟ! ଏମିତି ଗହଳ ଚହଳ ରେ ସନ୍ଧ୍ୟା ହେଇଗଲା । ସେ ପର୍ଯ୍ୟନ୍ତ କୁମାର ଘରକୁ ଆସି ନଥାନ୍ତି । ଏମିତିରେ ତିନ ଚାରିଦିନ ବିତି ଗଲାଣି । କୁମାରଙ୍କ ଚେହେରା ଯାହା ସବୁଦିନ ସକାଳେ ଡାଇନିଂ ଟେବୁଲରେ ଜଳଖିଆ ଖାଇବା ସମୟରେ ୫- ୬ ମିନଟ୍ ପାଇଁ ଦେଖିବାକୁ ମିଳେ । ସେ କେତେବେଳେ ଆସୁଛନ୍ତି..., ଖାଇଛନ୍ତି...., ଶୋଉଛନ୍ତି....ଜମାରୁ ଜଣା ପଡୁ ନଥାଏ । ଏ ବିଷୟରେ ପଚାରିବାକୁ କବିତା କହିଲେ, "ଦେଖୁନ ଭାଉଜ, ତାଙ୍କର କାମ କେତେ ବଢିଯାଇଛି! କାଲି ରାତିରେ କୁମାର ମନଦୁଃଖ କରୁଥିଲେ । କହୁଥିଲେ ଭାଉଜ ପ୍ରଥମଥର ପାଇଁ ଆମ ଘରକୁ ଆସିଛନ୍ତି, ଆଉ ମୁଁ ଜମାରୁ ସେମାନଙ୍କ ପାଇଁ ସମୟ ବାହାର କରିପାରୁନ କି ସେମାନଙ୍କୁ କୁଆଡେ ବୁଲେଇବାକୁ ମଧ୍ୟ ନେଇ ପାର୍ନି । ତୁମେ ସେମାନଙ୍କର ଧ୍ୟାନ ଠିକ୍ ରେ ରଖିବ ଆଉ ମୋ ତରଫରୁ ଭାଉଜଙ୍କୁ କ୍ଷମା ମାଗିନେବ ।" ଏସବୁ ଶୁଣି ମୋତେ ବହୁତ ଖୁସି ଲାଗିଲା ।

ଆରେ ନା'...ନା'....କ୍ଷମା ମାଗିବା ପରି କଥା ତ କିଛି ନାହିଁ! ବୋଲି ମୁଁ କହିଲି ।


ରାତିରେ ପିଲାମାନେ ଶୋଇ ପଡିବା ପରେ ଭାବିଲି କବିତାଙ୍କ ସହ ଟିକିଏ ଗପସପ କରି ଆସିବି । ତା'ଛଡା ୟାଙ୍କର କିଛି ଫୋନ୍ କଲ୍ସା ଖବର ଆସିଛି କି ନାଇଁ ବୁଝିନେବି । ୟାଙ୍କ ଉପରେ ମନେ ମନେ ବହୁତ ରାଗ ତ ହେଉଥାଏ । ବାବୁ ଆମକୁ ଏଠିକି ପଠେଇ ଦେଇ ସେଠି

ମଜା କରୁଛନ୍ତି....ନୁହେଁ! ଘରେ ପହଞ୍ଚି ଆଗ ତାଙ୍କ ମଜା ବାହାର କରିଦେବି ଯେ! ଅସଲ କଥା ହେଲା ତାଙ୍କ ବିନା ମନ ହିଁ ଲାଗୁନ ମୋର ଆଉ କେଉଁଠି! ଏମିତି ଭାବି ଭାବି କେତେବେଳେ ଯାଇ କବିତାଙ୍କ ରୁମ୍ ଆଗରେ ପହଞ୍ଚିଗଲି ଜାଣିପାରିଲିନ। କବିତାଙ୍କୁ ଡାକବା ପାଇଁ ବାହାରିବା ବେଳକୁ ଭିତରୁ କୁମାରଙ୍କ ପାଟି ଶୁଭିଲା। ସେ କବିତାକୁ କହୁଥାନ୍ତି, "ଦେଖ, ମୁଁ ଯାହା କରେ....ପିଇ କ ଆସେ କ କ୍ଲବରେ ମଉଜମସ୍ତି କରି ଆସେ, ସେଥିରେ ତୁମର ମୁଣ୍ଡ ପୁରେଇବା ଦରକାର ନାହିଁ। ଏସବୁ ପାଇଁ ତୁମଠୁ ତ ମୁଁ କଛି ନେଉନ! ଆଉ ତୁମ ଭାଉଜ ଆସିଛନ୍ତି ବୋଲି ମୁଁ ଘରକୁ ଶୀଘ୍ର କାହିଁକ ଆସିବି? ଏସବୁ ଦେଖେଇ ହେବା କାମ ମୋ ଦେଇ ହବନ। ଯଦି ଟଙ୍କା ପଇସା ଦରକାର ଏଇଠି ରଖିଛି, ନେଇ ଯିବ। ଯାହାବି ବେଭାର ଦେବାର ଅଛି ନେଇଯିବ ଟଙ୍କା। ହେଲେ ମୋ କାମରେ ହସ୍ତକ୍ଷେପ କେବେବି କରିବନ। ଏକଥା ସବୁବେଳେ ତୁମର ମନେ ରହେ ଯେମିତି!

ଏପରି କଥା ଶୁଣି ମୁଁ ସ୍ତବ୍ଧ ହେଇଗଲି ଆଉ ପଛକୁ ପାଦ ଫେରେଇ ସିଧା ପଳେଇ ଆସିଲି ନିଜ ରୁମକୁ। ରୁମ୍ ରେ ପଶିଲାବେଳକୁ ଭିତରେ ପତିଦେବ ଠିଆହୋଇ ଇଆଡେ ସିଆଡେ ଅନେଇ ମତେ ଖୋଜୁଥା'ନ୍ତି। ଯେମିତି ମତେଦେଖି ଦେଇଛନ୍ତି ସାଙ୍ଗେ ସାଙ୍ଗେ ତାଙ୍କ ବାହୁପାଶରେ ଜଡେଇ ଧରି କହିଲେ, "ମୀନା, ତୁମ ବିନା ଏଇ ଚାରିଦିନ କେମିତି କାଟିଛି ତାହା କେବଳ ମୁଁ ହିଁ ଜାଣିଛି। ଚାଲ....ଘରକୁ ଫେରିଯିବା।"

ମୁଁ ତାଙ୍କ ଆଲିଙ୍ଗନରେ ଲତାଟିଏ ପରି ଲଟେଇ ହୋଇ ଭାବୁଥିଲି କେଉଁ ସୁଖଟା ବଡ? କବିତାଙ୍କର.....ନା' .....ମୋର......!

ନୟୁ କଲୋନ, କପିଳାସ ରୋଡ୍, ରାୟଗଡ, ଓଡିଶା



# ଶେଷ କଥା



ଫିରୋଜ କୁମାର ପଟେଲ

ଅଜନା ସହରେ
ସବୁ ହଜିଯିବା
ଚହ୍ନା ମୁହୁଁ ମିଲେ ନାଇଁ
ଜୀବନର ଦେଲ୍
ସବୁ ପ୍ରେମ ଚଠି ଉପରେ
ଜଲବା ଜୀବନ ଜୁଇ ।

ଗୁପଟେ ରଖଲ୍
ସବୁ ଗୁଲ୍‌ପ ସୁଖିଯିବା
ସବକେ ଛାଡି
ନଜେ ନଜର ଭିତରେ ହଜଲେ
ପାଖେ କେହି ରହନ ନାଇଁ
ସାତ ତାଲ ପାଏନ ପରେ
ସାତ ତାଲ କାଦୋ ତଳେ
ସୁନାର ଫରୁଆ ନ ଛଁଚଲ୍
ଜୀବନ ଗଲେ
ନଜର ସବୁ;
ନଜର ବାଟେ ଯିବେ ପଲେଇ ।
ଦେହେଁ କେ ଡାଲ କରି
ଘର ବାଟେ ଝିଁଟି ଦେଲେ
ଦିଟା ପିରତିର ଚର୍
ମତେ ଆଶର୍ କରି

ବିନଯିବା କେତେ ଚୁରେଇ ଘର୍
ଅଗ୍ନକ ଚଡକ୍ ପଡଲେ
ଫୁର୍ କରି ଉଡିଯିବେ ସଭେ
କେହି ନାଇଁ ଦିଅନ୍ ଧର୍ ।

ନଶବଦ ନୁ ନର୍ବାଣ ତକ
ଜୀବନ ନୁ ମରନ ତକ
ତମେ ଚର୍ଚ୍ଚିତ ହୁଅ କ ନନ୍ଦିତ ହୁଅ
ମାନ ଅପମାନ ର ଛକେ
ଦେଇ ପଡବା ଅଗ୍ନି ପରୀକ୍ଷା
ଆଙ୍ଗଠି ଲମେଇ ନଜର ମାନେ
କଏଫତ ମାଗବେ
ତମେ ଅମୃତ ଢାଲ କ ଗରଲ ପିଅ ।

ସବୁ ସରଲ୍ ପରେ
କଥାନୀ ହୁଅ କ ଗାଥା
ଗୁଟା ଆକାଶ ଉଜଲ କରି
ଜନ ବି ପାଏସି କଲଙ୍କ
ଇଟା ନ ଶେଷ କଥା ।

ଅବନକେଲ୍, ସୁନ୍ଦରଗଡ, ଓଡିଶା

# କର୍ମ



ବିଜୟ କୁମାର ପଣ୍ଡା

ଟୋପାଏ ଟୋପାଏ ବରଷା ବିନ୍ଦୁରେ
ଉଛୁଳ ଉଠଇ ନଦୀ
ନଦୀରୁ ହୁଏ ସାଗର
ଖଣ୍ଡିଏ ଖଣ୍ଡିଏ ଇଟା ଯୋଡିହୋଇ
ଗଢି ଉଠେ ଆମ ଘର ॥

ବଡ ମଣିଷ ବନିବାକୁ ହେଲେ
ପ୍ରତି ପାହାଚରେ କଣ୍ଟା
ଆଉ ଏକଥା ସଭିଙ୍କୁ ଜଣା,
ହେଲେ ସ୍ୱତା ସ୍ୱତି ବଡ ହେବାର
ଚେଷ୍ଟାରେ ଆମେ କାହିଁ ପାହିଁ ବାଟ ବଣା? ?

ସୁଖ ମରୀଚିକା ପଛେ ଧାଇଁ ଧାଇଁ
ଦୁଃଖ କାହିଁ ପାଇଁ କଣୁ! !
କର୍ମ କରିଗଲେ ଫଳ ନିଶ୍ଚୟ ମିଳିବ
ଏକଥା ତ ଆମେ ଜାଣୁ! !

ଧର୍ଯ୍ୟ ଏକ ତିକ୍ତ ବୃକ୍ଷ
ହେଲେ ପ୍ରତୀକ୍ଷାର ଫଳ ମିଠା
ବସି ରହିକ ଯେ ପ୍ରତୀକ୍ଷା କରଇ
ତା ଫଳ ଯେ କେତେ ଖଟା? ?

କର୍ମରେ ଭର୍ ଯା ଜୀବନ
ଦୁଇ ହାତେ ତାର ଖୁସି ମୁଠା ମୁଠା
ଆନନ୍ଦ ବିଭୋର ମନ

ନିଜ ପାଦେ ଯେବେ ମଜଭୁତ ହୋଇ
ଅନ୍ୟକୁ ସହାୟ ହୁଏ,
ବିଶ୍ୱନିୟନ୍ତା ଟିକେ ମୁରିକି ହସଇ
ଜୀବନ ସାର୍ଥକ ହୁଏ ॥

ଜୀବନବୀମା ନଗର, ବାଙ୍ଗାଲୋର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ଭଲ ମଣିଷ



ସୁବ୍ରତ କୁମାର ମୁଦୁଲି

କାଲି ବସରେ ଗାଁକୁ ଆସିବା ବେଳେ ହଠାତ ମୋ' ନଜରରେ ପଡିଲା ଜଣେ ବୃଦ୍ଧ ଲୋକ ସିଟ ଖଣ୍ଡେ ପାଇଁ କଣ୍ଡକ୍ଟର ପାଖରେ କାକୁତି ମିନତି ହେଉଛନ୍ତି । ଅବିକଳ ତାଙ୍କ ଚେହେରା ମତେ ପିଲାଦିନେ ଗୃହାଳରେ ପଢାଇଥିବା ଶ୍ୟାମସାରଙ୍କ ଭଳ ଲାଗୁଥିଲା ।

ମୋ' ଆଖି ଆଗରେ ନାଚୁଥିଲା ଶ୍ୟାମସାରଙ୍କ କଥା । ସେତେବେଳେ ପ୍ରାୟତଃ ଶ୍ୟାମସାର ସବୁ ପିଲାଙ୍କୁ ପଗ୍ଗରୁଥିଲେ ....... ତମେ ବଡ ହେଲେ କ'ଣ ହେବ । ସବୁପିଲା ବିଭିନ୍ନ ଉତ୍ତର ଦେଲା ବେଳେ ମୁଁ କହୁଥିଲି ମୁଁ ବଡ ହେଲେ ଜଣେ ଭଲ ମଣିଷ ହେବି ବୋଲି ଆଉ ପ୍ରତ୍ୟେକ ଥର ସେ ମତେ ଭଲ ମଣିଷର ମାନେ ପଗ୍ଗରିବା ବେଳେ ମୁଁ କହୁଥିଲି .... ଯିଏ ବାପା ମା'ଙ୍କୁ ବେଶି ଭଲପାଏ ସେ ହିଁ ଭଲ ମଣିଷ ।

ସାରଙ୍କୁ ଦେଇଥିବା କଥା ସାରାଜୀବନ ରଖିବାକୁ ମୁଁ ସର୍ବଦା ଚେଷ୍ଟା କରିଛି ହେଲେ କେତେ ସଫଳ ମୁଁ ଜାଣିନ । ଆଉ ବେଶି ଭାବିଲିନ। ବୃଦ୍ଧ ଲୋକଟିକୁ ଯାଚକରି ମୋ' ସିଟଟି ଦେଲାରୁ ସେ ମତେ କହିଲେ ....ଏତେ ଲୋକଙ୍କ ଭିତରେ ତୁ ଗୋଟେ ଭଲ ମଣିଷ ।

ବାଟ ପାଖେଇ ଆସୁଥିଲା ଫୋନ ରିଂ ରେ ବାସ୍ତବତାକୁ ଫେରିଲି । ମୋ' ସ୍ତ୍ରୀ ମତେ ଫୋନ କରି ଘରକୁ ଆସିବାକୁ ପଗ୍ଗରୁଥିଲ। ମୁଁ କିନ୍ତୁ ତାକୁ ବୋକା ବନେଇ ତା' ଇଚ୍ଛା ବିରୁଦ୍ଧରେ ଗାଁକୁ ଫେରୁଥିଲି ବାପା ମା'ଙ୍କ ପାଖକୁ । କଥାଥିଲା ସ୍ତ୍ରୀକୁ ନେଇ ଆଜି ଇଭନିଂ ଶୋ ସିନେମା ଦେଖେଇବା ପାଇଁ । ସେ ମତେ ଗାଳି ଦେଇ କହୁଥିଲା ମୁଁ କାଳେ ଗୋଟେ ଅମଣିଷ। ମୁଁ କିନ୍ତୁ ବେଦମ ହସୁଥିଲି ମୋ' ମଣିଷ ପଣିଆକୁ ଯତ କଞ୍ଚିତ ବଞ୍ଚେଇ ରଖିବାର ପ୍ରୟାସରେ ।

ଦେଉଳ, ଏରସମା, ଜଗତସିଂହପୁର



ପ୍ରକାଶ ସାହୁ

# ଭ୍ବର ଠାକୁର

ଜୟ ଜୟ ଜଗନ୍ନାଥ ଜଗତର କର୍ତ୍ତା,
ତୁମେ ବନ୍ଧୁ ତୁମେ ସଖା ତୁମେ ମାତା ପିତା,
ତୁମେ ସୃଷ୍ଟି ତୁମେ ସ୍ରଷ୍ଟା ଜଗତ କାରଣ,
ତୁମେ ରଥ ତୁମେ ରଥୀ ତୁମେ ସାରଥୀ,
ତୁମେ ନର୍ଶ୍ରୟ ର ସହାର୍ ଅନାଥ ର ନାଥ,
ତୁମକୁ କି ଅଜଣା କାହା ଦୁଃଖ କାହା ଯନ୍ତ୍ରଣା,
ତୁମେ ଭ୍ବର ଠାକୁର କର ଅଭ୍ବ ଠୁ ଦୂର,
କି ଦେଇ ତୋଷିବି ତୁମେ ପ୍ରଭୁ ସବୁ ଜାଣ,
ଭକ୍ତ ର ଭ୍ବ କୁ ଜାଣିପାର ବୋଲି,
ଭ୍ବର ର ନୈବେଦ୍ୟ ଟିକେ ଦେଉଅଛି ପ୍ରଭୁ,
ଭ୍ବ ବିନୋଦିୟା ବୋଲି ଜାଣେ ଏ ସଂସାର,
କୃପାନେନ୍ର ଗ୍ରହିଁଥିବ ହେ କଳା ଠାକୁର ,
ଅମୃତ ପରଷେ ଦୁନଆ ହୋଇବ ଅମୃତ ମୟ,
ଅମୃତ ର ବାର୍ତା ବାଣ୍ଟି ବାଣ୍ଟି ଯିବା ,
ଅମୃତ ବାର୍ତା ର ଲୟ,
ଆନନ୍ଦ ଅମୃତ ବାର୍ତା ରୁ ଝରିବା ଦିବ୍ୟ ରସ ର ଲୟ,
ସେ ରସ ପାନ କରି ଦିବ୍ୟତା ର ପଥେ ଗ୍ଲିବେ
ସଭିଏଁ ଭ୍ବ ର ଠାକୁର ନାମ କୁ ଧରି ଧରି ।



ଜୟ ଜଗନ୍ନାଥ

ନାବିକ, ଭାରତୀୟ ନୌସେନା

# ଏସନ ବର୍ଷାରେ



ଦିପୁନ୍ ପୁହାଣ

ଏସନ ବର୍ଷାରେ,
ବିଲ କାଦୁଅରେ ଆଉ ଗ୍ଭଲିବନ ଲଙ୍ଗଳର ଗାର
ପାଣି ଚୁବୁଚୁବୁ ସ୍ୱପ୍ନମାନଙ୍କରୁ
ମୁଁ ଆଉ ସାଉଁଟି ବସିବିନ ଡୋଡି, ଚେଂଗ କ କଙ୍କଡା ।

ଏସନ ବର୍ଷାରେ,
ଗ୍ଭଳରୁ ଖସୁଥିବା ପାଣିର ଧାରକୁ
ବଢେଇ ଦଉଦଉ କଂସା କ ଡାଟିଆ
ବୋଉ ଆଉ ଦାବିକରି ଗର୍ଜି ଉଠିବନ ଖଣ୍ଡେ ଜରିପାଲ ପାଇଁ
ଆଉ ରୁଷି ବସିବନ ବଡନାନୀ
ଚୁପ୍ ଗ୍ଭପ୍ ବିନା ଛତା ବିନା ସାଇକେଲରେ ଇସ୍କୁଲକୁ ଯିବ ।

ଏସନ ବର୍ଷାରେ,
ଗୁହାଳେ ବନ୍ଧାଥିବା କାଳଗାଇ ପାଇଁ
ଆଉ କଟା ହେଇ ଆସିବନ ବିଡାବିଡା ଘାସ
ମୋ ମନଜାଣି ବୋଉ ଆଉ ରାନ୍ଧିବନ ଶାଗୁଆତି ତୁଣ
ଚଟୋଉ ଅମେଇଷା ପିଠାପଣାର ବାସନାରେ
ଆଉ ମହକବନ ଘର ।

ଏସନ ବର୍ଷାରେ,
ବରଂ ବନ୍ଧା ପଡିବ ବୋଉର ମଙ୍ଗଳସୂତ୍ର
ବଡନାନୀ ପାଇଁ ସାଇତିଥିବା ଝୁମୁକା, ପାଉଁଜୀ ଆଉ ସୁନାଚୂଡି ।

ଏସନ ବର୍ଷାରେ, ନଇବନ୍ଧ ଭ୍ଙ୍ଗୁ କ ନଭ୍ଙ୍ଗୁ
ବର୍ଷ ପାଣିରେ ବିଲ ପୁରୁ କ ନପୁରୁ
ଛ ଛ ଟା ଆଖିରୁ ସୁଖିବନ ପାଣିର ଧାର
ମୁଣ୍ଡ ଉପରୁ ଓହ୍ଲାଇବନ ଧାନ କରଜର ଭ୍ର
ଦୂର ଆକାଶରେ ଖିଲିଖିଲି ହୋଇ ହସୁଥିବେ ବାଆ ।
ଏସନ ବର୍ଷାରେ.....

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

# ସଭିଙ୍କର ଅଛି ମୋର ବି



ସୁମିତ୍ରା ରାଉଳ

ଟିକଏ ନିଃଶ୍ୱାସ ଅଳପ ବିଶ୍ୱାସ
ସଭିଙ୍କର ଅଛି ମୋର ବି ,
ରାତିଏ ସ୍ୱପ୍ନ ଅନେକ ଅଭିଳାଷ
ସଭିଙ୍କର ଅଛି ମୋର ବି ।
ଅଧରେ ହସ ଦି ଟୋପା ଲୁହ
ସଭିଙ୍କର ଅଛି ମୋର ବି ,
ଆଖିଏ ଦୁଃଖ ଛାତିଏ କୋହ
ସଭିଙ୍କର ଅଛି ମୋର ବି ।
ତଳେ ମାଟି ଉପରେ ଆକାଶ
ସଭିଙ୍କର ଅଛି ମୋର ବି ,
ଜୀବନେ ଇଚ୍ଛା ପୁଣି ଅବଶୋଷ
ସଭିଙ୍କର ଅଛି ମୋର ବି ।
ସମ୍ପର୍କର ସାଗର ଟିକଏ ନିର୍ଜନତା
ସଭିଙ୍କର ଅଛି ମୋର ବି,
ଗ୍ରୀଷ୍ମର ଉଷ୍ଣତା ଶୀତର ଶୀତଳତା
ସଭିଙ୍କର ଅଛି ମୋର ବି ।
ଛୋଟିଆ ହୃଦୟ ଉଡନ୍ତା ମନ
ସଭିଙ୍କର ଅଛି ମୋର ବି ,
ବଞ୍ଚିବାର ଆଶା ଜୀଇଁବାର ସ୍ୱପ୍ନ
ସଭିଙ୍କର ଅଛି ମୋର ବି ।

ବାଗସାହି , ପ୍ରୀତିପୁର, ଯାଜପୁର



# ଆର.ଏ.ସି.

ରାଧାକାନ୍ତ ଦାଶ

ସମୟ ସାଢେ ଦି 'ଟା । ବୀଣା ସବୁ ପୋଷାକ ପତ୍ର, ରହିବାର ସାମଗ୍ରୀ, ପାଣି ବଟଲ ଓ ସିନେ ପତ୍ରିକା ଇତ୍ୟାଦି ବ୍ୟାଗରେ ଭର୍ତ୍ତି କରୁଥାଏ । ମା ଆସି କହିଲେ ବୀଣା ! ତୋ ଟ୍ରେନ ତିନଟାରେ ଛାଡିବ, ଆଉ ଅଧଘଣ୍ଟା ଅଛି ତୁ ଶୀଘ୍ର ଯା । ବୀଣା ଘଣ୍ଟା ଦେଖେ ତ ସାଢେ ଦି'ଟା ହେଇଗଲାଣି । ସେ ତରତର ହୋଇ ନିଜର ବ୍ୟାଗ ବନ୍ଦ କରି, ମାଆଙ୍କୁ ପ୍ରଣାମ କରି ବାହାରିଲା ଷ୍ଟେସନ । ଗୋଟେ ଅଟୋ ରେସେ ଷ୍ଟେସନ ଚାଲିଲା । ବୀଣା ! ହେଉଛି ଗୋଟେ ସୁନ୍ଦରୀ ତରୁଣୀ, ଯାହାର ବୟସ ୨୫ ରୁ ୨୬ ହେବ । ସେ ଭୁବନେଶ୍ୱର ଯାଉଛି କିଛି କାମରେ, କିନ୍ତୁ ଗୋଟେ କଥା ବୀଣା ଯେତେବେଳେ ହଡବଡ ହୋଇଯାଏ ସେ ସବୁ ଗଡବଡ କରିଦିଏ ।

ପେଁ ..... ପେଁ ଶବ୍ଦକରି ଅଟୋ ଆଗେଇ ଚାଲିଥାଏ । କଣ କିଛି କାରଣ ପାଇଁ ରାସ୍ତାଟି ଗହଳ ହୋଇଥାଏ ଲୋକ ଏଣେତେଣେ ବୁଲୁଥାନ୍ତି । ବୀଣା ଉଦବିଗ୍ନ ସହ କହିଲା, ଭାଇ ଟିକେ ଜୋର ଚଲାଅ । ମୋ ଟ୍ରେନ ପଳେଇବ ଯେ । ଯାଉଛି ତ ! କହି ଅଟୋ କୁ ଟିକେ ଜୋର ରେ ଚଳେଇଲା । କିଛି ସମୟ ପରେ ଅଟୋ ଆସି ଷ୍ଟେସନ ସମ୍ମୁଖ ରେ ପହଞ୍ଚିଲା । ବୀଣା ଆଟୋ ରୁ ନିଜ ବ୍ୟାଗ କାଢି ଅଟୋ ବାଲାଙ୍କୁ ପଚାରେ, କେତେ ଟଙ୍କା ? ଅଟୋ ବାଲା, ଦିଦି ସତୁରୀ ଟଙ୍କା । ବୀଣା ସତୁରୀ ଟଙ୍କା ! ଏଇଠୁ ଷ୍ଟେସନ ଆସିଲ, ସତୁରୀ କଣ ଚାଳିଶି ନିଅ । ନା ଦିଦି ଚାଳିଶି କଣ ହବ ? ଆରେ ମୋତେ ଲେଟରେ ଆଣିଲ ଧୀରେ ଧୀରେ କରି, ହଉ ପଚାଶ ନିଅ । ସେ ଚାରିକ ପଚାଶ ଟଙ୍କିଆ ନୋଟ ଟେ ତା ହାତକୁ ବଢେଇଦେଇ ନିଜ ବ୍ୟାଗ ଧରି ଆଗେଇ ଚାଲିଲା ଷ୍ଟେସନ ଭିତରକୁ । ଏ ଅଟୋ ବାଲାଙ୍କୁ ଦେଖନ୍ତୁ ତ ଏକୁଟିଆ ଝିଅ ଦେଖି ଠକବାକୁ ବସିଥିଲା ଆରେ, ଆଉ କାହାକୁ ଠକପାରୁ ହେଲେ ମୋତେ ନୁହେଁ ଏମିତି କିଛି କହି ଚାଲି ଥାଏ ମନକୁମନ । ଏତିକବେଳେ ଆନାଉନ୍ସ ହେଲା ଟ୍ରେନ ନମ୍ବର - ୧୮୪୪୮, ଜଗଦଲପୁର - ଭୁବନେଶ୍ୱର ହିରାଖଣ୍ଡ ଏକ୍ସପ୍ରେସ କିଛି ସମୟ ମଧ୍ୟରେ ଚାରିନମ୍ବର ପ୍ଲାଟଫର୍ମରୁ ଛାଡିବ । ବୀଣା ଦୌଡିବାକୁ ଲାଗିଲା, ସାଙ୍ଗରେ ଆଣିଥିବା ମସ୍ତବଡ ଓଜନିଆ ବ୍ୟାଗ କୁ ଟେକ ଟେକ ସେ ଦୌଡୁଥାଏ ଓ ରାଗୁଥାଏ ତା ଭାଇଙ୍କ ଉପରେ କାହିଁକି

ସେ ଚକ ଲଗା ବ୍ୟାଗ ଆଣିଲେନ । ଶେଷରେ ଦୌଡି ଦୌଡି ଟ୍ରେନ ପାଖରେ ପହଞ୍ଚିଗଲା ।

ତାର କେଉଁ କୋଚରେ ସିଟ ଥିଲା ମନେନଥିଲା ବୀଣାର । ନିଜ ହ୍ୟାଣ୍ଡବ୍ୟାଗରୁ ଟିକେଟ ଖୋଜିବାକୁ ଲାଗିଲା । ଟିକେଟ ମିଳୁନ ମୁଁ ଆଗରୁ କହିଥିଲି ଗଡବଡ ରେ ହଡବଡି ହେବା ବୀଣାର ଲକ୍ଷଣ । ଟ୍ରେନ ହର୍ନ ଦେଇ ଛାଡିବାକୁ ଲାଗିଲା, କିନ୍ତୁ ବୀଣାର ମନ ଟିକେଟ ଖୋଜିବାରେ । ଟ୍ରେନରେ ବସିଥିବା ଗୋଟେ ଛୋଟ ଝିଅ ହାତ ହଲେଇ ଟାଟା କରୁଥିବାର ଦୃଶ୍ୟଦେଖିଲା ଓ ହାତ ହଲେଇବାକୁ ଲାଗିଲା । ପଛକୁ ବୁଲି ଦେଖିଲା ସବୁ ଲୋକ ହାତ ହଲେଇ ନିଜ ସମ୍ପର୍କୀୟ ମାନଙ୍କୁ ବିଦାୟ ଦେଉଛନ୍ତି ଓ ଟ୍ରେନ ଛାଡୁଛି । ପୁଣି ଦୌଡିଲା ଦୌଡି ଦୌଡି ଚଢିଗଲା ଟ୍ରେନରେ । ଓଃ, ଦୀର୍ଘନଶ୍ୱାସ ଛାଡି ଟିକେଟ ଅନୁସାରେ ଚାଲିଲା । ତା କୋଚ୍ ଥିଲା s4 ରେ ଆଉ 23 ନମ୍ବର ସିଟ । ଦୁଇଟା କୋଚ ପାରିହେଲା ପରେ s4 ଆସିଲା । ଚଳନ୍ତା ଟ୍ରେନରେ ବଡବ୍ୟାଗ କୁ ଟେକି ଟେକି ଚାଲିବାର କଷ୍ଟ ବୀଣା ଛଡା ମୁଁ ଜାଣିଛି, କାହିଁକନା ମୁଁ ବି ଟ୍ରେନ ରେ ବହୁତ ଯିବା ଆସିବା କରେ । ଛାଡନ୍ତୁ ସେକଥା ଆମେ ଯିବା କାହାଣୀ ଭିତରକୁ ।

ବୀଣା ପହଞ୍ଚି ସାରିଛି s4 କୋଚ ରେ ଆଗକୁ ଚାଲିଲା 23 ନମ୍ବର ସିଟ ନିକଟକୁ । ଏ କଣ ! 23 ନମ୍ବର ସିଟ ରେ ଗୋଟେ ଯୁବକ ବସିଛି । ଅଚହ୍ନା ଯୁବକମାନଙ୍କ ଉପରେ ବୀଣା ର ବହୁତ ରାଗ । କାହିଁକି ନା ସେମାନେ ଝିଅ ମାନଙ୍କୁ ଖରାପ ଦୃଷ୍ଟିରେ ଦେଖନ୍ତି । ତଥାପି ବୀଣା କହିଲା ହୋ, "ହାଲୋ ଏଇଟା ମୋ ସିଟ ଆପଣ ଆଉ କେଉଁଠି ଦେଖିନିଅନ୍ତୁ", କହିକି ସେ ସିଟ ରେ ବସିଗଲା । ଟ୍ରେନ ଟି ପୁରା ଲୋକାରଣ୍ୟ ଥିଲା କେଉଁଠି ବି ଗୋଟିଏ ସିଟ ଖାଲି ନଥିଲା । ସେ ଯୁବକ ଜଣକ କହିଲେ, ଏଇଟା ମୋର ବି ସିଟ, s4 23 ମୋର ବି ଏ ସିଟ ଦେଖନ୍ତୁ ଟିକେଟ । ଟିକେଟ ଦେଖିସାରି ବୀଣା କହିଲା ଆରେ ଏ କଣ ? ହେଲେ ମୋର ବି ତ ଏ ସିଟ । ଆମେ ଆମ ଭିତରେ ଝଗଡା କରି କିଛି ଲାଭ ନାହିଁ। ଟିଟିଇ ଆସିଲେ ସବୁ ଠିକ ହୋଇଯିବ । ବୀଣା କିଛି ନଶୁଣିଲାଭଳି ସେ ତାର ବ୍ୟାଗକୁ ସିଟ ତଳେ ରଖୁଥାଏ, ରଖି ସାରି ସିଟ ବସିଗଲା । ଏଇମିତି କିଛି ସମୟ କଟିଗଲା । ଟିଟିଇ ସବୁ ଲୋକଙ୍କ ଟିକେଟ କୁ ଦେଖି ଦେଖି ଆସି ପହଞ୍ଚିଲେ । ଦୁଇଜଣଙ୍କ ଟିକେଟ ଦେଖିସାରି ଟିଟିଇ କହିଲେ, ଦୁଇଜଣଙ୍କ ଟିକେଟ ଆର.ଏ.ସି. ଅଛି ଓ କନଫର୍ମ ହୋଇନାହିଁ । ସେଥିପାଇଁ ଏ ସିଟ ରେ ଦୁଇଜଣଙ୍କ ବସିବାର ଅଧିକାର ଅଛି । କିନ୍ତୁ ବୀଣା ଟିଟିଇ ଙ୍କ ସଙ୍ଗେ ଯୁକ୍ତିତର୍କ କରିବାକୁ ଲାଗିଲା। ଏମିତି କେମିତି ହେବ । ଯଦି ଆଉ କେଉଁଠି ଖାଲି ଥାଏ ତେବେ। ଟିଟିଇ କହିଲେ ନାଇଁ ଆପଣ ଦେଖୁନାହାନ୍ତି ଲୋକ କେମିତି ଭର୍ତ୍ତିହେଇଛନ୍ତି ଟ୍ରେନ ରେ, କୌଣସି ସିଟ ଖାଲି ନାହିଁ ।

କହି ଆଗେଇଗ୍ଲଲିଲେ ଆଗକୁ । ବୀଣା ତା ଟିକେଟକୁ ଆଉ ଥରେ ଓ ସେଥିରେ ଲେଖା ଥିଲା ଆର୍‌.ଏ.ସି.( R.A.C.) ମାନେ reservation against cancellection । ଏତିକ ବେଳେ ଆଗରେ ବସିଥିବା ଯୁବକଟି କହିଲା, ମୁଁ ଶେଖର କହି ହ୍ୟାଣ୍ଡସେକ କରିବା ପାଇଁ ହାତ ବଢେଇଲା । ବୀଣା ର ଭାବନା ଠିକ ଆସିଲା ଆରେ, ଚହ୍ନା ନାଇଁ ଜଣା ନାହିଁ । ବୀଣା କହିଲା, ମୁଁ ଅଜଣା ଲୋକଙ୍କ ସହ କଥାବାର୍ତା କରେ ନାହିଂ କ ମିଶେ ନାହିଂ । ଆଉ ମୋ ସହିତ କଥାବାର୍ତା କରିବାକୁ ଚେଷ୍ଟା କରନ୍ତୁ ନାହିଁ। ଶେଖର କହିଲା, ହେଲେ ଆମେ ତ ଗୋଟେ ସିଟ ରେ ବସିବା, କଛି ଗପସପ । ବୀଣା ମନା କଲା । ହେଲେ ଶେଖର ଛାଡିବା ପିଲା ନୁହଁ, ସେ ଗ୍ଲହିଁ ରହିଥିଲା ବୀଣା ଆଡକୁ । ଆଉ ମୁଁ କହିବାକୁ ଭୁଲି ଯାଇଛି ଶେଖର ଜିଦ୍ ରେ ପିଜି କରିଥିଲା ଓ ସେ ଯାହା ଜିଦ୍ କରୁଥିଲା ତାକୁ ପାଇବା ପାଇଁ ଲାଗିପଡୁଥିଲା ।

ବୀଣା ଆଣିଥିବା ମାଗାଜିନ୍ ରେ ନଜକୁ ନମଗ୍ନ କରିବାକୁ ଆରମ୍ଭ କରିସାରିଥିଲା । ଟ୍ରେନରେ ଏକା ଏକା ଯିବା ବେଳେ ମାଗାଜିନ୍ ପଢିବା ହେଉଛି ବୋର୍ ହେବାରୁ ମୁକ୍ତିରୁ ସରଳ ଉପାୟ ଯାହା ବୀଣାକୁ ଭଲଭାବେ ଜଣାଥିଲା । ନଜ ମୁଣ୍ଡକେଶରେ ଲାଗିଥିବା ନାଲି କ୍ଲିପ୍ କୁ କାଢି ବହିର କେତେଗୁଡିଏ ପେଜ୍ କୁ ଚପିକ କ୍ଲିପ୍ ରେ ଲଗେଇଦେଲା । ଉଡୁଥିବା ବହି ଟି ଯେମିତି ଆବଦ୍ଧ ହୋଇଯାଇଥିଲା । କନ୍ତୁ ତାର କେଶ ଉଡିବା ଆରମ୍ଭ କରିସାରିଥିଲା । ଟ୍ରେନ ଟି ଷ୍ଟେସନ ପରେ ଷ୍ଟେସନ ଆଗେଇଗ୍ଲଲିଛି । ବୀଣା ଅଜାଣତରେ ଶେଖର ଆଡକୁ ଗୋଡ ଲମ୍ବେଇଦେଇଛି । ଶେଖର ଗ୍ଲହିଁ ରହିଥାଏ ବୀଣା କୁ ତାର ଆଖି , ମୁହଁ , ଓଠ ଓ ଉଡୁଥିବା କେଶ ଯେମିତି ଉଡି ଉଡି ହଜିଯାଉଛି ପବନ ଭିତରେ । ଶେଖର ମନ୍ଧିରେ କେତେ ପ୍ରଶ୍ନ ପଗ୍ଲରିଛି କନ୍ତୁ ଉତ୍ତର ପାଇନ, ପାଇଛି ପୁରୁଣା ଉତ୍ତର, ମୁଁ ଅଜଣା ଲୋକଙ୍କ ସହ କଥା ହୁଏନ ।

ଏଭିତରେ ବୀଣାର ପାଦଟି ଶେଖର ଦେହରେ ବାଜି ଯାଇଛି ଓ ବୀଣା ବହିରୁ ନଜର ହଟେଇ ସୋ ସରିକହି ଲମ୍ବେଇଥିବା ଗୋଡକୁ ଫେରେଇ ଆଣିଛି। ଗ୍ଲତି ହୋଇଛି । ବୀଣା ସାଙ୍ଗରେ ଆଣିଥିବା ପୁରି ଓ ଆଳୁଦମ୍ କାଢିଛି ଓ ସିଟ ଉପରେ ରଖିଛି । ସେପଟେ ଶେଖର ଗ୍ଲହିଁ ରହିଛି ତା ଆଗରେ ଥିବା ପୁରୀ ଓ ଆଳୁଦମ୍ କୁ । ଶେଖର କହୁଛି ଶୁଣନ୍ତୁ, ମୁଁ କଛି ଖାଇନ ଆଉ କଛି, ବି ଆଣିନ । ଏ ପାଖରେ ବି କଛି ମିଳୁନ ଯଦି, ଆପଣ କଛି ପୁରୀ ଆଉ ଟିକେ ଆଳୁଦମ୍ ଦିଅନ୍ତେ ମୁଁ ବହୁତ ଖୁସି ହୁଅନ୍ତି । ଭୋକଲା ଲୋକଙ୍କୁ ଖାଇବାକୁ ଦେଲେ ପୂଣ୍ୟ ହୁଏ। ବୀଣା କଛି ନଶୁଣିଲା ଭଳ ବସିଥାଏ । ଶେଖର କହୁଛି, ଯଦି ଆପଣ ମୋତେ

ଖାଇବାକୁ ଦେବେ ତେବେ ମୋ ସିଟରେ ଆପଣ ଗୋଡ ରଖିପାରିବେ ମୋର ଆଦୌ ଆପତ୍ତି ରହିବନାହିଁ । କଛି ଅନୁରୋଧ କଲାପରେ ବୀଣା କହୁଛି, ହଉ ନଅନ୍ତୁ କନ୍ତୁ, କେବଳ ଦୁଇଟି ପୁରୀ ନେଇପାରିବେ ଆଉ ବେଶି ନୁହଁ । ଶେଖର ଖାଇଛି ଖାଇବା ଭିତରରେ ଦୁଇଟା ବଦଳରେ ଗ୍ଧରିଟା ଖାଇସାରିଛି । ସେତେବେଳକୁ ତାର ମନେ ପଡିଛି ତାକୁ ଦୁଇଟା ଖାଇବାର ଥିଲା । ସେ କହିଛି, ସରି ...................... ବୀଣା ହସି ଦେଇଛି ।

ଏବେ ବୀଣା ନର୍ଦ୍ୱନ୍ଦରେ ତାର ଗୋଡ ଲମ୍ବେଇ ବସି ପାରିଛି ଓ ଭୋକଲା ଥିବା ଶେଖର ତାର ଭୋକ ମେଣ୍ଟେଇ ପାରିଛି । ସେମାନେ କଛି କଛି କଥାବାର୍ତ୍ତା ହେଉଛନ୍ତି । ଏଭିତରେ ସେ ବୀଣାର ନା, ଘର ସବୁ ଜାଣି ସାରିଲାଣି । ହଠାତ୍ ଫୋନ ବାଜିଲା ବୀଣା ର । ବୀଣା ଫୋନ ଉଠେଇ କଥା ହେଉଛି 'ହଁ ,ଭାଇ ହଁ ସିଟ ମିଳଲା, ହଁ ହଁ ସବୁ ଭଲ । ଆଉ ତମେ କଣ କରୁଛ ବୋଉ କଣ କରୁଛି ? ସେପଟୁ ତ ଭାଇ କଛି ଗୋଟେ ନମ୍ବର ନୋଟ କରିବାକୁ କହିଲେ ବୀଣା କୁ । ବୀଣା ନମ୍ବର ନୋଟ କରବା ପାଇଁ ପେନ୍ ଖୋଜିଲା ମୁଁ ତ ଆଗରୁ କହିଛି ଗଡବଡରେ ହଡବଡ ହେବ ବୀଣା ର ପୁରୁଣା ଅଭ୍ୟାସ। ସେ ପେନ୍ ଖୋଜୁ ଖୋଜୁ ତା ହ୍ୟାଣ୍ଡବ୍ୟାଗ ଟି ତଳେ ପଡିଯାଇଛି । ହ୍ୟାଣ୍ଡବ୍ୟାଗରେ ଯେତେ ଜିନଷ ଥିଲା ସେ ସବୁ ତଳେ ବିଛାଡି ହୋଇ ପଡିଯାଇଛି । ସେ ନମ୍ବର ନୋଟ କରିଛି ୯୭୫୮୩୭....ହଁ ଆଉ ଥରେ କହିଲ ୯୭୫୮୩୭୭...., ଆଚ୍ଛା ହାଉ ମୁଁ ତାଙ୍କ ସହିତ କଥା ହେବି । ସେପଟେ ବୀଣା ନୋଟ କରୁଥିବା ନମ୍ବର କୁ ଶେଖର ଲୁଚେଇକ ନଜ ମୋବାଇଲ ରେ ସେଭ୍ କରିଦେଇଛି । ବୀଣା କଥା ହେଉଛି, ଏମିତି କଥା ହେଉଛି ଯେ ବଗି ସାରା ଲୋକ ତାକୁ ଦେଖୁଛନ୍ତି । ଶେଖର ତଳେ ପଡିଥିବା ଜିନଷ କୁ ଏକାଠି କରିବାରେ ଲାଗିଛି ଓ ଏକାଠି କରି ବୀଣା ବସୁଥିବା ସିଟ ପାଖରେ ରଖିଦେଇଛି । ବୀଣା କଥା ହେଇସାରି ଦେଖିଲା ତଳେ ପଡିଥିବା ଜିନଷକୁ ଶେଖର କେମିତି ଏକାଠି କରିବାରେ ଲାଗିଛି ସେ ପୁଣି ହସିଦେଇଛି । କଛି ସମୟ ପରେ ଗାଡି ଆସି ପହଞ୍ଚିଛି ଭୁବନେଶ୍ୱର ଷ୍ଟେସରେ । ସମସ୍ତେ ନଜ ନଜ ଜିନଷ କାଢିବାରେ ବ୍ୟସ୍ତ । ବୀଣାବି ତା ବ୍ୟାଗ କାଢୁଛି । ଶେଖର କହିଛି, ଆପଣଙ୍କ ସହିତ ମିଶିକ ବହୁତ ଖୁସି ମିଳଲା ଆଉ ଦେଇଥିବା ପୁରୀ ଆଳୁଦମ୍ ମୋର ମନେରହିବ । ବୀଣା ଗ୍ଧଲିଯାଇଛି । ଶେଖର ଯେମିତି ତାକୁ ମନେ ମାନେ ଭଲ ପାଇସାରିଛି ହେଲେ କହି ପାରିନ। ବୀଣା ଯେ ତା ଅଜାଣତରେ ତା ମନେରେ ରହିଯାଇଛି ସେ ଜାଣିପାରିନ । ଯେଉଁ କାମରେ ଭୁବନେଶ୍ୱର ଆସିଛି ସେ କାମ ସାରିଛି ଦୁଇଦିନ ପରେ ଶେଖର ମନେ ପଢିଛି, ସେ ମୋବାଇଲ ନମ୍ବର ଯାହା ସେ ନୋଟ କରିଥିଲା ଫୋନ କରିଛି ପ୍ରଥମ ଥର ଫୋନ ଲାଗିନ ଦ୍ୱିତୀୟ ଥର ଶେଖର ହାଲ୍ଲୋ କହିବା,

ପୂର୍ବରୁ ସେପଟୁ ଉତ୍ତର ଆସିଛି, କ୍ୟାନ୍‌ସର ହସ୍ପିଟାଲ । ମେ ଆଇ ହେଲ୍ପ ୟୁ ସାର । ଶେଖର ମୁଣ୍ଡ କାମ କରିନ ସେ ଫୋନ କାଟି ଦେଇଛି । ଆଉ ଥରେ ଫୋନ କରିଛି ସେଇ କଥା କ୍ୟାନ୍‌ସର ହସ୍ପିଟାଲ । ମେ ଆଇ ହେଲ୍ପ ୟୁ ସାର । ଶେଖର ହସ୍ପିଟାଲର ଠିକଣା ପଗ୍ଚରିଛି ଓ ସେ ଠିକଣାରେ ପହଞ୍ଚିଛି । ରିସେପସନରେ ରେ ବୀଣା ବିଷୟରେ ପଗ୍ଚରିଛି । ରିସେପସନଷ୍ଟ କହିଛନ୍ତି, ସେ ଏଠାରେ ଆଡମିଟ୍ ଅଛନ୍ତି । ଆପଣ ତାଙ୍କୁ ଦେଖାକରିବାକୁ ଗ୍ଚହାଁନ୍ତି ଶେଖର ଧୀରେ କହିଛି, ହଁ । ଆପଣଙ୍କ ନା, ଶେଖର । ଶେଖର ବସିଯାଇଛି ଆଗରେ ପଡିଥିବା ଚେୟାର୍ ରେ ଭାବି ଗ୍ଚଲିଛି ଅନେକ କଥା ଓ ଭାଙ୍ଗି ପଡୁଛି । ଏକଣ ଟ୍ରେନ୍ ରେ ଦେଖା ହେଇଥିବା ବୀଣା ଆଉ ଏ ବୀଣା ଭିତରେ ଆକାଶ ପାତାଳ ତଫାତ୍ । ହସ୍ପିଟାଲର ବ୍ଲୁ କଲର ଡ୍ରେସରେ ବୀଣା ଆହୁରି ଧୀର ଓ ଶାନ୍ତ ଜଣ ପଡୁଛି ।

ବୀଣା ଆସି ଶେଖର କୁ ଦେଖା କରିବା ପରେ ଦୁହେଁ ହସପିଟାଲରୁ ବାହାରି ଲନ ରେ ଥିବା ଚେୟାର୍ ବସି କଥା ହେଉଛନ୍ତି । ବୀଣା କହୁଛି, ତୁମେ ଏଠାକୁ ଆସିବା ବୋଲି ମୁଁ ଭାବି ନଥିଲି । ମୁଁ ଭାବିଲି ଭାଇଙ୍କ ସାଙ୍ଗ ଆସିଛନ୍ତି ମୋତେ ଦେଖା କରିବାକୁ । ମଝିରେ ମଝିରେ ସିଏ ଆସନ୍ତି ତ। ହେଲେ ତମେ କେମିତି ଜାଣିଲ ମୁଁ ଏଠାରେ ଅଛି ବୋଲି । ଶେଖର ସବୁକଥା କହିଛି ଓ ପଗ୍ଚରିଛି ଏଠି କାହିଁକି ଆଡମିଟ୍ ହେଇଚ ତମକୁ କଣ କ୍ୟାନ୍‌ସର ହେଇଛି । ବୀଣା କହିଛି ହଁ । ଶେଖର ଆହୁରି ଭାଙ୍ଗି ପଡିଛି । କହିଛି କଛି ହେବନ । ଆମ ଘରେ ମୋ ଜେଜେ ଙ୍କୁ କ୍ୟାନ୍ସର ହୋଇଥିଲା ଓ ଠିକରେ ଚକସ୍ଚା ନହେବାରୁ ସେ ଗ୍ଚଲିଗଲେ । କନ୍ତୁ ମୋ ମାମୁଙ୍କୁ ହୋଇଥିଲା ଆଉ ସେ ଏବେ ସୁସ୍ଥ । ଠିକରେ ଚକସ୍ଚା କଲେ କ୍ୟାନ୍‌ସର ଭଲ ହୋଇଯିବ । ମନରେ ଭବିକ ଆସିଥିବା କଥାକୁ କହିପାରିନ । ଦୁହେଁ ବହୁତ ସମୟ କଥା ହୋଇଛନ୍ତି । ଶେଖର ସବୁ ଦିନ ହସ୍ପିଟାଲ ଯାଏ ଓ ବୀଣାକୁ ଦେଖା ହୋଇଆସେ । ବୀଣା ସୁସ୍ଥ ହୋଇ ଆସୁଥିବା ଜାଣି ମନେ ମନେ ଖୁସି ହେଉଥାଏ ଶେଖର । ବାସ୍ ଏତିକ ହିଁ ଥିଲା ଏ କାହାଣୀ ।

ସମ୍ପର୍କ ବେଳେବେଳେ କେଉଁଠି, କାହା ସହିତ କେଉଁ ମାଧ୍ୟମରେ ହୋଇଯାଏ କେହି କହିପାରିବେନାହିଁ ।

କୁହୁଡି, ଜଗନ୍ନାଥପୁର ଶାସନ, ରତନପୁର

# ସ୍ୱପ୍ନ



ଦୀପାଳୀ ଦାସ

ବିନ୍ଦୁ ବିନ୍ଦୁ ପାଣି ପରି ଜଗିଡି ଗ୍ଲେ ସମୟ...
ବୟସର ତାରତମ୍ୟରେ କେତେଯେ ସ୍ୱପ୍ନ
ଝର୍‌ପଡ଼ ହୋଇ ଅନ୍ତରରେ ମିଳେଇ ଯାଏ....
କ୍ରମଶଃ ନୂଆ ସମ୍ଭାବନାର ଆଧାରରେ ଉତୁରିଆସେ
କଅଁଳଆ ସ୍ୱପ୍ନସବୁ....ଜିଏଁଇ ରଖିବାକୁ ମଣିଷର ଗଛ
ପ୍ରଲୁବ୍ଧିତ ମୋହର ମହକରେ....
ଅବିଶ୍ୱାସନୀୟ ଏହି ମନର ଚଞ୍ଚଳତା- !!
ଭାବନାର କଳକଣ୍ଠାରେ ସେ ପ୍ରସାରୀ ଗ୍ଲେ
ସ୍ୱପ୍ନର ପିର୍‌ମିଡ ବଡରୁ ଛୋଟ ପର୍ଯ୍ୟନ୍ତ
ଅଙ୍କୁରେଇ ଦେଇ ପ୍ରାପ୍ତିର ମିଠାମିଠା ଆକର୍ଷଣ....
ଜୀବନର ଅନୁଭୁତି ତ ପରସ୍ପର ବିରୋଧାତ୍ମକ
ସତ୍ତ୍ୱରେ ପରିପୂର୍ଣ୍ଣ...ପ୍ରଣୟ- ପ୍ରତାରଣା, ପାପ- ପୂଣ୍ୟ,
ନ୍ୟାୟ- ଅନ୍ୟାୟ...ଏମିତି ବହୁ କଛିର ବୈଭବ,
ଅଥଚ ସ୍ୱପ୍ନ ଚର ସବୁଜ...ଅସମାପ୍ତ ବସନ୍ତ...ଅନ୍ତହୀନ ମାଧୁରତା
ହରପ୍ପା ମହେଞ୍ଜୋଦାରୋର ଧ୍ୱଂସ ସଭ୍ୟତାରେ ବି
ମଣିଷ ସଜେଇଥିଲ୍ ସ୍ୱପ୍ନ – ଏକ ରଙ୍ଗୀନ ଭବିଷ୍ୟତ
ସାନଧ ତାର ଟାଣିନଏ ବାସ୍ତବିକ ଜୀବନ ଆଡେ
ସମ୍ୟକ ଉପଲବ୍ଧିର ମାର୍ଗରେ....ହରେଇବା ପରେ ବହୁକଛି
ପ୍ରାରମ୍ଭରୁ ପ୍ରାରବ୍ଧଯାଏ ପୁଣି କଛି ଆଳରେ.... ।

ସେକ୍ଟର୍ - ୩, ସଲ୍ଟ ଲେକ୍, କୋଲକତା

# ନସ୍ୱାର୍ଥ ପ୍ରେମ



ଅକ୍ଷୟ କୁମାର ସାହୁ

"ଚନ୍ଦନ..... ବାପା ଚନ୍ଦନ, ଉଠିପଡ ଦିନ ଆସି ୧୦ ଟା ବାଜିଲାଣି ପରା । ଆଜି କଲେଜ ଯିବୁନ କି? "

ମାଳତୀ ଦେବୀ ରୋଷେଇ ଘରେ ଥାଇ ପୁଅକୁ ଡାକ ପକାଉଥାନ୍ତି. ଚନ୍ଦନ ହେଉଛି ଗୋଟିଏ ବୋଲି ପୁଅ. ବାପା, ମାଙ୍କର ବହୁତ ଗେହ୍ଲା । ସେଥିପାଇଁ ସକାଳୁ ଉଠି ପୁଅ କଲେଜ ଯିବ ବୋଲି ଗରମ ଗରମ ଜଳଖିଆ ପ୍ରସ୍ତୁତ କରୁଛନ୍ତି । ବାପାଙ୍କର ଅଫିସ ସମୟ ହୋଇଯିବାରୁ ରାତିର ରୁଟି ଆଉ ତରକାରୀ ଖାଇ ତାଙ୍କର ପୁରୁଣା ସ୍କୁଟର ଧରି ବାହାରିଗଲେ।

ମା ଙ୍କ ବାରମ୍ବାର ପାଟି ଶୁଣି ଚନ୍ଦନ, ଖଟ ଉପରେ ଉଠିକି ବସିପଡିଲା । ଆଜିକୁ ୩ ଦିନ ହେଇଗଲାଣି ଘରେ କାହା ସହ ବି ଭଲସେ କଥା ହେଉନି । କଲେଜକୁ ବି ଯାଉନି । ଖାଲି ନିଜ ରୁମରେ କବାଟ କିଳି ମୋବାଇଲରେ ବ୍ୟସ୍ତ ରହୁଛି । ବାପା ପଚାରିବାରୁ କହିଲା କଲେଜରେ ପାଠ ପଢା ହଉନି ବୋଲି ଯାଉନି । କିନ୍ତୁ ଚନ୍ଦନ ଜାଣିଚ ତାର ଏପରି ବ୍ୟବହାର ପଛରେ କଣ ଗୁଢ ରହସ୍ୟ ରହିଛି ।

ମୋବାଇଲକୁ ୨ ମିନଟ ଦେଖିଲା ପରେ ତାର ଆଖିରୁ ୨ ଧାର ଲୁହ ଝରି ପଡିଲା । ହଠାତ ୩ ଦିନ ତଳର କଥା ସବୁ ତା ଆଖି ଆଗରେ ଯେମିତି ନାଚ ଉଠିଲା, ଆଉ ମନେ ପଡ଼ିଗଲା "ବୁଲବୁଲ", ଜୀବନଠୁ ବି ଅଧିକ ଭଲ ପାଉଥିଲା ଚନ୍ଦନ ବୁଲବୁଲକୁ । କଣ ସବୁ ନ କରିଛି ବୁଲବୁଲ ର ଓଠରେ ଟିକେ ହସ ଭରିଦେବା ପାଇଁ । ବାପାଙ୍କୁ ମିଛ କହି ବହି କିଣିବା ବାହାନାରେ ପଇସା ନେଇ ଦାମୀ ଉପହାର ସବୁ ଦେଇଛି । ହେଲେ ଚନ୍ଦନର ଗୋଟିଏ ଭୁଲ ପାଇଁ, ୨ ବର୍ଷର ଭଲପାଇବାକୁ ଭୁଲିଯାଇ ବୁଲବୁଲ ଦିନେ ଆସି ତାର ଅନ୍ତିମ ନିଷ୍ପତି ଶୁଣେଇ

ଦେଲ୍ । "ଚନ୍ଦନ, ତମେ ବହୁତ ସଂକୀର୍ଣ୍ଣ ମନଭାବର । ମୁ ବହୁତ ଚେଷ୍ଟା କରିଛି ଆମ ସମ୍ପର୍କକୁ ବଞ୍ଚାଇବା ପାଇଁ ହେଲେ, ସବୁ ବୃଥା । ତେଣୁ ଆଜିଠୁ ଆମ ଭିତରେ ଆଉ କୌଣସି ସମ୍ପର୍କ ନାହିଁ " । ଏକଥା ଭାବିଲା ବେଳେ ଯେମିତି ଚନ୍ଦନର ପାଦ ତଳୁ ମାଟି ଖସି ଯାଉଛି । ସାରା ପୃଥିବିଟା ତାପାଇଁ ଯେମିତି ଏକାକୀ ହେଇଯାଇଛି । ସମସ୍ତେ ଏଠି ସ୍ୱାର୍ଥପର, ଭଲପାଇବାର ମହତ୍ୱ କେହି ବୁଝନ୍ତିନ ।

ଏମିତି ମନ ଦୁଃଖରେ ବସିଥିବା ସମୟରେ ପୁଣି ମାଳତୀ ଦେବୀ ଚକ୍ରାର କଲେ, "ଶୀଘ୍ର ଯାଇକ ଗାଧୁଆ ପାଧୁଆ ସାରି ଆସିଯା, ତୋ ପାଇଁ ଆଜି ପୁରୀ ଆଉ ମଟର ତରକାରୀ କରିଛି" । ଇଚ୍ଛା ନଥିଲେ ବି ବାଧ ହୋଇ ଖଟ ରୁ ଓଲ୍ହାଇ ଗ୍ଲିଗଲା ଗାଧୁଆ ଘରକୁ । ଏପଟେ ମାଳତୀ ଦେବୀ ପୁଅ ଖାଇବ ବୋଲି, ଗରମ ଗରମ ପୁରୀ ଖାଇବା ଘରେ ରଖି ଅପେକ୍ଷା କରି ବସିଛନ୍ତି । ଚନ୍ଦନ ୩ ଟା ପୁରୀ ଖାଇଛି କ ନାହିଁ, ମାଳତୀ ଦେବୀ ଆଉ ୨ ଟା ପୁରୀ ଆଣି ରଖିଦେଲେ । ଚନ୍ଦନର ରାଗ କହିଲେ ନ ସରେ, "ମୁଁ ଏତେସବୁ ଖାଇ ପାରିବିନ" କହି ଉଠିବା ସମୟରେ ମାଳତୀ ଦେବୀ ରସଗୋଲା ରଖିଦେଇ କହିଲେ "ହଉ ପୁରୀ ନ ଖାଇଲେ ନାହିଁ, ରସଗୋଲା ଟା ଖାଇଦେ" । ମା ପଗ୍ଭରିଲେ କେମିତି ଲାଗିଲା? ହେଲେ ଚନ୍ଦନ କଛି ଉତ୍ତର ନଦେଇ ହାତ ଧୋଇ ପୁଣି ରୁମ ଭିତରେ ପଶିଗଲା ।

ସନ୍ଧ୍ୟା ୬ ଟା ବାଜିଲାଣି । ହେଲେ ଚନ୍ଦନ କାହିଁକି ଏବେ ଯାଏ ରୁମରୁ ବାହାରୁନ, ଏହା ଭାବି ମାଳତୀ ଦେବୀ ରୁମ ଭିତରକୁ ଯାଇଦେଖିଲେ ଯେ ଚନ୍ଦନକୁ ୧୦୩ ଜ୍ୱର । ଶୀଘ୍ର ମାଳତୀ ଦେବୀ ଚନ୍ଦନର ବାପାକୁ ଫୋନ କରିକ ସବୁ କଥା କହିଲେ । ବାପା ଯଥା ଶୀଘ୍ର ଆସି ପୁଅକୁ ନେଇ ଡାକ୍ତରଖାନାରେ ଭର୍ତି କରାଇଲେ । ଡ଼ାକ୍ତର ଚନ୍ଦନର ରକ୍ତ ପରୀକ୍ଷାର ଫଳାଫଳ ଦେଖି କହିଲେ ଯେ ବ୍ୟସ୍ତ ହେବାର କଛି ନାହିଁ, ମୁଁ ଔଷଦ ଲେଖିଦଉଛି ୩- ୪ ଦିନ ଭିତରେ ପୁରା ଭଲ ହେଇଯିବ । ତେଣୁ ପୁଅକୁ ଘରକୁ ନେଇଯାଅ । ମାଳତୀ ଦେବୀ ଚନ୍ଦନର ଠିକ ସମୟରେ ଔଷଧ ଦେବା ସହ, ପାଖରେ ଯଗିକ ରହିବା । କାଳେ କଣ ପୁଅର କଛି ଆବଶ୍ୟକ ପଡିବ, ସେଥିପାଇଁ ସବୁ ସମୟରେ ପୁଅ ରୁମରେ ହିଁ ରହୁଥିଲେ । ବାପା ମଧ

ଅଫିସରୁ ଛୁଟି ନେଇଯାଇ ଚନ୍ଦନ ପାଖରେ ହିଁ ଯଗିକ ରହିଲେ । ବାପା ମା ଦିଜଣ ଯେମିତି ଭୋକ ଶୋଷ ଭୁଲିଗଲେ ।

ଚନ୍ଦନର ଦେହ ଏବେ ଭଲ ହେଇଯାଇଛି । ଖାଲି ଦେହ ଭଲ ହେଇଯାଇଛି ତାନୁହେଁ, ସେ ଏବେ ବୁଝିପାରିଛି, ଯେ ଯଉ ବାପା ମାଙ୍କର ସ୍ନେହକୁ କେବେ ବୁଝିବାକୁ ଚେଷ୍ଟା କରିନଥିଲା । ଆଜି ସେ ସବୁ ଠିକ ବୁଝିପାରିଛି । କେମିତି ତାର ଦେହ ଭଲ ନଥିବା ସମୟରେ ବାପା, ମା ତାର ପାଖରେ ରହି ସେବା କରୁଥିଲେ । ସେଦିନର କଥା ବି ମାନେ ପଡିଗଲା ଯେତେବେଳେ ମା ପୁରୀ ଆଣି ଖାଇବା ଥାଳରେ ରଖିଦେବାରୁ କେମିତି ସେ ରାଗି ଯାଇ ମାଙ୍କୁ କେତେ କଣ କହିଥିଲା । ତଥାପି ମା କେତେ ସରାଧରେ ରସଗୋଲା ଖାଇବାକୁ କହିଥିଲେ । ବାପା କେମିତି ନିଜର ସେଇ ପୁରୁଣା ସ୍କୁଟରକୁ ବଦଳାଇବା ପାଇଁ ପଇସା ନଥିଲେବି ତାପାଇଁ ନୂଆ ମୋଟର ସାଇକେଲଟି ଉପହାର ଦେଇଥିଲେ, ତାର ଜନ୍ମ ଦିନରେ ।

ସେ ଏବେ ଠିକ ବୁଝି ସାରିଥିଲା, ଯେ କେମିତି ସବୁ ଚେଷ୍ଟା କରିବା ସତ୍ୱେ ତାର ଭଲପାଇବାକୁ କେମିତି ଭୁଲିଗଲା ବୁଲବୁଲ । ହେଲେ ଯଉ ବାପା ମା ଦିନରାତି ସନ୍ତାନର ଖୁସି ପାଇଁ ସମସ୍ତ ଦୁଃଖ କଷ୍ଟକୁ ଭୁଲି ଯାନ୍ତି, ତାଙ୍କୁ ବୁଝିବାକୁ ଚନ୍ଦନକୁ ଏତେ ସମୟ କାହିଁକି ଲାଗିଲା । ବାପା, ମା କେବେ ପ୍ରକାଶ କରନ୍ତିନି, ହେଲେ ସେମାନେ ଯେ କେତେ ସ୍ନେହ କରନ୍ତି ତାଙ୍କ ସନ୍ତାନ ମାନଙ୍କୁ, ଏବେ ଚନ୍ଦନ ବୁଝି ପାରିଛି । ସେ ଆଗପରି କଲେଜ ଯିବା ଆରମ୍ଭ କରିଦେଲାଣି । ଏବେ ଆଉ ମୋବାଇଲରେ ବେଶୀ ସମୟ ନଷ୍ଟ କରୁ ନାହିଁ । କଲେଜରୁ ଆସି ବେଳେ ବେଳେ ମାକୁ ରୋଷେଇରେ ସାହାଯ୍ୟ କରିବା ବି ଆରମ୍ଭ କରିଦେଇଛି । ସକାଳୁ ବାପାଙ୍କ ସହ ବଜାରକୁ ଯିବା, ପୁରୁଣା ସ୍କୁଟରକୁ ପୋଛିଦେବା ।

ନିସ୍ୱାର୍ଥ ପ୍ରେମର ମାନେଟା ଚନ୍ଦନ ଏବେ ଠିକ ଭାବେ ବୁଝି ଯାଇଛି ।

ବ୍ରହ୍ମପୁର, ଜିଲ୍ଲା- ଗଂଜାମ, ଓଡ଼ିଶା

# ମୁଁ ସେଇ ନାରୀ କହୁଛି



ବିକେଶ ସାହୁ

ମୁଁ ଗୋଟେ ନାରୀ ସତ
ନୁହେଁ ହୀନ ଶକ୍ତି
ନୁହେଁ ମୁଁ ଦୁର୍ବଳ୍
ମୁଁ ବି କରିପାରେ ଅଶ୍ୱସବାରୀ ।
ମୁଁ ବି ଲଢ଼ିପାରେ ସଂଗ୍ରାମରେ
ଛେଦି ପାରେ ଶତ୍ରୁ ଶିର
ମୁଁ ବି ଫୁଟାଇ ପାରେ ରକ୍ତ ପଦ୍ମ
ଧରି ଖଣ୍ଡା ଖର୍ପର ।
ମୁଁ କରିପାରେ ସୃଷ୍ଟି
କରିପାରେ ମୁଁ ଧ୍ୱଂସ
ପାଳବାକୁ ମଧ୍ୟ ଅଛି ଶକ୍ତି
ମୋତେ ମଣ କମ୍ପା ଦୁର୍ବଳ।
ଦୁର୍ଗା ସାଜି ମୁଁ ନାସିଛି ମହିଁଷା
ରକ୍ଷା କରିଥିଲି ସୃଷ୍ଟି
ଭାରତ ଯୁଦ୍ଧ ରଚଥିଲି ମୁଁ
ସାଜି ଦ୍ୱାପରେ ଦୌପଦୀ ।
ମୁଁ ସେ ସାବିତ୍ରୀ ମୃତ୍ୟୁ କୁ ଜିଣିଛି
ଫେରାଇ ମୋ ପତି ପ୍ରାଣ




ବେଦାନ୍ତୀ - ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା

ତଥାପି ସମାଜେ କମ୍ପାଇଁ ମୋତେ

ଦିଅରେ ଏତେ କଷଣ ।

ଅନୂଶୟ୍ୟା ସାଜି ସ୍ନେହ ମମତାରେ

ବାନ୍ଧିଥିଲି ତିନ ଦେବ

ମୁଁ ସେଇ ନାରୀ

ମୋଠି ସୃଷ୍ଟି ମୁଁ ହିଁ ତ ବିଳୟ ।

ଭାବେ କମ୍ପା ଆଜି ଏ ସମାଜ ମୋତେ

ନରୀହ ଆଉ ଦୁର୍ବଲ୍

କରିଥିଲି ମୁଁ ସ୍ୱର୍ଣ୍ଣ ଲଙ୍କା ଧ୍ୱଂସ

ମନେ ନାହିଁ କି ସେ କଥା ।

ହେ ସମାଜ ମୋତେ ଦୁର୍ବଲ୍ ଭାବି

ନେ ନା ମୋ ସ୍ୱାଧୀନତା

ସ୍ୱାଧୀନତାରେ ମୋତେ ବଞ୍ଚିବା କୁ ଦେ

ନ ଭାବି ମୋତେ ଦୁର୍ବଳା ।



ମୁଁ ଜନ୍ମଦାତ୍ରୀ

ମୁଁ ପାଳନେତ୍ରୀ

ସଂସାର ପରେ ମୁଁ ଧ୍ୱଂସି

ମୁଁ ସେ ନାରୀ କହୁଛି ।

ଭୂଷଲଡ଼, ସିନ୍ଧେକେଲ୍, ବଲଙ୍ଗୀର

# ଠେଙ୍ଗା




ଶୁଭମ ନାୟକ

ସଂସାର ନ ଦେଖଲ୍ କଣା ଲ୍‌ଗି
ଠେଙ୍ଗା ଆଏଁଖ ନୁ ନୁହେ କମ୍
କଣା ହାଁତେ ଠେଙ୍ଗା ଥିଲେ
ବାଟ୍ ଯେନ୍ତା ଭି  ଥାଉ ନ
ଚଲି କେ ପୁରସି ତାର୍ ଦମ୍ ।

ଗୋଡ ନଥିଲ୍ ଛୁଟା ଗୁଟେ
ଠିଆ ହଇ କେ ନାଇଁ ତାର୍ ଦମ୍
ଧରଲେ ଠେଙ୍ଗା ଚଲସି ବାଟ୍
ଢୁଡା ଖାଲ ଥାଉ କ ସମ୍ ।

ଚୋର୍ ଲ୍‌ଗି ମହା ଡର୍
ପୁଲିସ୍ ର ଠେଙ୍ଗା
ଯେନ୍ତା ସାଁପ କେ ଡରସି ବେଙ୍ଗା
ଚୋର୍ ତୁଣ୍ଡୁ ସତ୍ ଉଗଲ୍‌ସି
କାନୁନ୍ ର ଠେଙ୍ଗା ।



ଦେଶ ଲ୍‌ଗି ଅହିଂସାର ଠେଙ୍ଗା
ଗାନ୍ଧୀ ଧରିଥିଲେ କଷି
ଏକ୍ ଚୁଟିଆ ଇଂରେଜ ଶାସନ
ମୁଲନୁ ଗଲ୍ ଭ୍‌ସି ।

ତସଲ୍‌ଡିହି, ସୁନ୍ଦରଗଡ, ଓଡିଶା

# ପ୍ରେମ ଫଲଗୁ



ପ୍ରକାଶ ସାହୁ

ମୋର ବିବାହ ଉତ୍ସବ ରେ ପ୍ରଧାନ ଅତିଥି ହୋଇଥିଲା ସୁଚସ୍ମିତା । ସୁଚସ୍ମିତା ମୋର ବାଲ୍ୟାବନ୍ଧୁ, ସହାପାଠିନ । ମୁଁ ମାମୁଁ ଘରେ ରହି ପଢ଼ିବା ସମୟରେ ତା ସହିତ ମୋର ବନ୍ଧୁତା ଘନଷ୍ଠ ହୋଇଥିଲା । ମୋ ମାମୁଁ ଘର ଗାଁ ଠାରୁ ଦୁଇ କୋଷ ଦୂର ରେ ତାଙ୍କ ଗାଁ । ଆଜି ପିଲା ଦିନ ର କଥା ମନେ ପଡେ । ଦୁହେଁ ଏକା ସାଙ୍ଗ ରେ ଖେଳୁ, ଖାଉ, ସ୍କୁଲ କୁ ଯାଉ । ଝଗରୁଷା, ହସକାନ୍ଧ, ମାନ ଅଭିମାନ ଭିତରେ ଦିନ କଟେ । ଆମର ବନ୍ଧୁତା ହୁଏ ଘନଷ୍ଠ ରୁ ଘନଷ୍ଠତର ।

ସୁଚସ୍ମିତା ବଡ ଅଭିମାନନୀ ଓ ଲଜ୍ୟାସିଳ । ତା ମନ କଥା ଜାଣିବା ଯେପରି କଷ୍ଟକର, ଗମ୍ଭୀର ମୁଖଭଙ୍ଗୀ ଥଉରାଇବା ସେହିପରି ଦୁଃସାଧ ।କଲେଜ ଜୀବନରେ ମୋ ବ୍ୟତୀତ ସେ ଅନ୍ୟ କାହା ସାଙ୍ଗରେ ପ୍ରାୟ ମିଳାମିଶା କରେନା । ଶ୍ରେଣୀ ର ଭଲ ଛାତ୍ରୀ ହିସାବରେ ସେ ସମସ୍ତ ଙ୍କ ଠାରୁ ପ୍ରଶଂସା ଓ ସମ୍ମାନ ଦାବି କରେ। ପୁଣି ରୂପସି ତରୁଣୀ ହିସାବରେ ରୂପର ଗର୍ବ ତ ତାର ରହିବା ସ୍ୱାଭାବିକ । ସୁଚସ୍ମିତା ମୋତେ ପ୍ରକୃତରେ ଭଲ ପାଏ, ଏହା ମୁଁ ସବୁବେଳେ ଅନୁଭବ କଲେ ମଧ୍ୟ ସମ୍ପୂର୍ଣ୍ଣ ବିଶ୍ୱାସ କରି ପାରେନା। ବ୍ୟବହାର ରୁ ମୋ ପ୍ରତି ତାର ଗଭୀର ଆକର୍ଷଣ ର ସୂଚନା ମିଳଲେ ମଧ୍ୟ ସେ ବରାବର ମୋ ଠାରୁ ଦୂରେଇ ରହିବାକୁ ଚେଷ୍ଟା କରେ। ସେଥର ଦଶହରା ଛୁଟି ରେ ସୁଚସ୍ମିତା ସହିତ ହସଖୁସି ରେ ଦିନ ଗୁଡିକ ଅତି ଛନ୍ଦ ମଧୁର ଭାବେ କଟି ଯାଉଥାଏ। ଦିନେ ଅକସ୍ମାତ ଆସି ମୋତେ କହିଲା- ପ୍ରକାଶ ଭାଇ, ବୋଉ କାହିଁକି ତୁମକୁ ଡକାଇଛି। ସଞ୍ଜବେଳେ ଆମ ଘର ଆଡେ଼ ଟିକେ ଆସିବ। ତାର ସ୍ୱଭାବ, ସୁନ୍ଦର, ଗମ୍ଭୀର ମୁଖରେ ସ୍ମିତ ହାସ୍ୟ ଟିଏ ଫୁଟାଇ ସୁଚସ୍ମିତା ମୋତେ ଏକ ନିମନ୍ତ୍ରଣ ଦେଇଗଲା। ମୁଁ ଗଲି, ଦଶହରା ପାଇଁ ଏକ ବିରାଟ ଭୋଜି ର ଆୟୋଜନ ହୋଇଛି। ସେଦିନ ମାଉସୀ ଙ୍କ ବ୍ୟବହାର ରେ ଟିକଏ ନୂତନତ୍ୱ ଲକ୍ଷ୍ୟ କଲି। ସୁଚସ୍ମିତା ଓ ମୁଁ ଦୁହେଁ ସାଙ୍ଗ ରେ ଖାଇଲୁ। ମାଉସୀ ପରସି ଦେଲେ। ଖିଆପିଆ ଶେଷ ରେ ମୁଁ ଡାକଲି- ସୂଚୀ, ବଡ ଗରମ ହେଉଛି। ଛାତ ଉପରେ ଟିକଏ ବୁଲିଆସିବା, ଆ। ସୁଚସ୍ମିତା ଟିକଏ ଇତସ୍ତତଃ ହୋଇ

କହିଲା- ନା ପ୍ରକାଶ ଭାଇ, ବୋଉ ଦିନ ସାରା କାମ କରି କରି ଥକଗଲାଣି, ମୁଁ ତାକୁ ଟିକଏ ସାହାଯ୍ୟ କରେ। ରାତି ହେଲାଣି ତମେ ଏବେ ଘରକୁ ଯାଅ। ହତାଶାର ଦୀର୍ଘଶ୍ୱାସ ପକାଇ ଫେରି ଆସିଲି। ସେ ଥର ମୋ ଆଲବମ ଭିତରେ ମୋର ଖଣ୍ଡିଏ ନୂଆ ଫଟୋ ଦେଖି ସୁଚସ୍ମିତା କହିଲା- ଏଇଟିକ ମୋର ଭାରି ଲୋଭ ହେଲାଣି। ପ୍ରକାଶ ଭାଇ, ଏହାର ଖଣ୍ଡିଏ କପି ମୋତେ ଦେବ? ହସି ହସି ଉତ୍ତର ଦେଲି- ଦେବୀ ଯେ, ତା ବଦଳରେ ତୁ ମୋତେ କଣ ଦେବୁ କହ? ଦେବୀ ମୋର ଖଣ୍ଡିଏ ସୁନ୍ଦର ଫୋଟୋ। ମୁଁ ମଥା ହଲାଇ ନାହିଁ କଲି- ଉହୁଁ, ତା ମୋର ଦରକାର ନାହିଁ। ଆଜି ମୋର ଗୋଟିଏ କଥା ରଖିବୁ ସୂଚୀ, ପିଲା ଦିନ କଥା ତୋର ମନେ ପଡେ ? ସାଙ୍ଗ ହୋଇ କେତେ ଖେଳନ୍ତି, କେତେ ସେହି ସବୁଜ ଆମ୍ବ ତୋଟା ଆଡେ ବୁଲି ଯାଆନ୍ତି, ରଜ ରେ ଦୋଳ ଖେଳନ୍ତି। ଆଜି ଚାଲ, ବହୁଦିନ ପରେ ଥରେ ସେହି ଆଡେ ବୁଲି ଆସିବା। ସେ ସଙ୍ଗେ ସଙ୍ଗେ କହିଲା- ନାହିଁ ପ୍ରକାଶ ଭାଇ, ମୋତେ ଆଜି ମାଫ କର। ମୁଁ ଯାଆନ୍ତି ଯେ, କିନ୍ତୁ ସଖାଳୁ ମୋ ଦେହ ଖରାପ ଅଛି, ଘୋଳାବିନ୍ଧା ହେଉଛି। ଅଥଚ ସେତେବେଳକୁ ଦୀର୍ଘ୍ୟ ଅଢେଇ ଘଣ୍ଟା ଧରି ଆମର ଚେସ ଖେଳ ସରିଥାଏ। ମୁଁ ଅଧିକ ଦୂର ଅଗ୍ରସର ନ ହୋଇ ନିରବ ରହିଲି। ଏହି କଣ ତରୁଣୀ ତନ୍ୟୁ ସୁଚସ୍ମିତା, ଯୌବନ ର ସକଳ ଆବେଦନ କଣ ତା ନିକଟରେ ନିରର୍ଥକ, ହାୟ, ରୂପର ବିପୁଳ ସମ୍ଭାର ସହ ହୃଦୟର ନିଖିଳ ଆବେଗ ଘେନି ଚଳ ଚପଳ ଗିରି ନଦୀଟି ବହି ଚାଲିଛି, କିନ୍ତୁ ଲକ୍ଷ୍ୟ ତାର କଣ- ଏପର୍ଯ୍ୟନ୍ତ ଠିକ କରି ପାରିନି।

ଦୀର୍ଘ ଦୁଇ ବର୍ଷର ସଧର୍ଯ୍ୟ ପ୍ରତିକ୍ଷା ପରେ ମୁଁ ଦିନେ ମନେ ମନେ ଠିକ କରିନେଲି- ଆଉ ମରୀଚକା ପଛରେ ଧାଇଁ କିଛି ଲାଭ ନାହିଁ। ଏ ଥର ମୋତେ ଅନ୍ୟ ପନ୍ଥା ଗ୍ରହଣ କରିବାକୁ ହେବ। ସେଦିନ କଥା ପ୍ରସଙ୍ଗ ରେ କହିଲି- ଆଜି ସନ୍ଧ୍ୟାରେ ଖେଳବା ପାଇଁ ଆସିବୁ ନି ସୂଚୀ। ମୁଁ ବାହାରକୁ ଯିବି। ମୋର ଏକ ନିମନ୍ତ୍ରଣ ଅଛି- ତମ କଲେଜ ର ନିରୂପମା ପ୍ରଧାନ କୁ ଜାଣିଥିବୁ- ତାଙ୍କରି ଘରେ। ସୁଚସ୍ମିତା ଆଚର୍ଯ୍ୟ ହେଲା, ତଥାପି ମୁହଁ ରେ ହସ ଫୁଟାଇ କହିଲା- ଅକସ୍ମାତ ନିମନ୍ତ୍ରଣ ର ଉଦେଶ୍ୟ? ନାହିଁ ମ କେତେଦିନ ହେଲା ଆମର ତାଙ୍କରି ସମ୍ବନ୍ଧ ପଡିଛି କି ନା, ଏହି ବୋଧ ହୁଏ ତାହାରି ଉପକ୍ରମିକା। ହଠାତ ସୁଚସ୍ମିତା ର ମୁଖ ଭଙ୍ଗୀ ବଦଳଗଲା। ବୋଧହୁଏ ମୋ ମୁହଁ ରୁ ଏପରି ଏ କଥା ଶୁଣିବ ବୋଲି ଆଶା କରିନଥିଲା ବିଚାରି। ଅସ୍ଥିରତା ବଶତଃ କଣ କହିବ କିଛି ଠିକ ନ କରି ପାରି ତଳ କୁ ମୁହଁ ପୋତି ଦେଲା। ମାତ୍ର ସଙ୍ଗେ ସଙ୍ଗେ ନିଜକୁ ସ୍ୱାଭାବିକ ପରିସ୍ଥିତି ମଧ୍ୟ କୁ ଫେରାଇ ଆଣି ଉତ୍ଫୁଲ ହେଲା ପରି କହିଲା- ବାଃ ବଡ ମଜା କଥା ! ଏ ଶୁଭ ଉପକ୍ରମିକା ସଫଳ ହେଉ। ମୁଁ

କଟକଚଣ୍ଡୀ ଙ୍କୁ ଡାକୁଛି। କିନ୍ତୁ ଭୋଜି ଟା ଯେପରି ବିରାଟ ଆକାର ର ହୁଏ ପ୍ରକାଶ ଭାଇ, ମୁଁ ତେଣୁ ପେଟ ସଫା କରି ଆସିଥିବି। ତୁ ନହାତି ପେଟୁ ସୁଚୀ। ତୁ ଜାଣିଛୁ 'ଭୋଜନେ ଇତରଃ ଜନା' । ତମ ବିବାହରେ ଆମେ ଇତର ଜନ ବିନା ଆଉ ଅଧିକା କଣ ହୋଇ ପାରିବୁ ପ୍ରକାଶ ଭାଇ? ସୁଚସ୍ମିତା ର ସ୍ୱର କରୁଣ। ଏହିପରି ଉପରେ ଉପରେ କଥାଟା ସେଦିନ ଉଡିଯାଇଥିଲା। ତା ପରେ ଅକସ୍ମାତ ସୁଚସ୍ମିତା ପାଇଲା ମୋ ବିବାହ ର ନିମନ୍ତ୍ରଣ। ସେ ଦିନ ତା ମନ ରେ କି ପ୍ରକାର ପ୍ରତିକ୍ରିୟା ସୃଷ୍ଟି ହୋଇଥିବ ଜାଣେନା। ତଥାପି ସଙ୍ଗେ ସଙ୍ଗେ ସେ ମୋ ପାଖ କୁ ଦଉଡି ଆସି ସାହାଯ୍ୟ ବଦନ ରେ ମୋତେ ଅଭିନନ୍ଦନ ଜଣେଇ ଗଲା । ତା ପରେ ମଙ୍ଗନ ଅଧିବାସ ଠାରୁ ବିବାହ ଶେଷ ପର୍ଯ୍ୟନ୍ତ ସେ ଆମରି ଘରେ ରହି ଅତିଥି ଚର୍ଚ୍ଚା, ଭୋଜି ବ୍ୟବସ୍ଥା ପ୍ରଭୃତି ବିବାହର ନାନାଦି କାର୍ଯ୍ୟରେ ଆମ କୁ ସାହାଯ୍ୟ କଲା। ଜାଣି ପାରିଲି ମୋ ବିବାହରେ ଯେପରି ସେ ତିଳେ ହେଲେ ଦୁଃଖିତ ନାହିଁ। ପହିଲି ରାତି ର ମଧୁଶଯ୍ୟା ର ସମସ୍ତ ବ୍ୟବସ୍ଥା କରିସାରି ପାଖଘରକୁ ଶୋଇବା ପାଇଁ ଚାଲିଗଲା। ନିରୂପମା କୁ ପାଇ ସେଦିନ ମୁଁ ସୁଖି ଥିଲି କି ଦୁଃଖୀ - କହି ପାରିବି ନାହିଁ। ମଧୁଶଯ୍ୟା ରାତି ଭୋର ହେବା ମାତ୍ରେ ମୁଁ ବିଛଣା ରୁ ଉଠିଗଲି। କାହିଁକି କେଜାଣି ଗୋଟିଏ ଖିଆଲରେ ପଶିଗଲି ସୁଚସ୍ମିତା ଶୋଇବା ଘରକୁ। ସେଠାରେ ଯାହା ଦେଖିଲି ତାକୁ ଦେଖି କୌଣସି ଲୋକ ସହି ପାରିବ ନାହିଁ। ସୁଚସ୍ମିତା ରାତି ସାରା ବିଛଣା ରେ ପଡି କାନ୍ଦୁଛି। କାନ୍ଦି କାନ୍ଦି ଆଖି ଯୋଡ଼ାକ ତାର ଫୁଲି ଯାଇଛି, ସଜ୍ଜିତ କେଶ ରାଶି ହୋଇପଡିଛି ବିପର୍ଯ୍ୟସ୍ତ। ମୋତେ ଦେଖି ସେ କଇଁ କଇଁ ହୋଇ କାନ୍ଦି ଉଠିଲା ଏବଂ କହିବାକୁ ଲାଗିଲା ପ୍ରକାଶ ଭାଇ ମୋ ପାଖ କୁ ଆଉ କାହିଁକି ଆସିଲ ? ତମେ ଏଠୁ ଯାଅ, ତମେ ଏଠୁ ଯାଅ ପ୍ରକାଶ ଭାଇ...ସେ ଆଉ କହି ପାରିଲା ନାହିଁ କାନ୍ଦି କାନ୍ଦି ତକିଆ ଭିତରେ ମୁଣ୍ଡ ଗୁଂଜି ଦେଲା । ମୁଁ ପାଖରେ ବସି ପ୍ରବୋଧନା ଦେଲି ଏବଂ ତାର ଆଖି ରୁ ଲୁହ ପୋଛି ଦେଉ ଦେଉ କହିଲି- ମୁଁ ଯଦି ତୋ ମନ ରେ କଷ୍ଟ ଦେଇଥାଏ ମୋତେ କ୍ଷମା ଦେ! ତମେ କ୍ଷମା ର ପାତ୍ର ନୁହେଁ ପ୍ରକାଶ ଭାଇ। ତମେ ଅତି ନିଷ୍ଠୁର। ନାରୀ ମନ ବୁଝେନା, ତମେ ଭାରି....ଥାଉ, ଥାଉ ସୁଚୀ! ମୋର ସବୁ ଦୋଷ କିନ୍ତୁ ବର୍ତମାନ ଉପାୟ କଣ କହ ସୁଚସ୍ମିତା? ଜୀବନ ରେ ତମେ ସୁଖି ହୁଅ ପ୍ରକାଶ ଭାଇ । ତମେ ଯାଅ, ମୋତେ ଭୁଲିଯାଅ! ମୁଁ ଚିର ଦିନ ଝୁରି ଝୁରି ମରେ। ପନତକାନି ରେ ଲୁହ ପୋଛି ସୁଚସ୍ମିତା ଉଠି ସେ ଘରୁ ଚାଲିଗଲା। ମୁଁ ନିର୍ବାକ ନିରୁପାୟ ବ୍ୟଥାତୁର ଭାବେ ବାହାରକୁ ଚାହିଁ ରହିଲି। ଉଷାର ଆଲୋକ ଧୀରେ ଧୀରେ କକ୍ଷ ଭିତରେ ପ୍ରବେଶ କରୁଥିଲା।

ନାବିକ, ଭାରତୀୟ ନୌସେନା

# ଦ୍ୱିତୀୟ ହୃଦୟ



ପ୍ରସନ୍ନ ପ୍ରୟାସ ଭୁଏ

ବାରମ୍ବାର କୋମଳ ମନଟି
ଆଘାତ୍ ପରେ ଆଘାତ୍ ପାଇ
ଧ୍ୱସ୍ତ ବିଧ୍ୱସ୍ତ ହୋଇ
କଲଂକତ ଅନଳରେ ଦଗ୍ଧ
ହେଲ୍ ପରେ ବି
ଏଇ ସୁକ୍ଷ୍ମ ହୃଦୟଟିରେ
ପୁଣି ଆଶା ବିଶ୍ୱାସକୁ
ଭରଷା କରି
ସ୍ୱାର୍ଥପର୍ତାର ନୀଳ ବ୍ୟୋମ୍ ରେ
ଡେଣା ବାନ୍ଧି ଉଡିବାର ସ୍ୱପ୍ନ
ଦଗ୍ଧ ମନକୁ ସାଉଁଟି
ପୁଣି ହୃଦୟଟେ ଗଢିଛି,
ଗୋଟେ ନଃସ୍ୱାର୍ଥପର ଦୁନଆରେ
ପାଷାଣ ବିହୀନ ହୃଦୟର
ଚଳଚଙ୍ଗଳ ଥିବ ମୁକ୍ତ ଅମ୍ବରରେ
ମେଘମାଳା ସ୍ୱଇଚ୍ଛାରେ ଭସୁଥିବ
ପର୍ବତରାଜଙ୍କ ଶିଖରକୁ ଚୁମ୍ବନ ଦେଇ
ଖଗମାନେ ଡେଣା ମେଲି
ଉଡି ଯାଉଥିବେ ନ ଥିବ ଭୟ
ଶିକାରୀର ପିପାସୁ ତୀରର
ହସୋଲ୍ଲାସିତ ଥିବ ବଗିଚ୍ଚର ଫୁଲ
ନ ଥିବ ଛିଣ୍ଡାଉ ଥିବା ହାତର ସ୍ପର୍ଶ
ରଂଗ ବିରଂଗର ଛିଟା ପ୍ରଜାପତି
ଫୁଲରୁ ଫୁଲକୁ ଚୁମ୍ବିବାରେ
ମସଗୁଲ୍ ଥିବେ,
କଳା ଭଅଁରଟି ଗୁଣୁଗୁଣୁ
ସ୍ୱରେ ମନ୍ତ୍ର ମୁଗ୍ଧ କରୁଥିବ,
ଦୂରରୁ ଭସି ଆସୁଥିବ କୋକିଲର
କୁହୁକୁହୁ ସ୍ୱର
ଲାଗୁଥିବ ଚରବସନ୍ତ,
ସ୍ନେହ ପ୍ରେମର ସବୁଜତା
ଚତୁର୍ପାର୍ଶ୍ୱେ ଚାଦର ଘୋଡେଇ
ଶୁଇଥିବ ନଘୋଡ ନଦ୍ରାରେ
ଛଳନା କ୍ରୋଧ ଅହଂକାରର
ସାହାସ ନ ଥିବ ଉଠେଇବାକୁ
ଆନନ୍ଦର ଢେଉ ନାଚୁଥିବ
ବିଷାଦର ଗନ୍ଧ ନ ଥିବ
ମନଟେ, ହୃଦୟଟେ ସଂସାରଟେ
ଲୋଡା ବଞ୍ଚିବାକୁ
ଦ୍ୱିତୀୟ ହୃଦୟ ପାଇଁ ।

ରାଞ୍ଚି, ଝାରଖଣ୍ଡ

# ତୁମ ପାଇଁ......



ପ୍ରଦେଶ କୁମାର ପ୍ରଧାନ

ହସୁଛି କାନ୍ଦୁଛି

ନିଜ ଭିତରେ ନିଜକୁ ଖୋଜୁଛି

ତୁମେ ଅଫେରନ୍ତା ପଥେ ତୁମ ଗଲ୍ ପରେ ପରେ,

ସ୍ମୃତିକୁ ସାଉଁଟି

ମାଟିରେ ଯାଏ ଲୋଟି

ଛାତିଟା ବିଦାରି କୋହ ସବୁ ଲୁହ ହୋଇ ଝରେ ।



ଏକା ଥିଲି ଦିନେ

ନିଜ ସ୍ୱପ୍ନର ଭୁବନେ

ଗଢୁଥିଲି ଭାଙ୍ଗୁଥିଲି ବାଲିଘର ନିଜ ଇଚ୍ଛା ମତେ,

ପାନ୍ଥଶାଳା ଭାବି

ଭାବନାକୁ ଦେଉଥିଲି ଦାବି

ଭୁଲିଗଲି ସବୁ ଦେଖା ହେଲ୍ ଯେବେ ତୁମ ସାଥେ ।

ନାସ୍ତିକରୁ ଆସ୍ତିକ

ପ୍ରଗଲ୍ଭ ପୁଣି ମଧୁର ଭାବୁକ

ଯୋଡି ଦେଲି ନିଜକୁ ତୁମ ସ୍ୱପ୍ନ ଦୁନିଆଁରେ,

ଖୁସି ହୁଏ ନାଚଯାଏ

ଦୁଃଖ ସବୁ କାହିଁ ହଜିଯାଏ

ସମର୍ପି ଦିଏ ସବୁକଛି ପତଙ୍ଗ ସମ ପ୍ରୀତିର ନିଆଁରେ ।

ଭାଙ୍ଗିଗଲା ସ୍ୱପ୍ନ ମୋର

ଶୁଭିଲା ଅଦିନଆଁ ବାଆ ର ଚକ୍ରାର

ଭୁଲିଯାଅ ମୋତେ ଛାତିରେ କଲା ହାତୁଡା ପ୍ରହାର,

ଦୁହେଁ ଗଢା ଦୁହିଁଙ୍କ ପାଇଁ

କେହି କହୁଥିଲା ଦୂର ରହି ରହି

କ୍ଷଣିକ ଜୀବନ ହୁଏ ଅସରନ୍ତି ଲୁଚଯାଏ ସେହି ସ୍ୱର ।

ବଞ୍ଚି ବି ପାରେନା ଆଜି

ମରି ବି ପାରେନା ଆଜି

ସତରେ ନହେଲେ ସ୍ୱପ୍ନରେ କାଳେ ଆସିବ ଫେରି,

ଭିଜା କାହାଣୀ ଧରି

ବଞ୍ଚିଛି ତୁମକୁ ଝୁରି

ବାର୍ଦ୍ଧକ୍ୟେ ଯନ୍ତ୍ରଣା ଶିକ୍ତ ଓଠରୁ ହସ ଆସେ ବାହାରି ।

ସତରେ ଫେରି ଆସିବ ନା?

ତୁମ ଅପେକ୍ଷାରେ ତୁମ ସଖୀ....ପ୍ରଦେଶ

ନଇଗୁଆଁ, ଅସ୍ତରଙ୍ଗ, ପୁରୀ

# ଅନୁକରଣ



ଅନନ୍ତ ବାଗ

ଭୋକଲ୍ ପେଟର ଦାଉ ଦାଉ ଜ୍ୱାଳା
ସହିବାର ଦିନକୁ ତୁମେ କ'ଣ ଦେଖି ଚ ?
ରାତ୍ରିରେ ଉଜାଗର ରହିବା
ପାଣି ପିଇ ଜୀବନ ଜିଇଁବାକୁ
ତୁମେ କେବେ ଅନୁଭବ କରିଚ ?

ଆଜି କିନ୍ତୁ, ଆମ ପାଶରେ ଭେଲିକ ଭେଲି
ପର୍ଯ୍ୟାପ୍ତ ଖାଦ୍ୟ ଯେ ଫିଙ୍ଗି ଦେଉଛୁ ଅଳିଆ
ଗଦାରେ;
ହେଲେ ଏବେବି ପେଟକୁ ଦାନା ଖଣ୍ଡିଏ
ଯୋଗାଡ଼ ନ କରି ପାରି
ମନୁଷ୍ୟ ମନୁଷ୍ୟକୁ ବିକୁଚୁ ବିଚ୍ ରାସ୍ତାରେ !

ଟିକେ ଗୁହିଁ ଦେଖ
ଆମ ପୂର୍ବ ପୁରୁଷଙ୍କୁ
ଯିଏ ଆମ ପାଇଁ ନିଜ ଜୀବନକୁ
ଜଳାଞ୍ଜଳି ଦେଇ
ବିଛାଡ଼ି ଦେଇଗଲେ ଅପୂର୍ବ ସୁଖ ଓ ସମ୍ପଦ ;
ଦିନ ଓ ରାତିକୁ ସମାନ ମନେକରି
ନିତି ମାନବ ଜାତିର ବିକାଶ ପାଇଁ
ଉଦ୍ଭାବନ କଲେ କେତେ କଳା- କୌଶଳ
କିନ୍ତୁ ଆମେ ଅନ୍ୟକୁ କ'ଣ ଦେଇଚୁ ଦେଉଅଛୁ ?

ଆଜି ଆମ ପାଖରେ ଧନ, ସମ୍ପତ୍ତି ଓ
ପ୍ରାଚୁର୍ଯ୍ୟର ଅଭାବ ନାହିଁ
ଯାହା ଗୁହିଁ ବା ତାହା ଆମ ହାତ ପାଆନ୍ତରରେ
ତଥାପି ଆମକୁ ଆମ ପୂର୍ବ ପୁରୁଷ ମାନଙ୍କୁ
ଅନୁକରଣ କରିବାର ଅଛି
ତାଙ୍କ ଦୟା, କ୍ଷମା, ଶାନ୍ତି ଓ ମୂଲ୍ୟବୋଧକୁ
ନିଜ ଭିତରେ ସଂସ୍କାର କରିବାର ଅଛି ।

ପିତାମହୁଲ, ରାଣୀପୁର- ଝରିଆଲ,
ଅଲଣ୍ଡା, ବଲାଙ୍ଗୀର



# ଅଗ୍ନିକନ୍ୟା


ଏମ୍. ବିଜୟ କୁମାର

ଅଗ୍ନି କନ୍ୟା
ଉଦଗିରଣ ଆଗ୍ନେୟଗିରି
ଜ୍ୱଳାମୁଖୀ ମଶାଳ ଧରି
ଲ୍ଲ ଟହ ଟହ
ଲ୍ହା ଲ୍ହା ନଆଁ
ଶାନ୍ତ ଶୀଳା
ଦଙ୍ଗାରେ ରଜନୀ ଜିବନ୍ତ ଦଗ୍ଧା
କୁମ୍ବି ଅପରେସନରେ ଆରତି ଧର୍ଷିତା
ଯୌତୁକ ଯଜ୍ଞରେ ସଞ୍ଜୁ ବଳ
ପ୍ରତାରିତା କୁଆଁରୀ ମାଁ ମଲ୍ଲୀ
ପାଇକମାଲ ଅଛୁଆ ଗଣ ବଳତ୍କାର
ପେଟ ପାଇଁ ମୁନ୍ନି ବିକେ ଦେହ ତାର
ବିଶ୍ୱ ଚର୍ଚ୍ଚିତ ନର୍ଭୟା ଆଖି ବୁଜୁଲ୍
ଲୋ୍କ ଲଜ୍ଜା ହେତୁ କଏ ଚୁପ ରହିଲ୍
ମରଣ କୋଳେ ଆଜନ୍ମା କନ୍ୟା ଭ୍ରୁଣ
ଏ ସମସ୍ତଙ୍କର ଜୀବନ ଦୁଃଖ ପୂର୍ଣ୍ଣ
ହୁତୁ ହୁତୁ ହେଇ ଜଳୁଥିବା ନଆଁ
ଆଖି ଲୁହରେ ଜନମ ଅଗ୍ନିକନ୍ୟା
ଅବଳା ଦୁର୍ବଳା ନୁହେଁ ଆଉ ନାରୀ
ରଖିବ ଆବଦ୍ଧ ଗୃରିକାନ୍ଥ ଭିତଁରେ
ନାରୀ ହିଁ ନାରାୟଣୀ ସତି ସାବିତ୍ରୀ
ଦୁଷ୍ଟ ଦମନ ପାଇଁ ଦୁର୍ଗା ବି ହୋଇପାରେ
ସହି ହେଉ ନାହିଁ ନାରୀ ଅତ୍ୟାଚ୍ଚର
ଯାହା ହେଉ ପଛେ ମୁକ୍ତି କ୍ରାନ୍ତିକର

ଛେଳ ବୋଲି ତ ତଁଣ୍ଟି କଣାଁ କରି
ପିଇ ଯାଉଥିଲ ଝିଅର ରକ୍ତ
ବ୍ରଏଲର ଭାବି ଟୁକୁର୍ ଟୁକୁର୍ କରି
ଖାଇ ଯାଉଥିଲ ନାରୀର କଞ୍ଚା ମାଂସ
ବୋକା ବନାଇ ଚଢାଉଥିଲ ବଳ
କୁହ ଝିଅକୁ କଣ ଭାବ?
ଗୁଟେ ମାଟି ପିତୁଲା, ଗୁଟେ ସଖୀ
କଣ୍ଢେଇ
ଗୁଟେ ଯୌନ ଭୋଗ ବସ୍ତୁ ନା
ଛୁଆ ଜନ୍ମ କରିବାର ଯନ୍ତ୍ର
ଅଗ୍ନି ସ୍ୱରୁପିଣୀ ପଗ୍ଚରୁଅଛି
ଜବାବ୍ ଦିଅ ମରଦ ପୁଅ
କଏ ଅଛ ପୁରୁଷ ବ୍ୟାଘ୍ର
ଅଗ୍ନି ହାତରେ ଧରିବାକୁ
ଚେଷ୍ଟା କଲେ ସାବଧାନ
ଜଳ ପାଉଁଶ ହୋଇଯିବ
ଉତଫେଣ ସର୍ପକୁ ଆଘାତ କଲେ
ବିଷ ଗ୍ଚେଟରେ ଆପେ ମରିଯିବ
ପଦୁଅଁ ଯେହ୍ନେ ନ ଲ୍ଗଇ ପାଣି
ସେହି ରୁପେ ମୁଁ ବିପ୍ଳବିନୀ
ପୁରୁଷର ଗର୍ବ ଅହମିକା ହେବ
ସଂପୂର୍ଣ୍ଣ ଧ୍ୱଂସ ଧୂଳିସାତ
ନଆଁ ତରଙ୍ଗ ଅଗ୍ନି ବଳୟ
ଭୂମିକମ୍ପ ସୁନାମୀ ରୁପ

ଉତ୍ତର୍, ଗଙ୍ଗୋତ୍ରନଗର,
ଭୁବନେଶ୍ୱର

# ଶିଶୁ ବିଭାଗ



ବେଦାନ୍ତୀ ଆରମ୍ଭ କରୁଛି କୁନକୁନ ପିଲାମାନଙ୍କ ପାଇଁ "ଶିଶୁ ବିଭାଗ" । ଏଥିରେ ପ୍ରକାଶ ପାଇବ ଅନେକ ପ୍ରକାର ମନୋଲୋଭା ଗଳ୍ପ ଏବଂ କବିତା ଶିଶୁମାନଙ୍କ ପାଇଁ । ଏହି ବିଭାଗ ପାଇଁ ଲେଖା ପଠାଇବାକୁ ଆପଣମାନଙ୍କୁ ଅନୁରୋଧ ।

# ବାବେନା ଭୂତ

ଅରବିନ୍ଦ ମିଶ୍ର

ବାବେନା ଭୂତର ମନ ବହୁତ ଖରାପ। ସପ୍ତାହ ହେଲା ଚେଷ୍ଟା କରି ଗ୍ଲାଲିଛି ମୁମ୍ବାଇର ଏକ ଭଲ ଏରିଆରେ ନିଜର ଆସ୍ଥାନ ଜମାଇବାକୁ । ହେଲେ ସେ ଅଞ୍ଚଳର ଅନ୍ୟ ଭୂତମାନେ ତାକୁ ସେଠାରେ ରହିବାକୁ ଦେଉନାହାନ୍ତି । ଦୁଇଥର ଚେଷ୍ଟା କଲାପରେ ଗୋଟେ ସିନୟର୍ ଭୂତଠାରୁ ମାଡ ଖାଇ ବିଚରା ବାବନା ଭୂତ ଏବେ ଡରୁଛି ପୁଣି ଥରେ ଚେଷ୍ଟା କରିବାକୁ ।



ଆଗରୁ ବାବନା ଭୂତ ଗାଁରେ ରହୁଥିଲା । କାରଣ ଗାଁରେ ବହୁତ ବଡ ବଡ ଝଙ୍କାଳିଆ ଗଛ ଆଉ ତା ସହିତ ବହୁତ ଖାଲି ଯାଗା ମଧ୍ୟ। ମନା କରିବାକୁ କେହି ନଥିଲେ। ଟ୍ରାକ୍ଟର ଆକ୍ସିଡେଣ୍ଟ ରେ ବାବନାର ମୃତ୍ୟୁ ଘଟିଥିଲା । କିନ୍ତୁ ଅପମୃତ୍ୟୁ ହୋଇଥିବାରୁ ସେ ଉପରକୁ ନଯାଇ କିଛି ବର୍ଷ ପୃଥିବୀରେ ରହିବା ବୋଲି ଜାଣିବା ପରେ ଭାରି ମନ ଦୁଃଖ କଲା । ହେଲେ କରିବ କଣ? ଖାଲି ବୁଲାବୁଲି କରିବା କଥା। ଭାବୁଥିଲା, ମଲା ପରେ ରହିବା, ଖାଇବା, ପିନ୍ଧିବା ଓ ପରିଶ୍ରମ କରିବା ନଥିବା ବୋଧେ। କିନ୍ତୁ, ସେ ଭାବନା ଭାବନାରେ ରହିଗଲା। ଖାଇବା ପାଇଁ ତ ପବନ ଅଛି, ପିନ୍ଧିବା କିଛି ଦରକାର ନାହିଁ, ହେଲେ ରହିବା ପାଇଁ ଭାରି ପରିଶ୍ରମ। ପୃଥିବୀରେ ଦିନକୁ ଏତେ ମରୁଛନ୍ତି ଯେ, ତାର ହିସାବ ରଖିବା ଭାରି କଷ୍ଟ। ପିଲାବେଳେ ଶୁଣୁଥିଲା ଯେ ଭୂତ ହେଲେ ଝଙ୍କାଳିଆ ଗଛରେ ରହିବା ଭାରି ଭଲ। କିନ୍ତୁ ଆଜିକାଲି ଝଙ୍କାଳିଆ ଗଛ କାହିଁ। ଗଛ ସବୁ ତ ଲୋକେ କାଟି ପକେଇଲେଣି ଆଉ ଖାଲି କଂକ୍ରିଟ୍ ଜଙ୍ଗଲ ।

ପ୍ରଥମେ ସେ ଗାଁ ରେ ଥିବା ଏକ ଝଙ୍କାଳିଆ ଗଛରେ ରହୁଥିଲା, ଲୋକଙ୍କୁ ରାତିରେ ଡରଉ ଥିଲା । ଆଉ ଲୋକ ଡରିଗଲେ ଭାରି ଖୁସି ଲାଗୁଥିଲା । କିନ୍ତୁ ଆଉ ସେ ଝଙ୍କାଳିଆ ଗଛ ନାହିଁ । ଲୋକେ ଗଛ କାଟି ଘର ବନେଇ ସାରିଲେଣି । ଗଛ କଟିଗଲା ପରେ ବାବେନା ବହୁତ ବୁଲିଲା ଝଙ୍କାଳିଆ ଗଛ ଖୋଜିବାକୁ । ହେଲେ ମିଳିଲାନି । ଆଉ ଯେଉଁ ଗଛ ମିଳିଲା, ସେଥିରେ ପ୍ରଥମରୁ ଅନେକ ଭୂତ ରହୁଥିଲେ । ତାକୁ ସେଠାରେ ରହିବାକୁ ଦେଲେନାହିଁ । ବୁଲିବୁଲି ଥକଗଲା ପରେ ତାର ଜଣେ ଚହ୍ନା ଭୂତ ସହିତ ଦେଖା ହେଲା ଆଉ ସେ କହିଲା, ଏଠି ଏତେ ଖୋଜିବା ଠାରୁ ଭଲ ହେବ ଯଦି ତୁ ସହରକୁ ଚାଲିଯିବୁ । କାରଣ ସହରରେ ଅନେକ ପାର୍କ ଅଛି ଆଉ ଅନେକ ଖାଲି ଘର ମଧ୍ୟ ଅଛି ।  ସେଠାରେ ରହିବାର କିଛି ଅସୁବିଧା ନାହିଁ । ବାବେନା ଭୂତକୁ ଏହି କଥାଟି ଭାରି ଭଲ ଲାଗିଲା । ତେଣୁ ସିଧା ଚାଲିଲା ସହରକୁ, ସେ ପୁଣି ମୁମ୍ବାଇ । ପ୍ରଥମେ ଗୋଟେ ଖୋଲା ଘର ମିଳିଲା । ସେ ଘର ଭିତରେ ଆରାମରେ କିଛି ଦିନ ରହିଲା ସେ । କିନ୍ତୁ କିଛି ଦିନ ପରେ ଘରର ମାଲିକ ଆସିଗଲେ । ଆଉ ମଣିଷଙ୍କ ଭିତରେ ରହିବା ମୋଟେ ଭଲ ଲାଗିଲାନି ବାବେନା ଭୂତକୁ । ଅସ୍ତବ୍ୟସ୍ତ ହୋଇ ରାତି ଅଧରେ ଘରେ ରହୁଥିବା ମଣିଷଙ୍କୁ ଡରେଇବାକୁ ଲାଗିଲା । କିନ୍ତୁ ଆଜିର ମଣିଷ କଣ ଭୂତଙ୍କଠାରୁ କମ୍ । ତା ପର ଦିନ ଗୁଣିଆ ଆସି ବାବେନାକୁ ଘରୁ ବାହାର କରିଦେଇ ଘର ଚାରିପଟେ କଣ୍ଟା ପୋତିଦେଲା । ଆଉ ପଶିପାରିଲା ନାହିଁ ଘର ଭିତରକୁ । କଣ କରିବ ସେ, ରାତିସାରା ଭାବି ଭାବି ବାବେନା ଶୋଇ ପାରିଲାନି । ସହରରେ ବହୁତ ଖୋଜିଲା ଖାଲି ଘର । ହେଲେ ମିଳିଲାନି । ବ୍ୟସ୍ତ ହୋଇ ପୁଣି ଝଙ୍କାଳିଆ ଗଛ ଖୋଜିଲା । ହେଲେ ଆଜିକାଲି ଟାଉନ୍ ଭିତରେ ଗଛ କାହିଁ ।

ଶେଷରେ ବାବେନାକୁ ମୁମ୍ବାଇ ସହର ଛାଡି ପାଖରେ ଥିବା ଉପନଗର ଓ୍ବାସି ଯିବାକୁ ପଡିଲା । ସାଙ୍ଗ ଭୂତମାନେ କହିଲେ, ଓ୍ବାସି ପାଖାପାଖି ଅନେକ ପାହାଡ ଆଉ ଜଙ୍ଗଲ ଅଛି । ଲୋକ ମଧ୍ୟ କମ୍ । ସେଠାକୁ ଯାଇ ଆରାମରେ ରହି ପାରିବୁ । ବାବେନା ଆଉ କଣ କରିବ । ଓ୍ବାସି ଗଲା ଆଉ ସେଠାରେ ଗଛ ଖୋଜିଲା । ହେଲେ ଓ୍ବାସି ପାଖାପାଖି ଗଛ କାହିଁ । ରାତିସାରା ଖୋଜି ଖୋଜି ଶେଷରେ ପହଞ୍ଚିଲା ଖଣ୍ଡାଲା ପାଖା ପାଖି ଜଙ୍ଗଲ ପାଖରେ । ସେଠାରେ ଏକ ବଡ ଗଛ ଦେଖି ସେଇଠି ରହିବାକୁ ମନସ୍ଥ କଲା । ପ୍ରଥମେ କିଛି ଦିନ ତ କିଛି ଅସୁବିଧା ହେଲାନି । କିନ୍ତୁ ପାଖରେ ଥିବା ମୁମ୍ବାଇ ପୁନା ଏକ୍ସପ୍ରେସ୍ ଓ୍ବେ ରେ ପ୍ରତିଦିନ ଆକ୍ସିଡେଣ୍ଟ ହେଉଥାଏ ଆଉ ସେ ରହିଥିବା ଗଛ କିଛି ଦିନ ପରେ ଭୂତ ମାନଙ୍କ ଦ୍ୱାରା ପୁରାପୁରି ପୂର୍ଣ୍ଣ ହୋଇଗଲା । ଆଉ ଭଲ ଲାଗିଲାନାହିଁ ବାବେନାକୁ ସେଠାରେ । କିନ୍ତୁ କଣ କରିବା ସେ । ଲୋକେ ତ ଆଜିକାଲି ଗଛ

କାଟିବାରେ ଲାଗିଲେ ଆଉ ଉନ୍ନତି ନାଁରେ ଗଛ କାଟି ଘର ବନେଇବା ଆଉ ରୋଡ ବନେଇବା ଆଜିକାଲି ଏକ ଫେସନ ହୋଇଗଲାଣି । ବାଧ୍ୟ ହୋଇ ସେ ଗଛ ଛାଡି ଆହୁରି ଆଗକୁ ଚାଲିଲା ବାବେନା ଆଉ ପହଞ୍ଚିଲା ଗୋଆ ପାଖାପାଖି ଜଙ୍ଗଲରେ ।

କିନ୍ତୁ ସେଠାରେ ବି ଶାନ୍ତି କାହିଁ । ଗୋଆ ପାଖାପାଖି ଜଙ୍ଗଲ ତ ଆଜିକାଲି ଜୋମ୍ବିମାନଙ୍କ ଦ୍ଵାରା କବଳିତ ହୋଇ ରହିଛି । ଜୋମ୍ବି ମାନଙ୍କର ଆଜିକାଲି ଅନେକ ନାମ । ତାଙ୍କ ଉପରେ ଅନେକ ପ୍ରକାରର ଚଳଚିତ୍ର ତିଆରି ହେଉଛି । ତେଣୁ ସେମାନଙ୍କୁ ପାରିବ କିଏ ।

ବାଧ୍ୟ ହୋଇ ପୁଣି ବାବେନା ଫେରି ଆସିଲା ତାର ଗାଁ ପାଖରେ ଥିବା ଛୋଟ ଜଙ୍ଗଲରେ । ଭାବିଲା ମଣିଷମାନେ କାଟି ପକାଉଛନ୍ତି ଜଙ୍ଗଲ ଆଉ ଗଛସବୁ, ଆଉ ଜାଣିପାରୁନାହାନ୍ତି ତାହାର ଉପକାରକୁ । ଏହି ଗଛ ଆଉ ଜଙ୍ଗଲ ହିଁ ମଣିଷ ଜାତି ଆଉ ସମସ୍ତ ପ୍ରାଣୀ ଜଗତ ପାଇଁ ବଞ୍ଚିଅଛି । କିନ୍ତୁ ଆମେମାନେ ଏସବୁ ଜାଣି ନପାରି ଜ୍ଞାତରେ ହେଉ ବା ଅଜ୍ଞାତରେ ହେଉ କାଟି ଚାଲିଛେ ଗଛଲତା ସବୁ ଆଉ ଶେଷ ହୋଇଯାଉଛି ଜଙ୍ଗଲ ଆଉ ଗଛଲତା । ବଢି ଚାଲିଛି ଆବାଦି ଆଉ ତା ସଙ୍ଗେ ସଙ୍ଗେ ମଣିଷଙ୍କ ଜଣା ଅଜଣାରେ ଅନେକ ଦୁନିଆ ।

ଜଣାନାହିଁ ବାବେନା ଭୂତକୁ ଆଉ କେତେ ବର୍ଷ ସେ ଏହି ନର୍କରେ ରହିବ । ଶୁଣିଥିଲା ଯେ ମରିଯିବା ପରେ ପାପ କରିଥିଲେ ନର୍କପୁରରେ ସ୍ଥାନ ମିଳେ । ଭାବିଲା ବୋଧହୁଏ ଏହା ହିଁ ହେଉଛି ମୃତ୍ୟୁପରେ ନର୍କପୁରୀ ସମସ୍ତମାନବ ଜାତି ପାଇଁ ।

ତେଣୁ ପ୍ରକୃତିକୁ ବଞ୍ଚାଇ ରଖିବା ପାଇଁ ପ୍ରତ୍ୟେକ ମନୁଷ୍ୟକୁ ଚେଷ୍ଟା କରିବାକୁ ପଡିବ । ସରକାରଙ୍କ ଉପରେ ସବୁବେଳେ ଦୋଷାରୋପ ନକରି ନିଜକୁ ହିଁ ଚେଷ୍ଟା କରିବାକୁ ପଡିବ ନିଜର ଆଉ ସମଗ୍ର ମାନବ ଜାତିର ଭବିଷ୍ୟତ ପାଇଁ ।

କିଛି ଦିନ ପରେ ବାବେନା ଭୂତ ବି ଚାଲିଗଲା ପୃଥିବୀ ପୃଷ୍ଠ ଛାଡି ଏକ ଅଜଣା ରାଇଜକୁ । କିନ୍ତୁ ଯିବା ଆଗରୁ ଶପଥ କରିଥିଲା ଯଦି ପୁଣିଥରେ ଜନ୍ମ ନିଏ ମନୁଷ୍ୟ ହୋଇ, ତେବେ ନିଶ୍ଚୟ ପ୍ରକୃତିକୁ ବଞ୍ଚେଇବା ପାଇଁ ଅନେକ ଚେଷ୍ଟା କରିବ ସେ ।

ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ, ଲକ୍ଷ୍ନୌ

# ଅଳ୍ପରେ ଆଳାପ

## ସାକ୍ଷାତକାର ଶ୍ରୀ ଡମ୍ବରଧର ପଟ୍ଟନାୟକଙ୍କ ସହିତ



ଡମ୍ବରୁଧର ପଟ୍ଟନାୟକ

ନାମ- ଡମ୍ବରୁଧର ପଟ୍ଟନାୟକ

ଠିକଣା- ବାଣିଜ୍ୟକର ବିଭାଗ, ଗୁଣପୁର- ୭୬୫୦୨୨, ଜିଲ୍ଲା- ରାୟଗଡ

ପ୍ରକାଶିତ ପୁସ୍ତକ- ଜଗତେକେବଳ, କଶୋରଧାରା, ଗୀତିଧାରା, ଶୀତରାତିର ଦେବଦାସୀ, ପରୀକ୍ଷା ପ୍ରାର୍ଥନୀୟ, ନବଜାତକ ନାମାବଳୀ, ତେରେଛା ନଜର, ସୁନ୍ଦରୀ ଝିଅର ଓଢଣୀନାଇଁ, ବ୍ୟଙ୍ଗ ଚଟକଣି, ଜୀବନର ଶେଷଦୁଃଖ ଓ ଅନ୍ୟାନ୍ୟ ନବନ୍ଧ, ସୂକ୍ତିଧାରା, କଶୋର ତରଙ୍ଗ, ଝିଅପାଇଁ ସ୍ୱର୍ଗ, ହୃଦୟର କବିତା

ରଚନାର ଆଙ୍ଗିକ: ଶିଶୁ କବିତା, ବ୍ୟଙ୍ଗ କବିତା, ଗୀତି କବିତା, ଗଳ୍ପ, ପ୍ରବନ୍ଧ, ରମ୍ୟରଚନା, ଫିଚର, ଲଳତ ନବନ୍ଧ

~ ~ ~ ~ ~

**ପ୍ରଶ୍ନ: କବିଟିଏ ବେଶୀ ଜହ୍ନ ପଛରେ ପଡେ କାହିଁକି?**

ଉତ୍ତର: କବିଟିଏ ପ୍ରଥମେ ପ୍ରେମିକ । ସେ ପ୍ରେମିକା ଓ ପ୍ରକୃତିକୁ ଅପେକ୍ଷାକୃତ ବେଶୀ ଭଲପାଏ । ତେଣୁ କବିତାରେ ପ୍ରେମିକାର ମୁହଁକୁ ଜହ୍ନ ସହ ତୁଳନା କରେ । ଜହ୍ନ ବି ଲାଗେ ଗରିବର ରୁଟି ପରି । ଜହ୍ନ ବହୁକଥାର ଉପମା ରୂପେ ଉପସ୍ଥାପିତ ହୁଏ । ତେଣୁ କବିଟିଏ ବେଶୀ ଜହ୍ନପଛରେ ପଡେ ।

**ପ୍ରଶ୍ନ: କବି ଦୃଷ୍ଟିରେ ଶୂନ୍ୟତାର ସଂଜ୍ଞା କଣ?**

ଉତ୍ତର: କବିପାଇଁ ଶୂନ୍ୟତାର ସଂଜ୍ଞା ଆପେକ୍ଷିକ । ତା'ପାଇଁ 'ଶୂନ୍ୟତା' କେତେବେଳେ ଅସହାୟତାର ଫାଙ୍କାପଣ ତ କେତେବେଳେ ପୂର୍ଣ୍ଣତାର କଳ୍ପିତ ଫୁଲବନ ।

**ପ୍ରଶ୍ନ: କବିତା କାହାକୁ ଅତିକ୍ରମ କରିବାକୁ ଗ୍ଚହେଁ?**


ଉତ୍ତର:. 'କବିତା' କବିତାକୁ ହିଁ ଅତିକ୍ରମ କରିବାକୁ ଗ୍ଚହେଁ । ସତ କହିବାକୁ ଗଲେ କବିତା ମାଧ୍ୟମରେ କବି ନିଜକୁ ହିଁ ଅତିକ୍ରମ କରିବାକୁ ଗ୍ଚହେଁ ଯା'ର ଅନ୍ୟ ନାମ ହେଇପାରେ 'ଉତ୍ତରଣ' ।

**ପ୍ରଶ୍ନ: କବିପାଇଁ ସବୁଠାରୁ ଭୀତିପ୍ରଦ ପ୍ରସଙ୍ଗଟି କଣ?**

ଉ ଉତ୍ତର:କବିଟିଏ ଯେତେବେଳେ ଭ୍ରବିଥିବା କଥା ବା ଭ୍ରବଟିକୁ କବିତାରେ ବ୍ୟକ୍ତ କରିପାରେ ନାହିଁ ବା ବ୍ୟକ୍ତ କରିବାକୁ ଭୟକରେ ସେତିକବେଳେ ତା'ର ଅସହାୟତା ତାର ଭୀତିପ୍ରଦ ଅବସ୍ଥାକୁ ସୂଚତ କରେ । ଏପରି ଅବସ୍ଥାକୁ ତା'ର 'ଅବସୋସ' ବୋଲି କୁହାଯାଇପାରେ ।

**ପ୍ରଶ୍ନ: ଆପଣ କେମିତି ବୁଝନ୍ତି ଆପଣଙ୍କ ସଫଳତାକୁ ?**

ଉତ୍ତର: ସଫଳତା ହାତ ପାଖରେ ଥିବା ଅଙ୍ଗୁର ବୋଲି ବୁଝିଲେ ଭୁଲ ହେବ । ସଫଳତା କଷ୍ଟସାଧ ପରିଶ୍ରମର ଫଳ ହୋଇଥାଏ । ତେବେ ସଫଳତାକୁ ପୂର୍ଣ୍ଣଚ୍ଛେଦ ଭ୍ରବିଲେ ପ୍ରଗତିର ପଥ ସେଇଠି ସରିଯିବ । ସଫଳତାକୁ ସନ୍ତୁଷ୍ଟିର ଏକ ବିଶ୍ରମ ଚହ୍ନ ବୋଲି ମୁଁ ଭ୍ରବେ । ପୁରସ୍କାର ଯେତିକ ନୁହେଁ ଜଣେ ଲେଖକ ପକ୍ଷରେ ପାଠକୀୟ ମତାମତ ପାଇବା ସେତିକ ସଫଳତାର ମାନଦଣ୍ଡ ହୋଇଥାଏ ।



ଡମ୍ବରୁଧର ପଟ୍ଟନାୟକଙ୍କ ଏ ଗଳ୍ପ ସଂକଳନରେ ସ୍ଥାନୀତ ପନ୍ଦରଟି ଗଳ୍ପ ଭିନ୍ନ ଭିନ୍ନ ପୃଷ୍ଠଭୂମିରେ ରଚତ, ମାନବିକ ମୂଲ୍ୟବୋଧ ଆଧାରିତ, ଭାଷା ସରଳ ଓ ସାବଲୀଳ, ସର୍ବୋପରି ପରିବେଷଣ ଶୈଳୀ ପ୍ରଶଂସନୀୟ । ସବୁ ବର୍ଗର ପାଠକଙ୍କୁ ଏହା ଭରପୂର ଆନନ୍ଦ ଦେବ, ଏହା ନିଃସନ୍ଦେହ । ନାମକୁ ଖାପଖାଇବା ପରି ବହିଟିର ପ୍ରଚ୍ଛଦ ଚିତ୍ର ମଧ୍ଯ ସୁନ୍ଦର । ୨୦୧୭ ପ୍ରାରମ୍ଭରେ ତୀରତରଙ୍ଗ ପ୍ରକାଶନ, ଭୁବନେଶ୍ୱର ଏହାକୁ ପ୍ରକାଶ କରିଛନ୍ତି । ୧୩୨ ପୃଷ୍ଠା ବିଶିଷ୍ଟ ଏ ବହିର ମୂଲ୍ୟ ମାତ୍ର ଟ.୧୨୫.୦୦ଙ୍କା ରଖାଯାଇଛି । ସୁନ୍ଦର ଚତୁରଙ୍ଗ ପ୍ରଚ୍ଛଦ ସଂପନ୍ନ ଏ ବହିଟିର ପରିପାଟୀ ଖୁବ୍ ଆକର୍ଷଣୀୟ ହୋଇଛି ।

~~~~~

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା

ହେଲା: vedantimagazine@gmail.com &

editor.vedantimagazine@gmail.com.

Whatsapp & Mobile: 9594993733
~~~~~

# ବିଦେଶ ଖବର

## Former Economics Affairs Secretary felicitated by the Bahrain Odias in the Kingdom

The Bahrain Odia Society had a golden opportunity to interact with the eminent Odia personality and renowned bureaucrat Mr Shaktikanta Das in the island country on 16th September 2017. Mr Das, who was Secretary in the Department of Revenue and Department of Economic Affairs, was a key member in the strategic reforms and structural changes in the Ministry of Finance under the Government of India.

The programme commenced with the traditional lighting of the lamp and felicitation of Mr Das for his valuable contributions in economic reforms & policies by Mr Arun Kumar Praharaj, President of the Bahrain Odia Society. After a brief introduction on his illustrious career spanning over 37 years, Mr Das was invited to give his key-note address.

He presented a vivid picture of the initiatives taken by the Government of India which would lead the economy of India to take a fast track mode. He highlighted the impact of the demonetisation and the implementation of GST as measures that have restricted the hoarding of goods by unscrupulous elements and curbing the parallel economy. He narrated the actions initiated by the Central Government to soften the food inflation and assured that the marginal slow-down in the growth seen in the 1st quarter would see encouraging figures by the third quarter of the financial year.

Interacting on a one-to-one note, Mr Das clarified many issues that the expats were curious to be informed about. Among other dignitaries, Mrs Meera Ravi, noted journalist and Editor of Salaam Bahrain magazine also attended the function along with Uday Shanbagh, Chairman of the ICAI Bahrain Chapter.

The programme was held at Mr. Arun Kumar Praharaj's residence and attended by the members of the Bahrain Odia Society. The members thanked Mr Das profusely for his lucid interpretation of India's growth story.









# ଅକ୍ଟୋବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/ ୧୦/ ୨୦୧୭ | ମହରମ, ପାପାଙ୍କୁଶା ଏକାଦଶୀ, ଭୂଷାଣୀ, ରବିନାରାୟଣ ବ୍ରତ |
| ୦୨/ ୧୦/ ୨୦୧୭ | ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ |
| ୦୪/ ୧୦/ ୨୦୧୭ | ଶିବ ଚତୁର୍ଦ୍ଦଶୀ ଓ ଶରଣ ଶେଷ |
| ୦୫/ ୧୦/ ୨୦୧୭ | କୁମାର ପୂର୍ଣ୍ଣିମା, ଗଜଲକ୍ଷ୍ମୀ ପୂଜା, ଚନ୍ଦ୍ରୋପବାସ, ଗୁରୁ ପୂର୍ଣ୍ଣିମା |
| ୦୬/ ୧୦/ ୨୦୧୭ | କାର୍ତ୍ତିକ ବ୍ରତାରମ୍ଭ |
| ୧୫/ ୧୦/ ୨୦୧୭ | ରମା ଏକାଦଶୀ ଓ ହଳ ନିଷେଧ |
| ୧୬/ ୧୦/ ୨୦୧୭ | ଗୋବତ୍ସା ଦ୍ୱାଦଶୀ ଓ ମାସାନ୍ତ |
| ୧୭/ ୧୦/ ୨୦୧୭ | ତୁଳା ( ଗର୍ଭଣା) ସଂକ୍ରାନ୍ତି ଓ ଧନ୍ୱନ୍ତରୀ ଜୟନ୍ତୀ |
| ୧୮/ ୧୦/ ୨୦୧୭ | ନରକ ଚତୁର୍ଦ୍ଦଶୀ ଓ ଉପବାସ |
| ୧୯/ ୧୦/ ୨୦୧୭ | ଅମାବାସ୍ୟା, ଦୀପାବଳୀ, ପୟାଶ୍ରାଦ୍ଧ, ଶ୍ୟାମାକାଳୀ ପୂଜା, ଚନ୍ଦ୍ରକ୍ଷୟ ଓ ନିଶୀପାଳନ |
| ୨୦/ ୧୦/ ୨୦୧୭ | ଗିରି ଗୋବର୍ଦ୍ଧନ ପୂଜା |
| ୨୧/ ୧୦/ ୨୦୧୭ | ଯମ ଓ ଭ୍ରାତୃ ଦ୍ୱିତୀୟା, ଦ୍ୱିତୀୟାର ଚନ୍ଦ୍ରଦର୍ଶନ ଓ ପୂଜା |
| ୨୩/ ୧୦/ ୨୦୧୭ | ନାଗ ଚତୁର୍ଥୀ |
| ୨୮/ ୧୦/ ୨୦୧୭ | ଗୋଷ୍ଠାଷ୍ଟମୀ, ଜଗଦ୍ଧାତ୍ରୀ ପୂଜା ଓ ଜଗମୋହନ ଭୋଗ |
| ୨୯/ ୧୦/ ୨୦୧୭ | ଅଁଳା ନବମୀ ଓ ଶ୍ରୀରାଧାଙ୍କ ପାଦଦର୍ଶନ |
| ୩୦/ ୧୦/ ୨୦୧୭ | ଶରଦ୍ରାସାଧିବାସ |
| ୩୧/ ୧୦/ ୨୦୧୭ | ଦେବୋତ୍ଥାପନ ( ବଡ) ଏକାଦଶୀ ଓ ଶରଣ ଶେଷ |

# ଟିକଏ ହସନ୍ତୁ



ଜଣେ ସୁନ୍ଦରୀ ଯୁବତୀ ଗୋଟେ ଔଷଧ ଦୋକାନ ସାମ୍ନାରେ ବହୁତ ସମୟ ଧରି ଛିଡା ହୋଇଥିଲେ । ଭିଡ କେତେବେଳେ କମିବ ଅପେକ୍ଷା କରିଥିଲେ । ଦୋକାନ ମାଲିକ ତାଙ୍କୁ ସନ୍ଦେହ ଦୃଷ୍ଟିରେ ଗୁହୁଁଥିଲା ।

ବହୁତ ସମୟ ପରେ ଯେତେବେଳେ ଦୋକାନରେ ଭିଡ କମିଲା ପରେ ଯୁବତୀ ଜଣକ ଧୀରେ ଧୀରେ ଖଣ୍ଡେ କାଗଜ ସେଲ୍ସମ୍ୟାନକୁ ଦେଖାଇ କହିଲେ – ମୋର ଜଣେ ଡାକ୍ତରଙ୍କ ସହିତ ବାହାଘର ଠିକ୍ ହୋଇଯାଇଛି । ଆଜି ତାଙ୍କର ପ୍ରଥମ ଚଠି ଆସିଛି, ଟିକେ ପଢିକ କହିବେକ କଣ ଲେଖିଛନ୍ତି?



ଶିକ୍ଷକ - ତୁମ ବାପାଙ୍କର କେତେ ବୟସ ?

ବାଳକ - ତାଙ୍କର ୬ ବର୍ଷ।

ଶିକ୍ଷକ - କ'ଣ ?? ଏହା କେମିତି ସମ୍ଭବ ???

ବାଳକ - ମୁଁ ଯେତେବେଳେ ଜନ୍ମ ହେଲି ସେ ସେତେବେଳେ ହିଁ ବାପା ହେଲେ। ତେଣୁ ତାଙ୍କର ୬ ବର୍ଷ।

Logic! !



ଏକ ବିଦ୍ୟାଳୟରେ ଜଣେ ନୂଆ ଶିକ୍ଷକ join କଲେ

ଶିକ୍ଷକ :- ପିଲାମାନେ ତୁମମାନଙ୍କର ନାମ ଏବଂ hobby କୁହ।

ପ୍ରଥମ ବାଳକ :- ମୋ ନାମ ଭଗବାନ ଏବଂ ମୋ hobby ହେଉଛି ଜହ୍ନ ଦେଖିବା।

ଦ୍ୱିତୀୟ ବାଳକ :- ମୋ ନାମ ଟିପୁ। ମୋ hobby ହେଉଛି ଜହ୍ନ ଦେଖିବା।

ତୃତୀୟ ବାଳକ :- ମୋ ନାମ କେମ୍ପା। ମୋ hobby ହେଉଛି ଜହ୍ନ ଦେଖିବା।

ଶିକ୍ଷକ :- ବାଃ...ବହୁତ ଭଲ ତମ ସମସ୍ତଙ୍କର hobby ଏକାପ୍ରକାରର। ହଉ ଏବେ ଝିଅମାନଙ୍କର ପାଳି।

ପ୍ରଥମ ଝିଅ :- Hello ସାର, ମୋ ନାମ ଜହ୍ନ।

ଏହା ଶୁଣି ଶିକ୍ଷକ shocked ଆଉ ପିଲାମାନେ rocked

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com / editor.vedantimagazine@gmail.com



ବୁଢୀ ମା ଦୁହେଁ କରନ୍ତି କରଯୋଡି ଗୁହାରି
ବୁଢାପାରେ ଏକା କରିଦେଲେ ତାଙ୍କ ସନ୍ତାନ,
ବିଦେଶ ଚାଲିଗଲେ ନିଜ ସ୍ତ୍ରୀ କୁ ସଙ୍ଗେ ଧରି,
ତାଙ୍କୁ ଝୁରି ଆମଆଖିର ଲୁହ ଗଲାଣି ସୁଖି,
ଯଦି ଜାଣିଥିବେ ଆମ ସେହି ଧନଙ୍କୁ କେହି,
ଅପେକ୍ଷା କରିଛି ବୁଢୀ ମା, ଦେବେ କହି ।

( ବିଜେତା: ପ୍ରକାଶ ସାହୁ, ବିଶାଖାପାଟନମ୍
ନାଭାଲ ବେସ୍, ଆନ୍ଧ୍ର ପ୍ରଦେଶ)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଯୋଗାଇ ଦିଆଯାଏ । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**https://www.facebook.com/vedantiemagazine**

**http://vedantimagazine.wordpress.com**

**http://vedanti.wextarinteractive.com**